ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଜୁଲାଇ ୨୧/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, July 21 / 2019 ★★
୧୫ଶ ଭାଗ ୨୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



## ବଲିଉଡରେ ଜାହ୍ନବୀଙ୍କ ବର୍ଷପୂର୍ତ୍ତି

ଅଭିନେତ୍ରୀ ଜାହ୍ନବୀ କପୁର ବଲିଉଡରେ ଅଭିନୟ ଜୀବନର ବର୍ଷେ ପୂରଣ କରିଥିବାରୁ ସୋସିଆଲ୍ ମିଡିଆରେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି।

୦୨

୧୪

## ଶିବ ଥାପାଙ୍କୁ ସ୍ୱର୍ଣ୍ଣ

ଶିବ ଥାପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR



For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 20.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 61 | 107 | 117 |
| DKL | 60 | 106 | 116 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |
| BHM | 60 | 106 | 116 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers

## ଦୁର୍ନୀତିରେ ଉବୁଟୁବୁ ଖଦି ବୋର୍ଡ

# ଖାଇଗଲେ ମହୁଚାଷୀଙ୍କ ପଇସା

### ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା

- ଭିଜିଲାନ୍ସ ତଦନ୍ତ ଦାବି କଲା ଭାଜପା
- ବିଶ୍ୱବିଦ୍ୟାଳୟ ଅନୁଦାନ ଦୁର୍ନୀତିକୁ ନେଇ ସରକାରଙ୍କୁ ଘେରିଲା କଂଗ୍ରେସ
- ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି



ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଦୁର୍ନୀତିରେ ଉବୁଟୁବୁ। ମହୁଚାଷୀଙ୍କୁ ତାଲିମ ଦେବା, ମହୁବାକ୍ସ କିଣିବାନେଇ କୋଟି କୋଟି ଟଙ୍କା ହଡ଼ପ ହୋଇଛି। ଏହି ମହାଦୁର୍ନୀତିକୁ ଜାଣିଶୁଣି ଚାପି ଦିଆଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ଏଥିପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିବାବେଳେ ଏହାର ଫାଇଦା ଚାଷୀଙ୍କୁ ମିଳୁନାହିଁ। ସଂସ୍ଥା ଦାୟିତ୍ୱରେ ଥିବା ଅଫିସର ଓ ଏହାର ଅଧ୍ୟକ୍ଷ ଏ ସମସ୍ତ ଅର୍ଥକୁ ହଡ଼ପ କରୁଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ। ଏ ନେଇ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଉତ୍ତର ରଖନ୍ତୁ। ଭାଜପା ସଦସ୍ୟମାନେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ହୋଇଥିବା ମହାଦୁର୍ନୀତିକୁ ନେଇ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଥିବା ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟରେ ମଧ୍ୟ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି। ଗତ ୨୦ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ଦିଆଯାଇଥିବା ଅନୁଦାନର କୌଣସି ହିସାବ ନାହିଁ। ଶହ ଶହ କୋଟି ଟଙ୍କା ହଡ଼ପ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭା ହୁଲ୍‌ସ୍ଥୁଲ୍ କରିଛନ୍ତି। ଫଳରେ ଶୂନ୍ୟକାଳ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ପ୍ରବଳ ହୋହଲ୍ଲା ଯୋଗୁ ବିଧାନସଭାକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଏହି ଦୁର୍ନୀତିର ତଦନ୍ତ ପାଇଁ ପଦକ୍ଷେପ ନେବାଲାଗି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିଜ ଚାମ୍ବରକୁ ଡାକି ଆଲୋଚନା କରିଛନ୍ତି।

ଶନିବାର ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା କଥା ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟ ଓ କେନ୍ଦ୍ର ସରକାର ୨୦୧୪ରୁ ୨୦୧୭ ମଧ୍ୟରେ ଏହି ବୋର୍ଡକୁ ୮୬ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ରାଜ୍ୟ ସରକାର ୩୯ କୋଟି ୯୪ ଲକ୍ଷ ଟଙ୍କା ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାର ୪୬.୨୮ କୋଟି ଟଙ୍କା ଦେଇଛନ୍ତି। ମହୁ ଚାଷ ଓ ଖଦିର ଉନ୍ନତି ପାଇଁ ଦିଆଯାଇଥିବା ଏହି ଅର୍ଥକୁ ହରିଲୁଟ କରାଯାଇଛି। ଏହି ଅର୍ଥରେ ୧୨ଶହ ମହୁଚାଷୀଙ୍କୁ ତାଲିମ ଦିଆଯାଇଥିବାବେଳେ ☞ପୃଷ୍ଠା–୪

## ପାଟକୁରାରେ
# ୬୭% ମତଦାନ
### ୨୪କୁ ଅପେକ୍ଷା

ଭୁବନେଶ୍ୱର/କେନ୍ଦ୍ରାପଡ଼ା ଅଫିସ,୨୦।୭(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶନିବାର ମତଦାନ ଶେଷ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ୬୭% ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ସୁରେନ୍ଦ୍ର କୁମାର କହିଛନ୍ତି। ଗତ ନିର୍ବାଚନରେ ଭୋଟ ହାର ୭୦ ପ୍ରତିଶତ ହୋଇଥିଲା। ତେବେ ଅପରାହ୍ନ ୬ଟା ଯାଏ ଭୋଟ ଗ୍ରହଣ ଚାଲିଥିବାରୁ ଏହି ପ୍ରତିଶତ ବଢ଼ିବାର ସମ୍ଭାବନା ରହିଛି। ଆସନ୍ତା ୨୪ରେ ଭୋଟ ଗଣନା ହେବ ବୋଲି କୁମାର କହିଛନ୍ତି। ଇଭିଏମ୍ ଏବଂ ଭିଭିପିଏଟି ମେଶିନରେ ତ୍ରୁଟି ଯୋଗୁ ୭ସ୍ଥାନରେ ବିଳମ୍ବରେ ଭୋଟଦାନ ହୋଇଥିଲା। ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର କୁଶିଆପାଳ, ପାଟକୁରା ଓ ଅନ୍ୟ କିଛି ବୁଥ୍‌ରେ ରାଜନୈତିକ ଅସନ୍ତୋଷକୁ ନେଇ ସାମାନ୍ୟ ବଚସା ହୋଇଥିଲେ ମଧ୍ୟ ଶୃଙ୍ଖଳିତ ଭାବେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି ବୋଲି ସିଇଓ କହିଛନ୍ତି। ଏଥିସହ ଇଭିଏମ୍‌ରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ବନ୍ଦ ହୋଇଯାଇଛି।



ଶୀଲା ଦୀକ୍ଷିତଙ୍କ ପରଲୋକ ୨

ଆଜିର ସମ୍ପାଦକୀୟ
ଭାରତର ଚନ୍ଦ୍ର ଅଭିଯାନ

**ଆଜିର ମନ୍ତବ୍ୟ** “ କଶ୍ମୀର ପ୍ରସଙ୍ଗର ସମାଧାନକୁ ବିଶ୍ୱର କୌଣସି ଶକ୍ତି ରୋକି ପାରିବ ନାହିଁ। –ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

# ପୋଲିସ ହେପାଜତରେ ଥିବା ଅଭିଯୁକ୍ତ ମୃତ

### ହତ୍ୟା ନା ଆତ୍ମହତ୍ୟାକୁ ନେଇ ପ୍ରଶ୍ନବାଚୀ

ସୁନ୍ଦରଗଡ଼, ୨୦।୭ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଧରୁଆଡିହି ଥାନାରେ ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ସୁନୀଲ ଲୋଧି (୨୪)। ତାଙ୍କ ଘର ମଧ୍ୟପ୍ରଦେଶର ସାଗର ଜିଲା ରେହଲି ଅଞ୍ଚଳରେ। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ପୋଲିସ ଉକ୍ତ ଘଟଣାକୁ ଆତ୍ମହତ୍ୟା କହୁଥିବା ବେଳେ ଥାନା ପରିସରରେ କେଉଁ ପରିସ୍ଥିତିରେ ସୁନୀଲଙ୍କ ମୃତ୍ୟୁ ଘଟିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ସୂଚନା ମୁତାବକ ଧରୁଆଡିହି ଥାନା ଅନ୍ତର୍ଗତ ମାନମୁଣ୍ଡାରୁ ଜଣେ ନାବାଳିକାଙ୍କୁ ଦଲାଲଙ୍କ ସହାୟତାରେ ମଧ୍ୟପ୍ରଦେଶରେ ବିକ୍ରୀ କରାଯାଇଥିଲା । ଏ ନେଇ ଗତ ଜୁନ୍ ୨୭ରେ ନାବାଳିକାଙ୍କ ବିଧବା ମାଆ ଥାନାରେ ଅଭିଯୋଗ କରିଥିଲେ। ସଂପୃକ୍ତ ନାବାଳିକାଙ୍କୁ ସୁନୀଲ ବିବାହ କରିଥିଲେ। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିକ୍ରି ହୋଇଥିବା ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରିବା ସହ ସୁନିଲଙ୍କୁ ଥାନାକୁ ଆଣିଥିଲା। ଶନିବାର ସକାଳ ସାଢେ ୫ଟାରେ ସେ କୁଆଡ଼େ ଝାଡ଼ା ଯିବାକୁ କହିଥିଲେ । ତାଙ୍କୁ ଥାନା ଶୌଚାଳୟକୁ ନିଆଯାଇଥିଲା । ହେଲେ ସେ ଶୌଚାଳୟ ଭିତରେ ନିଜ ଗାମୁଛାରେ ଫାଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଥାନା କର୍ମଚାରୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ମଝାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସକାଳ ସାଢେ ୭ଟାରେ ପୋଲିସ ତାଙ୍କୁ ନେଇ ଡାକ୍ତରଖାନାରେ ପହଞ୍ଚିଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀଲଙ୍କ ମୃତଦେହ ପୋଲିସ ଜବତ କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ଶନିବାର ଅପରାହ୍ନରେ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରଙ୍କ ସହ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଧରୁଆଡିହି ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ROURKELA: Kesar Bhawan, Main Road, Ph: 0661-6667777
STORES ALSO AT: BHUBANESWAR: 621, Saheed Nagar, Janpath | BHUBANESWAR: 309, District Centre, Chandrasekharpur, BERHAMPUR: Venkatraju Arcade, Sano Bazar | CUTTACK: 558/834, Cantonment Road | Toll Free: 1800 3131 777 | Open on Sundays



ସୋନଭଦ୍ର ଯିବା ଲାଗି କାହାରିକୁ ଛଡ଼ାଯାଉନାହିଁ। ନିଜର ଦୁର୍ବଳତା ଲୁଚାଇବା ଲାଗି ଉତ୍ତରପ୍ରଦେଶରେ ଭାଜପା ସରକାର ୧୪୪ ଧାରା ଲଗାଇଛି।
-ମାୟାବତୀ,
ବିଏସ୍‌ପି ମୁଖ୍ୟ

# ଶୀଲା ଦୀକ୍ଷିତଙ୍କ ପରଲୋକ

ନୂଆଦିଲ୍ଲୀ,୨୦।୭(ପି.ଟି.)



■ରବିବାର ଶେଷକୃତ୍ୟ
■୨ ଦିନିଆ ଶୋକ ପାଳନ

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତଙ୍କର ଶନିବାର ଅପରାହ୍ଣରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ହୃତ୍‌ଘାତ ହେବାରୁ ଶୀଲାଙ୍କୁ ସକାଳେ ଫର୍ଟିସ ଏସ୍‌କର୍ଟ୍ସ ହାର୍ଟ ଇନ୍‌ଷ୍ଟିଚ୍ୟୁଟରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲ୍‌ର ଅଧ୍ୟକ୍ଷ ଡ. ଅଶୋକ ସେଠ୍‌ଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରମାନଙ୍କ ଏକ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ସାମୟିକ ଭାବେ ଶୀଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ତେବେ ଅପରାହ୍ଣ ୩ଟା ୫୫ରେ ଦ୍ୱିତୀୟ ହୃଦ୍‌ଘାତ ହେବାରୁ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀରକୁ ନିଜାମୁଦ୍ଦିନ ଅଞ୍ଚଳରେ ଥିବା ବାସଭବନକୁ ନିଆଯାଇଛି। ଶୀଲାଙ୍କ ପରଲୋକରେ ଦିଲ୍ଲୀ ସରକାର ଦୁଇଦିନିଆ ଶୋକ ଘୋଷଣା କରିଛନ୍ତି। ରବିବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆ ଟୁଇଟ୍ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଉପମୁଖ୍ୟମନ୍ତ୍ରୀ ଜମ୍ମୁ-କଶ୍ମୀରର ବୈଷ୍ଣୋଦେବୀ ମନ୍ଦିର ଯିବା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଥିବା ଶୀଲା ୧୯୯୮ରୁ ୨୦୧୩ ପର୍ଯ୍ୟନ୍ତ କ୍ରମାଗତ ତିନିଥର ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୪ରେ ସେ ୫ ମାସ ପାଇଁ କେରଳର ରାଜ୍ୟପାଳ ମଧ୍ୟ ହୋଇଥିଲେ। ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ଶୀଲା ଉତ୍ତର-ପୂର୍ବ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ଲଢ଼ି ହାରିଯାଇଥିଲେ।

୧୯୮୪ରେ ସେ ପ୍ରଥମଥର ପାଇଁ ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଘନିଷ୍ଠ ଥିବା ଶୀଲା ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଏହି ବର୍ଷୀୟାନ ନେତ୍ରୀଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ନୂଆଦିଲ୍ଲୀ,୨୦।୭(ପି.ଟି.)

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ପରଲୋକ ଖବର ଶୁଣି ଦୁଃଖିତ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ୧୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ରାଜଧାନୀର ଉଲ୍ଲେଖନୀୟ ବିକାଶ ହୋଇଥିଲା, ଯେଉଁଥିପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସେହିପରି ଶୀଲାଙ୍କ ପରଲୋକରେ ଉପରାଷ୍ଟ୍ରପତି ଏମ୍.ଭେଙ୍କୟା ନାଇଡୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଜଣେ ଉତ୍ତମ ପ୍ରଶାସିକା ଥିଲେ ବୋଲି ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇଛି।

ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ତାଙ୍କର ପରିବାର ସଦସ୍ୟ ଓ ସମର୍ଥକମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଦଳର ନେତା ରାହୁଲ ଗାନ୍ଧୀ ଶୀଲାଙ୍କୁ କଂଗ୍ରେସର ଆଦରଣୀୟା କନ୍ୟା କହିବା ସହ ତାଙ୍କର ପରଲୋକରେ ମର୍ମାହତ ବୋଲି ଟୁଇଟ୍ କରିଛନ୍ତି। ତାଙ୍କ ସହ ରାହୁଲଙ୍କର ଅତ୍ୟନ୍ତ ଘନିଷ୍ଠତା ଥିଲା। ସେ ନିଃସ୍ୱାର୍ଥପର ଭାବେ ଦିଲ୍ଲୀ ପାଇଁ କାର୍ଯ୍ୟ କରୁଥିଲେ ବୋଲି ରାହୁଲ ତାଙ୍କ ଶୋକବାର୍ତ୍ତାରେ କହିବା ସହ ତାଙ୍କ ପରିବାର ସଦସ୍ୟ ଓ ଦିଲ୍ଲୀବାସୀଙ୍କୁ ସମବେଦନା ଜଣାଇଛନ୍ତି। ଦିଲ୍ଲୀର ବିକାଶ ପାଇଁ ଶୀଲାଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ଦେଶ ଜଣେ ଉତ୍ସର୍ଗୀକୃତ କଂଗ୍ରେସ ନେତ୍ରୀଙ୍କୁ ହରାଇଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କହିଛନ୍ତି।

## ସର୍ବାଧିକ ସମୟ କ୍ଷମତାରେ ରହିଥିବା ମହିଳା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୨୦।୭

ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତଙ୍କ ରାଜନୈତିକ କ୍ୟାରିୟରରେ ଅନେକ ଘଟଣା ତାଙ୍କୁ ପ୍ରଥମ କରିଛି। ସେ ପ୍ରଥମ ମୁଖ୍ୟମନ୍ତ୍ରୀ ଯିଏ ଦିଲ୍ଲୀରେ କ୍ରମାଗତ ୩ ଥର କ୍ଷମତାରେ ରହିଥିଲେ। କୌଣସି ରାଜ୍ୟରେ ୧୫ ବର୍ଷ କ୍ଷମତାରେ ରହିବାରେ ସେ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ।୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି କରାଯାଇଥିଲା। ତାଙ୍କ ନେତୃତ୍ୱରେ କଂଗ୍ରେସ ମୁଖ୍ୟ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ତୃତୀୟ ସ୍ଥାନକୁ ପଠାଇବାରେ ସକ୍ଷମ ହୋଇଥିଲା।

୧୯୩୮ ମାର୍ଚ୍ଚ ୩୧ରେ ପଞ୍ଜାବର କପୁରଥାଲାରେ ଶୀଲାଙ୍କ ଜନ୍ମ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୪ରେ ଶୀଲା ଉତ୍ତରପ୍ରଦେଶର କନୌଜ ଆସନରୁ ଲୋକ ସଭାକୁ ପ୍ରଥମେ ନିର୍ବାଚିତ ହୋଇ ଜାତିସଂଘରେ ମହିଳାମାନଙ୍କ ସ୍ଥିତି ସମ୍ପର୍କରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ୧୯୮୬ରେ ସେ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୧୯୯୮ରେ ସେ ଲୋକ ସଭା ନିର୍ବାଚନ ହାରିଥିଲେ ଏବଂ ସେହିବର୍ଷ ପ୍ରଥମ ଥର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୪ରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ସେ କେରଳ ରାଜ୍ୟପାଳ ହୋଇଥିଲେ ମଧ୍ୟ ୫ ମାସ ପରେ ଇସ୍ତଫା ଦେଇଥିଲେ। ୨୦୦୯ରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ ହେବା ପରେ ସେ ବିବାଦ ଘେରକୁ ଆସିଥିଲେ। ଜବାହରଲାଲ୍ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ ପାଇଁ କେନ୍ଦ୍ର ସରକାର ଦେଇଥିବା ୩.୫ କୋଟି ଟଙ୍କାର ଅପବ୍ୟୟ ନେଇ ଅଭିଯୋଗ ହୋଇଥିଲା। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡା ଦୁର୍ନୀତିରେ ମଧ୍ୟ ସେ ଅଭିଯୁକ୍ତ ଥିଲେ। ଏହା ସତ୍ତ୍ୱେ ମେଟ୍ରୋ ପ୍ରକଳ୍ପ ସମେତ ଦିଲ୍ଲୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ତାଙ୍କ ସମୟରେ ହୋଇଥିଲା। ଭାଗୀଦାରି ବ୍ୟବସ୍ଥା ମାଧ୍ୟମରେ ସେ ପୌର ପ୍ରଶାସନରେ ଜନସାଧାରଣଙ୍କ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଥିଲେ। ଫଳରେ ଜନସେବାର ମାନ ବଢ଼ିବା ସହ ଠିକ୍ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରିଥିଲା। ତାଙ୍କ ସମୟରେ ଦିଲ୍ଲୀରେ ଅନେକ ଫ୍ଲାଏ ଓଭର ହେବା ସହ ପରିବହନ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିଥିଲା।

## ବଦଳିଲେ ୬ ରାଜ୍ୟପାଳ



ଆନନ୍ଦୀବେନ୍ ପଟେଲ



ଲାଲ୍‌ଜୀ ଟଣ୍ଡନ

ନୂଆଦିଲ୍ଲୀ,୨୦।୭(ପି.ଟି.)

■ଆନନ୍ଦିବେନ୍‌ଙ୍କୁ ୟୁପି ଦାୟିତ୍ୱ
■ଜଗଦୀପ୍ ପଶ୍ଚିମବଙ୍ଗ ରାଜ୍ୟପାଳ

କେନ୍ଦ୍ର ସରକାର ଶନିବାର ୪ ରାଜ୍ୟ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତ କରିଥିବାବେଳେ ଦୁଇଜଣ ରାଜ୍ୟପାଳଙ୍କୁ ବଦଳି କରିଛନ୍ତି। ମଧ୍ୟପ୍ରଦେଶ ରାଜ୍ୟପାଳ ଥିବା ଆନନ୍ଦିବେନ୍ ପଟେଲଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ କରାଯାଇଥିବାବେଳେ ବିହାର ଦାୟିତ୍ୱରେ ଥିବା ଲାଲ୍‌ଜୀ ଟଣ୍ଡନଙ୍କୁ ମଧ୍ୟପ୍ରଦେଶ ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଫଗୁ ଚୌହାନଙ୍କୁ ବିହାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ରମେଶ ବୈଶ୍ ତ୍ରିପୁରା ରାଜ୍ୟପାଳ ହୋଇଛନ୍ତି। ପୂର୍ବତନ ଏମ୍‌ପି ତଥା ସୁପ୍ରିମକୋର୍ଟର ଜଣାଶୁଣା ଆଇନଜୀବୀ ଜଗଦୀପ୍ ଧଙ୍ଖାରଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେ ୧୯୯୦-୯୧ରେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ଉପମନ୍ତ୍ରୀ ଥିଲେ। ୨୦୦୩ରେ କଂଗ୍ରେସ ଛାଡ଼ି ସେ ଭାଜପାରେ ସାମିଲ ହୋଇଥିଲେ। କେଶରୀନାଥ ତ୍ରିପାଠୀଙ୍କ କାର୍ଯ୍ୟକାଳ ଆସନ୍ତା ସପ୍ତାହରେ ଶେଷ ହେବାକୁ ଥିବାବେଳେ ତାଙ୍କ ସ୍ଥାନରେ ଜଗଦୀପ୍‌ଙ୍କୁ ନିଯୁକ୍ତି ମିଳିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି)ର ଅବସରପ୍ରାପ୍ତ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏନ୍. ରବିଙ୍କୁ ନାଗାଲାଣ୍ଡ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ୧୯୭୬ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସହ କାର୍ଯ୍ୟ କରିବା ସହିତ ନାଗା ସଂଗଠନ ସହ ଆଲୋଚନାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟସ୍ଥତା କରୁଥିଲେ।



କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର କାଶୀବିଶ୍ୱନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଫେରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ୯ ଛାତ୍ର ମୃତ

**ପୁଣେ, ୨୦।୭(ପି.ଟି.) :** ପୁଣେ-ସୋଲାପୁର ରାଜପଥରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇ ୯ ଜଣ ଛାତ୍ର ପ୍ରାଣ ହରାଇଛନ୍ତି। ରାତି ୧.୩୦ରେ ପୁଣେ ଜିଲାର କଦମ୍‌ୱାକ୍ ୱସ୍ତିଠାରେ ଏଭଳି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମୃତ ଛାତ୍ରମାନଙ୍କ ବୟସ ୧୯ରୁ ୨୩ ମଧ୍ୟରେ ହେବ। ସମସ୍ତଙ୍କ ମୃତକଙ୍କ ଘର ପୁଣେର ୟଭାତ୍‌ରେ ଓ ସେମାନେ ରାୟଗଡ଼ରୁ ନିଜ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### [ଇତିହାସର ଆଇନାରେ]
### ଜୁଲାଇ ୨୧ର ପ୍ରମୁଖ ଘଟଣା

୧୯୭୭ ଜୁଲାଇ ୨୧ରେ ଲିବ୍ୟା ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ମାତ୍ର ୪ଦିନ ଲାଗି ରହିଥିଲା।

୨୦୦୮ ଜୁଲାଇ ୨୧ରେ ରାମ ବରନ୍ ଯାଦବଙ୍କୁ ନେପାଳର ପ୍ରଥମ ରାଷ୍ଟ୍ରପତି ଘୋଷଣା କରାଗଲା। ୧୯୪୮ ଫେବୃୟାରୀ ୪ରେ ଜନ୍ମିତ ରାମ ବରନ୍ ନେପାଳୀ ରାଜନେତା ତଥା ଜଣେ ଚିକିତ୍ସକ।

## ସିନ୍ଥେଟିକ କ୍ଷୀର ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ଭୋପାଳ, ୨୦।୭(ପି.ଟି.)



ମଧ୍ୟପ୍ରଦେଶରେ ୬୨ ଗିରଫ

ମଧ୍ୟପ୍ରଦେଶ ପୋଲିସ ସିନ୍ଥେଟିକ୍ କ୍ଷୀର ପ୍ରସ୍ତୁତକରି ଏହାକୁ ବିଭିନ୍ନ ରାଜ୍ୟର ବ୍ରାଣ୍ଡେଡ୍ ଆଉଟ୍‌ଲେଟ୍‌ରେ ବିକ୍ରି କରୁଥିବା ଏକ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଶନିବାର ଏନେଇ ୬୨ଜଣଙ୍କୁ ପୋଲିସ ଗିରଫ କରି ଜେରା ଜାରିରଖିଛି। ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ପକ୍ଷରୁ ଶୁକ୍ରବାର ମୋରେନା ଜିଲାର ଅମ୍ବାହ ଓ ଭିନ୍ଦ୍ ଜିଲାର ଲହରଠାରେ ଥିବା କାରଖାନା ଉପରେ ଚଢାଉ କରାଯାଇଥିଲା। ଏଠାରୁ ବହୁ ପରିମାଣର କେମିକାଲ, ୧୦ ହଜାର ଲିଟର ସିନ୍ଥେଟିକ୍ କ୍ଷୀର, ୫୦୦ କେଜି ଜାଲି ମାୱା(ଘନତଭୂତ କ୍ଷୀର), ୨୦୦ କେଜି ସିନ୍ଥେଟିକ୍ ପନିର ଆଦି ଜବତ କରାଯାଇଥିବା ଏସ୍‌ପି ରାଜେଶ ଭଦୋରିୟା ପ୍ରକାଶ କରିଛନ୍ତି। ଏହି ଅତ୍ୟଧିକ ବିଷାକ୍ତ ସିନ୍ଥେଟିକ୍ କ୍ଷୀର ଓ କ୍ଷୀରଜାତୀୟ ପଦାର୍ଥକୁ ବିକ୍ରି କରୁଥିବା ୬୨ ଲୋକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏମାନେ ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା ଆଦି ସ୍ଥାନରେ ଥିବା ବଡ଼ ବଡ଼ ଆଉଟ୍‌ଲେଟ୍‌ରେ ଏଗୁଡ଼ିକୁ ବିକ୍ରି କରୁଥିଲେ। ପାଖାପାଖି ୨୦ ଟ୍ୟାଙ୍କର ଓ ୧୧ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଯାଉଥିବା ଏହି ବିଷାକ୍ତ ପଦାର୍ଥକୁ ଜବତ କରାଯାଇଛି। ଚଢାଉ ବେଳେ ବିପୁଳ ପରିମାଣର ଲିକ୍ୱିଡ୍ ସାମ୍ଫୁ, ଡିଟର୍‌ଜେଣ୍ଟ, ରିଫାଇନ୍ ଅଏଲ୍, ସୋଡିୟମ୍ ଥିଓସଲ୍‌ଫେଟ୍ ଓ ଅନ୍ୟ କେମିକାଲଗୁଡ଼ିକୁ ଜବତ କରାଯାଇଥିବା ଏସ୍‌ପି କହିଛନ୍ତି।

## ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ: ୧୫ ମୃତ

**ବେଜିଂ, ୨୦।୭(ପି.ଟି.) :** ଚାଇନାର ୟିମା ସହରରେ ଥିବା ଏକ ଗ୍ୟାସ୍ ପ୍ଲାଣ୍ଟରେ ବିସ୍ଫୋରଣ ହେବାରୁ ୧୫ ଜଣ ପ୍ରାଣ ହରାଇବା ସହ ୧୯ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଏହି ବିସ୍ଫୋରଣ ହୋଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେନାନ୍ ଗ୍ୟାସ କମ୍ପାନୀର ୟିମା ଗ୍ୟାସ୍ କାରଖାନା ୧୯୯୭ରେ ସ୍ଥାପନ କରାଯାଇଥିବାବେଳେ ୮୭ ଏକର ଜାଗାରେ ପରିବେଷ୍ଟିତ। ଏଥିରେ ୧୨ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ କାମ କରନ୍ତି। ଏଠାରେ କିଭଳି ବିସ୍ଫୋରଣ ହେଲା ସେନେଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ସୋନଭଦ୍ରର ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ପ୍ରିୟଙ୍କା

ନୂଆଦିଲ୍ଲୀ,୨୦।୭(ପି.ଟି.)

ଉତ୍ତରପ୍ରଦେଶର ସୋନଭଦ୍ର ଗୁଳିକାଣ୍ଡ ଘଟଣାରେ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିବାକୁ ଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ଅଟକ ରଖିଥିଲା। ଏହାକୁ ନେଇ କଂଗ୍ରେସ ନେତ୍ରୀ ଓ ୟୁପି ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ପରିସ୍ଥିତିର ଅବସାନ ଘଟିଛି। ଶନିବାର ପ୍ରିୟଙ୍କା ନୂଆଦିଲ୍ଲୀ ଫେରିଛନ୍ତି। ଏହା ପୂର୍ବରୁ ସେ ଚୁନାର ଗେଷ୍ଟହାଉସ୍‌ରେ ସୋନଭଦ୍ରରୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟ ଓ ଅନ୍ୟମାନଙ୍କୁ ଭେଟିଥିଲେ। ବ୍ୟକ୍ତିଗତ ବଣ୍ଡ ଦାଖଲ କରି ଚାଲିଯିବା ଲାଗି ସ୍ଥାନୀୟ ପ୍ରଶାସନ କହିଥିଲେ ମଧ୍ୟ ପ୍ରିୟଙ୍କା ତାହା ଗ୍ରହଣ ନ କରି ଗେଷ୍ଟହାଉସ୍‌ରେ ରାତି କଟାଇଥିଲେ।

ସେ ତାଙ୍କ ଲକ୍ଷ୍ୟ ହାସଲ କରିଛନ୍ତି ଓ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଛନ୍ତି। ପୁଣି ଥରେ ସୋନଭଦ୍ର ଆସିବେ ବୋଲି ପ୍ରିୟଙ୍କା କଂଗ୍ରେସ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଜମି ବିବାଦକୁ ନେଇ ସୋନଭଦ୍ରର ଉଭା ଗ୍ରାମରେ ବୁଧବାର ଗୁଳିକାଣ୍ଡ ଘଟିଥିଲା। ଗାଁ ମୁଖିଆ ଓ ତାଙ୍କ ସମର୍ଥକମାନଙ୍କ ଗୁଳିରେ ଆଦିବାସୀ ସମ୍ପ୍ରଦାୟର ୧୦ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨୮ ଜଣ ଆହତ ହୋଇଥିଲେ। ଶନିବାର ପ୍ରିୟଙ୍କା ମିର୍ଜାପୁରରୁ ବାରାଣସୀ ଯାଇ କାଶୀ ବିଶ୍ୱନାଥ ଓ କାଳ ଭୈରବ ମନ୍ଦିର ଦର୍ଶନ କରିଥିଲେ। ତାଙ୍କର ଅଟକକୁ କଂଗ୍ରେସ ନେତାମାନେ ବେଆଇନ ଗିରଫଦାରି କହିବା ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଭିଡ଼ହିଂସା: ମୟୂର ଚୋରି ସନ୍ଦେହରେ ପିଟି ମାରିଦେଲେ

ଭୋପାଳ, ୨୦।୭(ପି.ଟି.)

ମଧ୍ୟପ୍ରଦେଶର ନୀମୁଚ୍ ଜିଲାରେ ଶନିବାର ଜଣେ ବ୍ୟକ୍ତିଙ୍କୁ ମୟୂର ଚୋରି ଅଭିଯୋଗରେ ଲୋକମାନେ ପିଟିପିଟି ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଛି। ପୋଲିସ ଶୁକ୍ରବାର ରାତିରେ ଲସୁରିୟା ଆତ୍ରି ଗ୍ରାମରୁ ୪ଟି ମୟୂରର ମୃତଦେହ ଉଦ୍ଧାର କରିଥିଲା। ସ୍ଥାନୀୟ ଲୋକେ ଏହି ଘଟଣାରେ ୩ ଜଣଙ୍କୁ ସନ୍ଦେହରେ ମାଡ଼ ମାରିଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଥିଲା। ହୀରାଲାଲ୍‌ଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଡ଼ ଖାଇଥିବା ୩ ଜଣଙ୍କଠାରୁ ମୃତ ମୟୂର ଜବତ କରାଯାଇଥିଲା। ପ୍ରକାଶଥାଉ କି, ଗତ କିଛିଦିନ ତଳେ ନୀମୁଚ୍‌ରେ ଛେଳି ଚୋରି କରିଥିବା ସନ୍ଦେହରେ ୩ ଜଣଙ୍କୁ ଲୋକେ ମାଡ଼ ମାରିବା ସହ ସେମାନଙ୍କ ମୋଟରସାଇକେଲ ପୋଡ଼ିଦେଇଥିଲେ। ଏହି ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ବଲିଉଡରେ ବର୍ଷେ ପୂରିଲା

ମୁମ୍ବାଇ: ବଲିଉଡରେ ଅଭିନୟ ଜୀବନର ୧ବର୍ଷ ପୂରଣ କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଇଶାନ ଖଟ୍ଟର। ଦୁହେଁ ଅଭିନୟ କରିଥିବା ଧଡକ ଫିଲ୍ମର ରିଲିଜକୁ ବର୍ଷେ ସମ୍ପୂର୍ଣ୍ଣ ହୋଇଛି। ସୋସିଆଲ୍ ମିଡିଆରେ ଏ ସମ୍ପର୍କରେ ସେମାନେ ଭାବାବେଗପୂର୍ଣ୍ଣ ଲେଖା ପୋଷ୍ଟ କରିଛନ୍ତି। ଶଶାଙ୍କ ଖଡିଆନ୍‌ଙ୍କ ନିର୍ଦ୍ଦେଶିତ ଧଡକ ମରାଠୀ ଫିଲ୍ମ 'ସଇରାଟ୍'ର ରୂପାନ୍ତର। କରନ୍ ଜୋହରଙ୍କ ଦ୍ୱାରା ଏହା ପ୍ରସ୍ତୁତ। ଜାହ୍ନବୀ ଉକ୍ତ ଫିଲ୍ମରେ ଅଭିନୟ ପାଇଁ କରନଙ୍କ ମାର୍ଗଦର୍ଶନକୁ ଧନ୍ୟବାଦ ଜଣାଇଛନ୍ତି। ସେ ମଧ୍ୟ ଶଶାଙ୍କ ଓ ଇଶାନ୍‌ଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଧଡକରେ ଅଭିନୟ କରିବା ପୂର୍ବରୁ ଇଶାନ୍ ମଜିଦ୍ ମଜିଦିଙ୍କ ଇଣ୍ଟରନ୍ୟାଶନାଲ ପ୍ରୋଜେକ୍ଟ 'ବିୟଣ୍ଡ ଦି କ୍ଲାଉଡ୍ସ'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ସେ ମଧ୍ୟ କରନ୍, ଶଶାଙ୍କ ଏବଂ ଜାହ୍ନବୀଙ୍କୁ ଧନ୍ୟବାଦ ଜଣାଇବା ସହ ଅତୀତର ସ୍ମୃତିଚାରଣ କରିଛନ୍ତି। ଫିଲ୍ମ ନିର୍ମାଣରେ ସମସ୍ତଙ୍କର ଗଠନମୂଳକ ସହଯୋଗକୁ ସେ ପ୍ରଶଂସା କରିବା ସହିତ ସେମାନଙ୍କ ବିନା ଫିଲ୍ମର ହୃଦ୍‌ଯନ୍ତ୍ର ସ୍ପନ୍ଦିତ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି।



ଇଶାନ୍, ଜାହ୍ନବୀ

## ■ ଇରାନ କବ୍‌ଜାରେ ବ୍ରିଟିଶ ତୈଳବାହୀ ଜାହାଜ
# ୨୩ କର୍ମଚାରୀଙ୍କ ମଧ୍ୟରୁ ୧୮ ଭାରତୀୟ

ନୂଆଦିଲ୍ଲୀ/ଲଣ୍ଡନ,୨୦।୭(ପି.ଟି.)

ବ୍ରିଟେନ୍‌ର ଏକ ତୈଳବାହୀ ଜାହାଜକୁ ଇରାନ ଜବତ କରିଛି। ଏଥିରେ ୧୮ ଭାରତୀୟଙ୍କ ସମେତ ୨୩ ଜଣ କର୍ମଚାରୀ ଥିଲେ। ଭାରତୀୟମାନଙ୍କ ନିରାପଦ ମୁକ୍ତି ଓ ସ୍ୱଦେଶ ଫେରାଇଆଣିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତର ବହିର୍ବ୍ୟାପାର ବିଭାଗ ତେହେରାନ କର୍ତ୍ତୃପକ୍ଷଙ୍କ ସହ ଏନେଇ ଯୋଗାଯୋଗ କରିଛି।

ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ କରି ଇରାନର ଏକ ମାଛଧରା ବୋଟ୍‌କୁ ଧକ୍କା ଦେବା ଅଭିଯୋଗରେ ବ୍ରିଟିଶ୍ ତୈଳ ଟ୍ୟାଙ୍କର ଷ୍ଟେନା ଇମ୍ପେରୋକୁ ଜବତ କରାଯାଇଥିବା ସେଠାର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ପକ୍ଷରୁ କୁହାଯାଇଛି। ସେଥିରେ ଥିବା ୧୮ ଭାରତୀୟଙ୍କ ତ୍ୱରିତ୍ ମୁକ୍ତି ଲାଗି ଇରାନ ସରକାରଙ୍କ ସହ ଯୋଗାଯୋଗ କରାଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଜାହାଜର କ୍ୟାପ୍‌ଟେନ ଥିଲେ ଭାରତୀୟ। ଏହା ବ୍ୟତୀତ ରୁଷିଆ, ଫିଲିପାଇନ୍ସ, ଲାଟଭିଆ ଓ ଅନ୍ୟ ଦେଶର ୫ ଜଣ କର୍ମଚାରୀ ଥିଲେ। ଇରାନ ସୈନ୍ୟବାହିନୀ ଶୁକ୍ରବାର ଉକ୍ତ ଜାହାଜକୁ ହର୍ମୁଜ୍ ପ୍ରଣାଳୀରେ ଜବତ କରିଥିଲା। ସ୍ୱିଡେନ୍‌ର ଏକ କମ୍ପାନୀ ଷ୍ଟେନା ବଲ୍କ ମାଲିକାନାରେ ଥିବା ଏହି ଜାହାଜ ସହ କୌଣସି ଯୋଗାଯୋଗ ସମ୍ଭବ ହେଉ ନ ଥିବା ଏହାର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏରିକ ହାନେଲ୍ କହିଛନ୍ତି। ଏହା ହର୍ମୁଜ ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶିରେ ପ୍ରବେଶ କରିବା କ୍ଷଣି ଇରାନ ନୌସେନାର କ୍ଷୁଦ୍ର ବିମାନ ଓ ହେଲିକପ୍ଟର ଏହା ନିକଟ ଦେଇ ଚକ୍କର କାଟିଥିଲେ। ଫଳରେ ଜାହାଜଟି ବାଟ ଭୁଲିଯାଇ ଜୁବେଲ୍ ଯିବା ପରିବର୍ତ୍ତେ ଉତ୍ତର ଦିଗରେ ଇରାନ ଆଡକୁ ଅଗ୍ରସର ହୋଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହା ନୌଚଳାଚଳ ଓ ସମସ୍ତ ଅନ୍ତର୍ଜାତୀୟ ନିୟମାବଳୀ ପାଳନ କରିଥିଲା। ସମସ୍ୟାର ସମାଧାନ ଲାଗି ବ୍ରିଟେନ ଓ ସ୍ୱିଡେନ ସରକାରଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ଏରିକ୍ କହିଛନ୍ତି।





■ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଜବତ କରିଛି ତେହେରାନ
■ଭାରତୀୟଙ୍କ ମୁକ୍ତି ଲାଗି ନୂଆଦିଲ୍ଲୀର ଉଦ୍ୟମ



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ, ମାନେଶ୍ୱର ନିକଟସ୍ଥ ଆରଟିଓ ଅଫିସ ପରିସର, ସକାଳ ୭ଟା।
- ପଞ୍ଚକୁଣ୍ଡିୟ ରୁଦ୍ରଚଣ୍ଡୀ ମହାଯଜ୍ଞ, ଗୋପାଳମାଲ ଦାନୀପାଲି ବନ୍ଧ, ସକାଳ ୮ଟା।
- ଶ୍ରୀ ପାରଦେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସୂର୍ଯ୍ୟପୂଜା ଓ ଭକ୍ତଙ୍କ ନଗର ପରିକ୍ରମା, କ୍ଷେତରାଜପୁର ବୈଷ୍ଣୁଦେବୀ ମନ୍ଦିର ପରିସର, ସକାଳ ୮ଟା।

**ରେଙ୍ଗାଲି**
- ପ୍ରଥମ କ୍ୟାରେମ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ଚାଉଳ ଡିପୁ କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**
- ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ରକ୍ତଦାନ ଶିବିର, ସଦ୍‌ଭାବନା ଗୃହ, ଚାରିଛକ, ପୂର୍ବାହ୍ନ ୧୦ଟା।

**ଭବାନୀପାଟଣା**
- ପୁସ୍ତକ ଉନ୍ମୋଚନ ଉତ୍ସବ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାଗୃହ, ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଚିତ୍ରାଙ୍କନ ପ୍ରତିଯୋଗିତା, ସେକ୍ଟର-୧୭ ଯାଜ୍ଞସେନୀ କାର୍ଯ୍ୟାଳୟ, ସକାଳ ୮ଟା।
- ୨୮ତମ ପତ୍ରପତ୍ରିକା ଦିବସ, ସେକ୍ଟର-୫ କଲଚରାଲ ଏକାଡେମୀ, ସନ୍ଧ୍ୟା-୬ଟା।

**ବୌଦ୍ଧ**
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଗୁରୁ ପୂର୍ଣ୍ଣିମା, ସରସ୍ୱତୀ ଶିଶୁ ମନ୍ଦିର, ଅପରାହ୍ନ ୩ଟା।

**ଡୁଙ୍ଗୁରିପାଲି**
- ଭୀମଭୋଇ ସାମର୍ଥ୍ୟ ଶିବିର, ମାୟାବର୍ହା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।




# ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା

- ଆଶ୍ରୟ ଗୃହ ମୁଖ୍ୟଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ, ତଦନ୍ତ ହେବ: ଜିଲା ପ୍ରଶାସନ

**ବଲାଙ୍ଗୀର ଅଫିସ/ଭବାନୀପାଟଣା, ୨୦।୭ (ଡି.ଏନ୍.ଏ.)**

ଜଣେ ଏଚ୍‌ଆଇଭି ପୀଡିତା ନାବାଳିକାଙ୍କୁ ଆଶ୍ରୟ ଗୃହରେ ଯୌନ ନିର୍ଯାତନା ଦିଆଯାଇଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ଏକ ଆଶ୍ରୟ ଗୃହରେ ଏଭଳି କାଣ୍ଡ ଘଟିଛି। ପୀଡିତାଙ୍କ ମା' ଏହି ଅଭିଯୋଗ ଆଣିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଏ ନେଇ ବଲାଙ୍ଗୀର ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୋଦିନୀ ପ୍ରଧାନଙ୍କୁ ପଚରାଯିବାରୁ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜକୁ ପ୍ରାୟ ୩ ବର୍ଷ ତଳେ ବଲାଙ୍ଗୀର ସହରର ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ଜରିଆରେ ଭବାନୀପାଟଣାସ୍ଥିତ ଉକ୍ତ ଆଶ୍ରୟ ଗୃହକୁ ପଠାଯାଇଥିଲା। ସେଠାରେ ସେ ରହୁଥିଲେ। ହେଲେ ଉକ୍ତ ଆଶ୍ରୟ ଗୃହର ମୁଖ୍ୟ ସମ୍ପୃକ୍ତା ନାବାଳିକାଙ୍କୁ କୁଆଡ଼େ ଯୌନ ନିର୍ଯାତନା ଦେଉଥିଲେ। ଏଭଳି ଅଭିଯୋଗ କରି ନାବାଳିକାଙ୍କୁ ତାଙ୍କ ମା ବଲାଙ୍ଗୀର ଫେରାଇ ଆଣିଥିଲେ। ତାଙ୍କ ଅଭିଯୋଗକୁ ନେଇ ସମ୍ପୃକ୍ତ ସଂସ୍ଥାର ମୁଖ୍ୟଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି। ଜେଜେ ଆଙ୍କ ଅନୁସାରେ ଉକ୍ତ ନାବାଳିକା ଜଣକ ୩ ମାସ ତଳୁ ତାଙ୍କ ଘରକୁ ଯାଇ ଫେରିଛନ୍ତି। ଏବେ ଏଭଳି ଅଭିଯୋଗ ଅଣାଯାଉଛି ବୋଲି ସେ କହିଛନ୍ତି। ପ୍ରାୟ ୩ ବର୍ଷ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ବଲାଙ୍ଗୀରରେ ଜଣେ ପଡୋଶୀ ନାବାଳକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣା ପରେ ସିଡବ୍ଲ୍ୟୁସି ସେହି ନାବାଳିକାଙ୍କୁ ଭବାନୀପାଟଣାଠାରେ ଥିବା ଆଶ୍ରୟ ଗୃହକୁ ପଠାଇଥିଲେ। ଏବେ ପୁଣି ଥରେ ସମ୍ପୃକ୍ତା ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି।

# ବିଦ୍ୟାଳୟରେ ବିସ୍ଫୋରଣ: ୨ ଛାତ୍ର ଗୁରୁତର

- ମୋବାଇଲ ବ୍ୟାଟେରିରେ ଡିଟୋନେଟର ସଂଯୋଗ ବେଳେ ଫୁଟିଲା
- ନିକଟସ୍ଥ ପାହାଡରେ ପଥର ଫୁଟାଉଥିବା ଅଭିଯୋଗରେ ଜଣେ ଗିରଫ
- ତଦନ୍ତ ନିର୍ଦ୍ଦେଶ ଦେଲେ ଗଣଶିକ୍ଷା ମନ୍ତ୍ରୀ

**ଆସିକା, ୨୦।୦୭ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ମାଗୁରା ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ଏକ ବିସ୍ଫୋରଣ ଘଟିଛି। ଏଥିରେ ବିଦ୍ୟାଳୟର ୨ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସପ୍ତମ ଶ୍ରେଣୀର ରାଜା ନାୟକ ଓ ଅଷ୍ଟମ ଶ୍ରେଣୀର ଚନ୍ଦନ ସ୍ୱାଇଁ। ବିସ୍ଫୋରଣରେ ରାଜାଙ୍କ ଆଙ୍ଗୁଠି କଟିଯାଇଥିବାବେଳେ ଚନ୍ଦନଙ୍କ ମୁହଁରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ନଂ.୨୩୪/୧୯ରେ ପୋଲିସ ଏକ ମାମଲା ରୁଜୁ କରିଛି। ନିକଟସ୍ଥ ମାଗୁରା ଗ୍ରାମ ଉପକଣ୍ଠ ପାହାଡ ନିକଟରୁ ଏହି ଡିଟୋନେଟର ପାଇଥିବା ଆହତ ଛାତ୍ର ପୋଲିସକୁ କହିଛନ୍ତି। ପୋଲିସ ତଦନ୍ତ କରି ସମ୍ପୃକ୍ତ ପାହାଡରେ ବେଆଇନ ଭାବେ ବିସ୍ଫୋରଣ କରି ପଥର ଫୁଟାଉଥିବା ନିକଟସ୍ଥ ଗ୍ରାମର ଟୁଟୁ ପଣ୍ଡାଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଶନିବାର ସକାଳୁଆ ସ୍କୁଲ ଥିବାରୁ ୯ଟାରେ ମଧ୍ୟାହ୍ନଭୋଜନ ବିରତି ହୋଇଥିଲା। ସମସ୍ତ ଛାତ୍ରୀଛାତ୍ର ଖାଇବାଲାଗି ବିଦ୍ୟାଳୟ ବାରଣ୍ଡାରେ ଧାଡିରେ ବସିଥିଲେ। ରାଜା ଓ ଚନ୍ଦନ ମଧ୍ୟ ଧାଡିରେ ଥାଳି ରଖି ହାତ ଧୋଇବାକୁ ବିଦ୍ୟାଳୟ ପଛପଟକୁ ଯାଇଥିଲେ। ଏତିକିବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳକୁ ସମସ୍ତେ ଯିବାବେଳକୁ ଛାତ୍ରଦ୍ୱୟ ରକ୍ତ ଜୁଡୁବୁଡୁ ହୋଇ ବିଦ୍ୟାଳୟ ଆଡକୁ ଆସୁଥିବା ଦେଖିଥିଲେ। ପରେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବା ପ୍ରଧାନ ଶିକ୍ଷୟିତ୍ରୀ ବବିତା ଆଚାର୍ଯ୍ୟ କହିଛନ୍ତି। ଖବର ପାଇ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ବିଡିଓ ଗାୟତ୍ରୀଦତ୍ତ ନାୟକ, ତହସିଲଦାର୍ ସୁବାସ ଚନ୍ଦ୍ର ସେଠିଆ, ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ବିସ୍ଫୋରଣ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ଆହତ ଦୁଇ ଛାତ୍ର ଗୋଟିଏ ଡିଟୋନେଟର୍ ଓ ମୋବାଇଲ ବ୍ୟାଟେରି ସାଥିରେ ନେଇ ବିଦ୍ୟାଳୟକୁ ଆସିଥିଲେ। ମୋବାଇଲ୍ ବ୍ୟାଟେରିରେ ଡିଟୋନେଟର ସଂଯୋଗ କରିବାରୁ ଏଭଳି ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଛାତ୍ରମାନେ ଡିଟୋନେଟର୍ କେଉଁଠୁ ପାଇଲେ ତାହାର ତଦନ୍ତ କରାଯାଉଛି ବୋଲି ବୋଲି ଏସ୍‌ଡିପିଓ ପ୍ରଧାନ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ପୋଲିସ କିଛି ବିଦ୍ୟୁତ୍ ତାର ଜବତ କରିଥିବାବେଳେ ବିସ୍ଫୋରଣ ସ୍ଥଳରୁ ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ନିଆଯାଇଛି। ଘଟଣା ପରେ ଉଭୟ ଛାତ୍ରଙ୍କ ଘରେ ବିସ୍ଫୋରକ ସାମଗ୍ରୀ ଥିବା ଆଶଙ୍କାରେ ପୋଲିସ ଚଢାଉ କରିଥିଲା। ମାତ୍ର ସେଠାରୁ କୌଣସି ବିସ୍ଫୋରକ ମିଳି ନ ଥିବା ଜଣାପଡିଛି। ଅପରପକ୍ଷେ ସମ୍ପୃକ୍ତ କ୍ଲଷ୍ଟର ସିଆର୍‌ସିସି ଅମୀୟସିନ୍ଧୁ ମୁନି ଆହତ ଛାତ୍ରଙ୍କୁ ନେଇ ବ୍ରହ୍ମପୁର ବଡମେଡିକାଲକୁ ଯାଇଥିବାବେଳେ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଓ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକ ବ୍ରହ୍ମପୁର ବଡ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ଏହାର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ତଦନ୍ତ କରି ସପ୍ତାହେ ମଧ୍ୟରେ ରିପୋର୍ଟ ଦାଖଲ କରିବେ।



ବିସ୍ଫୋରଣ ପରେ ସ୍କୁଲ ପରିସରରେ ପୋଲିସର ତଦନ୍ତ।

# ଚନ୍ଦ୍ରପୃଷ୍ଠରେ ପଦାର୍ପଣକୁ ୫୦ବର୍ଷ


୧୯୬୯ ଜୁଲାଇ ୨୦ରେ ଆପୋଲୋ ୧୧ ମିଶନ୍‌ର ମହାକାଶଚାରୀ ବଜ୍ ଆଲଡ୍ରିନ୍ ଆମେରିକୀୟ ପତାକା ନିକଟରେ ପୋଜ୍ ଦେଉଛନ୍ତି।

**ୱାଶିଂଟନ୍, ୨୦।୭ (ଏଏଫ୍‌ପି)**

୫୦ବର୍ଷ ତଳେ ଆମେରିକୀୟ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ଏବଂ ବଜ୍ ଆଲଡ୍ରିନ୍ ଚନ୍ଦ୍ରପୃଷ୍ଠରେ ପ୍ରଥମକରି ପାଦ ଥାପିଥିଲେ। ଏହି ଦୃଶ୍ୟକୁ ବିଶ୍ୱର ପାଖାପାଖି ୫୦କୋଟି ଲୋକ ଟେଲିଭିଜନରେ ଦେଖିବାର ସୁଯୋଗ ପାଇଥିଲେ। ସେମାନଙ୍କର 'ଇଗଲ୍' ନାମକ ଚନ୍ଦ୍ରଯାନ ୧୯୬୯ ଜୁଲାଇ ୨୦ ଅପରାହ୍ନ ୪ଟା ୧୮ରେ ଚନ୍ଦ୍ରପୃଷ୍ଠକୁ ସ୍ପର୍ଶ କରିଥିଲା। ଯୋଗକୁ ସେଦିନ ଥିଲା ଶନିବାର। ୫୦ବର୍ଷ ପୂର୍ତ୍ତି ଦିବସରେ ଆଜି ବି ଶନିବାର। ଅବତରଣର ୬ଘଣ୍ଟା ପରେ ଆର୍ମଷ୍ଟ୍ରଙ୍ଗ୍ ତାଙ୍କର ବାମ ପାଦ ଚନ୍ଦ୍ରପୃଷ୍ଠରେ ଥାପି ଘୋଷଣା କରିଥିଲେ, 'ଏହା ଏକ ଛୋଟ ପଦକ୍ଷେପ ହୋଇପାରେ; କିନ୍ତୁ ମାନବ ଜଗତ ପାଇଁ ଏକ ବୃହତ୍ ଲମ୍ଫ।' ଏହି ୩ଜଣଙ୍କ ମଧ୍ୟରୁ ଦୁଇଜଣ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ହେଁ ଅନ୍ୟତମ ମହାକାଶଚାରୀ ଆପୋଲୋ ୧୧ ସ୍ପେସ୍‌କ୍ରାଫ୍ଟର ପାଇଲଟ୍ ଭାବେ ଚନ୍ଦ୍ର ପରିକ୍ରମା କରୁଥିଲେ।

ଚନ୍ଦ୍ରପୃଷ୍ଠରେ ମଣିଷ ପ୍ରଥମ ପାଦ ଥାପିବାର ୫୦ତମ ବାର୍ଷିକୀ ପାଳନ ପାଇଁ ଆମେରିକାର ମହାକାଶ ଗବେଷଣା କେନ୍ଦ୍ର 'ନାସା' କିଛି ସପ୍ତାହ ହେବ ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଛି। ବିଶେଷକରି ଫ୍ଲୋରିଡାର କେପ୍ କାନାଭେରାଲସ୍ଥିତ କେନେଡି ସ୍ପେସ୍ ସେଣ୍ଟର ଏବଂ ଟେକ୍ସାସ୍‌ର ହ୍ୟୁଷ୍ଟନ୍‌ସ୍ଥିତ ଜନସନ୍ ସ୍ପେସ୍ ସେଣ୍ଟରରେ ବିଭିନ୍ନ ବିଜ୍ଞାନ ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଆସୁଛି। ଶନିବାର ଉପରାଷ୍ଟ୍ରପତି ମାଇକ୍ ପେନ୍ସ କେନେଡି ସ୍ପେସ୍ ସେଣ୍ଟରରୁ ବକ୍ତୃତା ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସ୍ପେସ୍ ସେଣ୍ଟରରୁ ଆର୍ମଷ୍ଟ୍ରଙ୍ଗ, ଆଲଡ୍ରିନ୍ ଏବଂ ମାଇକେଲ କଲିନ୍ସ ମହାକାଶକୁ ଯାତ୍ରା ଆରମ୍ଭ କରିଥିଲେ। ଏହି ୩ ମହାକାଶଚାରୀ ୧୯୩୦ରେ ଜନ୍ମଗ୍ରହଣ କରିଥିଲେ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ମହିଳାଙ୍କ ମୃତ୍ୟୁ

- ଖାଦ୍ୟ ନଳୀ କାଟି ଦିଆଯାଇଥିବା ଅଭିଯୋଗ
- ଡାକ୍ତରଖାନା ଆଗରେ ମୃତଦେହ ରଖି ବିକ୍ଷୋଭ

**ଔପଦା, ୨୦।୭ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ରାଏରାମଚନ୍ଦ୍ରପୁର ପଞ୍ଚାୟତ ସୋରିଷପାଳ ଗ୍ରାମର ଅନ୍ନପୂର୍ଣ୍ଣା ପାଢ଼ୀ (୧୮) ନାମ୍ନୀ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରିବାକୁ ଯାଇ ପ୍ରାଣ ହରାଇଛନ୍ତି। ଅସ୍ତ୍ରୋପଚାର ସମୟରେ ମହିଳାଙ୍କର ଖାଦ୍ୟ ନଳୀ କାଟି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଗିରଫ କରିବାକୁ ପରିବାର ଲୋକେ ଅଡିବସିଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଔପଦା ଡାକ୍ତରଖାନା ଆଗରେ ଧାରଣାରେ ବସି ୧୦ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ ଏବଂ ତାଙ୍କ ଦୁଇ କନ୍ୟା ସନ୍ତାନଙ୍କ ଦାୟିତ୍ୱ ସରକାର ବହନ କରିବା ଲାଗି ଦାବି କରିଥିଲେ। ଏହାକୁ ନେଇ ଔପଦା ବଜାରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଜିଲା ପରିବାର ନିୟୋଜନ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି, ଡିପିଏଚ୍‌ସିଓ ନରେଶ ଚନ୍ଦ୍ର ଦାସ, ଜିଲା ଯକ୍ଷ୍ମାଧିକାରୀ ଗିରିଶ ଚନ୍ଦ୍ର ପତି ଓ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. କୈଳାସ ଚନ୍ଦ୍ର ବେହେରା, ଔପଦା ତହସିଲଦାର ତଥା ବିଡ଼ିଓ ପିତାମ୍ବର ଭୋଇ, ଔପଦା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା ସହାୟତା ଓ ରେଡକ୍ରସ ପକ୍ଷରୁ ୧୦ ହଜାର ଦେବା ଲାଗି ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ। ଅନ୍ନପୂର୍ଣ୍ଣା ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଭର୍ତ୍ତି ହୋଇଥିଲେ। ଗତ ୧୫ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ସେ ଘରକୁ ଫେରିଥିଲେ। ଘରେ ତାଙ୍କର ବାରମ୍ବାର ବାନ୍ତି ହେବାରୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ନପୂର୍ଣ୍ଣାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଇସିୟୁରେ ଥିବା ବେଳେ ଶୁକ୍ରବାର ରାତି ୨ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଜାଣିବା ପରେ ତାଙ୍କ ସ୍ୱାମୀ ଗଜେନ୍ଦ୍ର ଘରେ ୨ ଝିଅର ଭବିଷ୍ୟତ ନେଇ ଭାଙ୍ଗି ପଡ଼ିଛନ୍ତି।

ଲୁକମାନ-ଏ-ହୟାତ୍ ତେଲ®
ଆୟୁର୍ବେଦିକ ଔଷଧ
ପୋଡ଼ା, କ୍ଷତ, ଆଘାତ, ମକଚା, ପୀଡ଼ା, ଫୁଲା, ଘା', ଅର୍ଶ ବା ମଳକଷ୍ଟକ, ମାଲିସ୍ ଇତ୍ୟାଦିରେ ଗୁଣକାରୀ।
ସମସ୍ତ ଷ୍ଟୋର୍ ଏବଂ କେମିଷ୍ଟ ଦୋକାନରେ ଉପଲବ୍ଧ
Mfg. By: M.U. Amrelia, MUMBAI. Tel.: 022-23441456

ଯାଦୁ, ପାଣିକନ୍ଦା, କୁଣ୍ଡିଆ ଓ ଫଟା ଗୋଇଠିର ଯନ୍ତ୍ରଣା ?
ଆରାମ ପାଇଁ ବ୍ୟବହାର କରନ୍ତୁ
SALICAL STRONG RINGWORM OINTMENT
ସେଲିକଲ®
Available in : 5g 8g 15g Pot 20g Tube and 15 ml Lotion
Trade Enquiries : 9778874750 | www.sdhole.com

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US– 8 TO 11AM (OFFICE) EVERYDAY

ଭାରତ ନିର୍ବାଚନ ଆୟୋଗ
www.eci.gov.in
*ସିରିଜ୍ ୧: ଇଭିଏମ୍/ଭିଭିପାଟ୍ ବିଷୟରେ ଜାଣନ୍ତୁ
ଆମ ଦେଶର ନିର୍ବାଚନୀ ତଥ୍ୟଗୁଡ଼ିକୁ ଜାଣନ୍ତୁ
ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ହୋଇଥିବାରୁ ଆମେ ଗର୍ବିତ
ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)
ଇଭିଏମ୍ କାହିଁକି କଦାପି ଭୁଲ୍ ଭୋଟ୍ ରେକର୍ଡ କରିବ ନାହିଁ ଜାଣନ୍ତୁ
- ୨୦୧୯ ନିର୍ବାଚନ ପ୍ରକ୍ରିୟାରେ, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ରରେ ରେକର୍ଡସଂଖ୍ୟକ ୬୧.୩ କୋଟି ମତଦାତା ଇଭିଏମ୍ ମେଶିନ୍‌ରେ ସେମାନଙ୍କର ଭୋଟ୍ ରେକର୍ଡ କରିଥିଲେ ଏବଂ ଭିଭିପାଟ୍‌ରେ ନିଜର ଭୋଟ୍‌କୁ ଦେଖିଥିଲେ।
- ପ୍ରତ୍ୟେକ ମେଶିନ୍‌କୁ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଯାଞ୍ଚ ଏବଂ ସିଲ୍ କରାଯାଏ ଓ ମେଶିନ୍ ସିଲ୍‌ରେ ସେମାନେ ଦସ୍ତଖତ କରିଥାନ୍ତି।
- ସମସ୍ତ ନିର୍ବାଚନମଣ୍ଡଳୀ ଓ ମତଦାନ କେନ୍ଦ୍ର ପାଇଁ ଇଭିଏମ୍ ଅକ୍ରମିକ ଭାବେ ଆବଣ୍ଟିତ କରାଯାଇଥାଏ।
- ନାମାଙ୍କନ ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ କେହି ଏହା ପୂର୍ବାନୁମାନ କରିପାରିବେ ନାହିଁ ଯେ ଇଭିଏମ୍‌ର କେଉଁ ବଟନ୍‌କୁ କେଉଁ ପ୍ରାର୍ଥୀଙ୍କୁ ଆବଣ୍ଟିତ କରାଯିବ କାରଣ ପ୍ରାର୍ଥୀମାନଙ୍କୁ ସେମାନଙ୍କ ନାମର ପ୍ରଥମ ଅକ୍ଷର କ୍ରମରେ ବଟନ୍ ଆବଣ୍ଟନ କରାଯାଏ।
- ମତଦାନ କେନ୍ଦ୍ରରେ ବ୍ୟବହୃତ ପ୍ରତ୍ୟେକ ଇଭିଏମ୍‌ର କ୍ରମିକ ସଂଖ୍ୟା ପ୍ରାର୍ଥୀମାନଙ୍କୁ ଜଣାଇଦିଆଯାଏ।
- ପ୍ରକୃତ ମତଦାନ ଆରମ୍ଭ ହେବା ପୂର୍ବରୁ, ଏକ କୃତ୍ରିମ ମତଦାନ ଆୟୋଜନ କରାଯାଏ, ଯେଉଁଥିରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ପୋଲିଂ ଏଜେଣ୍ଟମାନେ ନିଜେ ଭୋଟ୍ ଦିଅନ୍ତି, ଇଭିଏମ୍‌ରେ ଫଳାଫଳ ଦେଖନ୍ତି, ୧୦୦% ଭିଭିପାଟ୍ ଚିଠା ଗଣନା କରନ୍ତି ଏବଂ ତା' ପରେ ସେମାନଙ୍କ ପ୍ରମାଣନ ପରେ ହିଁ ପ୍ରକୃତ ମତଦାନ ଆରମ୍ଭ ହୋଇଥାଏ। ୨୦୧୯ ନିର୍ବାଚନ ନିର୍ବାଚନ ସମୟରେ ପ୍ରାର୍ଥୀମାନଙ୍କର ଏକକୋଟିରୁ ଊର୍ଦ୍ଧ୍ୱ ପୋଲିଂ ଏଜେଣ୍ଟମାନେ ନିଜେ ମେଶିନ୍‌ଗୁଡ଼ିକୁ ପ୍ରମାଣିତ କରିଥିଲେ।
- ମତଦାନ ପରେ ପୋଲିଂ ଏଜେଣ୍ଟମାନେ ମେଶିନ୍‌କୁ ସିଲ୍ ଓ ଦସ୍ତଖତ କରିଥାନ୍ତି ଏବଂ ଗଣନା ପୂର୍ବରୁ ମେଶିନ୍‌ର କ୍ରମିକ ସଂଖ୍ୟା ମେଳ କରିଥାନ୍ତି।
- କେବଳ ୧୭ ଜଣ ଭିଭିପାଟ୍‌ରେ ଭୁଲ୍ ମୁଦ୍ରଣ ହୋଇଥିବା କଥା ଦାବି କରିଥିଲେ – ସମସ୍ତ ୧୭ ଜଣ ପୁନର୍ବାର ମତଦାନ କରିଥିଲେ ଏବଂ ସେମାନଙ୍କ ଦାବି ଭୁଲ୍ ପ୍ରମାଣିତ ହୋଇଥିଲା।
- ୨୦୬୮୭ ଗୋଟି ଅକ୍ରମିକ ଭିଭିପାଟ୍‌ର ଗଣନା କରାଯାଇଥିଲା ଓ ଇଭିଏମ୍ ସହ ମେଳ କରାଯାଇଥିଲା। ମାତ୍ର ୮ ଗୋଟି ଭିଭିପାଟ୍‌ରେ ମୋଟ ଭୋଟ୍‌ର ଅମେଳ ଦେଖାଯାଇଥିଲା। ପାଖାପାଖି ୧.୨୫ କୋଟି ଭୋଟ୍ ମଧ୍ୟରୁ ଗଣନାରେ ମାତ୍ର ୫୧ଟି ଭୋଟ୍‌ରେ ଅମେଳ ଦେଖାଦେଇଥିଲା (ଯାହା ହେଉଛି ମୋଟ ଭୋଟ୍‌ର ୦.୦୦୦୪%) – ତାହା ପୁଣି ମାନବକୃତ ତ୍ରୁଟି ଯୋଗୁଁ ହୋଇଥିଲା, ମେଶିନ୍ ତ୍ରୁଟି ଯୋଗୁଁ ନୁହେଁ।
- ଇଭିଏମ୍‌ର ସୁଦୃଢ଼ ପ୍ରଶାସନିକ ଓ ସୁରକ୍ଷା ପ୍ରୋଟୋକଲ୍ ରହିଛି, ତେଣୁ ଯେ କେହି ତାହାକୁ ଲଙ୍ଘନ କରିପାରିବେ ନାହିଁ।
*୨୦୧୯ ନିର୍ବାଚନ ବିଷୟ ସଂକ୍ରାନ୍ତୀୟ ଅନ୍ୟାନ୍ୟ ତଥ୍ୟ ପରବର୍ତ୍ତୀ ସିରିଜ୍‌ରେ ପ୍ରକାଶିତ ହେବ।
davp 52101/13/0052/1920
ଆପଣ ଭୋଟ୍ ଦେଇଥିଲେ ଓ ନିଜ ଭୋଟ୍‌କୁ ନିଜେ ଯାଞ୍ଚ କରିଥିଲେ। ନିଜ ଉପରେ ବିଶ୍ୱାସ କରନ୍ତୁ, କୌଣସି ଗୁଜବ ଦ୍ୱାରା ଭ୍ରମିତ ହୁଅନ୍ତୁ ନାହିଁ



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଆରବ ମହାପାତ୍ର
ପରିବାରବର୍ଗ



ରିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗାଧୋଇବାବେଳେ ବୁଡି ଯାଇ ମୃତ୍ୟୁ

**ବାମରା, ୨୦।୭ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କୁଟାରୀମାଲ ପଞ୍ଚାୟତ ଯୋଗୀମୁଣ୍ଡାଠାରେ ଗାଧୋଇବା ବେଳେ ଜଣେ ବ୍ୟକ୍ତିଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି । ମୃତକ ଲୋଲୋବିରା ଗ୍ରାମର ସନାତନ କେଛୁ (୫୫)। ସେ ଶନିବାର ଦିନ ବେଳା ପାଖ ଯୋଗୀମୁଣ୍ଡା ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବା ଯୋଗୁ ପରିବାର ଲୋକ ତାଙ୍କୁ ଖୋଜିବାକୁ ବାହାରି ଥିଲେ । ମାତ୍ର ସେ ବନ୍ଧରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରି ତଦନ୍ତ କରିଛି।

# ମିସେସ୍ ଇଣ୍ଡିଆ ଭୁବନେଶ୍ୱର ଅଡ଼ିଶନ ଆଜି

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ମିସେସ୍ ଇଣ୍ଡିଆ-୨୦୧୯ ପ୍ରତିଯୋଗିତା ପାଇଁ ଭୁବନେଶ୍ୱରରେ ଚୟନ ପ୍ରକ୍ରିୟା ରବିବାର ୨୧ ତାରିଖରେ ସ୍ଥାନୀୟ ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲଠାରେ ଅନୁଷ୍ଠିତ ହେବ। ଅପରାହ୍ନ ୧୨ଟା ୩୦ରୁ ୪ଟା ମଧ୍ୟରେ ହେବାକୁ ଏହି ପ୍ରତିଯୋଗିତା ଏ ଆର୍ ଏଣ୍ଟରଟେନମେଣ୍ଟ ଗ୍ରୁପ୍ ଦ୍ୱାରା ପରିଚାଳିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଯେ କୌଣସି ବିବାହିତା ମହିଳା http:/armrsindia.comରେ ରେଜିଷ୍ଟ୍ରେଶନ କରିପାରିବେ। ଏଥିରେ ଜାତୀୟ ପୁରସ୍କାରପ୍ରାପ୍ତ ବଲିଉଡ ଟେଲିଭିଜନ ଅଭିନେତ୍ରୀ ପ୍ରକୃତି ମିଶ୍ର, ଟେଲିଭିଜନ କଳାକାର ରେହାନ ରାୟ, ସିନ୍ ଦାସ, ସିୱାନି ଚକ୍ରବର୍ତ୍ତୀ ଏବଂ ଆଲୋକ ନରୁଲା ଚୟନ କର୍ତ୍ତା ଭାବେ ଯୋଗଦେବେ। ଏହି ଚୟନ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ପ୍ରତିଯୋଗୀମାନେ ରାମ୍ପ ସହ ନିଜ ପରିଚୟ ପ୍ରଦାନ କରିବେ। ଦ୍ୱିତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ନିଜର ସଙ୍ଗୀତ, ନୃତ୍ୟ ଓ ଅଭିନୟ ଆଦି କଳା ପ୍ରଦର୍ଶନ କରିବେ। ଶେଷ ତଥା ତୃତୀୟ ରାଉଣ୍ଡରେ ପ୍ରତିଯୋଗୀମାନେ ଚୟନ କର୍ତ୍ତାଙ୍କ ପ୍ରଶ୍ନର ଉତ୍ତର ଦେବେ। ଦକ୍ଷତା ସମ୍ପନ୍ନ ସୁନ୍ଦରୀ ଓ ଆଶାବାଦୀ ମହିଳାମାନଙ୍କ ଭବିଷ୍ୟତ ପାଇଁ ଏକ ପ୍ଲାଟଫର୍ମ ଯୋଗାଇଦେବ ବୋଲି ଆୟୋଜକ ଆଶିଷ ରାୟ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରତିଯୋଗିତାର ଅଡିଶନ ଲକ୍ଷ୍ନୌ, ପୁଣେ, ଦିଲ୍ଲୀ, କଲିକତା, ଗୌହାଟି, ଜୟପୁର, ଚଣ୍ଡିଗଡ଼, ଗୁରୁଗ୍ରାମ, ଡେରାଡୁନ, ଉଦୟପୁର, ମୁମ୍ବାଇ, ବାଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, ପାଟନା ଓ ରାଞ୍ଚିରେ ଅନୁଷ୍ଠିତ ହୋଇସାରିଛି।

# ଏମ୍ଏସ୍ଏମ୍ଇ ବିଭାଗ ଦୟାରେ ହସ୍ତଶିଳ୍ପୀ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

- ଜିଲାସ୍ତରରେ ପୃଥକ୍ ହୋଇପାରୁନି କାର୍ଯ୍ୟଧାରା
- ସରକାରୀ ଯୋଜନାର ସୁଫଳ ପାଉନାହାନ୍ତି କାରିଗର



ଉତ୍କର୍ଷ କଳାର ରାଜ୍ୟ ଉତ୍କଳ ଧୀରେ ଧୀରେ ନିଜର ପୂର୍ବ ଗରିମାକୁ ହରାଉଛି। ଉତ୍କୃଷ୍ଟ କଳା ଓ ନିଖୁଣ କାରିଗରୀ ପାଇଁ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶାର କଳା ଓ କାରିଗର କ୍ରମଶଃ ବିପଦମୁହଁକୁ ଠେଲି ହୋଇଯାଉଛି। ରାଜ୍ୟରେ ହସ୍ତଶିଳ୍ପ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ୧୫ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ସରକାରୀ ଅବହେଳାରୁ ଏବେ ବେଉଷା ଛାଡ଼ିବାକୁ ବସିଲେଣି। ସରକାର କାରିଗରଙ୍କ ପାଇଁ ମାଳମାଳ ଯୋଜନା କରୁଥିଲେ ମଧ୍ୟ ଜିଲା ତଥା କ୍ଷେତ୍ରୀୟସ୍ତରରେ ତାହାର ସୁଫଳ ହିତାଧିକାରୀମାନେ ପାଇପାରୁ ନାହାନ୍ତି। କାରଣ ଏହି କାରିଗରମାନେ ଏବେବି ଏମ୍ଏସ୍ଏମ୍ଇ(ଅତି କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ବିଭାଗ ଦୟାରେ ରହିଛନ୍ତି। ବିଭାଗର ଅଧିକାରୀମାନେ ଜିଲାସ୍ତରରେ ହସ୍ତଶିଳ୍ପ ଯୋଜନାର କାର୍ଯ୍ୟକାରିତା ଉପରେ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ କାରିଗରଙ୍କ ସାମାଜିକ, ପାରିପାରିକ ତଥା ଆର୍ଥିକ ସ୍ଥିତି ଦୋହଲିଯାଉଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଏହା ଜଣାପଡ଼ିଛି।

ହସ୍ତଶିଳ୍ପୀ ଓ କାରିଗରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୧୨-୧୩ ଆର୍ଥିକ ବର୍ଷରେ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଏହା ଅଧୀନରେ ଥିବା ସମସ୍ତ ସଂସ୍ଥାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନକୁ ଅଣାଯାଇଥିଲା। ମାତ୍ର କ୍ଷେତ୍ରୀୟସ୍ତରରେ ଥିବା କାର୍ଯ୍ୟଧାରାଗୁଡ଼ିକ ଏପର୍ଯ୍ୟନ୍ତ ଏମ୍ଏସ୍ଏମ୍ଇ ବିଭାଗଠାରୁ ପୃଥକ୍ ହୋଇନାହିଁ। ଉଭୟ ହସ୍ତଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ଯୋଜନାଗୁଡ଼ିକ ଜିଲାସ୍ତରରେ ସମାନ କ୍ଷେତ୍ରୀୟ ଅଧିକାରୀ ତଥା ଡିଆଇସି, ଆର୍ଆଇସି ଓ ଜେନେରାଲ ମ୍ୟାନେଜରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଏମାନେ ସମସ୍ତେ ଏମ୍ଏସ୍ଏମ୍ଇ ବିଭାଗ ଅଧୀନରେ କାମ କରିବା ସହ ବିଭାଗର ମୁଖ୍ୟ କାର୍ଯ୍ୟକୁ କେବଳ ଗୁରୁତ୍ୱ ଦେଉଛନ୍ତି। ଫଳରେ ହସ୍ତଶିଳ୍ପ କ୍ଷେତ୍ରରେ ହେଉଥିବା କାର୍ଯ୍ୟର ନା ସମୀକ୍ଷା ହେଉଛି ନା ସେମାନେ କ'ଣ କରୁଛନ୍ତି ତାହାର ସୂଚନା ସରକାରଙ୍କ ନିକଟକୁ ଯାଉଛି। ଏଭଳିସ୍ଥଳେ ହସ୍ତଶିଳ୍ପୀ କାରିଗରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଦୀର୍ଘ ସମୟ ଧରି ପଡ଼ିରହୁଛି।

ଅନ୍ୟପକ୍ଷରେ ଜିଲାସ୍ତରରେ ଏବେ ବି ବହୁ ପଦପଦବୀ ଖାଲିପଡ଼ିଛି। ବିଶେଷକରି ଜିଲା କୁଟୀରଶିଳ୍ପ ଅଧିକାରୀ(ଡିସିଆଇଓ) ଏବଂ ଇଣ୍ଡଷ୍ଟ୍ରୀ ପ୍ରମୋଶନ ଅଫିସର(ଆଇପିଓ) ପଦବୀ ଫାଙ୍କା ପଡ଼ିଛି। କେବଳ ଏତିକି ନୁହେଁ, ସେରିକଲ୍‌ଚର ଏବଂ ଟେକ୍ସଟାଇଲ କ୍ୟାଡରରେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଜିଲାସ୍ତରରେ ହସ୍ତ ଓ କୁଟୀରଶିଳ୍ପ ପାଇଁ କୌଣସି କାର୍ଯ୍ୟାଳୟ ନ ଥିବାରୁ ସାଧାରଣ କାମ ପାଇଁ ଦୂର ଦୂରାନ୍ତରୁ ହସ୍ତଶିଳ୍ପୀଙ୍କୁ ଭୁବନେଶ୍ୱର ନିର୍ଦ୍ଦେଶାଳୟକୁ ଦୌଡ଼ିବା ସହ ଜିଲା ଶିଳ୍ପ କେନ୍ଦ୍ରର ସାହାଯ୍ୟ ନେବାକୁ ପଡୁଛି। ଏଭଳିସ୍ଥଳେ ରାଜ୍ୟ ସରକାର ତୁରନ୍ତ ଜିଲାସ୍ତରରେ ଏମ୍ଏସ୍ଏମ୍ଇ ବିଭାଗଠାରୁ ହସ୍ତଶିଳ୍ପକୁ ପୃଥକ୍ କରିବାକୁ ବିଧାନସଭା ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଏହାସହ ହସ୍ତଶିଳ୍ପ ବିଭାଗରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଦିଗରେ ପ୍ରାଥମିକତା ଦେବାକୁ କୁହାଯାଇଛି।

### ହୋଇପାରୁନି ହସ୍ତଶିଳ୍ପୀଙ୍କ ସର୍ଭେ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ରାଜ୍ୟରେ ଏବେ କେତେ ହସ୍ତଶିଳ୍ପୀ ଅଛନ୍ତି ତାହାର ନିର୍ଦ୍ଦିଷ୍ଟ ସଂଖ୍ୟା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ନା ସର୍ଭେ କରାଯାଉଛି ନା କାରିଗର ଚୟନ ପାଇଁ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ନୀତି ବା ଗାଇଡ୍‌ଲାଇନ୍ ଅଛି। ପୁଣି ଯେତିକି ଚୟନ ହୋଇଛନ୍ତି ତାହା ମନଇଚ୍ଛା କରାଯାଇଥିବାରୁ ପ୍ରକୃତ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟରେ ଯେତେଜଣ ନିର୍ଦ୍ଦେଶକ ଅଛନ୍ତି ସେମାନେ ଏମ୍ଏସ୍ଏମ୍ଇ ବିଭାଗର। ହସ୍ତଶିଳ୍ପ ସମ୍ପର୍କରେ ସେମାନଙ୍କର କୌଣସି ଅଭିଜ୍ଞତା ନ ଥିବାରୁ ଏସବୁକାର୍ଯ୍ୟ ଅନ୍ଧାରରେ ବାଡ଼ି ବୁଲାଇଲା ଭଳି ବୋଲି ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି କହିଛନ୍ତି। କେବଳ ଏତିକି ନୁହେଁ, ହସ୍ତଶିଳ୍ପୀଙ୍କୁ କଞ୍ଚାମାଲ୍ ଅଭାବ ସମସ୍ୟା ଏବେ ରାଜ୍ୟର ପ୍ରମୁଖ ସମସ୍ୟା ପାଲଟିଛି। ପଥରଶିଳ୍ପ ପାଇଁ ଆବଶ୍ୟକ ପଥର ମିଳୁନି। ରାସ୍ତାକାମରେ ସେମାନଙ୍କ ପଥର ଲାଗୁଥିଲେ ମଧ୍ୟ ଶିଳ୍ପୀମାନଙ୍କୁ ପଥର ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ମହାନ୍ତି କହିଛନ୍ତି।

### ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣନ୍ତିନି ଅଧିକାରୀ

ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟ ରଞ୍ଜନ କର କହିଛନ୍ତି, ବିଭାଗ ଭିନ୍ନ ହେଲେ ମଧ୍ୟ ଏମ୍ଏସ୍ଏମ୍ଇ ଅଧିକାରଙ୍କ ଦୟାରେ ହସ୍ତଶିଳ୍ପୀମାନଙ୍କୁ ବଞ୍ଚିବାକୁ ପଡୁଛି। ଡିଆଇସି ଓ ଆର୍ଆଇସି ଅଫିସରେ ଲାଞ୍ଚ ନ ଦେଲେ ଗରିବ କାରିଗରଙ୍କ କଥା ଶୁଣାଯାଉନି। କାର୍ଯ୍ୟାନୁଷ୍ଠାନର ଭୟ ନ ଥିବାରୁ ମନଇଚ୍ଛା କାମ କରାଯାଉଛି। ତେଣୁ ସରକାର ଯାହା ବି ଯୋଜନା କରନ୍ତି ତାହାର ସୁଫଳ କାରିଗରମାନେ ପାଇପାରୁନାହାନ୍ତି। ଏନେଇ ଆମେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ଲାଭ ମିଳିନି। ଏମ୍ଏସ୍ଏମ୍ଇ ବିଭାଗ ହିଁ ବୁଝିବେ କହି ଆମକୁ ଫେରାଇ ଦିଆଯାଇଛି ବୋଲି କର କହିଛନ୍ତି।

# ଭଜନ, ସଂକୀର୍ତ୍ତନରେ ଝଙ୍କୁରିତ ହେବ ସିଂହଦ୍ୱାର ସମ୍ମୁଖ

**ପୁରୀ ଅଫିସ, ୨୦।୭**

- ପ୍ରତି ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଧାତ୍ମିକ ପରିକ୍ରମା
- ରଙ୍ଗୋଲି, ଝୋଟି, ପେଣ୍ଟିଂ ବି ଦେଖିବାକୁ ମିଳିବ

ଶ୍ରୀମନ୍ଦିର କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପୀଠ। ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀ। ସିନ୍ଧୂରା ଫାଟିଲେ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଦ ପଡେ ବଡ଼ଦାଣ୍ଡରେ। ଏକମୁହାଁ ହୋଇ ସମସ୍ତେ ଛୁଟିଆନ୍ତି ସିଂହଦ୍ୱାର ଅଭିମୁଖେ। ସମସ୍ତଙ୍କ ମନରେ ଭକ୍ତି ଏବଂ ସମର୍ପଣର ଭାବ। ଦିନ ଆରମ୍ଭରୁ ମହାପ୍ରଭୁଙ୍କ ଦର୍ଶନ କରିବେ ଆଉ ଦୁର୍ଲଭ ମଙ୍ଗଳ ଆଳତି ବି ଦେଖିବେ। ଏମିତି ଭାବନା ନେଇ ପ୍ରତ୍ୟେକ ଦିନ ଦେଶର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଛୁଟିଆସନ୍ତି ବଡ଼ଦେଉଳକୁ। ସକାଳୁ ରାତି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଲାଗେ ଗହଳି ଚହଳି। ତେବେ ଶ୍ରଦ୍ଧାଳୁଙ୍କ ମନରେ ଥିବା ଭକ୍ତି ଓ ସମର୍ପଣ ଭାବକୁ ଆହୁରି ସୁଦୃଢ କରିବା ଲାଗି ଏଣିକି ନିଆରା ପଦକ୍ଷେପ ନେଇଛି ଜିଲା ପ୍ରଶାସନ। ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବ ଆଧାତ୍ମିକ ପରିକ୍ରମା। ଭଜନ, ସଂକୀର୍ତ୍ତନରେ ଉଚ୍ଛୁଳି ପଡ଼ିବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ। ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏହି କାର୍ଯ୍ୟକ୍ରମ ପ୍ରତି ରବିବାର ସକାଳ ୬ଟାରୁ ୮ଟା ଯାଏ ଚାଲିବ। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ମଧ୍ୟରେ ଦେଖିବାକୁ ମିଳିବ ଓଡ଼ିଶୀ, ସାହିଯାତ ଓ ଗୋଟିପୁଅ ନୃତ୍ୟ ସାଙ୍ଗକୁ ରଙ୍ଗୋଲି, ଝୋଟି ଆଉ ବିଭିନ୍ନ ପ୍ରକାର ପେଣ୍ଟିଂ। ବଡ଼ଦାଣ୍ଡରେ ସୃଷ୍ଟି ହେବ ଆଧାତ୍ମିକ ବାତାବରଣ। ରବିବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନପୂର୍ବକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଭକ୍ତ, ଯୁବ ଓ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇପାରିବେ। ଏହି ସମୟରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ବାଧା ନ ଉପୁଜେ ଏଥିପ୍ରତି ଧ୍ୟାନ ଦିଆଯିବ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ସହ ଭକ୍ତମାନଙ୍କ ଲାଗି ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯିବ।

ସୂଚନାଥାଉ କି, ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ୟାରିକେଡିଂ କରାଯାଇଛି। କୌଣସି ଉଠାଦୋକାନୀ କିମ୍ବା ଭିକାରିଙ୍କୁ ବସାଯାଉ ନ ଥିବାବେଳେ ଗାଡି ପାର୍କିଂ ଉପରେ ମଧ୍ୟ କଟକଣା ଲଗାଯାଇଛି। ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ପାଦରେ ଚାଲି ଚାଲି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଫେରୁଛନ୍ତି। ବ୍ୟାରିକେଡିଂ ହୋଇଥିବା ଏହି ଫାଙ୍କା ଜାଗାରେ ଏହିଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଲାଗି ସ୍ଥିର କରାଯାଇଛି।

# ୫ ଡେଙ୍ଗୁ ରୋଗୀ ଚିହ୍ନଟ

**କୋରାପୁଟ,୨୦।୭(ସ୍ୱ.ପ୍ର.)**

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଶନିବାର ୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ନବରଙ୍ଗପୁର ଜିଲାର ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୬ ଜଣ ଯୁବକ ରାଜୁ ହରିଜନ, କାହ୍ନୁ ହରିଜନ, ବିନୋଦ ହରିଜନ, ଲିଙ୍ଗରାଜ ହରିଜନ, ସୁରଜ ହରିଜନ, ସରୋଜ ହରିଜନ ଜ୍ୱରରେ ଗୁରୁତର ଥାଇ ଶୁକ୍ରବାର ରାତିରେ କୋରାପୁଟ ମେଡିକାଲ କଲେଜର ଭେଷଜ ଆନ୍ତଃୱାର୍ଡରେ ଭର୍ତ୍ତି ହୋଇଥିଲେ। ଏମାନଙ୍କୁ ଡେଙ୍ଗୁ ସନ୍ଦେହରେ କୋରାପୁଟ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଶନିବାର ସମସ୍ତଙ୍କର ରକ୍ତ ପରୀକ୍ଷା କରାଯାଇଥିଲା । ସେଥିରୁ ୫ ଜଣଙ୍କ ଡେଙ୍ଗୁ ପଜିଟିଭ ବାହାରିଥିବାବେଳେ ଜଣେ ଗୁରୁତର ରହିଥିବା ମେଡିକାଲ କଲେଜର ଡାକ୍ତର ସ୍ୱପ୍ନ ସରିତ ସାହୁ ସୂଚନା ଦେଇଛନ୍ତି।

### କିଛି ତଥ୍ୟ

ଉଡାନ୍ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୭୦୫ ରୁଟ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା ବେଳେ ୮ଟି ରୁଟ୍ କାର୍ଯ୍ୟକ୍ଷମ ହୋଇଛି।

**-ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**

# ନୟାଗଡ଼ରୁ ମହିପୁରକୁ ଗଡ଼ିଲା ରେଳଇଞ୍ଜିନ

**ନୟାଗଡ଼ ଅଫିସ/ନୂଆଗାଁ(ଡି.ଏନ.ଏ.), ୨୦।୭**

- ପରୀକ୍ଷାମୂଳକ ଭାବେ ୧୦୦ ସ୍ପିଡ୍‌ରେ ଫେରିଲା
- ୧୨ କି.ମି. ପାଇଁ ୨୫ ମାସ
- ୨୫ ତାରିଖରେ ଆସିବେ ସିଆରଏସ୍



ଇଞ୍ଜିନ ଚଳାଚଳ କରିବା ପାଇଁ ଅଧିକାରୀମାନେ ନଡ଼ିଆ ଭାଙ୍ଗୁଛନ୍ତି।

ନୟାଗଡ଼ ଟାଉନ ଷ୍ଟେଶନରୁ ନୂଆଗାଁ ବ୍ଲକ ମହିପୁର ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ଶନିବାର ଗଡ଼ିଛି ରେଳଇଞ୍ଜିନ। ଟାଉନ ଷ୍ଟେଶନରୁ ମହିପୁର ୧୨ କି.ମି. ପାଇଁ ଲାଗିଛି ୨୫ ମାସ । ୨୦୧୭ ଜୁନ୍ ୧୯ରେ ନୟାଗଡ଼ ଟାଉନ ଷ୍ଟେଶନକୁ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ଏକ ବର୍ଷ ଭିତରେ ନୟାଗଡ଼ରୁ ମହିପୁରକୁ ରେଳ ଚଳାଚଳ କରାଯିବ ବୋଲି ପ୍ରକାଶ କରାଯାଇଥିଲା। ହେଲେ ୨ବର୍ଷ ପରେ ମଧ୍ୟ ତାହା ସମ୍ଭବ ହେଲା ନାହିଁ। ଶନିବାର ରେଳ ଇଞ୍ଜିନ ଗଡ଼ିବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଫଳରେ ମହିପୁରକୁ ରେଳ ଗଡ଼ିବ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି।

ରେଳ ବିଭାଗର ଅଧିକାରୀମାନେ ପରୀକ୍ଷାମୂଳକ ଭାବେ ଏହି ରେଳଇଞ୍ଜିନ ଗଡ଼ାଇଛନ୍ତି। ନୟାଗଡ଼ ଟାଉନ ଷ୍ଟେଶନରୁ ମଧ୍ୟାହ୍ନ ୧୨ଟା ୧୫ରେ ଏହି ଇଞ୍ଜିନ ୫୦ରୁ ୬୦ ସ୍ପିଡ୍‌ରେ ଗଡ଼ି ୧୨ଟା ୪୦ରେ ମହିପୁର ଷ୍ଟେଶନଠାରେ ପହଞ୍ଚିଥିଲା। ଏହା ପରେ ୧୦୦ରୁ ୧୧୦ ସ୍ପିଡ୍‌ରେ ମହିପୁରରୁ ନୟାଗଡ଼କୁ ଆସିଥିଲା। ମାତ୍ର ୧୫ ମିନିଟରେ ମହିପୁରରୁ ବାହାରି ନୟାଗଡ଼ ଟାଉନ ଷ୍ଟେଶନରେ ପହଞ୍ଚିଥିଲା। ସବୁ କିଛି ଠିକ୍‌ଠାକ୍ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଆସନ୍ତା ୨୫ ତାରିଖରେ କମିଶନର ଅଫ୍ ରେଲୱେ ସେଫ୍‌ଟି (ସିଆରଏସ୍) ଆସିବେ। ସେ ସାର୍ଟିଫିକେଟ ପ୍ରଦାନ କଲେ ମହିପୁରକୁ ପ୍ରତିଦିନ ରେଳ ଚଳାଚଳ ହେବ। ଖୁବ୍‌ଶୀଘ୍ର ମହିପୁରକୁ ଟ୍ରେନ୍ ଚଳାଚଳ କରିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ଇଷ୍ଟକୋଷ୍ଟ ରେଲୱେର ଡେପୁଟି ଚିଫ୍ ଇଞ୍ଜିନିୟର ତତ୍ତ୍ୱଦର୍ଶୀ ସାହୁ, ସହକାରୀ ଯନ୍ତ୍ରୀ ପି.ଆର. ପାଣିଗ୍ରାହୀ, ଏସ୍. ମିଶ୍ର, ମଣ୍ଡଳ ପରିବହନ ନିରୀକ୍ଷକ ପି. ଦଣ୍ଡସେନା ପ୍ରମୁଖ ଆସି ତଦାରଖ କରିଥିଲେ। ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ସଞ୍ଜୟ ପ୍ରଧାନ ଓ ଷ୍ଟେଶନ ମାଷ୍ଟର ଏସ୍. କେ. ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୧ ମେ ୨୦୧୭ରେ ନୟାଗଡ଼ ଟାଉନ ଷ୍ଟେଶନକୁ ପରୀକ୍ଷାମୂଳକ ଭାବେ ରେଳଇଞ୍ଜିନ ଗଡ଼ିଥିଲା। ପରେ ଜୁନ୍ ୬ ତାରିଖରେ ବୋଲଗଡ଼ ଷ୍ଟେଶନ୍‌ରୁ ନୟାଗଡ଼ ଟାଉନ ଷ୍ଟେଶନକୁ ୧୧୦ ସ୍ପିଡ୍‌ରେ ୧୨ ବଗି ବିଶିଷ୍ଟ ପାସେଞ୍ଜର ଟ୍ରେନର ଟ୍ରାଏଲ ରନ୍ ହୋଇଥିଲା। ଜୁନ୍ ୧୯ ତାରିଖରେ ରେଳ ମାନଚିତ୍ରରେ ନୟାଗଡ଼ ସାମିଲ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଖାଇଗଲେ...

୪୮୦ ଚାଷୀଙ୍କୁ ୨୪୦୦ ମହୁବାକ୍ସ ପ୍ରଦାନ କରାଯାଇଥିବା କୁହାଯାଉଛି। ତେବେ ଯେଉଁ ବାକ୍ସ ପ୍ରଦାନ କରାଯାଇଛି ସେଗୁଡ଼ିକର ମୂଲ୍ୟ ବାକ୍ସ ପିଛା ୧ ହଜାର ଟଙ୍କା ହେବା କଥା। ମାତ୍ର ଏହାକୁ ୩୦ ହଜାର ଟଙ୍କାରେ କିଣାଯାଇଥିବା ଦର୍ଶାଯାଇଛି। ତାଲିମ ଦେବା ନାଁରେ ମିଛ ଚାଷୀଙ୍କ ନାମରେ ବିଲ୍ କରାଯାଇଛି। ଏହାଛଡ଼ା ବୋର୍ଡରେ କଡା ଆଦି ଜିନିଷପତ୍ର ଗତ ୩ ବର୍ଷରେ ୩ କୋଟି ୫୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ୮୬ କୋଟି ଟଙ୍କା ଅନୁଦାନ ପାଇଥିବାବେଳେ ମାତ୍ର ୩ .୫୮ କୋଟି ଟଙ୍କାର ବିକ୍ରି ହୋଇଛି। ଏଥିରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି ବୋଲି ପ୍ରଦୀପ୍ତ କହିଥିଲେ। କେବଳ ସେତିକି ନୁହେଁ, କିଛି ବେନାମୀ ବିଜ୍ଞାପନ ସଂସ୍ଥା ଏବଂ କନସଲଟାନ୍ସି କମ୍ପାନୀ ନାଁରେ ବିଲ୍ କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି। ରାଜ୍ୟ ସରକାର ଯେଉଁ ରାଜନେତାମାନଙ୍କୁ ବୋର୍ଡରେ ଥଇଥାନ କରିଛନ୍ତି ସେମାନେ ଚାଷୀଙ୍କୁ ସହାୟତା ଦେବା ବଦଳରେ କୋଟି କୋଟି ଟଙ୍କା ହଡ଼ପ କରୁଛନ୍ତି। ମହୁବାକ୍ସ କେଉଁଠୁ କିଣାଗଲା, କେଉଁ ଜିଲାର କେଉଁ ଚାଷୀଙ୍କୁ ଦିଆଯାଇଛି ସେଗୁଡିକର ତାଲିକା ଗୃହରେ ଉପସ୍ଥାପନ କରାଯାଉ।

ନିଜ ପାଣ୍ଠି ବଢ଼ାଇବା ପାଇଁ ଏହି ଅର୍ଥକୁ ଆତ୍ମସାତ୍ କରାଯାଇଛି। ଯଦି ଏଭଳି ହୁଏ ତା'ହେଲେ ରାଜ୍ୟର ଭାଗ୍ୟ କ'ଣ ହେବ ବୋଲି ସେ କହିଛନ୍ତି। ଏ ସମସ୍ତ ଘଟଣା ବିଷୟରେ ବିଭାଗୀୟ ମନ୍ତ୍ରୀ ଗୃହରେ ବିବୃତି ଦିଅନ୍ତୁ। ଏହି ମହାଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପ୍ରଦୀପ୍ତ ଦାବି କରିଛନ୍ତି।

ଭାଜପା ଦୁର୍ନୀତି ପ୍ରସଙ୍ଗ ନେଇ ସରକାରଙ୍କୁ ଘେରୁଥିବା ବେଳେ କଂଗ୍ରେସ ମଧ୍ୟ ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲା। ଶୂନ୍ୟ କାଳରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ହେଉଥିବା ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ସେ କହିଥିଲେ ଯେ, ରାଜ୍ୟରେ ସରକାର ଅଚଳ ହୋଇଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିଲେ ମଧ୍ୟ ସେଗୁଡ଼ିକର ଅଡିଟ୍ କରାଯାଉ ନାହିଁ। ଗତ ୨୦ ବର୍ଷ ହେବ ବିଶ୍ୱବିଦ୍ୟାଳୟଗୁଡିକ ନେଉଥିବା ଅନୁଦାନର କୌଣସି ହିସାବ ନାହିଁ। ଓଡ଼ିଶା ୟୁନିଭର୍ସିଟି ଆକ୍ଟ- ୧୯୮୯ର ସେକ୍ସନ୍ ୨୩ ଅନୁଯାୟୀ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟକୁ ଦିଆଯାଉଥିବା ଅନୁଦାନର ଅଡିଟ୍ ହେବା କଥା। ରାଜ୍ୟ ସରକାରଙ୍କ ଲୋକାଲ ଫଣ୍ଡ୍ ଅଡିଟ୍ କରାଯିବା ବ୍ୟବସ୍ଥା ରହିଛି। ଏଥିସହିତ ଏହି ଅଡିଟ୍ ରିପୋର୍ଟକୁ ଗୃହରେ ଉପସ୍ଥାପନ କରାଯିବା କଥା। ପ୍ରତିବର୍ଷ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେଉଛି। ମାତ୍ର ଲୋକାଲ ଫଣ୍ଡ୍ ଅଡିଟ ରିପୋର୍ଟ ଗତ ୨୦ ବର୍ଷ ହେବ ଉପସ୍ଥାପିତ ହୋଇନାହିଁ। ବିଶ୍ୱବିଦ୍ୟାଳୟଗୁଡିକର ଅଡିଟ୍ କରାଇବା ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଦାୟିତ୍ୱ। ବିଭାଗୀୟ ସଚିବ ଏହାକୁ ଦେଖିବା କଥା। ଏଥିରେ ସମସ୍ତେ ସମ୍ପୃକ୍ତ ଅଛନ୍ତି। ଗୃହରେ ମନ୍ତ୍ରୀମାନେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ବିଧାନସଭା ଗବେଷଣା ୟୁନିଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡିକର କୌଣସି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ। ଅନେକ ଘରୋଇ ବିଶ୍ୱବିଦ୍ୟାଳୟ ମାଗଣାରେ ଜମିନେଇ ଶିକ୍ଷା ବ୍ୟବସାୟ କରୁଛନ୍ତି। ଗୃହ ମୁଲତବୀ ରଖି ଏ ବିଷୟରେ ଆଲୋଚନା କରାଯାଉ। କେବଳ ଶିକ୍ଷା ବିଭାଗ ନୁହେଁ ଆହୁରି ଅନେକ ବିଭାଗରେ ଏଭଳି ଦୁର୍ନୀତି ହେଉଛି। ବାଚସ୍ପତି ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ଡାକି ଏହା ଉପରେ ଆଲୋଚନା କରନ୍ତୁ। ସର୍ବସାଧାରଣଙ୍କ ଅର୍ଥକୁ ଏଭଳି ହରିଲୁଟ୍ କରା ନ ଯାଉ ବୋଲି ନରସିଂହ କହିଥିଲେ। ବାଚସ୍ପତି କହିଥିଲେ, ଏହି ଘଟଣାର ପରୀକ୍ଷାନିରୀକ୍ଷା କରାଯିବା ପରେ ପଦକ୍ଷେପ ନିଆଯିବ। ମାତ୍ର କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ୨୦ ବର୍ଷର ଦୁର୍ନୀତି ସରକାର ମାନିନିଅ ମାନିନିଅ... ଅଡିଟ୍ ରିପୋର୍ଟ ଦେବା ଆମର ଦାବି ଆମର ଦାବି... ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ପ୍ରବଳ ପାଟିତୁଣ୍ଡ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୫୫ରୁ ୧୨ଟା ୫୦ ଏବଂ ୧୨ଟା ୫୨ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଏଥିସହିତ ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ, ବିରୋଧୀ ଦଳ ନେତା, ଅର୍ଥମନ୍ତ୍ରୀ, କଂଗ୍ରେସ ଦଳ ନେତା, ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ନିଜ ଚାମ୍ବରକୁ ଡାକିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଏକାଦଶସ୍ଥ ଚନ୍ଦ୍ର ଆପଣଙ୍କ ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ, କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ, କିନ୍ତୁ ବକେୟା ଋଣ ପରିଶୋଧ କରି ପାରିବେନି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ।

**ବୃଷ**
ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ସତର୍କ ରହିବା କାରଣରୁ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟକରିବା ସକାଶେ ହଠାତ୍ ମୋଟା ଅଙ୍କର ଆବଶ୍ୟକତା ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ**
ବିବାଦୀୟ ପରିସ୍ଥିତି ଲାଗି ରହିବା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବାକୁ ପଡ଼ିପାରେ। ନିର୍ମାଣମୂଳକ କାର୍ଯ୍ୟ ସୁବିଧାରେ ହାସଲ କରିବା ପାଇଁ କଷ୍ଟକର ହୋଇପଡ଼ିବ।

**କର୍କଟ**
ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷାକରି ଚିନ୍ତିତ ରହିପାରନ୍ତି।

**ସିଂହ**
ପୂର୍ବ ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ଉଦ୍ଦେଶ୍ୟ ପ୍ରଣୋଦିତ ବନ୍ଧୁମାନଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା କ୍ଷେତ୍ରରେ ମାନସିକ ଅବସାଦ ଲାଗି ରହିବ।

**କନ୍ୟା**
ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପଡ଼ୋଶୀଙ୍କ ମୂଲ୍ୟହୀନ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ଚେଷ୍ଟାକଲେ ଅବଶ୍ୟ ଉପକୃତ ହେବେ।

**ତୁଳା**
ଆଜି ଆପଣଙ୍କ ସକାଶେ କୌଣସି କାମ ଅସାଧ ରହିବ ନାହିଁ। କିନ୍ତୁ ଭୁଲ୍ ବୁଝାମଣାଜନିତ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଈର୍ଷାପରାୟଣ ହୋଇ ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା**
ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ଆପଣ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର**
ପାରସ୍ପରିକ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ। ଆର୍ଥିକ ପରିସ୍ଥିତି ପୂର୍ବପରି ରହିବା ହେତୁ ମାନସିକ ସ୍ଥିତି ବିଗିଡ଼ିଯିବ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ଅସ୍ଥିରତା ଜନିତ ମାନସିକ ସ୍ଥିରତା ରକ୍ଷାକରିବା କଷ୍ଟକର ହୋଇପାରେ। ବିଭିନ୍ନ ପୁରାତନ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ଅଫିସ୍‌ରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ତର୍କର ସମ୍ଭାବନା ରହିଛି।

**ମୀନ**
ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଅଂଶୀଦାର ବ୍ୟବସାୟୀଙ୍କ ସହ ତର୍କବିତର୍କ ହେତୁକ ମନ ସାମୟିକ ଭଲ ରହି ନ ପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ରବିବାର, ଜୁଲାଇ ୨୧ ତାରିଖ, ରାଶି ନକ୍ଷତ୍ର, ଦିବା ଘ୮।୦୮ମି. ପରେ ପୂର୍ବଭାଦ୍ରପଦ୍/କୁମ୍ଭ, ଧନୁ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ୫ମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୪୬ମି. ଗତେ ଘ୬।୨୫ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଜୁଲାଇ ୨୧/୨୦୧୯



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



**ସଂକ୍ଷେପରେ**

## ୨୨ରୁ ଜି ସାର୍ଥକ ରେ 'ସୌଭାଗ୍ୟବତୀ'

ଭୁବନେଶ୍ୱର, ୨୦।୭(ବ୍ୟୁରୋ): ମନୋରଞ୍ଜନ ଯୋଗାଉଥିବା ଜି ସାର୍ଥକ ଆଉ ଏକ ଏକ ନୂଆ ମେଗା ଧାରାବାହିକ ଆରମ୍ଭ କରିବାକୁ ଯାଉଛି। ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଧାରାବାହିକର ନାମ ହେଉଛି 'ସୌଭାଗ୍ୟବତୀ'। ସପ୍ତାହରେ ପ୍ରତି ସୋମବାରରୁ ଶନିବାର ରାତି ୯ଟାରେ ଏହାର ପ୍ରସାରଣ ହେବ। ଦୁର୍ଭାଗ୍ୟର ସିକୁଳିରେ ବନ୍ଧା ସମ୍ପର୍କର ସମାହାରକୁ ମୁକୁଳାଇବା ପାଇଁ




ସୌଭାଗ୍ୟ ନେଇ ଆସିଥିବା ସ୍ତ୍ରୀର କାହାଣୀ ହେଉଛି 'ସୌଭାଗ୍ୟବତୀ'। ଏଥିରେ ନାୟିକା ଭୂମିକାରେ ଦେବସ୍ମିତା ଥିବାବେଳେ ନାୟକ ଭୂମିକାରେ ଆଶିଷ ରହିଛନ୍ତି। ଶିଶୁ କଳାକାର ପ୍ରସିଦ୍ଧିଙ୍କୁ ଏଥିରେ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଅଶ୍ରୁମୋଚନ, ଜର୍ଜ ତିଆଡ଼ି, ଇଶା, ବିରାଜ ଦାସ, ପିଙ୍କି, ସ୍ମରଣିକା ମଧ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। 'ଓମ୍ ସାଇ ପ୍ରଡ଼କ୍ସନ' ବ୍ୟାନରରେ ବରିଷ୍ଠ ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା ଏହି ଧାରାବାହିକରରେ ପ୍ରଯୋଜନା କରିଛନ୍ତି। ଏହି ଧାରାବାହିକଟି ମନୋରମ କାହାଣୀ ଏବଂ ଏହା ପ୍ରସାରଣ ହେବା ପରେ ଓଡ଼ିଆ ପରିବାରର ପ୍ରତିବିମ୍ବ ଏହାକୁ ଜନାଦୃତ କରିବ ବୋଲି ଜି ସାର୍ଥକ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି।



■ ବିରୋଧୀ ଦଳ ମୁଖ୍ୟ ସଚେତକଙ୍କୁ ଦୁର୍ବ୍ୟବହାର ଘଟଣା

## ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ପଡ଼ିଲା କଳିଙ୍ଗ ହସ୍ପିଟାଲ

■ **ଅନ୍ୟ ହସ୍ପିଟାଲରେ ତଦନ୍ତ କରିବାକୁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟ ସରକାର ରାଜଧାନୀରେ ଥିବା ଘରୋଇ ହସ୍ପିଟାଲ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରୋଗୀଙ୍କ ସମ୍ପର୍କୀୟଙ୍କୁ ହଇରାଣ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝିଙ୍କୁ ଦୁର୍ବ୍ୟବହାର କରିବା କଳିଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ମହଙ୍ଗା ପଡ଼ିଛି । ଏହି ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ହସ୍ପିଟାଲକୁ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍) ତାଲିକାରୁ ବାଦ୍ ଦିଆଯାଇଛି। ଏଥିନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବିଧାନସଭାରେ ସୂଚନା ଦେଇଛନ୍ତି। ସେହିଭଳି ଅନ୍ୟ ସମସ୍ତ ଘରୋଇ ହସ୍ପିଟାଲ, ଯେଉଁମାନେ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ତାଲିକାଭୁକ୍ତ ହୋଇଛନ୍ତି, ସେମାନଙ୍କୁ ଓଏସ୍‌ଟିଏଫ୍ ଗାଇଡ୍‌ଲାଇନ୍ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦିନରେ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅନ୍ୟ ହସ୍ପିଟାଲରେ ତଦନ୍ତ ପାଇଁ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନବ କହିଥିଲେ।

ସୂଚନାଯୋଗ୍ୟ, କଳିଙ୍ଗ ହସ୍ପିଟାଲରେ ସମସ୍ତ ଚିକିତ୍ସା ଖର୍ଚ୍ଚ ପଇଠ ନ କରିବାରୁ ଜନୈକ ବ୍ୟକ୍ତିଙ୍କର ମୃତଦେହକୁ ଛଡ଼ାଯାଇ ନ ଥିଲା। ଏ ନେଇ ମୋହନ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତାଙ୍କୁ କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିବା ସହ ଧମକଚମକ ଦେଇଥିଲେ ବୋଲି ସେ ବିଧାନସଭାରେ ଅଭିଯୋଗ କରିଥିଲେ। ଏଥିସହ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ। ଘଟଣାର ତଦନ୍ତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ୪ଜଣିଆ କମିଟି ଗଠନ କରାଯାଇଥିଲା। ତଦନ୍ତ କମିଟି ରିପୋର୍ଟ ଦେବା ପରେ ଜୁଲାଇ ୧୯ ତାରିଖରୁ କଳିଙ୍ଗ ହସ୍ପିଟାଲକୁ ଓଏସ୍‌ଟିଏଫ୍ ତାଲିକାରୁ ବାଦ୍ ଦିଆଯାଇଛି।

## ରେଳ ଧାରଣାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ବାମରା, ୨୦।୭ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ସୀମାବର୍ତ୍ତୀ ତଥା ସୁନ୍ଦରଗଡ ଜିଲା ଧାରୁଆଡିହି-ବାମରା ରେଳ ଷ୍ଟେଶନ ମଝି ରାବଣଡିହି ପାଖରୁ ରେଳ ଧାରଣାରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ଜଣକ ହେଲେ ଧାରୁଆଡିହି ଥାନା ଅନ୍ତର୍ଗତ ଗୋଏଲଝୁମ୍ପା ଗ୍ରାମର କ୍ଷେତ୍ର କିସାନଙ୍କ ଝିଅ ସୁକାନ୍ତି କିସାନ (୨୪)। ଶୁକ୍ରବାର ସକାଳେ ରାବଣଡିହି ଗ୍ରାମ ରେଳ ଲାଇନରେ ଏକ ମୃତଦେହ ପଡ଼ିଥିବା ନେଇ ଖବର ପାଇବା ପରେ ବାମରା ଜିଆରପି ଫାଣ୍ଡି ଅଧିକାରୀ ତିନ୍ତୁସ ହରୋ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୧୯) ରୁଜୁ ହୋଇଛି। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜିଆରପି ପୋଲିସ କହିଛି। ତେବେ ଯୁବତୀ ଜଣକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## କ୍ଷିତୀଭୂଷଣ ଦାସ ହେଲେ ଇଗ୍ନୋର ପ୍ରୋ-ଭାଇସ ଚାନ୍ସେଲର

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରଫେସର କ୍ଷିତୀଭୂଷଣ ଦାସଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ନୂଆଦିଲ୍ଲୀର ପ୍ରୋ-ଭାଇସ ଚାନ୍ସେଲର ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଫେସର ଦାସ ବର୍ତ୍ତମାନ ଇଣ୍ଡିଆନ୍ କାଉନସିଲ ଅଫ୍ ସୋସିଆଲ ସାଇନ୍ସ (ଆଇସିଏସ୍‌ଏସ୍‌ଆର୍)ର ନ୍ୟାଶନାଲ ଫେଲୋ ଅଛନ୍ତି। ଏଥିସହିତ ନ୍ୟାଶନାଲ କାଉନସିଲ୍ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ)ର ଇଷ୍ଟର୍ନ ରିଜିଓନାଲ କମିଟିର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ସେ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରାଧ୍ୟାପକ, ବିଭାଗୀୟ ମୁଖ୍ୟ ଥିଲେ। ସେହିପରି କୁଳସଚିବ, ନିର୍ଦ୍ଦେଶକ ଭାବେ ମଧ୍ୟ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ତୁଲାଇଛନ୍ତି। ପ୍ରଫେସର ଦାସ ୟୁନିଭର୍ସିଟି ଅଫ୍ ମରିସିୟସରେ ଅତିଥି ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିବା ସହିତ ଜାପାନ, ୟୁକେ, ଫ୍ରାନ୍ସରେ ନିମନ୍ତ୍ରିତ ବକ୍ତା ଭାବେ ଯୋଗଦେଇଛନ୍ତି। ଜଣେ ଗବେଷକ ଭାବେ ତାଙ୍କର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ଅନେକ ପ୍ରବନ୍ଧ ପ୍ରକାଶିତ ହୋଇଛି।



**ଜିଲା ଚିଠି କଳାହାଣ୍ଡି**

## ବନ୍ୟା ମୁକାବିଲା

ମୌସୁମୀ ଆଉ ଆଗଭଳି ଠିକଣା ଗତିରେ ଆସୁନାହିଁ। ସାଧାରଣତଃ ଲଘୁଚାପଜନିତ ବର୍ଷା ହିଁ ହେଉଛି। ଲଘୁଚାପଜନିତ ଲଗାଣ ବର୍ଷା ବି ଆମ କର୍ତ୍ତୃତ୍ୱ ବାହାରେ। ଅନିୟମିତ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଯାହାକୁ ଫ୍ଲାଶ୍ ଫ୍ଲଡ ବୋଲି କୁହାଯାଏ। କଳାହାଣ୍ଡି ଜିଲା ସେଥିରୁ ବାଦ୍ ପଡିନାହିଁ। ବର୍ଷାଋତୁ ଆସିବା ପୂର୍ବରୁ ପ୍ରତି ଜିଲାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ କରାଯାଇଥାଏ। ବନ୍ୟାପ୍ରବଣ ଅଞ୍ଚଳରେ ବର୍ଷା ପୂର୍ବରୁ ଖାଦ୍ୟଶସ୍ୟ, କିରୋସିନ, ଔଷଧ ପତ୍ର ଆଦି ମହଜୁଦ କରି ରଖାଯାଏ। ଭାଙ୍ଗି ଯାଇଥିବା ନଦୀବନ୍ଧ, ରାସ୍ତାଘାଟ ଆଦି ମରାମତି କରାଯାଏ। ବନ୍ୟାପ୍ରବଣ ଅଞ୍ଚଳରେ ପାୱାର ବୋଟ୍, କଟର ମେଶିନ, ତାରପୋଲିନ ଆଦି ଆଗୁଆ ବ୍ୟବସ୍ଥା କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି କରାଇଥାଏ। ଏକଦା ମରୁଡ଼ିପ୍ରବଣ ଜିଲା ଭାବେ ଖ୍ୟାତ କଳାହାଣ୍ଡି ଜିଲା ଏବେ ବନ୍ୟାପ୍ରବଣ ଜିଲା ହୋଇଛି। ଗତ ଦୁଇ ଦଶନ୍ଧି ହେଲା ପ୍ରାୟ ପ୍ରତିବର୍ଷ କଳାହାଣ୍ଡିରେ ଫ୍ଲାଶ୍ ଫ୍ଲଡ ହେଉଛି। କଳାହାଣ୍ଡିର ଜୀବନରେଖା କୁହାଯାଉଥିବା ଇନ୍ଦ୍ରାବତୀ ଯୋଗୁ କଳାହାଣ୍ଡି ଆଜି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାମାନ୍ୟତା ପାଇଛି। ଅନ୍ୟପକ୍ଷେ ଏହା କଳାହାଣ୍ଡିରେ ବନ୍ୟା ପରିସ୍ଥିତିକୁ ଜଟିଳ କରିଛି। ଇନ୍ଦ୍ରାବତୀ ପାୱାର ହାଉସରୁ ବିଦ୍ୟୁତ୍ ଉତ୍ପାଦନ ଦ୍ୱାରା ନିର୍ଗତ ଜଳ ପାୱାର ଚ୍ୟାନେଲ ଦ୍ୱାରା ମଙ୍ଗଳପୁର ବ୍ୟାରେଜକୁ ଛଡାଯାଉଛି। ମଙ୍ଗଳପୁର ବ୍ୟାରେଜରୁ ବାମ ଓ ଦକ୍ଷିଣ କେନାଲ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯାଉଛି। ତେବେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଉତ୍ପାଦନ ଚାଲୁ ରଖାଯାଉଥିବାରୁ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇପଡୁଛି। ମଙ୍ଗଳପୁର ବ୍ୟାରେଜର ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗେଟ ଖୋଲାଯାଇ ବନ୍ୟାଜଳ ହାତୀନଦୀରେ ଛଡାଯାଉଛି। ଏହା ମଣିଷକୃତ ବନ୍ୟା। ଠିକ୍ ସମୟରେ ଆଗୁଆ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଗଲେ ବନ୍ୟାଜଳ ହ୍ରାସ ପାଇପାରନ୍ତା। କଳାହାଣ୍ଡି ଜିଲା ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ପ୍ରତିବର୍ଷ ଅଧିକା ବର୍ଷା ହୋଇଥାଏ। ଲଘୁଚାପଜନିତ ଲଗାଣ ବର୍ଷା ହେଲେ ଉକ୍ତ ଦୁଇ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥାଏ। ଜିଲାର ପ୍ରତ୍ୟେକ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ରିଲିଫ୍ ସାମଗ୍ରୀ, ପଲିଥିନ ଆଦି ମହଜୁଦ ରଖାଯାଇଥାଏ। କିନ୍ତୁ ଥୁ.ରାମପୁର ଓ ଲାଞ୍ଜିଗଡ ବ୍ଲକରେ ଫ୍ଲାଶ୍ ଫ୍ଲଡ ହେଲେ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗମନାଗମନ ବ୍ୟାହତ ହେଉଥିବାରୁ ଉଦ୍ଧାର କାର୍ଯ୍ୟ କିମ୍ବା ରିଲିଫ୍ ସାମଗ୍ରୀ ପହଞ୍ଚାଇବା ମୁସ୍କିଲ ହୋଇପଡୁଛି। ଜିଲାର ସମସ୍ତ ୧୩ଟି ବ୍ଲକରେ ଅଗ୍ନିଶମ ୟୁନିଟ ରହିଛି। ଅଗ୍ନିଶମ ବିଭାଗର ୧୧ଟି ପାୱାରବୋଟ୍ ଅଛି, ଯାହାକି ବନ୍ୟାପ୍ରବଣ ଜୁନାଗଡ ଓ ଜୟପାଟଣା ବ୍ଲକରେ ୨ଟି ଲେଖାଏ ପାୱାରବୋଟ ରଖାଯାଇଥିବା ବେଳେ ଅନ୍ୟ ୭ଟି ବ୍ଲକରେ ଗୋଟିଏ ଲେଖାଏ ପାୱାର ବୋଟ୍ ରଖାଯାଇଛି। ତେଣୁ ଉକ୍ତ ୪ଟି ବ୍ଲକ ପାଇଁ ଅଧିକ ପାୱାରବୋଟର ଆବଶ୍ୟକତା ରହିଛି। ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ରୋକିପାରିବା ନାହିଁ। କିନ୍ତୁ ଆଗୁଆ ପ୍ରସ୍ତୁତି ଓ ଠିକଣା ସମୟରେ ଉଚିତ ପଦକ୍ଷେପ ଦ୍ୱାରା ଆମେ ଏହାର ସଫଳ ମୁକାବିଲା କରିପାରିବା। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରସ୍ତୁତି ଦରକାର ତାହା କେବଳ ବୈଠକରେ ସୀମିତ ରହୁଛି। ଅନ୍ୟପକ୍ଷେ ସରକାରଙ୍କ ଉପରେ ସବୁ ଦାୟିତ୍ୱ ଛାଡି ନ ଦେଇ ଜନସାଧାରଣ ମଧ୍ୟ ନିଜ ସୁରକ୍ଷା କଥା ଚିନ୍ତାକରିବା ଉଚିତ୍। ପ୍ରତି ବ୍ଲକର ଲୋକମାନେ ହାତରେ ହାତ ମିଳାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଆଗେଇ ଆସିବା ଦରକାର।

– ସଞ୍ଜୀବ କୁମାର ଜୋଷୀ

## ରାସ୍ତା କାମ କଲେ ବିଧାୟକ

ପାପଡାହାଣ୍ଡି,୨୦।୭(ଡି.ଏନ.ଏ)

ରାସ୍ତାରେ ପଡି ରହିଥିଲା ମୋରମ ଗଦା। ଯାତାୟାତରେ ସମସ୍ୟା ହେଉଥିଲା। ଲୋକଙ୍କ ଅସନ୍ତୋଷ ପରେ ବି ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନଥିଲା । ଶେଷରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନିଜ ହାତରେ କୋଡ଼ି ଧରି ମୋରମ ସମତୁଲ କରିଥିଲେ। ବିଧାୟକଙ୍କ ଏପରି ରାସ୍ତା କାମ କରିବାକୁ ନେଇ ସାଧାରଣରେ ପ୍ରଶଂସା କରାଯାଇଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ଠାରୁ ଜବାଗୁଡା ମାଟି ରାସ୍ତାରେ ଦୀର୍ଘ ଦିନ ହେଲା ମୋରମ ଗଦା ହୋଇ ପଡିଥିଲା। ଶନିବାର ବିଧାୟକ ଏହି ରାସ୍ତାରେ ଯାଉଥିବା ବେଳେ ଏହା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ । ଦୀର୍ଘ ଦିନ ହେଲା ଏପରି ମୋରମ ଗଦା ହୋଇଥିବା ଲୋକଙ୍କ ଠାରୁ ଜାଣିବାକୁ ପାଇଥିଲେ। ବିଧାୟକ ଭାବେ ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ନୂତନ ଭାବେ ନିର୍ବାଚିତ ହେବା ପରେ ସେ ଏହି ଅଞ୍ଚଳ ଗସ୍ତ କରିଥିଲେ। ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ନିଜେ ରାସ୍ତା ଉପରୁ କିଛି ମୋରମକୁ କୋଡ଼ିରେ କାଢି ସମତୁଲ କରିଥିଲେ ।





ନୂଆଦିଲ୍ଲୀରେ ଶନିବାର ବର୍ଷା ହେଉଥିବାବେଳେ ନିର୍ମାଣ ପାଇଁ ଉଦ୍ଦିଷ୍ଟ ହ୍ୟୁମ୍ ପାଇପ୍‌ରେ ବସି ଖାଉଛନ୍ତି ଜଣେ ଯୁବକ ।

## ୩ ବିଭାଗ ପାଇଁ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

୨୦୧୯-୨୦ ଆର୍ଥିକବର୍ଷ ପାଇଁ ବିଧାନସଭାରେ ୩ ପ୍ରମୁଖ ବିଭାଗୀୟ ଖର୍ଚ୍ଚଦାବି ଶନିବାର ଗୃହୀତ ହୋଇଯାଇଛି। ଏହି ବିଭାଗଗୁଡିକ ହେଉଛି-ଖଣି ଓ ଇସ୍ପାତ, ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ। ଖଣି ଓ ଇସ୍ପାତ ବିଭାଗ ପାଇଁ ଚଳିତ ଆର୍ଥିକବର୍ଷରେ ବ୍ୟୟବରାଦର ପରିମାଣ ୧୨୨.୮ କୋଟି ଟଙ୍କା ରହିଛି। ସେହିପରି ଶିଳ୍ପ ବିଭାଗୀୟ ବ୍ୟୟବରାଦର ପରିମାଣ ୨୬୨,୨୫,୧୩,୦୦୦ ଟଙ୍କା ରଖାଯାଇଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ସରକାରଙ୍କ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୧୯୩,୪୭,୦୭,୦୦୦ ଟଙ୍କା ରହିଛି। ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ବିଭାଗ ପକ୍ଷରୁ ଇ-ପ୍ରଶାସନ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସମନ୍ୱିତ ଖଣି ଓ ଖଣିଜ ଦ୍ରବ୍ୟ ପରିଚାଳନା ନୀତି ଗ୍ରହଣ କରାଯାଇଛି। ଇ-ପାସ୍ ନକଲକୁ ରୋକିବା ପାଇଁ ବାରକୋଡ୍ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୫.୫୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଖଣି ଉତ୍ତୋଳନ ୨୦୧୨-୧୩ରେ ୧୮୬.୬୮ ନିୟୁତ ଟନ୍ ରହିଥିଲା। ତାହା ୨୦୧୮-୧୯ରେ ୨୯୫.୪୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଖଣିଜ ପଦାର୍ଥ ବିକ୍ରି ୧୭୩.୫୫ ନିୟୁତ ଟନରୁ ବୃଦ୍ଧି ପାଇଁ ୩୧୦.୦୮ ନିୟୁତ ଟନ୍‌ରେ ପହଞ୍ଚିସାରିଛି। ବିଗତ ୫ ବର୍ଷରେ ୩୨୦୦୫.୮୯ କୋଟି ଟଙ୍କାର ରାଜସ୍ୱ ଆଦାୟ କରାଯାଇଛି। ଗତବର୍ଷ ଆଦାୟ କରାଯାଇଥିବା ୧୦,୪୭୯ କୋଟି ଟଙ୍କା ସର୍ବକାଳୀନ ଅଧିକ ରାଜସ୍ୱ ଅଟେ। କେନ୍ଦ୍ର ସରକାର କୋଇଲା ରୟାଲ୍‌ଟି ବୃଦ୍ଧି କଲେ ରାଜ୍ୟ ଅଧିକ ରାଜସ୍ୱ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ସମୁଦାୟ ୩,୯୧,୬୯୭ ଗୋଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୧୯,୦୬୮ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ଦ୍ୱାରା ୧୫.୨୭ ଲକ୍ଷ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହୋଇପାରିଛି। ରାଜ୍ୟର ରପ୍ତାନିର ପରିମାଣ ୨୦୧୬-୧୭ ବର୍ଷରେ ୧୧୪ ପ୍ରତିଶତ ରହିଥିବା ମନ୍ତ୍ରୀ ମିଶ୍ର କହିଛନ୍ତି। ଅନୁରୂପ ଭାବେ ଶିଳ୍ପ ବିଭାଗର ଉତ୍ତର ରଖି ଦିବ୍ୟଶଙ୍କର କହିଛନ୍ତି ଯେ, ବିଭାଗ ଦ୍ୱାରା ଓଡ଼ିଶା ଅନ୍ତରୀଣ ଏବଂ ପ୍ରତିରକ୍ଷା ଉତ୍ପାଦନ ନୀତି-୨୦୧୮, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି-୨୦୧୯ ପ୍ରବର୍ତ୍ତନ କରାଯାଇଛି। ଗୋ-ସ୍ୱିଫ୍ଟ ଆପ୍ ଦ୍ୱାରା ୧୫ଟି ବିଭାଗକୁ ଏକାଠି ନେଇ ୩୪ ସେବା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇପାରୁଥିବା ମନ୍ତ୍ରୀ କହିଛନ୍ତି।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅନ୍‌ଲାଇନ୍ ଅଭିଯୋଗ ନମ୍ବର ଜାରି

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ଏକୀକୃତ ଅଭିଯୋଗ ନଂ.୧୯୬୭ (ଟୋଲ୍ ଫ୍ରି) କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟିକୁ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ନମ୍ବର ଜାରି ହୋଇଛି। ସାଧାରଣ ଲୋକେ ସହଜରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ଅଭିଯୋଗ କରିପାରିବେ। ଏହାଦ୍ୱାରା ରାଜ୍ୟ ସରକାର ଏବଂ ଜନତାଙ୍କ ମଧ୍ୟରେ ଯୋଗାଯୋଗ ଆହୁରି ସୁଗମ ହୋଇପାରିବ।




## ସରକାରଙ୍କୁ ମରୁଡ଼ି ଚିନ୍ତା

■ **୨୦୬ ବ୍ଲକରେ ସ୍ଥିତି ସଙ୍ଗିନ**
■ **ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି:ମନ୍ତ୍ରୀ**
■ **ମରୁଡ଼ି ମୁକାବିଲା ଲାଗି ବିଭାଗ ପ୍ରସ୍ତୁତ କଲା ବର୍ଷା ଆପତ୍‌କାଳୀନ ଯୋଜନା**
■ **ବିଧାନସଭାରେ ବିବୃତି ଦେଲେ ରାଜସ୍ୱ ମନ୍ତ୍ରୀ**

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗାଏବ ହୋଇଯାଇଛି। ଫଳରେ ଅନେକ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବଲାଙ୍ଗୀର ସମେତ ପାଞ୍ଚଟି ଜିଲାରେ ଭୟଙ୍କର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଶୁକ୍ରବାର ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ପ୍ରସଙ୍ଗ ପ୍ରଶ୍ନ ଉଠାଇଥିଲେ। ଏ ନେଇ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଥିଲେ। ରାଜ୍ୟରେ ମରୁଡ଼ି ସମ୍ପର୍କରେ ଗୃହରେ ବିବୃତି ଦେବା ପାଇଁ ରାଜସ୍ୱ, ବିପର୍ଯ୍ୟୟ, ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଧାନସଭାରେ ମନ୍ତ୍ରୀ ଗୃହରେ ମରୁଡ଼ି ସମ୍ପର୍କରେ ବିବୃତି ଦେଇ କହିଛନ୍ତି ଯେ, ଚଳିତ ବର୍ଷ ମୌସୁମୀ ବିଳମ୍ବିତ ହୋଇଛି। ଜୁନ ୨୧ ତାରିଖରେ ମୌସୁମୀ ପ୍ରବେଶ କରିବା ସହ ୨୨ ତାରିଖରେ ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁଥିଲା। ଏହାର ପ୍ରଭାବରେ କିଛି ଅଞ୍ଚଳରେ ବୃଷ୍ଟିପାତ ହୋଇଥିଲେ ହେଁ ଅନ୍ୟ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ହୋଇଛି। ଜୁନ ମାସରେ ୩୧.୫% କମ୍ ବୃଷ୍ଟିପାତ ହୋଇଥିବାବେଳେ ଜୁଲାଇ ୧୯ ପର୍ଯ୍ୟନ୍ତ ୨୦% କମ୍ ବୃଷ୍ଟିପାତ ହୋଇଛି। ଜୁନ ୧ରୁ ଜୁଲାଇ ୧୯ ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତଠାରୁ ଶତକଡ଼ା ୨୬.୩% କମ୍ ବର୍ଷା ହୋଇଛି। ରାଜ୍ୟର ୩୦ ଜିଲା ମଧ୍ୟରୁ କୋରାପୁଟ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, କଳାହାଣ୍ଡି, ଝାରସୁଗୁଡ଼ା, ପୁରୀ, ମାଲକାନଗିରି ଏବଂ ବରଗଡ ଜିଲାରେ ସ୍ୱାଭାବିକ ବୃଷ୍ଟିପାତଠାରୁ କମ୍ ଥିବାବେଳେ ଅନ୍ୟ ୨୧ ଜିଲାରେ ବୃଷ୍ଟିପାତ ପରିମାଣ କମ୍ ଅଛି। ବ୍ଲକ ସ୍ଥିତି ଆହୁରି ସଙ୍ଗିନ। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୦୮ଟି ବ୍ଲକରେ ବୃଷ୍ଟିପାତ ସ୍ୱାଭାବିକ ଥିବାବେଳେ ୨୦୬ ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। ୨୪ଟି ବ୍ଲକରେ ସ୍ୱାଭାବିକଠାରୁ ୫୯ ପ୍ରତିଶତରୁ ଊର୍ଦ୍ଧ୍ୱ ନିଅଣ୍ଟିଆ ବର୍ଷା ହୋଇଛି। ଗତବର୍ଷ ଜୁନ ୧ରୁ ଜୁଲାଇ ୧୯ ମଧ୍ୟରେ ବର୍ଷା ପରିମାଣ ସ୍ୱାଭାବିକଠାରୁ ଶତକଡ଼ା ୮.୩ ଭାଗ କମ୍ ଥିବାବେଳେ ଚଳିତ ବର୍ଷ ଏହି ସମୟରେ ୨୬.୩ ଭାଗ କମ୍ ହୋଇଛି। ବଲାଙ୍ଗୀର ଜିଲାର ୪ଟି ବ୍ଲକ ଗୁଡ୍‌ଭେଲା, ପାଟଣାଗଡ଼,ତୁରେଇକେଲା ଏବଂ ସଇଁତଳାରେ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ବେଳେ ଅନ୍ୟ ୧୦ଟି ବ୍ଲକରେ ବର୍ଷା ପରିମାଣ କମ୍ ରହିଛି। କୃଷି ବିଭାଗରୁ ମିଳିଥିବା ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେକ ଅଞ୍ଚଳରେ ଧାନ ବୁଣା ହୋଇନାହିଁ। ଏପର୍ଯ୍ୟନ୍ତ ୧୨.୩୧ ଲକ୍ଷ ହେକ୍ଟର ଜମିରେ ଧାନବୁଣା ହୋଇଥିବାବେଳେ ୨୦.୯୧ଲକ୍ଷ ହେକ୍ଟରରେ ଅନ୍ୟାନ୍ୟ ଫସଲ ହୋଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ୨୦.୧୪ ଲକ୍ଷ ହେକ୍ଟର ଜମିରେ ବିହନ ବୁଣା କାମ ଶେଷ ହୋଇଥିଲା। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟରେ ବାଧା ଉପୁଜିଛି। ନିଅଣ୍ଟିଆ ବର୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ କେନାଲରେ ପାଣି ଛଡ଼ାଯାଉଛି। କୃଷି ବିଭାଗ ଦ୍ୱାରା ବର୍ଷା ଜରୁରୀକାଳିନ ଯୋଜନା ତିଆରି କରାଯାଉଛି। ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଉଛି। ଆଗକୁ ଯଦି ବର୍ଷା ନ ହୁଏ, ବର୍ଷା ଆପତ୍‌କାଳୀନ ଯୋଜନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ।
–ଶ୍ରୀମା



# ଭାରତର ଚନ୍ଦ୍ର ଅଭିଯାନ



ଆକାର ପଟେଲ

ପଚାଶ ବର୍ଷ ତଳେ ୧୯୬୯ ମସିହା ଜୁଲାଇ ୨୪ ତାରିଖରେ ଆମେରିକାର ଆପୋଲୋ–୧୧ ମିଶନ ଚନ୍ଦ୍ରପୃଷ୍ଠରୁ ପ୍ରତ୍ୟାବର୍ତ୍ତନ କଲା। ତିନିଜଣ ମହାକାଶଚାରୀ ମାଇକେଲ କଲିନ୍ସ, ଏଡ୍ୱିନ ଆଲ୍ଡ୍ରିନ ଓ ନୀଲ୍ ଆର୍ମଷ୍ଟ୍ରଙ୍ଗ ଫ୍ଲୋରିଡ଼ାରୁ ଚନ୍ଦ୍ରପୃଷ୍ଠକୁ ଯାଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଠଦିନ ସମୟ ନେଇଥିଲେ। ଆସନ୍ତାକାଲି (ଜୁଲାଇ ୨୨ ତାରିଖରେ) ଭାରତ ତା'ର ଚନ୍ଦ୍ରଯାନ–୨ ଚନ୍ଦ୍ରକୁ ପ୍ରେରଣ କରିବାକୁ ଯାଉଛି। ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପାଇଁ ଏହାକୁ ପ୍ରାୟ ୭ ସପ୍ତାହ ଲାଗିବ। ଆମେରିକା, ରୁଷିଆ ଓ ଚାଇନା ପରେ ଚନ୍ଦ୍ର ଅଭିଯାନରେ ଭାରତ ହେବ ଚତୁର୍ଥ ରାଷ୍ଟ୍ର। ଅବଶ୍ୟ ଏଥିରେ ସାମର୍ଥ୍ୟ ଓ ଦକ୍ଷତା ବଡ଼ କଥା ନୁହେଁ, ବଡ଼କଥା ହେଉଛି ଏହାକୁ ପ୍ରାଥମିକତା ଦେବା। ଅନ୍ୟ କେତେକ ଦେଶ ଯଥା ଜର୍ମାନୀ, ଫ୍ରାନ୍ସ, ଜାପାନ ପ୍ରଭୃତିଙ୍କ ପାଖରେ ଚନ୍ଦ୍ର ଅଭିଯାନ ପାଇଁ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ଅଛି, ମାତ୍ର ଉଚ୍ଚାଭିଳାଷ ନାହିଁ। କାରଣ ଏହାଦ୍ୱାରା ଟିକସଦାତାଙ୍କର ବିପୁଳ ଅର୍ଥ ବରବାଦ ହେବ ବୋଲି ସେମାନେ ମନେକରନ୍ତି। ଆଣବିକ ଅସ୍ତ୍ରଶସ୍ତ୍ରର ବିକାଶ କ୍ଷେତ୍ରରେ ମଧ୍ୟ ସେମାନେ ସେହି ଏକାପ୍ରକାର ପଥ ଆପଣାଇଛନ୍ତି।

ଚନ୍ଦ୍ର ଅଭିଯାନର ଗୋଟିଏ ଉଦ୍ଦେଶ୍ୟ ହେଉଛି, ଏହା ଆମକୁ ସମଗ୍ର ସୌର ଜଗତ କିପରି ସୃଷ୍ଟି ହୋଇଛି ତାହା ବୁଝିବାରେ ସହାୟକ ହେବ। ଚନ୍ଦ୍ର ହେଉଛି ୩.୫ ନିୟୁତ ବର୍ଷର ପୁରୁଣା ଏବଂ ଏଥିରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡ଼ିକ ଲକ୍ଷ ଲକ୍ଷ ବର୍ଷ ଧରି ଅପରିବର୍ତ୍ତିତ ରହିଛି କାରଣ ଏହାର ବାୟୁମଣ୍ଡଳ ନାହିଁ ବା କୌଣସି ଆଭ୍ୟନ୍ତରୀଣ ଗତିବିଧି ନାହିଁ। ବାସ୍ତବରେ ଆପୋଲୋ ଅଭିଯାନ ପରେ ଜଣାଗଲା ଯେ, ପୃଥିବୀ ସହ କୌଣସି ବୃହତ୍ ମହାଜାଗତିକ ବସ୍ତୁ ମାଡ଼ ହୋଇ ଚନ୍ଦ୍ରର ସୃଷ୍ଟି ହୋଇଛି। ୧୯୬୯ ପରେ ଆମେରିକା ବି ମହାକାଶ ଗବେଷଣା ଉପରେ ବିଶେଷ ମନ ବଳାଇ ନାହିଁ। ଆର୍ମଷ୍ଟ୍ରଙ୍ଗ ଓ ଆଲ୍ଡ୍ରିନଙ୍କ ପରେ ଆଉ ୧୦ ଜଣ ଆମେରିକୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇଛନ୍ତି, କିନ୍ତୁ ଆମେରିକାର ଶେଷ ଅଭିଯାନ ହୋଇଥିଲା ୧୯୭୨ରେ। ୧୯୮୦ ଦଶକରେ ରାଷ୍ଟ୍ରପତି ରୋନାଲ୍ଡ ରିଗାନଙ୍କ ସମୟରେ ଆମେରିକା ମହାକାଶ ଯାନ କାର୍ଯ୍ୟକ୍ରମର ବିକାଶ କରିଥିଲା। ଏହା ୨୦୧୧ ମସିହାରେ ଶେଷ ହେଲା। ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କଳ୍ପନା ଚାୱ୍ଲା ୨୦୦୩ରେ ମହାକାଶଯାନ କଲମ୍ବିଆରେ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏହା ବାୟୁମଣ୍ଡଳକୁ ପୁନଃପ୍ରବେଶ କରିବା ସମୟରେ ଭାଙ୍ଗିଯିବାରୁ ସେ ମୃତ୍ୟୁବରଣ କରିଥିଲେ। ଏହା ଥିଲା ମହାକାଶଯାନର ଦ୍ୱିତୀୟ ଦୁର୍ଘଟଣା ଏବଂ ପ୍ରଥମଟି ଘଟିଥିଲା ୧୯୮୦ରେ। ଏହି ଦୁଇ ଦୁର୍ଘଟଣାରେ ୧୪ ଜଣଙ୍କର ଜୀବନଦୀପ ନିର୍ବାପିତ ହୋଇଥିଲା। ଶୀତଳଯୁଦ୍ଧର ପରିସମାପ୍ତି ସହ ସୋଭିଏଟ୍ ୟୁନିୟନ ବିଖଣ୍ଡିତ ହୋଇଥିଲା ୩୦ ବର୍ଷ ତଳେ। କାରଣ ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକର ବିକାଶ କରିବାରେ ସେମାନଙ୍କର ବିପୁଳ ଅର୍ଥ ବ୍ୟୟିତ ହୋଇଥିଲା, ଯାହା ଦେଶର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିକଟରେ କହିଛନ୍ତି ଯେ ସେ ନାସାର ଉଚ୍ଚାଭିଳାଷକୁ ପୁଣି ଜାଗ୍ରତ କରିବେ ଏବଂ ଆମେରିକୀୟ ମହାକାଶଚାରୀମାନେ ୨୦୨୪ ସୁଦ୍ଧା ପୁଣି ଚନ୍ଦ୍ରକୁ ଯିବେ।

ତେବେ ମହାକାଶ ଉପରେ ଏକ ଘରୋଇ କମ୍ପାନୀ ସ୍ପେସ୍ଏକ୍ସ କାମ କରୁଛି, ଯାହା ଧନକୁବେର ଯନ୍ତ୍ରୀ ଏଲନ୍ ମସ୍କଙ୍କ ଦ୍ୱାରା ପରିଚାଳିତ। ସ୍ପେସ୍ଏକ୍ସ ଏପରି କାମ କରିପାରିବ, ଯାହା ନାସା ବି କରିପାରିବନି। ଆଉ ଏକ ଘରୋଇ ମହାକାଶ କମ୍ପାନୀ ବ୍ଲୁ ହରାଇଜନ୍‌ର ବି ଅନୁରୂପ ଦକ୍ଷତା ଅଛି, ଯାହା ଆମାଜନର ମାଲିକ ଜେଫ୍ ବେଜୋଙ୍କ ଦ୍ୱାରା ପରିଚାଳିତ। ମଙ୍ଗଳଗ୍ରହରେ ଏକ କଲୋନୀ ପ୍ରତିଷ୍ଠା କରିବା ପାଇଁ ସେ ଯୋଜନା କରି କାର୍ଯ୍ୟ କରିଆସୁଛନ୍ତି।

ଏବେ ଭାରତ ମହାକାଶ କାର୍ଯ୍ୟକ୍ରମ ଉପରେ ବିପୁଳ ଟଙ୍କା ଖର୍ଚ୍ଚ କରିବା ଉପରେ ଦୁଇ ପ୍ରକାର ମତପ୍ରକାଶ ପାଉଛି ଏବଂ ମୋ ମତରେ ଦୁଇଟା ଯାକ ବୈଧ। ପ୍ରଥମଟି ହେଉଛି ଭାରତ ପରି ଏକ ଗରିବ ଦେଶ କେବଳ ଜାତୀୟ ଗୌରବ ବୃଦ୍ଧି ପାଇଁ ନାଗରିକମାନଙ୍କର ବିଶେଷ କଲ୍ୟାଣ ସାଧନ କରୁ ନ ଥିବା କାର୍ଯ୍ୟକ୍ରମରେ ଏତେ ଟଙ୍କା ଖର୍ଚ୍ଚ କରିବା ଉଚିତ ନୁହେଁ। ଅନ୍ୟ ମତଟି ହେଉଛି ଏ ପ୍ରକାର କାର୍ଯ୍ୟକ୍ରମ ବୈଜ୍ଞାନିକ ମାନସିକତାର ବିକାଶରେ ସାହାଯ୍ୟ କରିବ। ଏହି କାରଣରୁ ଉକ୍ତ କାର୍ଯ୍ୟକ୍ରମକୁ ସବୁ ରାଜନୈତିକ ଦଳରୁ ସମର୍ଥନ ମିଳୁଛି। ଆସନ୍ତାକାଲିର ଚନ୍ଦ୍ର ଅଭିଯାନକୁ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୨୦୦୮ ମସିହାରେ ଅନୁମୋଦନ କରିଥିଲେ। ଏହା ଯଦି ସଫଳ ହୁଏ, ତେବେ ଉକ୍ତ ଚନ୍ଦ୍ରଯାନ–୨ ଏକବର୍ଷ ପାଇଁ କାର୍ଯ୍ୟକ୍ଷମ ରହିବ। ଜିଏସ୍ଏଲ୍‌ଭି–୩ ସାହାଯ୍ୟରେ ଏହା ଉତ୍କ୍ଷେପଣ କରାଯିବ। ୩.୮ ଟନ୍ ଓଜନବିଶିଷ୍ଟ ସାଟେଲାଇଟ୍‌ଟି ଚନ୍ଦ୍ରପୃଷ୍ଠରୁ ୧୦୦ କିମି ଉଚ୍ଚତାରେ ରହି ଏହାକୁ ପ୍ରଦକ୍ଷିଣ କରିବ। ଏହାର ଅର୍ବିଟର, ଲ୍ୟାଣ୍ଡର ଓ ରୋଭର ସବୁକିଛି ଆମ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ବିକଶିତ ହୋଇଛି। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମରେ ଲ୍ୟାଣ୍ଡରର ନାମ ବିକ୍ରମ ରଖାଯାଇଛି, ଯାହା ଅର୍ବିଟରରୁ ବିଚ୍ୟୁତ ହୋଇ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବ। ପ୍ରଜ୍ଞାନ ନାମରେ ନାମିତ ଏକ ରୋବଟିକ୍ ରୋଭର ସେଠାରେ ୧୪ ଦିନ ରହି ଚନ୍ଦ୍ରପୃଷ୍ଠର ଖଣିଜ ଓ ରାସାୟନିକ ନମୁନା ସଂଗ୍ରହ କରିବ। ଯଦି ଚନ୍ଦ୍ରଯାନ–୨ ସଫଳ ହୁଏ, ତେବେ ଭାରତ ସାରା ପୃଥିବୀର ଗଣମାଧ୍ୟମରେ ଏକ ଭଲ କାମ ପାଇଁ ଚର୍ଚ୍ଚିତ ହେବ।

Email: aakar.patel@gmail.com

# କେନ୍ଦ୍ରୀକରଣ ଶିକ୍ଷାନୀତି: ଏକ ବିଶ୍ଳେଷଣ



ପ୍ରଦୀପ୍ତ ନାୟକ

ସ୍ୱାଧୀନତୋତ୍ତର ଭାରତବର୍ଷରେ ଅଦ୍ୟାବଧି ଦୁଇଟି ଜାତୀୟ ଶିକ୍ଷାନୀତି ପ୍ରଣୀତ ହୋଇଛି। ଏବର ପ୍ରସ୍ତାବିତ ଶିକ୍ଷାନୀତି ହେଉଛି ତୃତୀୟ। ୧୩୦ କୋଟି ଅଧିବାସୀଙ୍କର ଏହି ବିଶାଳ ଦେଶରେ ବହୁ ଭାଷା ଉପଭାଷା, ବହୁ ଧର୍ମ, ବହୁ ଜାତି, ଭିନ୍ନ ଭିନ୍ନ ସଂସ୍କୃତି ପ୍ରଚଳିତ ହେଉଛି। ଆଇନର ଶାସନ ପ୍ରତିଷ୍ଠିତ ଥିବା ଏହି ସଂଘୀୟ ରାଷ୍ଟ୍ରରେ ବହୁଳବାଦକୁ ସମ୍ମାନ ଦେବା ସହିତ ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଯାଇଛି। ଶାସନ ବ୍ୟବସ୍ଥା ଓ ନୀତି ନିୟମ ଯଦି ବିକେନ୍ଦ୍ରୀକରଣ ନ ହେବ କେବଳ ଆମ ସାମ୍ବିଧାନିକ ବିଧି ବ୍ୟବସ୍ଥାର ହନନ ହେବ ନାହିଁ, ଆମର ସାମାଜିକ ଚଳଣି, ଶାନ୍ତି, ପ୍ରଗତି ଓ ସହଭାଗିତା ଖିନ୍‌ଭିନ୍ ହୋଇଯିବ। ଶିକ୍ଷାନୀତି ଓ ଶିକ୍ଷା ବ୍ୟବସ୍ଥା ଯାହା ସମାଜକୁ ଉଦ୍‌ବୁଦ୍ଧ କରେ ଓ ସମୃଦ୍ଧ କରେ, ତାହା ଯଦି ଜନାଭିମୁଖୀ ନ ହୁଏ ତେବେ ସମାଜ ବିକଶିତ ହୁଏନାହିଁ। ୧୯୬୬ ମସିହାରେ କୋଠାରୀ କମିଶନ ତାଙ୍କ ରିପୋର୍ଟରେ କହିଥିଲେ, ଦେଶର ଭାଗ୍ୟବିଧାତାମାନେ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ବଢ଼ୁଛନ୍ତି। ସେମାନଙ୍କୁ ଉଚିତ ଖାଦ୍ୟପେୟ, ପାଠ୍ୟ ଉପକରଣ, ସ୍ନେହଶ୍ରଦ୍ଧା, ବୈଜ୍ଞାନିକ ପ୍ରଣାଳୀର ଶିକ୍ଷା ଖସଡ଼ା ଓ ବିଷୟବସ୍ତୁ ଯୋଗାଇଦେବାକୁ ପଡ଼ିବ। ସମସ୍ତ ବିଦ୍ୟାଳୟକୁ ସମାନ ଧରଣର ସରକାରୀ ବିଦ୍ୟାଳୟ କରିବା ନିମନ୍ତେ କମିଶନ ଅତ୍ୟନ୍ତ ଉପାଦେୟ ସମୟୋପଯୋଗୀ ପ୍ରସ୍ତାବମାନ ଦେଇଥିଲେ। ଏହାକୁ ଫଳବତୀ କରିବା ନିମନ୍ତେ ଉପଯୁକ୍ତ ପାଣ୍ଠି ତଥା ଦେଶର ବାର୍ଷିକ ଘରୋଇ ଉତ୍ପାଦର ୬% କିମ୍ବା ବାର୍ଷିକ କେନ୍ଦ୍ର ବଜେଟର ୯% ଶିକ୍ଷା ପାଇଁ ବ୍ୟୟବରାଦ କରିବାକୁ କହିଥିଲେ। ୧୯୬୮ ମସିହାରେ ଏହି ବୈପ୍ଳବିକ ଶିକ୍ଷାନୀତି ପ୍ରଣୀତ ହୋଇଥିଲେ ମଧ୍ୟ ଏହାର ଅଧିକାଂଶ ପ୍ରସ୍ତାବ ସରକାର କାର୍ଯ୍ୟକାରୀ କରିନାହାନ୍ତି।

ଉଦାରୀକରଣ ଓ ଘରୋଇକରଣ ନୀତି କାର୍ଯ୍ୟକାରୀ କରିବା ଫଳରେ ଶିକ୍ଷାର ମାନ ଧୀରେ ଧୀରେ ହ୍ରାସ ପାଇ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୨୦୧୪ ମସିହାରେ ଭାଜପା ସରକାର ଆସିବା ପରେ ୨୦୧୭ ଜୁନ୍‌ରେ ମହାକାଶ ବିଜ୍ଞାନୀ ଡ. କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ କମିଟି ଗଠନକରି ଦେଶରେ ପ୍ରାକ୍ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ସମସ୍ତ ପ୍ରକାର ବୈଷୟିକ ଶିକ୍ଷା, ଗବେଷଣା ଓ ତାଲିମ ନିମନ୍ତେ ନୂଆ ଜାତୀୟ ଶିକ୍ଷାନୀତି ଆଣିବାକୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କମିଟି ଦେଶର କୌଣସି ଜାଗାରେ ଶିକ୍ଷାବିତ୍, ଶିକ୍ଷକ, ଛାତ୍ର, ଅଭିଭାବକ, ରାଜନୈତିକ ଓ ସାମାଜିକ କର୍ମୀଙ୍କ ମତାମତ ନ ନେଇ ତାଙ୍କ ରିପୋର୍ଟ ସରକାରଙ୍କୁ ଗତ ମେ ମାସ ୩୧ ତାରିଖରେ ହସ୍ତାନ୍ତର କରିଛନ୍ତି। ମଧ୍ୟଯୁଗୀୟ ଭାରତୀୟ ଧର୍ମୀୟ ପରମ୍ପରାର ବାର୍ତ୍ତାବହ ପତଞ୍ଜଳି, ପାଣିନି ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉଦାହରଣ ଦିଆଯାଇଥିବା ବେଳେ ନୂତନ ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରାଯାଇଛି। ଏଥିରେ ଶିକ୍ଷାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ, ଗୈରିକୀକରଣ ତଥା ଘରୋଇକରଣ କରିବାକୁ ପ୍ରୋତ୍ସାହିତ କରିବା ନିମନ୍ତେ ସରକାରଙ୍କ ଉଦ୍ଦେଶ୍ୟ ପରିଲକ୍ଷିତ ହେଉଥିବାରୁ ଦେଶର ବିଭିନ୍ନ ଭାଗରୁ ଏହା ବିରୋଧରେ ସ୍ୱର ଉଠିଛି।

ପୂର୍ବ ସୁପରିକଳ୍ପିତ ୪୮୨ ପୃଷ୍ଠାର ଏହି ବୃହତ୍ ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବକୁ ଗତ ମେ ୩୧ ତାରିଖରେ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର ହୋଇଛି। ଆରମ୍ଭରୁ ଦେଶ ତମାମ ଏହି ଶିକ୍ଷା ରିପୋର୍ଟରେ ତ୍ରିଭାଷୀ ସୂତ୍ରକୁ ବିରୋଧ କରାଯାଇଥିଲା। ହିନ୍ଦୀକୁ ରାଷ୍ଟ୍ରଭାଷାର ମାନ୍ୟତା ଦେବା ସମେତ ବାଧ୍ୟତାମୂଳକ କରାଯାଇ ୪ର୍ଥ ଶ୍ରେଣୀରୁ ପଢ଼ାଯିବାକୁ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁ ସମେତ ପଶ୍ଚିମବଙ୍ଗ ଓ ବହୁ ସଂଖ୍ୟାରେ ଶିକ୍ଷାବିତ୍, ଭାଷାବିତ୍ ଓ ବୁଦ୍ଧିଜୀବୀ ବିରୋଧ କରିବା ପରେ ସରକାର ମୂଳ ଚିଠା ରିପୋର୍ଟରୁ ତାହା କାଟିଦେଇଛନ୍ତି। ୧ ମାସ ଜାଗାରେ ମାତ୍ର ୨ମାସ ସମୟ ଦେଇ ଜୁଲାଇ ୩୧ ତାରିଖ ମଧ୍ୟରେ ମତାମତ ଲୋଡ଼ିଛନ୍ତି, ଯାହା ଆଦୌ ଗ୍ରହଣୀୟ ନୁହେଁ। ସର୍ବନିମ୍ନ ୬ ମାସ ସମୟ ନ ହେଲେ ଦେଶର ସମସ୍ତ ବର୍ଗର କୋଟି କୋଟି ଲୋକ ଚିଠା ରିପୋର୍ଟ ଉପରେ ନିଜର ମତାମତ ରଖିପାରିବେ ନାହିଁ।

ଏକବିଂଶ ଶତାବ୍ଦୀ ନିମନ୍ତେ ବିଶ୍ୱରେ ଗଠିତ ଆନ୍ତର୍ଜାତିକ ଶିକ୍ଷା କମିଶନର ଅଧ୍ୟକ୍ଷ ଯାକୁଇସ୍, ଡେଲରସ ତାଙ୍କର ରିପୋର୍ଟ ୧୯୯୬ ମସିହାରେ ଜାତିସଂଘର 'ୟୁନେସ୍କୋ'କୁ ହସ୍ତାନ୍ତର କରିଥିଲେ। ଏହି ଐତିହାସିକ କମିଶନ ପ୍ରସ୍ତାବ ଦେଇଥିଲେ ଯେ, ଜୀବନକାଳ ମଧ୍ୟରେ ଶିକ୍ଷା ସମାଜର ଚାରୋଟି ସ୍ତମ୍ଭକୁ ନେଇ ପର୍ଯ୍ୟବସିତ, ଯଥା ୧. ସମସ୍ତ କଥା ଜାଣିବା ନିମନ୍ତେ ଶିକ୍ଷା, ୨. ସମସ୍ତ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା, ୩. ସମସ୍ତେ ମିଳିମିଶି ଚଳିବା ନିମନ୍ତେ ଶିକ୍ଷା, ୪. ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ କରେ ଏବଂ ବ୍ୟକ୍ତିକୁ ସ୍ୱାତନ୍ତ୍ର୍ୟ ପ୍ରଦାନ ସହ ନ୍ୟାୟ ଓ ଦାୟିତ୍ୱବାନ କରାଏ। ଶିକ୍ଷା କୌଣସି ବ୍ୟକ୍ତିର ମାନସିକ ସନ୍ତୁଳନତା, ନୈତିକ ମୂଲ୍ୟବୋଧ ଓ ଶାରୀରିକ ସାମର୍ଥ୍ୟକୁ ଅସମ୍ମାନ କରେ ନାହିଁ। ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ପ୍ରଶ୍ନ କିଭଳି ସମସ୍ତେ ଶିକ୍ଷାଲାଭ କରିବେ, ସମାନ ଭାବରେ ଗୁଣାତ୍ମକ ଶିକ୍ଷା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ, ପ୍ରଶାସନ, ଶିକ୍ଷକ, ସମାଜ କିଭଳି ପରସ୍ପର ପ୍ରତି ଉତ୍ତରଦାୟୀ ରହିବେ ଓ ଶିକ୍ଷାପ୍ରାପ୍ତି ନିମନ୍ତେ ସମସ୍ତଙ୍କର କିଭଳି ଆର୍ଥିକ ସାମର୍ଥ୍ୟ ବୃଦ୍ଧି ପାଇବ ତାହା ଏହି ପ୍ରସ୍ତାବରେ ନାହିଁ। ଦେଶରେ ଜାତୀୟ ଶିକ୍ଷା ଆୟୋଗ ଗଠନର ସୁପାରିସ କରାଯାଇଛି ଯାହାର ମୁଖ୍ୟ ନିଜେ ପ୍ରଧାନମନ୍ତ୍ରୀ ରହିବେ ଯାହା ଦେଶର ସଂଘୀୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ପ୍ରଶାସନିକ ଆବଶ୍ୟକତା ଓ ସାମ୍ବିଧାନିକ ନିୟମ ଅନୁସାରେ ଶିକ୍ଷା କେନ୍ଦ୍ର ଓ ରାଜ୍ୟର ଯୁଗ୍ମ ଅଥବା ମିଳିତ ବିଷୟବସ୍ତୁ। ତେଣୁ ଏପରି ପ୍ରସ୍ତାବକୁ ଦେଶବାସୀ ଦୃଢ଼ ବିରୋଧ କରିବା ଉଚିତ। ଜାତୀୟ ଶିକ୍ଷାନୀତି ୨୦୦୯ ଆଧାରରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପରୀକ୍ଷା କିମ୍ବା ପାସ୍ ଫେଲ୍ ବ୍ୟବସ୍ଥା ନ ଥିଲା। ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ମାଗଣାରେ ୮ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ଥିବାବେଳେ ଏଥିରେ ୩ୟ, ୫ମ ଓ ୮ମ ଶ୍ରେଣୀରେ ପୁନଃ ପରୀକ୍ଷା ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରସ୍ତାବ ରହିଛି। ଏହା ଜାତୀୟ ଶିକ୍ଷାନୀତିକୁ ସମ୍ପୂର୍ଣ୍ଣ ବିରୋଧ କରୁଛି। ଶିଶୁ ୩ବର୍ଷ ବୟସରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରାକ୍ ପ୍ରାଥମିକ ଶିକ୍ଷା ଅଙ୍ଗନୱାଡ଼ିରୁ ପାଉଥିଲା। ଏବେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟାଳୟ ସହିତ ମିଶାଇବା ପାଇଁ କୁହାଯାଇଛି, ମାତ୍ର ଗୁଣାତ୍ମକ ଅଭିଜ୍ଞ ଶିକ୍ଷକ ନିଯୁକ୍ତି ବିଷୟରେ କିଛି କୁହାଯାଇନାହିଁ। ଛାତ୍ର–ଶିକ୍ଷକ ଅନୁପାତ ୩୦:୧ କଥା କୁହାଯାଇଛି। ମାତ୍ର ଆବଶ୍ୟକ ଥିବା ଲକ୍ଷ ଲକ୍ଷ ଶିକ୍ଷକଙ୍କର ଚାକିରିର ସ୍ଥାୟିତ୍ୱ ସମ୍ପର୍କରେ କିଛି କୁହାଯାଇନାହିଁ।

କୋଠାରୀ କମିଶନଙ୍କ ଭଳି ଏଥିରେ ଶିକ୍ଷା ନିମନ୍ତେ ଘରୋଇ ଉତ୍ପାଦର ୬% ବ୍ୟୟବରାଦ ପାଇଁ ସୁପାରିସ କରାଯାଇଛି, ଯାହା ଏକ ଉତ୍ତମ ପ୍ରସ୍ତାବ। ମାତ୍ର ସରକାର କେତେଦୂର ଦେଶବାସୀଙ୍କ ଏହି ଐତିହାସିକ ଆବଶ୍ୟକତାକୁ ପୂରଣ କରିବେ ତାହା ଦେଖିବାକୁ ଅଛି। କାରଣ କେନ୍ଦ୍ର ସରକାର ୨୦୧୭–୧୮ ବଜେଟରେ ମାତ୍ର ୨.୭% ଖର୍ଚ୍ଚ ବରାଦ କରିଛନ୍ତି। ଠିକ୍ ସେତିକିବେଳେ ବ୍ରାଜିଲ ୬%, ଆମେରିକା ୫%, ଇଂଲଣ୍ଡ ୫.୫% ଶିକ୍ଷା ପାଇଁ ଖର୍ଚ୍ଚ କରୁଛନ୍ତି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ଶିକ୍ଷାରେ ହେଉଥିବା ମାତ୍ରାଧିକ ଡ୍ରପ୍ ଆଉଟକୁ 'ବ୍ଲାକ୍ ହୋଲ୍' ସହ ସମାନ କରାଯାଇଛି। ମାତ୍ର କାହିଁକି ବ୍ଲାକ୍ ହୋଲ୍ ସୃଷ୍ଟି ହେଉଛି ସେ ସମ୍ପର୍କରେ କିଛି କୁହାଯାଇନାହିଁ। ଦେଶରେ ୧୦୦ଜଣ ଶିଶୁ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଉଥିବା ବେଳେ ଉଚ୍ଚ ପ୍ରାଥମିକ ବେଳକୁ ୮୯, ୮ମ ଶ୍ରେଣୀ ବେଳକୁ ୬୨ ଓ ଉଚ୍ଚଶିକ୍ଷା ବେଳକୁ ମାତ୍ର ୨୩ଜଣ ଶିକ୍ଷା ସମାପ୍ତ କରିବା ଅତ୍ୟନ୍ତ ଚିନ୍ତାଜନକ। ଠିକ୍ ସେତିକିବେଳେ ପଡ଼ୋଶୀ ଚାଇନାରେ ୩୯ଜଣ, ଆମେରିକାରେ ୮୬ଜଣ ଓ ଜର୍ମାନୀରେ ୬୫ଜଣ ଉଚ୍ଚଶିକ୍ଷା ସମାପ୍ତ କରୁଛନ୍ତି। ଏହା ସରକାରୀ ଭାବେ ମାନବସମ୍ବଳ ବିଭାଗ ଦ୍ୱାରା ୨୦୧୬ ଶିକ୍ଷା ସୂଚକାଙ୍କରେ କୁହାଯାଇଛି। ୨୦୩୫ ମସିହା ସୁଦ୍ଧା ଉଚ୍ଚଶିକ୍ଷାରେ ଏବର ୨୩.୮%ରୁ ୫୦% ପହଞ୍ଚିବା ଲକ୍ଷ୍ୟ ରହିଛି। ମାତ୍ର ଏ ଦିଗରେ ଅନ୍ତରାୟ ଦେଶବାସୀଙ୍କ ଚରମ ଦାରିଦ୍ର୍ୟ, ପୁଷ୍ଟିହୀନତା, ଖାଦ୍ୟାଭାବ, ବାସହୀନତା ଇତ୍ୟାଦିର ପରିପୂରଣ ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମର ଅଭାବ ପରିଲକ୍ଷିତ ହେଉଛି। ଏଥିରେ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ସ୍ୱତନ୍ତ୍ରତାକୁ କ୍ଷୁଣ୍ଣ କରାଯାଇ କେନ୍ଦ୍ରୀୟ ନୀତି ନିର୍ଦ୍ଧାରଣ ଅନୁଷ୍ଠାନ ଯଥା ଏନ୍‌ଏଚ୍‌ଇଆର୍‌ଏ (ନେହେରା) ଗଠନ କରାଯିବ। ଏହା ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି)ର କାର୍ଯ୍ୟ ତୁଲାଇବ। ଏଆଇସିଟିଇ, ବାର୍ କାଉନସିଲ ଇତ୍ୟାଦି ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରୁଥିବା ଅନୁଷ୍ଠାନଗୁଡ଼ିକର ଭୂମିକାକୁ ଗୌଣ କରାଯାଇଛି। 'ନାକ୍'କୁ ୟୁଜିସିଠାରୁ ପୃଥକ୍ କରାଯାଇ ୟୁଜିସିକୁ କେବଳ ପାଣ୍ଠି ଯୋଗାଣ ସଂସ୍ଥାରେ ପରିଣତ କରାଯିବା ପାଇଁ କୁହାଯାଇଛି, ଯାହା ଏକ ଭୟଙ୍କର ପଦକ୍ଷେପ।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଜାତୀୟ ଉଚ୍ଚଶିକ୍ଷା ନିର୍ଦ୍ଧାରଣ ଅନୁଷ୍ଠାନ ନିଜ ଇଚ୍ଛାରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅନୁମତି ପ୍ରଦାନ କରିବ ଓ ଗୁଣାତ୍ମକ ମାନ ନିର୍ଦ୍ଧାରଣ କରିବ। ଏହା ଏକ ଅସାମ୍ବିଧାନିକ ପଦକ୍ଷେପ। ପୂର୍ବରୁ ଏହି କାର୍ଯ୍ୟ ସଂସଦ ଏବଂ ବିଧାନସଭା ସମାପନ କରୁଥିଲେ। ଏହାଦ୍ୱାରା ଘରୋଇ ଶିକ୍ଷାନୁଷ୍ଠାନ ପ୍ରୋତ୍ସାହିତ ହେବେ ଓ ସରକାରୀ ପାଣ୍ଠି ୟୁଜିସିରୁ ହାସଲ କରିବେ। ଏହି ଅନୁଷ୍ଠାନଗୁଡ଼ିକ ତାଙ୍କ ଇଚ୍ଛା ମୁତାବକ ପାଠ୍ୟକ୍ରମ ଓ ଶିକ୍ଷଣ ପ୍ରକ୍ରିୟା ଲାଗୁ କରିପାରିବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଦ୍ୱାରା ପରିଚାଳିତ ହଜାର ହଜାର ଘରୋଇ ଓ ଧାର୍ମିକ ସ୍କୁଲ, ବ୍ୟବସାୟିକ ଶିକ୍ଷା ପ୍ରତିଷ୍ଠାନର ନିୟନ୍ତ୍ରଣ ନିମନ୍ତେ ଜାତୀୟ ଶିକ୍ଷାନୀତିରେ କିଛି କୁହାଯାଇ ନାହିଁ। ସରକାରୀ ଶିକ୍ଷାନୁଷ୍ଠାନକୁ ଗୌଣ କରାଯାଇଛି। ଦେଶର ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷା ପ୍ରଶାସନରେ ମୌଳିକତା, ବିକେନ୍ଦ୍ରୀକରଣ, ସଂଘୀୟ ବ୍ୟବସ୍ଥାର ସୁରକ୍ଷା ନିମନ୍ତେ ଦେଶବାସୀ ଚିନ୍ତା ପ୍ରକଟ କରିବା ନିହାତି ଆବଶ୍ୟକ ମନେହେଉଛି।

ଟିକରପଡ଼ା, କାକଟପୁର, ପୁରୀ, ମୋ– ୯୪୩୭୦୫୩୩୨୯

# ଆଇନଜ୍ଞ ରାଜ୍ୟପାଳ

**ବ୍ୟକ୍ତିତ୍ୱ**



ଜଗଦୀପ ଧାଙ୍ଖର

ରାଷ୍ଟ୍ରପତି ଭବନ ପକ୍ଷରୁ ଜୁଲାଇ ୨୦ରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ନାଗାଲାଣ୍ଡ ଏବଂ ତ୍ରିପୁରାରେ ରାଜ୍ୟପାଳଙ୍କ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ରାଜ୍ୟପାଳ ଭାବେ ସୁପ୍ରିମକୋର୍ଟ ଆଇନଜୀବୀ ତଥା ଭାଜପା ନେତା ଜଗଦୀପ ଧାଙ୍ଖରଙ୍କ ନାମ ସ୍ଥାନ ପାଇଛି। କେନ୍ଦ୍ର ଓ ପଶ୍ଚିମବଙ୍ଗ ସରକାର ମଧ୍ୟରେ ବିଭିନ୍ନ ଦିଗରୁ ଶୀତଳଯୁଦ୍ଧ ଲାଗି ରହିଥିବାରୁ କେଶରୀନାଥ ତ୍ରିପାଠୀଙ୍କ ପରେ କେଉଁ ବ୍ୟକ୍ତିଙ୍କୁ ରାଜ୍ୟପାଳ କରାଯିବ, ସେଥିନେଇ ସବୁ ମହଲରୁ ଉତ୍ସୁକତା ପ୍ରକାଶ ପାଉଥିଲା। ଜଗଦୀପଙ୍କ ନାମ ଘୋଷଣା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରି ତାଙ୍କୁ ସ୍ୱାଗତ କରିଛନ୍ତି। ଜୁଲାଇ ଶେଷରେ କେଶରୀନାଥଙ୍କ କାର୍ଯ୍ୟକାଳ ପୂରିବା ପରେ ଜଗଦୀପ ଦାୟିତ୍ୱ ଗ୍ରହଣ କରିବେ।

ଜଗଦୀପ ଧାଙ୍ଖର ରାଜସ୍ଥାନର ଝୁନ୍‌ଝୁନୁ ଜିଲା କିଥାନା ଗ୍ରାମରେ ୧୮ ମେ ୧୯୫୧ରେ ଜନ୍ମଗ୍ରହଣ କରିଥିଲେ। ଜୟପୁରସ୍ଥିତ ୟୁନିଭର୍ସିଟି ଅଫ୍ ରାଜସ୍ଥାନରୁ ବିଜ୍ଞାନ ଓ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଉଚ୍ଚଶିକ୍ଷା ସମାପ୍ତ ପରେ ସେ ଆଇନ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ୧୯୭୭ରେ ରାଜସ୍ଥାନ ହାଇକୋର୍ଟରେ ସେ ପ୍ରାକ୍ଟିସ୍ ଆରମ୍ଭ କରି ଖୁବ୍‌ଶୀଘ୍ର ଜଣେ ପେସାଦାର ଆଇନଜୀବୀ ପାଲଟିଥିଲେ। ୧୯୮୬ରେ ସେ ରାଜସ୍ଥାନ ହାଇକୋର୍ଟ ବାର୍ ଆସୋସିଏଶନର ସର୍ବକନିଷ୍ଠ ସଭାପତି ହେବାର ମଧ୍ୟ ଗୌରବ ଅର୍ଜନ କରିଥିଲେ। ଆଇସିସି ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଆର୍ବିଟ୍ରେଶନର ସଦସ୍ୟ ଥିବା ଜଗଦୀପ ସୁପ୍ରିମକୋର୍ଟର ସିନିୟର ଓକିଲ ଭାବେ ଜଣାଶୁଣା। ତେବେ ପିଲାଟି ବେଳୁ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ରାଜନୀତି ପ୍ରତି ଆକୃଷ୍ଟ କରିଥିଲା। ୧୯୮୯ରୁ ୯୧ ଯାଏ ସେ ଜନତା ଦଳ ଟିକେଟରୁ ରାଜସ୍ଥାନର ଝୁନ୍‌ଝୁନୁ ଲୋକ ସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ସେ ମଧ୍ୟ କିଶାନଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ଜିତି ରାଜସ୍ଥାନ ବିଧାନସଭାରେ ସଦସ୍ୟ ହୋଇଥିଲେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ମର୍ଯ୍ୟାଦାକୁ ଅନ୍ତର୍ଜାତୀୟ ସ୍ତରରେ ବୃଦ୍ଧି କରିଥିବାରୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୨୦୦୩ରେ ଧାଙ୍ଖର ଭାଜପାରେ ଯୋଗ ଦେଇଥିବା କହିଥାଆନ୍ତି। ଏଥିସହିତ ମରୁଭୂମିପୂର୍ଣ୍ଣ ରାଜ୍ୟରେ ଜଣେ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପ୍ରଦର୍ଶନ କରାଯିବା ତାଙ୍କୁ ଭାଜପା ପ୍ରତି ଆକୃଷ୍ଟ କରିଥିବା ଅନେକ ସମୟରେ କହିଆସିଛନ୍ତି।

ରାଜସ୍ଥାନରେ ଜାଠଙ୍କ ସଂରକ୍ଷଣ ପ୍ରସଙ୍ଗରେ ଜଗଦୀପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଜାଠ ମହାସଭା ସଂରକ୍ଷଣ କମିଟିର ପୂର୍ବତନ ମୁଖପାତ୍ର ଥିବା ବେଳେ ସମ୍ପ୍ରଦାୟର ଉତ୍ଥାନ ଦିଗରେ ତାଙ୍କର ଅନେକ ଅବଦାନ ରହିଆସିଛି। ତେଣୁ ଜାଠ ସମ୍ପ୍ରଦାୟକୁ ଖୁସି କରିବା ଉଦ୍ଦେଶ୍ୟରେ ତାଙ୍କୁ ରାଜ୍ୟପାଳ ପଦବୀରେ ଅବସ୍ଥାପିତ କରାଯାଇଛି ବୋଲି ଆଲୋଚନା ହେଉଛି। ତେବେ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ତାଙ୍କ ପାଇଁ ଚ୍ୟାଲେଞ୍ଜ ଆଣିଦେବ ବୋଲି ସମୀକ୍ଷକମାନେ ମତ ଦେଲେଣି। ସେଠାକାର ତୃଣମୂଳ କଂଗ୍ରେସ ସରକାର ସହ ତାଙ୍କ ସମନ୍ୱୟ ଆଗକୁ କିଭଳି ରହିବ ତାହା ଦାୟିତ୍ୱ ଗ୍ରହଣ ପରେ ଜଣାପଡ଼ିବ।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଏକ ପରିବାର ଅଦାଲତ ସ୍ତ୍ରୀଙ୍କୁ ଭରଣପୋଷଣ ଦେବା ପାଇଁ ରାୟ ଦେବା ପରେ ସ୍ୱାମୀ କୋର୍ଟରେ ୫ ବସ୍ତା କଏନ୍ ନେଇ ପହଞ୍ଚିଥିଲେ। ଏଭଳି ଏକ ରୋଚକ ଘଟଣା ଛତିଶଗଡ଼ର ରାୟପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ଥାନୀୟ ପାମ୍‌ଗଡ ଥାନା ଅଞ୍ଚଳରେ ବାସକରୁଥିବା ପୁନିରାମ ସାହୁ ଏବଂ ତାଙ୍କ ସ୍ତ୍ରୀ ଯଶୋଧାରାଙ୍କ ମଧ୍ୟରେ ଛାଡ଼ପତ୍ର ମାମଲାର ବିଚାର ଦୀର୍ଘ ୨୦ ବର୍ଷ ଧରି ଚାଲିଛି। ପୁନିରାମ ଜଣେ ପରିବା ବେପାରୀ। ପରିବାର କୋର୍ଟ ପକ୍ଷରୁ ଯଶୋଧାରାଙ୍କୁ ୩୩ ହଜାର ୮ଶହ ଟଙ୍କା ଭରଣପୋଷଣ ଦେବାକୁ ପୁନିରାମଙ୍କୁ ଆଦେଶ ଦିଆଯାଇଥିଲା। ପୁନିରାମ ନିଜ ପାଖରେ ଥିବା ଟଙ୍କିକିଆ, ୨ ଟଙ୍କିଆ, ୫ ଟଙ୍କିଆ ଏବଂ ୧୦ ଟଙ୍କିଆ କଏନ୍ ଥିବା ୫ଟି ବସ୍ତା ନେଇ ପହଞ୍ଚିଥିଲେ। ତେବେ ବିଚାରପତି କିରଣ ଚତୁର୍ବେଦୀ ଏହାକୁ ଗଣିବାକୁ ପୁନିରାମଙ୍କୁ କହିଥିଲେ। ସେ କୋର୍ଟ ଚଟାଣରେ ବସି ୩୩ ହଜାର ଟଙ୍କାର କଏନ୍ ଗଣିଗଣି ଯଶୋଧାରାଙ୍କୁ ଦେଇଥିଲେ। ଅବଶିଷ୍ଟ ୮ଶହ ଟଙ୍କା ୨୨ ଜୁଲାଇରେ ଦେବାକୁ କୋର୍ଟ ପୁନିରାମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କଏନ୍ ବସ୍ତା ଯଶୋଧାରା ନେବାକୁ ମନାକରିବାରୁ ପୁନିରାମ ଏହାକୁ ବୋହିନେଇ ତାଙ୍କ ଘରେ ଦେଇଥିବା କୁହାଯାଉଛି। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ସୁ–ଡୋ–କୁ

su|do|ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | B | | | | | 0 | | 8 | 7 | | | 2 | |
| 3 | | 4 | 6 | | | | | | | C | | | | |
| 2 | | | | 3 | | | 8 | | | 1 | 6 | 7 | B | |
| | | | 8 | A | | 5 | | 9 | | 3 | | 4 | | |
| | | 6 | 4 | | | | E | A | | 5 | B | | | 3 |
| A | | | | | | C | 7 | | 1 | 8 | | | 3 | E |
| 5 | | 0 | | | | | | 1 | | | | | | 2 |
| C | 4 | | 5 | | | | A | | 0 | | 9 | | | |
| | | | | | | 2 | | | C | | E | | 4 | 9 |
| | | E | 3 | 2 | | | | | | | 7 | | | 8 |
| | 7 | | | | E | | | | | D | | | | |
| 8 | | | A | 4 | 7 | | 6 | | | | | | | |
| | | C | 1 | | 5 | | | B | | 0 | | | | |
| 6 | | 1 | 9 | | | | | | B | | | D | | C |
| D | A | | | | C | | | 8 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | 5 | 2 | D | 1 | 3 | B | 9 | C | 7 | 6 | A | 0 | E |
| A | 7 | 2 | B | 6 | 5 | D | E | 0 | 1 | 9 | 3 | 8 | C | 4 |
| 6 | C | 3 | 9 | 4 | 0 | A | 5 | 2 | 8 | E | B | 1 | D | 7 |
| 0 | 9 | E | 3 | 7 | 8 | 1 | C | 4 | A | 2 | D | B | 5 | 6 |
| B | 1 | D | E | C | A | 8 | 6 | 7 | 0 | 4 | 5 | 9 | 3 | 2 |
| 7 | E | 0 | 8 | 3 | C | 4 | 2 | 1 | 9 | 5 | A | 6 | B | D |
| D | A | 6 | 1 | B | 4 | 9 | 7 | C | E | 3 | 0 | 5 | 2 | 8 |
| 2 | 8 | B | 6 | 9 | E | 5 | A | 3 | D | C | 7 | 4 | 1 | 0 |
| C | 5 | 4 | A | 0 | D | 6 | 8 | E | B | 1 | 2 | 7 | 9 | 3 |
| 9 | 3 | 1 | 7 | 5 | 2 | B | 0 | D | 6 | 8 | 4 | E | A | C |
| 4 | B | 7 | D | 1 | 6 | C | 9 | 5 | 2 | 0 | E | 3 | 8 | A |
| 3 | 6 | 8 | C | E | B | 0 | 1 | A | 7 | D | 9 | 2 | 4 | 5 |
| E | 0 | C | 4 | 2 | 9 | 7 | 3 | 8 | 5 | A | 1 | D | 6 | B |
| 5 | D | 9 | 0 | A | 7 | 2 | 4 | 6 | 3 | B | 8 | C | E | 1 |
| 1 | 2 | A | 5 | 8 | 3 | E | D | B | 4 | 6 | C | 0 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧନୀ ଲୋକଙ୍କ ଟଙ୍କିକିଆ ଚାଉଳ ହଡ଼ପ

ମହାଶୟ,

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କର କୌଣସି ମାପଦଣ୍ଡ ନାହିଁ। ଯିଏ ଯେକୌଣସି ଉପାୟରେ ଟଙ୍କିକିଆ ଚାଉଳ ହଡ଼ପ କରିବାରେ ବ୍ୟସ୍ତ। ଏହି ଟଙ୍କିକିଆ ଚାଉଳ ଯୋଜନାର ହିତାଧିକାରୀଙ୍କ ମଧ୍ୟରୁ କାହାର ଗାଡ଼ି, ମୋଟର ଅଛି ତ ପୁଣି କାହାର ୫/୬ ଏକର ଜମି ଅଛି। ଅନ୍ୟ କାହାର ୨/୩ ମହଲା କୋଠାଘର ଅଛି ତ ପୁଣି କିଏ ପେନ୍‌ସନଭୋଗୀ, ସରକାରୀ ଚାକିରିଆ। କେନ୍ଦ୍ର ସରକାର କହନ୍ତି ଯେ, ଏହି ଚାଉଳର ୨୯ ଟଙ୍କା କେନ୍ଦ୍ର ବହନ କରୁଥିବା ବେଳେ ରାଜ୍ୟ ସରକାର ମାତ୍ର ୨ ଟଙ୍କା ବହନ କରି ବାହାବା ନେଉଛନ୍ତି। ଯଦି ଏ କଥା ସତ୍ୟ, ତେବେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଯିଏ ପ୍ରକୃତରେ ଗରିବ ଓ ଯୋଗ୍ୟ ଏହି ଚାଉଳ ସେମାନଙ୍କୁ ପ୍ରଦାନ କରିବା ବ୍ୟବସ୍ଥା କରନ୍ତୁ। କେତେକ ସ୍ଥଳେ ପରିବାର ପିଛା ୪/୫ଟା କାର୍ଡ ନେଇ କୁଇଣ୍ଟାଲ କୁଇଣ୍ଟାଲ ଚାଉଳ ଲୁଟ୍ କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରି ଚାଉଳ ପ୍ରଦାନ କରନ୍ତୁ।

ଧନେଶ୍ୱର ସାମଲ, ଦଶରଥପୁର, ଯାଜପୁର

### ବସି ବୁଲି ଦରମା ନେଉଛନ୍ତି

କଳାପଟା ଓ ସର୍ବଶିକ୍ଷା ଅଭିଯାନରେ ଛତୁ ଫୁଟିଲା ପରି ବିଦ୍ୟାଳୟ/ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଗଲା। ଅନେକ ବିଦ୍ୟାଳୟ/ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶାନୁରୂପ ଛାତ୍ରୀଛାତ୍ର ହେଉନାହାନ୍ତି। ଛାତ୍ରୀଛାତ୍ର ନ ଥିବାରୁ ଜଣେ ବା ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି, ସେମାନେ ବସି ବୁଲି ଦରମା ନେଉଛନ୍ତି। କେତେକ ସ୍ଥାନରେ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଅଙ୍ଗନୱାଡ଼ି ପିଲାମାନେ ଖାଉଛନ୍ତି ଏବଂ ଅଙ୍ଗନୱାଡ଼ିର ଚାଉଳ ଆଦି ବାଟମାରଣା ହେବାର ଦେଖାଯାଉଛି। କେତେକ ବିଦ୍ୟାଳୟରେ ଅତି କମ୍ ଛାତ୍ରୀଛାତ୍ର ଥିବାବେଳେ ଉପସ୍ଥାନ ଅଧିକ ଦେଖାଯାଉଛି। ବାସ୍ତବତା କ'ଣ, ତାହା ତଦନ୍ତ ହେଲେ ଜଣାପଡ଼ିବ।

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ–ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁଲାଇ ୧୯୯୪

- ବାଂଲାଦେଶର ବିବାଦୀୟ ଲେଖିକା ତସ୍‌ଲିମା ନସ୍‌ରିନଙ୍କୁ ୟୁରୋପୀୟ ୟୁନିୟନ ରାଜନୈତିକ ଆଶ୍ରୟ ଦେବା ନେଇ ଘୋଷଣା କରିଛି।
- ସ୍ୱାଧିକାର ଭଙ୍ଗ ଅଭିଯୋଗରେ ତାମିଲନାଡୁ ବିଧାନସଭା ପକ୍ଷରୁ ଏକ ତାମିଲ ଦୈନିକ ଖବରକାଗଜ ସମାଚାର ସମ୍ପାଦକଙ୍କ ଉପରେ ଜାରି ହୋଇଥିବା ଏକ ସପ୍ତାହ ଜେଲଦଣ୍ଡକୁ ମାଡ୍ରାସ ହାଇକୋର୍ଟ ଖାରଜ କରିଦେଇଛନ୍ତି।
- କର୍ନାଟକରେ ଜିପ୍ ସହ ଏକ ତୈଳବାହୀ ଟ୍ୟାଙ୍କରର ଧକ୍କା ହେବାଫଳରେସେଥିରେନିଆଁଲାଗି୧୬ଜଣଜୀବନ୍ତଦଗ୍ଧ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସେଲ୍‌ଫି କର୍ଣ୍ଣର



@ ଜିତେନ୍ଦ୍ର


@ ଅଜିତ୍


@ ବିଜୟ


@ ସଞ୍ଜିବ


@ ନରେନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ■ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ-୨ରେ ଚଞ୍ଚକତା

# ୨୦କୋଟିର ବେଆଇନ ଉତ୍ତୋଳନ

**ଯୋଡ଼ା, ୨୦।୭(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବଡ଼ବିଲ ତହସିଲ ତଥା ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରାଠାରେ ଥିବା ଏକ ଗ୍ରାନାଇଟ୍ ପଥର ଖଣିରୁ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୮ମାସ ଧରି ପ୍ରାୟ ଦେଢ଼ ଲକ୍ଷ କ୍ୟୁବିକ୍ ମିଟର ଗ୍ରାନାଇଟ ପଥର ବେଆଇନ ଉତ୍ତୋଳନ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ଶନିବାର ଚମକପୁର ରାଜସ୍ୱ ନିରୀକ୍ଷକ ଭଦ୍ର ନାଏକ, ଅମିନ, ବଡବିଲ୍ ତହସିଲ କାର୍ଯ୍ୟାଳୟର ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ରାଜ୍ୟ ସରକାର ଓଡ଼ିଶା କନଷ୍ଟ୍ରକଶନ୍ କର୍ପୋରେଶନ ଲିଃ(ଓସିସିଏଲ) ନାମକ କମ୍ପାନୀକୁ ୨୦୧୧ଠାରୁ ୨୦୧୫ ମସିହା ପର୍ଯ୍ୟନ୍ତ କାନପୁର ଡ୍ୟାମ୍ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ(୧), ପ୍ଲଟ୍ ନଂ ୧୨୭/୨୮ ଓ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ (୨) , ପ୍ଲଟ୍ ନଂ ୧୩୪/୩୫କୁ ଲିଜ୍ ଦିଆଯାଇଥିଲା। ଏହି ଦୁଇଟି ଖଣିକୁ ଉକ୍ତ କମ୍ପାନୀକୁ ସେତେବେଳେ ବର୍ଷିକିଆ ଲିଜ୍ ଦିଆଯାଉଥିଲା। ୨୦୧୫ ପର୍ଯ୍ୟନ୍ତ ଏହି ବର୍ଷିକିଆ କାର୍ଯ୍ୟ ଚାଲିବା ପରେ ମାଇନିଂ ପ୍ଲାନ ଓ ଅନ୍ୟାନ୍ୟ ବୈଧାନିକ ଅନୁମୋଦନ ପରେ ଓସିସିଏଲକୁ ଉକ୍ତ ଦୁଇଟି ଗ୍ରାନାଇଟ୍ ପଥର ଖଣି ୨୦୨୦ ପର୍ଯ୍ୟନ୍ତ ଦିଆଯାଇଛି। ଓସିସିଏଲର କାର୍ଯ୍ୟରେ ମନ୍ଥର ଗତି ଯୋଗୁ ଉକ୍ତ ପଥର ଖଣି ଦ୍ୱୟରେ ଗ୍ରାନାଇଟ୍ ଖୋଳା କାର୍ଯ୍ୟ କରିପାରି ନ ଥିଲା। ଉକ୍ତ ଗ୍ରାନାଇଟ୍ ପଥର ଖଣିଦ୍ୱୟର ରାଜସ୍ୱ ବାବଦକୁ ମାତ୍ର ୪ ଲକ୍ଷ ୩୦ ହଜାର ଟଙ୍କା ବଡବିଲ୍ ତହସିଲ୍‌ରେ ପୈଠ କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ୨୦୧୮ ଅଗଷ୍ଟ ମାସରେ ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବଡ଼ବିଲ ତହସିଲଦାର ଓସିସିଏଲର ମ୍ୟାନେଜରଙ୍କୁ ଡକାଇ ଏକ ଆଲୋଚନା କରିଥିଲେ।


ବେଆଇନ୍ ଭାବେ ଖୋଳା ଯାଉଥିବା ଗ୍ରାନାଇଟ ପଥର ଖଣି।

■ ଖଣି ଲିଜ୍ ଗୋଟିଏ ଜାଗାରେ, ଖୋଳାଗଲା ଅନ୍ୟ ଜାଗାରେ

■ ଅଭିଯୋଗ ପରେ ପ୍ରଶାସନିକ ତତ୍ପରତା

■ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ

ଏଥିରେ ଓସିସିଏଲ୍‌କୁ ଲିଜ୍ ଦିଆଯାଇଥିବା ଦୁଇଟି ପଥର ଖଣି ମଧ୍ୟରୁ କଣ୍ଡରା ଗ୍ରାନାଇଟ୍ ପଥର ଖଣି(୨) ବଡ଼ ଖଣି ହୋଇଥିବାରୁ ଏହାକୁ ଛାଡି ଦେବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ତେବେ ଏସମ୍ପର୍କରେ ଓସିସିଏଲକୁ କୌଣସି ଲିଖିତ ଚିଠି ଦିଆ ନ ଯାଇ ଅସ୍ଥାୟୀ ଭାବେ ପ୍ରଶାସନ ପକ୍ଷରୁ ୫୨୦ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମେସର୍ସ ମଣ୍ଟେକାର୍ଲୋଙ୍କୁ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ(୨)କୁ ୩ମାସିଆ ଅସ୍ଥାୟୀ ପରମିଟ୍ ଆକାରରେ ଦିଆଯାଇଛି। ତେବେ ଠିକାସଂସ୍ଥା ପକ୍ଷରୁ ପଥର ଖଣି ନଂ (୨)ରୁ ଗ୍ରାନାଇଟ୍ ପଥର ଖୋଳିବା ପରିବର୍ତ୍ତେ କଣ୍ଡରା ଗ୍ରାନାଇଟ୍ ପଥର ଖଣି ନଂ (୧)ରୁ ଦୀର୍ଘ ୮ମାସ ହେଲା ବେଆଇନ ଭାବେ ପଥରଖୋଳା ଚାଲିଛି। ଉକ୍ତ ଖଣିରୁ ବେଆଇନ ଭାବେ ପଥର ଖୋଳାଯାଇଥିବା ନେଇ ଓସିସିଏଲ୍ ପକ୍ଷରୁ ସିନିୟର ମ୍ୟାନେଜର ନିରଞ୍ଜନ ମିଶ୍ର ଗତ ୧୦ତାରିଖରେ ବଡବିଲ ତହସିଲ ଓ ଚମ୍ପୁଆ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ବେଆଇନଭାବେ ପ୍ରାୟ ଦେଢଲକ୍ଷ କ୍ୟୁବିକ ମିଟରରୁ ଦୁଇ ଲକ୍ଷ କ୍ୟୁବିକ୍ ମିଟର ଗ୍ରାନାଇଟ୍ ପଥର ଉକ୍ତ ଖଣିରୁ ଖୋଳାଯାଇଥିବା ଓସିସିଏଲ୍‌ର ସବ୍‌କଣ୍ଟ୍ରାକ୍ଟର ସଦର୍ଣ୍ଣ ଇଞ୍ଜିନିୟରିଂ ୱାର୍କସ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡର ପ୍ରୋଜେକ୍ଟ ମ୍ୟାନେଜର ଶିବ ପ୍ରସାଦ ନାୟକ କହିଛନ୍ତି। ଏନେଇ ଠିକାସଂସ୍ଥା ମେସର୍ସ ମଣ୍ଟେକାର୍ଲୋର କୌଣସି ମତାମତ ମିଳିପାରି ନାହିଁ।

## ସଞ୍ଜୀବ ଅରୋରା ଆଇବି ଡିଆଇଜି


ସଞ୍ଜୀବ ଅରୋରା ।

**ସମ୍ବଲପୁର,୨୦।୭(ବ୍ୟୁରୋ)**

ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ଗୋଇନ୍ଦା ବ୍ୟୁରୋ ଡିଆଇଜି ଭାବେ ଯୋଗ ଦେବେ। ସୋମବାର ସେ ତାଙ୍କ ଦାୟିତ୍ୱ ହସ୍ତାନ୍ତର କରିବେ। ହେଲେ କାହାକୁ ଦାୟିତ୍ୱ ଦେବେ ସେ ନେଇ ଗୃହ ବିଭାଗରୁ ନିର୍ଦ୍ଦେଶ ଆସିନାହିଁ । ଅବଶ୍ୟ ଜଣେ ଅତିରିକ୍ତ ଏସ୍‌ପିଙ୍କୁ ସେ ତାଙ୍କ ଦାୟିତ୍ୱ ପ୍ରଦାନ କରିବେ ବୋଲି ଏସ୍‌ପି ଅରୋରା କହିଛନ୍ତି । ସୂଚନାଯୋଗ୍ୟ, ଏସ୍‌ପି ଅରୋରାଙ୍କ ବହୁଦିନରୁ ପଦୋନ୍ନତି ସହ ବଦଳି ହୋଇଛି । ହେଲେ ସେ କେଉଁ ସ୍ଥାନରେ ଯୋଗ ଦେବେ ସେ ନେଇ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିଲା । ଏବେ ଦିଲ୍ଲୀରେ ଆଇବି ଡିଆଇଜି ଭାବେ ଯୋଗ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଆସିଛି ।

## ଗାଁ ଦାଣ୍ଡରେ ଶିଳ୍ପପତିଙ୍କ ଆତଙ୍କ, ବନ୍ଧୁକ ଦେଖାଇ ଭୟଭୀତ କଲେ

**ବରଗଡ଼ ଅଫିସ୍/ସୋହେଲା, ୨୦।୭(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ଶ୍ରୀଗିଡ଼ା ଗ୍ରାମକୁ ଶନିବାର ସନ୍ଧ୍ୟାରେ ଜଣେ ଶିଳ୍ପପତି ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାଟି ସୋସିଆଲ ମିଡ଼ିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି। ପ୍ରକାଶ ଯେ, ଜଣେ ଶିଳ୍ପପତିଙ୍କ ସମେତ ୩ଜଣ ଏକ କଳାରଙ୍ଗର କାର୍ ଯୋଗେ ଶ୍ରୀଗିଡ଼ା ଗ୍ରାମକୁ ପହଞ୍ଚିଥିଲେ । ଗାଁ ଦାଣ୍ଡରେ କାର୍‌ରୁ ଓହ୍ଲାଇ ସେମାନେ ଏକ ବନ୍ଧୁକ ବାହାର କରିଥିଲେ। ସେଠାରେ ସେମାନେ ବନ୍ଧୁକ ଦେଖାଇ ଆମ କାରଖାନାରୁ ବାରମ୍ବାର ଚୋରି ହେଉଛି ଏବଂ ଏଥିରେ ଯିଏ ସମ୍ପୃକ୍ତ ଅଛ, ତାକୁ ଛାଡ଼ିବୁ ନାହିଁ ବୋଲି କୁଆଡ଼େ ଧମକ୍ ଦେଇ ସେଠାରୁ ସେମାନେ ଚାଲି ଯାଇଥିଲେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ଗ୍ରାମବାସୀଙ୍କ ସମ୍ମୁଖରେ ସେହି ଘଟଣାଟି ଘଟିଥିଲେ ମଧ୍ୟ ଭୟରେ କେହି ପ୍ରତିବାଦ କରି ନ ଥିଲେ ଏବଂ ଏ ନେଇ ପୋଲିସକୁ ମଧ୍ୟ ଖବର ଦେଇ ନ ଥିବା ଜଣାପଡ଼ିଛି । ଅପରପକ୍ଷେ ସମ୍ପୃକ୍ତ ଶିଳ୍ପପତିଙ୍କ ସେଭଳି କାର୍‌ନାମାକୁ ସବୁ ମହଲରେ ନିନ୍ଦା କରାଯାଇ ଥିବାବେଳେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ, ଆଗକୁ ଏଭଳି ଘଟଣାର ପୁନରାବୃତ୍ତିକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ସୋହେଲା ଥାନା ଅଧିକାରୀ ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୧ଟା ପର୍ଯ୍ୟନ୍ତ) ଥାନାରେ ସେ ନେଇ କିଛି ରିପୋର୍ଟ ହୋଇନାହିଁ। ତଥାପି ଘଟଣା ସମ୍ପର୍କରେ ବୁଝି ଦେଖୁଛି ବୋଲି କହିଥିଲେ ।

## ୧୦ ବର୍ଷରେ ବିଜ୍ଞାନ ପ୍ରଦର୍ଶନୀ ପାଇଁ ୩୨ ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ରାଜ୍ୟ ସରକାର ଗତ ୧୦ ବର୍ଷରେ ବିଜ୍ଞାନ କର୍ମଶାଳା ଓ ପ୍ରଦର୍ଶନୀ କରିବା ପାଇଁ ୩୧ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଜିଲାସ୍ତରରେ ସିମ୍ପୋସିୟମ କରିବାକୁ ୮୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ରାଜ୍ୟସ୍ତରରେ ୧ ଲକ୍ଷ ଏବଂ ଆନ୍ତର୍ଜାତୀୟ ସିମ୍ପୋସିୟମ ପାଇଁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ। ଯିଏ ଆବେଦନ କରନ୍ତି ସେମାନଙ୍କୁ ଅର୍ଥ ଦିଆଯାଇଥାଏ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହା କହିଛନ୍ତି।

## ପିଲାଙ୍କ ମାଗଣା ହୃଦ୍‌ରୋଗ ଚିହ୍ନଟ ଶିବିର ଉଦ୍‌ଘାଟିତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**



ଛୋଟ ଛୋଟ ପିଲାଙ୍କ ହୃଦ୍‌ରୋଗ ସମସ୍ୟାର ପରୀକ୍ଷା ନିରୀକ୍ଷା ସହିତ ସେମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବା ନିମନ୍ତେ ଶନିବାର ଦୁଇଦିନିଆ ଶିବିରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଛନ୍ତି। ଖାରବେଳ ନଗରସ୍ଥିତ ସତ୍ୟସାଇ କମ୍ୟୁନିଟି ସେଣ୍ଟରଠାରେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ଆସିଥିବା ଶିଶୁ ରୋଗୀଙ୍କ ଅଭିଭାବକଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଓ ଗୁଜରାଟ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲ ସହିତ ହୋଇଥିବା ରାଜିନାମା ଅନୁଯାୟୀ ହୃଦ୍‌ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ସମସ୍ତ ପ୍ରକାର ଚିକିତ୍ସାସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୩ଟି ପରୀକ୍ଷା କ୍ୟାମ୍ପରେ ୧୩୦୦ ଶିଶୁଙ୍କୁ ପରୀକ୍ଷା କରାଯାଇ ଚିକିତ୍ସା ଆବଶ୍ୟକ କରୁଥିବା ୫୦୦ ଶିଶୁଙ୍କର ଅସ୍ତ୍ରୋପଚାର କରାଯାଇଛି। ଶନିବାର ଆରମ୍ଭ ହୋଇଥିବା ଏହି ଚତୁର୍ଥ କ୍ୟାମ୍ପରେ ୫୦୦ରୁ ଅଧିକ ଶିଶୁଙ୍କୁ ପରୀକ୍ଷା କରାଯିବ। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ହୃଦ୍‌ରୋଗ ଚିକିତ୍ସା ଆବଶ୍ୟକ ପଡ଼ିବ ସେମାନଙ୍କୁ ଅହମ୍ମଦାବାଦର ସତ୍ୟସାଇ ହସ୍ପିଟାଲକୁ ପଠାଯିବ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଶିଶୁମାନଙ୍କ ହୃଦ୍‌ରୋଗ ଚିହ୍ନଟ ସହିତ ସମ୍ପୂର୍ଣ୍ଣ ମାଗଣାରେ ଏହି ବ୍ୟବବହୁଳ ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉକ୍ତ କ୍ୟାମ୍ପରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ସୁବିଧା ଅସୁବିଧା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ସଙ୍ଗଠନର କର୍ମକର୍ତ୍ତା ଓ ଅହମ୍ମଦାବଦ ସତ୍ୟସାଇ ହସ୍ପିଟାଲରୁ ଆସିଥିବା ଡାକ୍ତରମାନଙ୍କ ସହିତ ମଧ ସେ ଆଲୋଚନା କରିଥିଲେ।

## ତାମିଲନାଡୁରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

**ପଦ୍ମପୁର, ୨୦।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଅଗାପୁର ଗ୍ରାମର ରମେଶ ଚନ୍ଦ୍ର ମାଝୀ ନାମକ ଜଣେ ଯୁବକ ତାମିଲନାଡୁରେ ଆତ୍ମହତ୍ୟା କରିଛନ୍ତି। ସେ ତାମିଲନାଡୁର କୋଏମ୍ବାଟୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାମ କରିବା ସହ ତାଙ୍କ ଭାଇ ଭାଉଜଙ୍କ ସହ ରହୁଥିଲେ। ଗତ ଗୁରୁବାର କୌଣସି କାରଣରୁ ସେ ରହୁଥିବା ଘରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଇଛି। କୋଏମ୍ବାଟୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଆନୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଶନିବାର ଅପରାହ୍ନରେ ରମେଶଙ୍କ ମୃତଦେହ ଗ୍ରାମ ଅଗାପୁରଠାରେ ପହଞ୍ଚିଥିଲା। ତାଙ୍କର ଏଭଳି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
ODISHA POWER TRANSMISSION CORPORATION LIMITED
(A GOVERNMENT OF ODISHA UNDERTAKING)
E.H.T. (O&M) DIVISION, BHADRAK, PO: Gelpur, Dist: Bhadrak- 756181
Telephone: (06784) 240269 E-mail: ehtm.div.bhdrak@optcl.co.in

**TENDER CALL NOTICE NO.-BDK/01/2019**

Sealed tenders are invited by the undersigned from registered order suppliers/ Manufacturers/ their authorized dealers for procurement of 150 W LED based flood light in complete outdoor fitting for 220/132/33 KV Grid s/s BHADRAK under EHT (O&M) Division, BHADRAK .Cost of tender paper is Rs.2240/-, EMD = Rs 5000/-. Sale of tender documents is from **Dt:-22.07.2019 to Dt:-07.08.2019** (during office hours). Last date of submission of tender is **Dt:-08.08.2019** upto 01:00PM. Date of opening of tender is **Dt:-08.08.2019** at 4.00 PM. For details visit our website **www.optcl.co.in**.

Corrigendum if any will be published in the website only.

Sd./- Dy. General Manager Elect),
EHT(O&M) Division, Bhadrak

OCAC
ODISHA COMPUTER APPLICATION CENTRE
**REQUEST FOR PROPOSAL**
Enq. No. : OCAC-SEGP-INFRA-0001-2019-19028

**RFP for Development & Implementation of Web Portal for CERT-O**

OCAC invites Request for Proposal (RFP) for selection of Software Development Firm for Development and Implementation of **Web Portal for CERT-O.**

The interested firms may download the RFP document from **www.ocac.in** & **www.odisha.gov.in**. Last date for submission of proposal is **13.08.2019, 02:00 P.M.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

**ଗୁରୁତ୍ୱପୂର୍ଣ୍ଣ ସୂଚନା**

ରେଳ ସଂରକ୍ଷା ଆୟୁକ୍ତ **ତା.25.07.2019**ରିଖ ପୂର୍ବାହ୍ନ **10.00 ଘଟିକା (1000 Hrs.)** **ଠାରୁ ଅପରାହ୍ନ 05.00 ଘଟିକା (1700 Hrs.) ପର୍ଯ୍ୟନ୍ତ** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ବ୍ରଡ୍ ଗେଜ୍ ଲାଇନ୍ ପ୍ରକଳ୍ପର **ନୟାଗଡ଼ ଟାଉନ୍ ଠାରୁ ମହିପୁର ଷ୍ଟେସନ** (ଲମ୍ବା-12କି.ମି.) ପର୍ଯ୍ୟନ୍ତ ନୂତନ ଭାବେ ବିଛା ଯାଇଥିବା ବ୍ରଡ୍ ଗେଜ୍ ଲାଇନ୍ ନିରୀକ୍ଷଣ କରିବେ ଏବଂ ଏହି ସମୟାବଧି ମଧ୍ୟରେ ସ୍ପିଡ୍ ଟ୍ରାୟଲ କରାଯିବ । ରେଳ ଲାଇନ୍ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ସତର୍କ ରହିବା ସହିତ ଅନିଚ୍ଛାକୃତ ଦୁର୍ଘଟଣା / ଅଘଟଣ ରୋକିବା ନିମନ୍ତେ ସେମାନଙ୍କ ଗାଈଗୋରୁ / ଅନ୍ୟ ପଶୁମାନଙ୍କୁ ଟ୍ରାକ୍‌ରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଉଛି ।

ଉପରେ ଦର୍ଶାଯାଇଥିବା ମାର୍ଗରେ **ତା.21.07.2019ରିଖ** ଠାରୁ ଇଞ୍ଜିନ୍ / ଟ୍ରେନ୍‌ର ଚଳାଚଳ ଚାଲୁ କରାଯିବ ଏବଂ ଏହା ରେଳ ସଂରକ୍ଷା ଆୟୁକ୍ତଙ୍କ ନିରୀକ୍ଷଣ ପର୍ଯ୍ୟନ୍ତ କିମ୍ବା ଏହାପରେ ମଧ ଚାଲୁ ରହିବ ।



PR-30/CC/19-20
**ପୂର୍ବ ତଟ ରେଳପଥ**

**ORISSA WATER SUPPLY & SEWERAGE BOARD**
(A Govt. of Orissa Undertaking)
**OFFICE OF THE CHIEF ENGINEER, OISIP, JICA**
At : Mahanadi Vihar, P.O. : Naya Bazar, Cuttack-753004
Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in

**Notification No. 18** | **Date : 19.07.2019**

**ODISHA INTEGRATED SANITATION IMPROVEMENT PROJECT**

**Invitation of applications from retired persons for engagement as Contractual Divisional Accounts Officer/Junior Stenographer in OISIP, JICA, OWSSB, Cuttack**

The Odisha Integrated Sanitation Improvement Project (OISIP) intends to engage 1 No. Divisional Accounts Officer and 1 No. Junior Stenographer on contractual basis against the vacancy for its project at Cuttack and Bhubaneswar.

| Name of the Contractual Post | Wages | No. of Posts | Qualification, Experience & Age Limit |
|---|---|---|---|
| Divisional Accounts Officer (Contractual) | As per Finance Department Circular No.7022 dtd 17.03.2018, the Contractual DAO is entitled to get consolidated remuneration of Rs.30,000/- per month, which may change from time to time by Govt. | 01 (One) | 1. He should have retired after working as Senior Divisional Accounts Officer / Divisional Accounts Officer in any Engineering office of Odisha State Govt. 2. The candidate should be below 64 years of age as on 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |
| Junior Stenographer (Contractual) | As per Finance Department Circular No.7022 dtd 17.03.2018, the Contractual Junior Stenographer is entitled to get consolidated remuneration of Rs.13,000/- per month, which may change from time to time by Govt. | 01 (One) | 1. He should have retired after working as Junior Stenographer/ Senior Stenographer in any office of Odisha State Govt. 2. The candidate should be below 64 Years of age as 31.08.2019. **Computer knowledge** 3. Proficiency in M.S. Office application (M.S word, Excel Power point, Internet Application). |

Interested eligible candidates may apply in plain paper, along with their updated CV, Matriculation Certificate along with **copy of pension payment order of final pension issued by A,G., Odisha / Provisional pension order / copy of proof of retirement from Govt. of Odisha** in the above address **by speed post only.** so as to reach this office on or before 05.08.2019. The candidates should clearly furnish their correspondence address, contact phone no. and E-mail ID for further communication.OISIP Authority reserves the right to reject any or all the candidatures without assigning any reason thereof .

Sd/-
Chief Engineer, OISIP, JICA,
OWSSB, Cuttack

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୧ ଜୁଲାଇ, ୨୦୧୯



❝ ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



## ସଂକ୍ଷେପରେ

### ଦନ୍ତାରିବାହାଲରେ ମଦ ବିରୋଧୀ ସଭା

ଦେବଗଡ଼,୨୦।୭(ଡି.ଏନ.ଏ.)- ବାରକୋଟ ବ୍ଲକ ଅଧୀନ ଦନ୍ତାରିବାହାଲ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କୁ ନେଇ ପଞ୍ଚାୟତରେ ଏକ ମଦ ବିରୋଧୀ ସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ସଭାପତି ମୀନକେତନ ବେହେରା ଓ ସମ୍ପାଦକ ହୃଦାନନ୍ଦ ନାୟକ ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ଗ୍ରାମବାସୀ ଅଞ୍ଚଳରେ ଛତୁ ଫୁଟିଲା ଭଳି ବେଆଇନ ଭାବେ ମଦଦୋକାନ ଖୋଲାଯାଇ ମଦ ବିକ୍ରି ହେଉଥିବା ଅଭିଯୋଗ କରିଥିଲେ। ଫଳରେ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏନେଇ ତୁରନ୍ତ ଅଞ୍ଚଳରେ ମଦବିକ୍ରି ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅଞ୍ଚଳରେ ବିକ୍ରି ବନ୍ଦ କରିବା ନେଇ ଗ୍ରାମ କମିଟି ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚକ୍ରଧର ବାରିକ, କେଶବ ଚନ୍ଦ୍ର ବେହେରା ଓ ବିରଞ୍ଚ ନାରାୟଣ ଭୋଇ, ଦୈତାରୀ ଚରଣ ସାହୁ, ଜୟରାମ ନନ୍ଦଙ୍କ ସମେତ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

### ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ବିଦାୟ ସମ୍ବର୍ଦ୍ଧନା

ଦେବଗଡ଼,୨୦।୭(ଡି.ଏନ.ଏ.)- ଦେବଗଡ଼ ଜିଲା ଶିକ୍ଷକ ତାଲିମ ପ୍ରତିଷ୍ଠାନରେ ବିଦାୟ ସମ୍ବର୍ଦ୍ଧନା ସହ ନାମଲେଖା ଆରମ୍ଭ ହୋଇଯାଇଛି। ପ୍ରତିଷ୍ଠାନରେ ପ୍ରଥମ ବର୍ଷର ଛାତ୍ରୀଛାତ୍ର ପରମ୍ପରା ଅନୁସାରେ ଦ୍ୱିତୀୟ ବର୍ଷର ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗତ ଜୁନ୍ ମାସରେ ଅନଲାଇନ୍‌ରେ ପ୍ରବେଶିକା ପରୀକ୍ଷା ସାରା ରାଜ୍ୟରେ ହୋଇଥିଲା। ପ୍ରଥମ କରି ଦେବଗଡ ସ୍ଥିତ ଏନ୍.ଆଇ.ସି. କମ୍ପ୍ୟୁଟର କେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଥିବାରୁ ଜିଲାରୁ ବହୁ ଆବେଦନ କାରୀ ଉପକୃତ ହୋଇଥିବା ଜଣାପଡିଛି। ଏନେଇ ଚଳିତ ମାସ୧୯ ଓ ୨୦ ତାରିଖ ୨ଦିନ ଦେବଗଡ଼ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ନାମଲେଖା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ, ଡ଼ିଆଇଇଟି ଦେବଗଡ଼ ସଭାପତି ସୂର୍ଯ୍ୟକାନ୍ତ ସ୍ୱାଇଁ, ସମ୍ପାଦକ ଧୀରେନ୍ କୁମାର ଦେହୁରୀ, କୋଷାଧକ୍ଷ ରିପୀକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଏନଏସ୍‌ସିବି କଲେଜରେ ଆଲୋଚନାଚକ୍ର

ସମ୍ବଲପୁର, ୨୦।୭ (ବ୍ୟୁରୋ) ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ କଲେଜ ଇଂରାଜୀ ବିଭାଗରେ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଧୁନିକ ଇଂରାଜୀ ଉପନ୍ୟାସିକ ୱିଲିୟମ୍ ଗୋଲ୍ଡିଙ୍ଗ୍‌ଙ୍କୁ ଲଡ୍ ଅଫ୍ ଦ୍ ଫ୍ଲାଇଜ୍ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ । କଲେଜ ଅଧକ୍ଷ ହରିଶଙ୍କର ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଇଂରାଜୀ ବିଭାଗ ମୁଖ୍ୟ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଅଧାପକ ହରିହର ମଲ୍ଲିକ, ବୀରସେନ ଦଲେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସତ୍ୟରଞ୍ଜନ ଭୋଇଙ୍କୁ ଆଲୋଚନା ଚକ୍ର ସମ୍ପାଦକ ଓ ସତ୍ୟରଞ୍ଜନ ମହାକୁଡଙ୍କୁ ସହସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନିରଞ୍ଜନ ରାଉତ, ଗୌରବ ଭୋଇ, ସୁଶ୍ରୀ ସଞ୍ଜିବନୀ ବକ୍ସି, ସୁଶ୍ରୀ ଐଶ୍ୱର୍ଯ୍ୟା ବେହେରା, ରାଜଶ୍ରୀ ସାମଲ ଓ ପ୍ରଜ୍ଞାରାଣୀ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ସ୍ୱରଚିତ କବିତା ପାଠ କରିଥିଲେ।

### ୪ର୍ଥ ଦିନରେ ଭିସୁଟ୍ ଅଧାପକଙ୍କ ଧାରଣା

ସମ୍ବଲପୁର,୨୦। ୭ (ବ୍ୟୁରୋ) ବୁର୍ଲା ଭିସୁଟ ଅଧାପକଙ୍କ ଆନ୍ଦୋଳନ ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି । ଏକ କମିଟି ଗଠନ କରି ଆଲୋଚନା କରିବାକୁ ଅଧାପକମାନଙ୍କୁ କୁହାଯାଇଛି। ହେଲେ ସେମାନେ ମନା କରିଦେଇ ଆନ୍ଦୋଳନ ସ୍ଥଳକୁ କୁଳପତି ଆସି ଆଲୋଚନା କରନ୍ତୁ ବୋଲି ଦାବି କରିଥିଲେ। ଏଣୁ ଶନିବାର ମଧ ସମାଧାନ ହୋଇ ପାରି ନ ଥିଲା।

# ଏମ୍‌ସିଏଲ୍ କୋଇଲା ଖଣି ସମ୍ପ୍ରସାରଣକୁ ବିରୋଧ

## ■ ଗ୍ରାମବାସୀଙ୍କ ଦାବିକୁ ନେଇ ହେବ ତ୍ରିପାକ୍ଷିକ ଆଲୋଚନା

ଲଖନପୁର,୨୦।୭(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ବେଲପାହାଡ଼ ଖୋଲାମୁହଁ କୋଇଲାଖଣି ୫ନଂ ଖାଦାନ ସମ୍ପ୍ରସାରଣକୁ ବିସ୍ଥାପିତ କେରୁଆଲବାହାଲ ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ତେବେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଶନିବାର ସଶସ୍ତ୍ର ପୋଲିସ ଉପସ୍ଥିତରେ ଖଣି ସମ୍ପ୍ରସାରଣ କାମ ଆରମ୍ଭ କରିଥିଲେ। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଘଟଣାସ୍ଥଳର ପହଞ୍ଚି କାମ ବନ୍ଦ କରିଥିଲେ। ଫଳରେ ପୋଲିସ ଗ୍ରାମବାସୀଙ୍କୁ ଅଟକାଇଥିଲା। ଏ ନେଇ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ପରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ପ୍ରଶାସନ ପକ୍ଷରୁ ଲଖନପୁର ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ଉର୍ମା, ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ବନହରପାଲି ଥାନା ଆଇଆଇସି ପ୍ରଶ୍ୱନ୍ତ ମେହେର, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କୁଶ୍ରାଲୋଇ ସରପଞ୍ଚ ରୂପସୀ ସେଠ, ନାଏବ ସରପଞ୍ଚ ରଞ୍ଜନ ଭୋଇ, ଲାଲଜୀ ଓରାମ, ସୌଭାଗିନୀ ଓରାମ, ସୌଦାମିନୀ ଓରାମ, ମନବୋଧ ଓରାମ ଓ ଏମ୍‌ସିଏଲ୍ ପକ୍ଷରୁ ଖଣି ପ୍ରକଳ୍ପ ଅଧିକାରୀ ୟୁରେନ୍ ପଟ୍ଟନାୟକ ଉପସ୍ଥିତ ଥିଲେ। କମ୍ପାନୀ ଦୀର୍ଘବର୍ଷ ହେଲାଣି ଗ୍ରାମକୁ ଅଧିଗ୍ରହଣ କରିଛି। ଏବେ ଖଣି ସମ୍ପ୍ରସାରଣ ହୋଇ ଗ୍ରାମ ନିକଟରେ ପହଞ୍ଚିଲାଣି। ଅନେକ ସମୟରେ ଖଣିରେ ଶକ୍ତିଶାଳୀ ବିସ୍ଫୋରଣ ହେଉଛି। ଘରଦ୍ୱାର ଭାଙ୍ଗିଯାଉଛି। ଗ୍ରାମରେ କୋଇଲାଗୁଣ୍ଡ ଓ ଧୂଳିଧୂଆଁ ଉଡ଼ି ପଶୁଛି। ଖଣି ସମ୍ପ୍ରସାରଣ ଦ୍ୱାରା ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହେବାରେ ଲାଗିଛି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ବିସ୍ଥାପିତ ନ କରି ଖଣି ସମ୍ପ୍ରସାରଣ କରିଚାଲିଛନ୍ତି ବୋଲି ବୈଠକରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିସ୍ଥାପନ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ନିଯୁକ୍ତି ଆଦି ଯୋଗାଇଦେଲେ ଗ୍ରାମବାସୀ ସ୍ୱଇଚ୍ଛାରେ ଗ୍ରାମ ଛାଡ଼ିଦେବେ ବୋଲି ଦାବି କରିଥିଲେ। ବିସ୍ଥାପିତ ଗ୍ରାମବାସୀଙ୍କୁ କମ୍ପାନୀ ଚାଉଁରୀମହୁଲଠାରେ ଥାଇଥାନ କରିବା ପାଇଁ ଜମି ଚିହ୍ନଟ କରିଛି। ଏହି ଜମି ଗ୍ରାମଠାରୁ ବହୁ ଦୂରରେ ରହିଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଗ୍ରାମ ନିକଟରେ ପୁନର୍ବସତି ସ୍ଥାପନ ପାଇଁ ଜମି ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସବୁ ଦାବି ନେଇ ଆସନ୍ତା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଉ ଏକ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି।



ଖଣି ସମ୍ପ୍ରସାରଣକୁ ଗ୍ରାମବାସୀଙ୍କ ବିରୋଧ ପରେ ତ୍ରିପାକ୍ଷିକ ଆଲୋଚନା ଚାଲିଛି ।

### ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୦।୭ (ବ୍ୟୁରୋ)

ସମ୍ବଲପୁରୀ ଦିନ ତଥା ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପ୍ରସ୍ତୁତି ବୈଠକ ଶନିବାର ଶହୀଦ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅଗଷ୍ଟ ୧ ତାରିଖ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଏହି ଉତ୍ସବ ସମ୍ବଲପୁର ସମେତ ଭୁବନେଶ୍ୱର, ଝାରସୁଗୁଡା, ବନ୍ଧବାହାଲ, ବରଗଡ, ବରପାଲି, ସୋନପୁର, ପଦ୍ମପୁରଠାରେ ପାଳନ କରାଯିବ । ଏହି ଦିନ ସମ୍ବଲପୁରୀ ସାହିତ୍ୟ ଆଲୋଚନା, ଖାଦ୍ୟପେୟ, ଲୋକନୃତ୍ୟ, ଲୋକବାଦ୍ୟ, ସମ୍ବଲପୁରୀ ପୋଷାକ ପରିଧାନ କରାଯିବାକୁ ସ୍ଥିର କରାଯାଇଛି। ଆବାହକ ଭବାନୀଶଙ୍କର ଭୋଇଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ସମୀର ରଞ୍ଜନ ବାବୁ, ମାନସ ବକ୍ସି, ଶାଶ୍ୱତ ପଣ୍ଡା, ଦେବାଶିଷ ବେହେରା, ବିପ୍ଳବ ତନସନା, ପଙ୍କଜିନୀ ମେହେର, ସ୍ନେହଲତା ଦେବୀ, ଅଭାଷ ପଣ୍ଡା, ରାହୁଲ ଗୁପ୍ତା, ସମୀର ହୋତା, ସଞ୍ଜିବ କୁମାର ନାଥ, ଶଙ୍କର ମେହେର, ନିଶିକାନ୍ତ ବିଶ୍ୱାଳ, ଲମ୍ବୋଦର ବଢ଼େଇ, ସୁବୋଧ କୁମାର ଦୋରା, ତପ୍ପଣ ପ୍ରଧାନ, ସନ୍ତୋଷ ବଢ଼େଇ, ରାହୁଲ ମୁଦକ, ଶୁଭମ ହୋତା, ଅର୍ଜୁନ ବେହେରା, ଭାରତଗୌରବ ଦାସ, ଆକାଶ ପଟ୍ଟନାୟକ, ଚମନ୍ ବିଶ୍ୱକର୍ମା, ସଦାନନ୍ଦ ପଣ୍ଡା, ମୋହିତ ସ୍ୱାଇଁ, କମଳଲୋଚନ ପଣ୍ଡା, ମହେଶ ପଟେଲ, ଦଶରଥ ମେହେର, ସଞ୍ଜୀବ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଚାରା ରୋପଣ କାର୍ଯ୍ୟକ୍ରମ

ଦେବଗଡ଼,୨୦।୭(ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ମାକରମୁଣ୍ଡାସ୍ଥିତ ମା' ମହାଲକ୍ଷ୍ମୀ କ୍ଲବ୍ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ବିଶ୍ୱନାଥ ପ୍ରଧାନ, ସମ୍ପାଦକ ବିଷ୍ଣୁ ପ୍ରସାଦ ବଣିଚୁଲ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ତରୁଣ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ୧୫୦ଟି ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଣ୍ଡାପାଲି ପଞ୍ଚାୟତ ନାଏବ ସରପଞ୍ଚ କୁଶଧ୍ୱଜ ମୁଣ୍ଡା, ରାମ ଚନ୍ଦ୍ର ହରିଜନ, ଫକୀର ମୋହନ ପ୍ରଧାନ, ଅର୍ଜୁନ ମୁଣ୍ଡା, ଲକ୍ଷ୍ମଣ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



ମା' ମହାଲକ୍ଷ୍ମୀ କ୍ଲବ କର୍ମକର୍ତ୍ତା ଚାରା ରୋପଣ କରୁଛନ୍ତି।

## ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ

ଦେବଗଡ଼,୨୦।୭(ଡି.ଏନ.ଏ.)

ବ୍ୟାଙ୍କ ଅଫ ବରୋଦା ଦେବଗଡ଼ ଶାଖା ପକ୍ଷରୁ ଶନିବାର ବ୍ୟାଙ୍କର ୧୧୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗ୍ରାହକମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ବ୍ୟାଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଏପରି କି ସ୍ଥାନୀୟ ସପୋର୍ଟ ଶିଶୁ ଆଶ୍ରୟ ଗୃହ ଓ ନୂଆଁଭୂଇଁସ୍ଥିତ ଆଶ୍ରମର ଅନ୍ତେବାସୀମାନଙ୍କୁ ବ୍ୟାଙ୍କ ପକ୍ଷରୁ ମିଷ୍ଟାନ୍ନ ସହ ଖାତା ଓ କଲମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୂଆଁଭୂଇଁସ୍ଥିତ ଆଶ୍ରମ ପରିସରରେ ଚାରା ରୋପଣ ମଧ କରାଯାଇଥିଲା । ଦେବଗଡ଼ ଶାଖା ପରିଚାଳକ ମାନସ ରଞ୍ଜନ ବେହେରା, ସହକାରୀ ପ୍ରବନ୍ଧକ ସୁଭାଶିଷ ସାହୁ, ଫିଲ୍ଡ ଅଫିସର ନିରୋଜ କୁମାର, ଆନନ୍ଦ ଶଙ୍କର ସ୍ୱାଇଁଙ୍କ ସମତେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ନିରୋଧ ଆଇନ କର୍ମଶାଳା



ଜିଲାସ୍ତରୀୟ ରଣନୀତି ପ୍ରସ୍ତୁତି କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଦେବଗଡ଼,୨୦।୭(ଡି.ଏନ.ଏ.)

**ଅଗଷ୍ଟ ୧୫ରୁ ସଚେତନତା କାର୍ଯ୍ୟକ୍ରମ**

ଦେବଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବାଲ୍ୟବିବାହ ନିରୋଧ ଆଇନର ସଫଳ କାର୍ଯ୍ୟକାରିତା ନେଇ ଶନିବାର ଜିଲାସ୍ତରୀୟ ରଣନୀତି ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଧରମ ହାଂସଦାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରି ବାଲ୍ୟବିବାହ ନିରୋଧ ଅଧିନିୟମ-୨୦୦୬ର ଆଇନଗତ ଦିଗ ଉପରେ ସୂଚନା ଦେଇଥିଲେ । ଚାଇଲ୍ଡଲାଇନର ନିର୍ଦ୍ଦେଶକ ଅବୁଲ କାଲାମ ଆଜାଦ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଅନୁପମା ରାଉତ ପ୍ରମୁଖ ବାଲ୍ୟ ବିବାହ ଆଇନର କାର୍ଯ୍ୟକାରିତା କ୍ଷେତ୍ରରେ ସରକାରୀ ଅଧିକାରୀ, ଅଭିଭାବକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ପ୍ରସ୍ତୁତ ରଣନୀତି ଅନୁଯାୟୀ ପ୍ରତ୍ୟେକ ଗ୍ରାମରେ ସରକାରୀ ଅଧିକାରୀ, ଜନ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାର ସଦସ୍ୟମାନଙ୍କୁ ନେଇ ବାଲ୍ୟବିବାହ ନିରୋଧ ମଞ୍ଚ ଗଠନ କରାଯିବ। ବାଲ୍ୟ ବିବାହ ହେଉଥିବା ସ୍ଥାନରେ ଚଢାଉ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ମନ୍ଦିର ଓ ମଠକୁ ବାଲ୍ୟ ବିବାହ ନିଷେଧାଞ୍ଚଳ ଘୋଷଣା କରାଯିବା ସହ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କର୍ମଶାଳାରେ ନିଷ୍ପତ୍ତି ନିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୧୫ ତାରିଖରୁ ବାଲ୍ୟ ବିବାହ ନିରୋଧ ଆଇନ ସମ୍ପର୍କରେ ଜିଲାବ୍ୟାପୀ ଅଭିଯାନ ଆରମ୍ଭ ହୋଇ ଲୋକଙ୍କୁ ସଚେତନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ହାଂସଦା ସୂଚନା ଦେଇଥିଲେ।

## ଟାଉନ୍ ଥାନାରୁ ଅଭିଯୁକ୍ତଙ୍କ ଚମ୍ପଟ ଉଦ୍ୟମ

ବଲାଙ୍ଗୀର ଅଫିସ, ୨୦।୭

ବଲାଙ୍ଗୀର ଟାଉନ୍ ଥାନା ପରିସରରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରୁଥିଲେ । ତେବେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ସମ୍ପୃକ୍ତ ଅଭିଯୁକ୍ତ ପୋଲିସ ହାତରେ ଧରା ପଡିଥିଲେ । ଶନିବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଓପିଡି ଭିତରେ ଦୁଇଜଣ ଯୁବକ ଶୋଇଥିବା ଦେଖାଯାଇଥିଲା । ଓପିଡିକୁ ଯାଇଥିବା ଡାକ୍ତର ଏହା ଦେଖିବା ପରେ ଟାଉନ୍ ଥାନା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଆସି ଅଭିଯୁକ୍ତଦ୍ୱୟଙ୍କୁ ନେଇଥିଲେ । ସେମାନଙ୍କୁ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ପଞ୍ଚାନନ ସାହୁ ଓ ଢୁଙ୍ଗୁରିପାଲି ଅଞ୍ଚଳର ପାରଶ ଅଗ୍ରୱାଲ ବୋଲି ଚିହ୍ନଟ କରାଯାଇଥିଲା। ଶନିବାର ମେଡିକାଲ ଟେଷ୍ଟ ପାଇଁ ଉକ୍ତ ଦୁଇଜଣଙ୍କୁ ନିଆଯାଉଥିବାବେଳେ ପଞ୍ଚାନନ ଟାଉନ୍ ଥାନାରୁ ଦୌଡି ପଳାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ଫୋର୍ସ ତାଙ୍କୁ ଗୋଡାଇ ପୁରୁଣା ରାଜବାଟୀ ନିକଟରେ କାବୁ କରିଥିଲେ । ଏ ନେଇ ଏକ ମାମଲା (ନଂ.୩୫୭/୧୯) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ।



ଗିରଫ ଦୁଇ ଅଭିଯୁକ୍ତ ପଞ୍ଚାନନ ସାହୁ ଓ ପାରସ ଅଗ୍ରୱାଲ ।

## ୫ ବଖରା ଜଳିଗଲା

ରିଆମାଳ, ୨୦।୭ (ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ କୁଣ୍ଢେଇଗୋଳା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ୫ବଖରା ଘର ଭସ୍ମୀଭୂତ ହୋଇଯାଇଛି। ପରିବାରର ସଦସ୍ୟମାନେ ରାତିରେ ଶୋଇଥିବାବେଳେ ନିଆଁ ଲାଗିଯାଇଥିଲା। ଏହି ସମୟରେ ସେହି ବାଟ ଦେଇ ଏକ ଟ୍ରକ ଯାଉଥିବାବେଳେ ଡ୍ରାଇଭର ଦେଖିପାରି ପରିବାର ଲୋକଙ୍କୁ ଡାକି ଉଠାଇଥିଲେ। ବିପନ୍ନ କାଠିଆ ବେହେରା, ବଳରାମ ବେହେରା, କୃଷ୍ଣ ବେହେରା, ଅରୁଣ ବେହେରା ଓ ତରୁଣ ବେହେରା ଏବେ ବେସାହାର ହୋଇ ଯାଇଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିପିନ ବିହାରୀ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ପଲିଥିନ ପ୍ରଦାନ କରିଥିଲେ। କୁଣ୍ଢେଇଗୋଳା ବଣିକ ସଂଘ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ବଣିକ ସଂଘ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ମହନ୍ତ ବେହେରା ବିପନ୍ନ ପାଞ୍ଚ ପରିବାରକୁ କପଡ଼ା ପ୍ରଦାନ କରିଛନ୍ତି। ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ ଅଗ୍ନିବପନ୍ନଙ୍କୁ ପଞ୍ଚାୟତ ସମିତି ପକ୍ଷରୁ ସହଯୋଗ କରାଯିବ ବୋଲ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସ୍ଥାନୀୟ ସରପଞ୍ଚ ବିଦ୍ୟୁତ୍‌ଲତା ଦଳବେହେରା ପଞ୍ଚାୟତ ପ୍ରଶାସନ ପକ୍ଷରୁ ୭ଦିନର ଖାଦ୍ୟ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି। ଉକ୍ତ ୫ଟି ପରିବାରବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କିମ୍ବା ବିଜୁ ପକ୍କାଘର ସରକାରଙ୍କ ପକ୍ଷରୁ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟୁତ୍ ସର୍ଟ ସର୍କିଟରୁ ଘରେ ନିଆଁ ଲାଗି ଯାଇଥିବା କୁହାଯାଉଛି।

## ବୈଦିକ ଗଣିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସମ୍ବଲପୁର,୨୦।୭(ବ୍ୟୁରୋ)

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକଙ୍କ ବୈଦିକ ଗଣିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ବୈଦିକ ଗଣିତର ମହତ୍ତ୍ୱ ଓ ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦେହୁରୀ, ଚଇନୁ ପ୍ରଧାନ, ରଞ୍ଜନ ଦାଶ, ବୈକୁଣ୍ଠ ନାଗ ଆଲୋଚନାରେ ଭାଗ ନେଇଥିଲେ ।



ଶନିବାର ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ବୈଦିକ ଗଣିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଭାବକ ।

## ପୋଲିସ ସମିତି ବୈଠକ

ରିଆମାଳ, ୨୦।୭ (ଡି.ଏନ.ଏ.)

ରିଆମାଳ ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଥାନା ଅଧିକାରୀ ପ୍ରଦୀପ କୁମାର କେରକେଟା ସଭାପତିତ୍ୱ କରି ଟ୍ରାଫିକ, ପାଟ୍ରୋଲିଂ, ମଦ କାରବାରକୁ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତି ମାସ ୨୦ ତାରିଖରେ ପୋଲିସ ସମିତି ସଭା ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ହାବିଲଦାର ଅଶୋକ କୁମାର ନାଏକ ସଭା ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଝସକେତନ ସାହୁ, ଶ୍ରୀକାନ୍ତ ପ୍ରଧାନ, ଯଶୋବନ୍ତ ଅଜାବର, ଧିରୁଆ ଟିଗା, ଧିର ପାତ୍ର, ଝୁନୁ କିସାନ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ସେବା ପ୍ରାଧିକରଣର ଦିଲିପ କୁମାର ବେହେରା ଓ ବାଳକୃଷ୍ଣ ଦେହୁରୀ ଏବଂ ଆମ ପୋଲିସ ସମିତିର ସଭ୍ୟମାନେ ଯୋଗଦେଇଥିଲେ।

## ବଣିକ ସଂଘରେ ଫାଟ

ଦେବଗଡ,୨୦।୭(ଡି.ଏନ୍.ଏ.)

■ ଅସ୍ଥାୟୀ ସଂଘର ଦେବଗଡ଼ ବନ୍ଦ ଡାକରା
■ ଜିଲା ବଣିକ ସଂଘର ବିରୋଧ

ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ ପୌରପରିଷଦ ପକ୍ଷରୁ ହେଉଥିବା ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି କେତେଜଣ ବ୍ୟବସାୟୀ ସ୍ଥାନୀୟ ଗୋପାଳଜୀ ମନ୍ଦିରରେ ଏକ ବୈଠକ କରିଥିଲେ। ଏ ନେଇ ଏକ ଅସ୍ଥାୟୀ କମିଟି ଗଠନ କରାଯାଇ ସଭାପତି ଭାବେ ସୁଶିଲ କୁମାର କପରଦାର, ଉପସଭାପତି ଆଲୋକ କୁମାର ଅମାନ୍ତ, ସମ୍ପାଦକ ରାଜକିଶୋର ଦାଶ, ସହସମ୍ପାଦକ ସୁବ୍ରତ ସାହୁ, କୋଷାଧକ୍ଷ ଭାବେ ସୁଧିର କୁମାର ବ୍ରହ୍ମାଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ନିଷ୍ପତ୍ତି ଅନୁଯାୟୀ, ପୌରପରିଷଦର ଉଚ୍ଛେଦ ପ୍ରକ୍ରିୟାକୁ ନିନ୍ଦା କରାଯିବା ସହ ଆସନ୍ତା ୨୩ ଓ ୨୪ ତାରିଖରେ ୨ ଦିନ ଦେବଗଡ଼ ବନ୍ଦ ଡ଼ାକରା ଦିଆଯାଇଛି। ଅନ୍ୟପକ୍ଷେ ୨୦୦୧ ଏପ୍ରିଲ ୧ ତାରିଖରେ ୩୦୮ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିବା ଜିଲା ବଣିକ ସଂଘର ସଭାପତି ଭାବେ ଉମାଶଙ୍କର ସାହୁ, ଉପସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, କୋଷାଧକ୍ଷ ଭାବେ ଅରୁଣ ଅଗ୍ରୱାଲ ନିର୍ବାଚିତ ହୋଇଥିଲେ। ସଭାପତି ସାହୁ ଏକ ପ୍ରେସ ବିବୃତିରେ ଦର୍ଶାଇଛନ୍ତି, ବଣିକ ସଂଘ ୨୦୦୧ରୁ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇ ଆସୁଛି । ହେଲେ ଜିଲା ବଣିକ ସଂଘକୁ କୌଣସି ସୂଚନା ନ ଦେଇ ଆଉ ଏକ ଅସ୍ଥାୟୀ ସଂଘ ଗଠନ କରାଯାଇଛି । ଏହାକୁ ସେ ବିରୋଧ କରିଛନ୍ତି । ସେ କହିଛନ୍ତି, ସହରର ଜଣେ ବ୍ୟବସାୟୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ କର୍ମୀ ନୂତନ ବଣିକ ସଂଘ ଗଠନ କରିଛନ୍ତି । ସେମାନେ ଏହି ବନ୍ଦ ଡାକରା ଦେଇଛନ୍ତି । ଏହି ବନ୍ଦରେ ଦେବଗଡ଼ ଜିଲା ବଣିକ ସଂଘର କୌଣସି ଭୂମିକା ନାହିଁ। ଦେବଗଡ଼ ଜିଲା ବଣିକ ସଂଘ ନାମକୁ ଅପବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ସେହିପରି ପୌରପରିଷଦ ପକ୍ଷରୁ ଉଚ୍ଛେଦ ସମୟରେ ପ୍ରଭାବିତ ହୋଇଥିବା ବ୍ୟବସାୟୀଙ୍କ ନିମନ୍ତେ ସ୍ଥାୟୀ ଭେଣ୍ଡିଂ ଜୋନ୍ କରାଯାଇ ଥଇଥାନ କରିବା ଲାଗି ଜିଲା ବଣିକ ସଂଘ ସଭାପତି ସାହୁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ
ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଗୁରୁଦେବ ଅର୍ଜୁନଙ୍କ ଆବିର୍ଭାବ ଦିବସ

ସମ୍ବଲପୁର, ୨୦।୭ (ବ୍ୟୁରୋ)- ଦିବ୍ୟ ଜୀବନ ସଂଘ ଓ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଗୁରୁଦେବ ଅର୍ଜୁନଙ୍କ ୮୭ତମ ଆବିର୍ଭାବ ଦିବସ ପାଳିତ ହୋଇଯାଇଛି । ହୋତାପଡା ଜଗନ୍ନାଥ ମନ୍ଦିର ପରିସରରେ ସଂଘ ସଭାପତି ଗୋପିନାଥ ଷଡଙ୍ଗୀଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରକୃତିରୁ ପାଣି, ପବନ, ଆଲୋକ, ମାଟି ପ୍ରଭୃତି ପ୍ରାକୃତିକ ଶକ୍ତି ସଂଗ୍ରହ କରି ମାନବ କଲ୍ୟାଣରେ ନିୟୋଜିତ କରାଯାଉଛି । ଆଧାତ୍ମିକ ଶକ୍ତିର ବିକାଶ ଓ ଅଭ୍ୟାସ ବଳରେ ମାନବ ବିଶେଷ ଜ୍ଞାନର ଅଧିକାରୀ ହୋଇପାରିଛି। ତେଣୁ ସତସଙ୍ଗ ବିନା ବିବେକ ଉଦୟ ହୋଇ ପାରେ ନାହିଁ ବୋଲି ବକ୍ତାମାନେ କହିଥିଲେ । ସମ୍ପାଦିକା ସଙ୍ଗୀତ ଆଚାର୍ଯ୍ୟ, ପୂର୍ବତନ ସମ୍ପାଦକ ଜନ୍ମଜୟ ବାବୁ, ଉପସଭାପତି ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା, ସମ୍ପାଦିକା ସବିତା ମିଶ୍ର, ଦମୟନ୍ତୀ ଆଚାର୍ଯ୍ୟ, ଚଞ୍ଚଳା ବନିକ, ସ୍ୱର୍ଣ୍ଣଲତା ସାହୁ, ସୁରେଖା ମହାନ୍ତି, ସନ୍ତୋଷ ପୂଜାରୀ ଯୋଗଦେଇ ବିଜ୍ଞାନ କ୍ଷେତ୍ରରେ ଗୁରୁ ଅର୍ଜୁନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

### ସେବାଶ୍ରମ ସ୍କୁଲ ପରିଦର୍ଶନ କଲେ ବିଧାୟକ

ସମ୍ବଲପୁର,୨୦। ୭ (ବ୍ୟୁରୋ)- ସମ୍ବଲପୁର ଜିଲା ବାସୁପାଲି ସେବାଶ୍ରମ ସ୍କୁଲକୁ ଶନିବାର ରେଙ୍ଗାଲି ବିଧାୟକ ନାଉରୀ ନାଏକ ପରିଦର୍ଶନ କରି ସମସ୍ୟା ଉପରେ ଆଲୋଚନା କରିଛନ୍ତି । ପ୍ରଧାନ ଶିକ୍ଷକ ନିରଞ୍ଜନ ବଡପଣ୍ଡାଙ୍କ ଅଧକ୍ଷତାରେ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଧାୟକ ସ୍କୁଲରେ ଥିବା ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ଜିଲା ପରିଷଦ ସଭ୍ୟା ଉତ୍ପଳା ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା।

### ଠେମେରା ହାଇସ୍କୁଲରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର,୨୦।୭ (ବ୍ୟୁରୋ) ସମ୍ବଲପୁର ଜିଲା ଠେମେରା ହାଇସ୍କୁଲ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାର ମିଶ୍ରଙ୍କ ଅଧକ୍ଷତାରେ ସଭା ଆୟାଜିତ ହୋଇଥିଲା । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷଚନ୍ଦ୍ର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ ମହାଦେବ ପ୍ରଧାନ, ଲହଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ନାଥ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ପରିଚାଳନା କମିଟି ଅଧକ୍ଷ ନିଳାଦ୍ରି ବାରିକ, ସାମାଜିକ କର୍ମୀ ଜଗତମୋହନ ପ୍ରଧାନ, ଲକ୍ଷ୍ମୀ ଭୁଏ, ମୋହନ ବାରିକ, ରଞ୍ଜନ ପ୍ରଧାନ, ଜୟନ୍ତି ବେହେରା, ଅହଲ୍ୟା ଭୋଇ, ଛାତ୍ରୀ ପ୍ରତ୍ୟୁଷା ନାୟକ, ପ୍ରଜ୍ଞାପରମିତା ନାୟକ, ଉମା ବଢ଼େଇ, ଶିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡିଆ, ସୁଶାନ୍ତ ସାହୁ, ସତ୍ୟରଞ୍ଜନ ପଣ୍ଡା, କୃଷ୍ଣ ଚନ୍ଦ୍ର ବଢ଼େଇ, ଶିକ୍ଷୟିତ୍ରୀ ସବିତା ପଣାୟତ, ତପସ୍ୱିନୀ ଛୁରିଆ, ମମତା ଦୋରା, ଆନନ୍ଦ ପଣ୍ଡା, ଶିଶିର କୁମାର ନାଥ, ସମୀର ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ଆହତ ଷଣ୍ଢକୁ ଚିକିତ୍ସା ପାଇଁ ପଠାଇଲେ ଗୋ-ସେବକ

ବାମରା, ୨୦।୭ (ସ୍ୱ.ପ୍ର.) ବାମରା ବସଷ୍ଟାଣ୍ଡଠାରେ ଗତ ୩ ଦିନ ଧରି ଏକ ଆହତ ଷଣ୍ଢ ଅସହାୟ ଅବସ୍ଥାରେ ପଡିରହିଥିବା ବେଳେ ଶନିବାର ବାମରା ଅଞ୍ଚଳର କେତେକ ଯୁବକ ଉଦ୍ଧାର କରି ବେଦବ୍ୟାସସ୍ଥିତ ଗୋଶାଳାକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଶ୍ୟାମସୁନ୍ଦର ଦାସ, ଅରଜିତ ରାୟ, ହିମାଂଶୁଶେଖର ନାଏକ, ଅନୁପ ଶର୍ମା, ପବିତ୍ର ମାଝୀ ଓ ଚନ୍ଦନ ବର୍ମା ପ୍ରମୁଖ ଷଣ୍ଢଟିକୁ ଉଦ୍ଧାର କରିଥିଲେ। ଆଜିର ସ୍ୱାର୍ଥପର ଦୁନିଆରେ ମଣିଷ ମଣିଷକୁ ଅନାଉ ନାହିଁ। ଏଭଳି ପରିସ୍ଥିତିରେ ରାସ୍ତା କଡ଼ରୁ ଆହତ ଷଣ୍ଢଟିକୁ ଉଦ୍ଧାର କରି ଏହି ଯୁବକମାନେ ଚିକିତ୍ସା ବ୍ୟବସ୍ଥା କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ଚିପିଲିମା ଉଦ୍ୟାନ କଲେଜ ଛାତ୍ରୀଛାତ୍ର

# ୨ ଦିନ ହେଲା ଧାରଣାରେ

ଚିପିଲିମା, ୨୦।୭ (ଡି.ଏନ.ଏ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ଚିପିଲିମା କୃଷି ଓ ଉଦ୍ୟାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ଏମାନଙ୍କ ପ୍ରତି ପାତରଅନ୍ତର କରାଯାଉଛି। ନିଯୁକ୍ତି କ୍ଷେତ୍ରରେ ଏମାନଙ୍କୁ ଅଣଦେଖା କରାଯାଉଛି। ଏଭଳି ଅଭିଯୋଗ କରି ଚିପିଲିମା ଓୟୁଏଟିର ଉଦ୍ୟାନ ବିଭାଗ ଛାତ୍ରୀଛାତ୍ର ଶୁକ୍ରବାରଠାରୁ ୨ ଦିନ ହେଲା ଉଦ୍ୟାନ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। ୧୫ ଦିନ ମଧ୍ୟରେ ସରକାର ପଦକ୍ଷେପ ନେବାକୁ ଆନ୍ଦୋଳନରତ ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

୨୦୦୮ରେ ଚିପିଲିମାରେ ଉଦ୍ୟାନ କଲେଜ ଖୋଲା ଯାଇଛି। ଯେତେବେଳେ କୃଷି ବିଭାଗ ପାଇଁ କୌଣସି ନିଯୁକ୍ତି ବାହାରୁଛି ସେଥିରେ କେବଳ କୃଷି ବିଭାଗର ଛାତ୍ରୀଛାତ୍ର ଆବେଦନ କରୁଛନ୍ତି। କିନ୍ତୁ ଯେତେବେଳେ ଉଦ୍ୟାନ ବିଭାଗ ପାଇଁ ନିଯୁକ୍ତି ବାହାରୁଛି ସେଥିରେ କୃଷି ଓ ଉଦ୍ୟାନ ଉଭୟ ବିଭାଗର ଛାତ୍ରୀଛାତ୍ର ଆବେଦନ କରୁଛନ୍ତି। ଏପରି ପାତରଅନ୍ତର ନୀତିକୁ ଉଦ୍ୟାନ ବିଭାଗ ଛାତ୍ରୀଛାତ୍ର ସହଜେ ଗ୍ରହଣ କରି ପାରୁନାହାନ୍ତି । ୨୦୧୬ରେ ଛାତ୍ରୀଛାତ୍ର ଏହି ପାତରଅନ୍ତର ନୀତିକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ୫୦ ପ୍ରତିଶତ ଉଦ୍ୟାନ ଛାତ୍ରୀଛାତ୍ରଙ୍କ ପାଇଁ କୋଟା ରଖାଯିବ। ବଳକା ୫୦ ପ୍ରତିଶତ ଲିଖିତ ପରୀକ୍ଷା କରାଯିବା। ସେଥିରେ ଉଭୟ କୃଷି ଓ ଉଦ୍ୟାନ ଛାତ୍ରୀଛାତ୍ର ଭାଗ ନେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଏହି ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ । ମଝିରେ ୧୩୯ ପୋଷ୍ଟ ପାଇଁ ନିଯୁକ୍ତି ହୋଇଥିବା ବେଳେ ସେଥିରେ ମାତ୍ର ୧୫ ଜଣ ଉଦ୍ୟାନ ଛାତ୍ରୀଛାତ୍ର ନିଯୁକ୍ତି ପାଇଥିଲେ । ଏବେ ପୁଣି ପୋଷ୍ଟ ବାହାରିଛି । ଏଥିରେ କୃଷି ଓ ଉଦ୍ୟାନ ଉଭୟଙ୍କ ପାଇଁ ସୁଯୋଗ ଦିଆଯାଇଛି । ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଥିବା ବେଳେ ଏହା ଉଦ୍ୟାନ ଛାତ୍ରୀଛାତ୍ରଙ୍କୁ ବେଶ୍ ଅଘାତ ଦେଇଛି। ଏହାକୁ ସେମାନେ ବିରୋଧ କରିଛନ୍ତି। ନିଯୁକ୍ତି ବିଜ୍ଞାପନକୁ ବାତିଲ କରାଯାଉ। ଏଥିସହ ଓପିଏସସିରେ ଉଦ୍ୟାନ ବିଭାଗର ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କୁ ସାମିଲ କରିବାକୁ ଦାବି କରାଯାଇଛି। ଚିପିଲିମା ଉଦ୍ୟାନ କଲେଜରୁ ୩୦୦ ଛାତ୍ରୀଛାତ୍ର ଡିଗ୍ରୀ ହାସଲ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୫ଜଣ ଚାକିରୀ ପାଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ତେବେ ଶନିବାର ଏକ ପ୍ରତିନିଧି ଦଳ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଏହାକୁ ବିଧାନ ସଭାରେ ଉଠାଇବାକୁ ବିଧାୟକ ଏମାନଙ୍କୁ କଥା ଦେଇଛନ୍ତି।



ଶନିବାର ସମ୍ବଲପୁରଠାରେ ଆୟୋଜିତ 'ଆମ ସ୍କୁଲ ଓ ପରିବେଶ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଏବଂ ଆୟୋଜକ ।

## ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର, ୨୦।୭ (ବ୍ୟୁରୋ)

'ଆମ ସ୍କୁଲ ଓ ପରିବେଶ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଶନିବାର ସହଯୋଗନଗର ସ୍ଥିତ ହମ୍ପିଡମ୍ପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନର୍ସରୀ ବିଭାଗରେ ଅଶ୍ଳେଷା ଆଚାର୍ଯ୍ୟ ପ୍ରଥମ, ନବନିତ ସାହୁ ଦ୍ୱିତୀୟ ଓ ଆଭାସ୍ମୃତି ଗଡତିଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଲ କେଜି ଓ ୟୁ କେଜି ବର୍ଗରେ ଶୁଭସ୍ମିତା ଗଉଡ ପ୍ରଥମ, ଗୋପିନାଥ ମହାପାତ୍ର ଦ୍ୱିତୀୟ ଓ ସାଇଆରାଧ୍ୟା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସାଇଶିକ୍ଷା ପରିଷଦ ଅଧକ୍ଷ ନନ୍ଦକିଶୋର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଞ୍ଜଳି ପାତ୍ର, ଜୁଲି ନାୟକ, ଶାଶ୍ୱତି ପୁରୋହିତ, ନିବେଦିତା ଚକ୍ରବର୍ତ୍ତୀ, ସସ୍ମିତା ରାଉତ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ବଳାତ୍କାର ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

■ ୧୮ ତାରିଖ କୋର୍ଟରେ ଆତ୍ମସମର୍ପଣ କରିଥିଲେ

ସମ୍ବଲପୁର,୨୦।୭ (ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ସାହସପୁର ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ରାଜୁ ବରେଇ(୨୮)ଙ୍କୁ ପୋଲିସ ରିମାଣ୍ଡରେ ନେଇଛି। ଏସ୍‌ଡିଜେଏମଙ୍କ କୋର୍ଟରେ ମହିଳା ଥାନା ପୋଲିସ ରିମାଣ୍ଡ ପାଇଁ ଆବେଦନ କରିଥିଲା । କୋର୍ଟ ୨୦ ଓ ୨୧ ତାରିଖ ଦୁଇ ଦିନିଆ ରିମାଣ୍ଡ ଅନୁମତି ପ୍ରଦାନ କରିଛନ୍ତି । ଶନିବାର ଅଭିଯୁକ୍ତ ରାଜୁଙ୍କ ଡାକ୍ତରୀ ମାଇନା କରାଯାଇଛି । ଅଧିକ ପଚରାଉଚୁରା କରି ରବିବାର ସନ୍ଧ୍ୟାରେ ତାଙ୍କୁ ପୁଣି ଜେଲ ପଠାଇ ଦିଆଯିବ ବୋଲି ପୋଲିସ କହିଛି।

ରାଜୁଙ୍କ ସହ ଉକ୍ତ ଯୁବତୀଙ୍କ ପ୍ରେମ ସମ୍ପର୍କ ରହିଥିଲା । ପ୍ରାୟ ୫ ବର୍ଷ ଧରି ଉଭୟଙ୍କ ଭିତରେ ସମ୍ପର୍କ ରହିଥିବା ବେଳେ ଏପ୍ରିଲ ୨୬ ତାରିଖ ଘର ଛାଡି ଉଭୟେ କେଉଁଆଡେ ଚାଲି ଯାଇଥିଲେ । ପୁଣି ଏପ୍ରିଲ ୩୦ ତାରିଖ ଗାଁକୁ ଫେରିଥିଲେ । ପରିବାର ବର୍ଗ ବୁଝାସୁଝା କରିବା ପରେ ଉଭୟ ନିଜ ନିଜ ଘରକୁ ଯାଇଥିଲେ। ହେଲେ ଅଭିଯୁକ୍ତ ଗାଁରୁ କେଉଁଆଡେ ଫେରାର ହୋଇଯାଇଥିଲେ । ଏହା ଜାଣିବା ପରେ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ରାଜୁ ପ୍ରେମ ସମ୍ପର୍କ ରଖିଥିଲେ। ପରେ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଶେଷ ସମୟରେ ବିବାହ କରିବାକୁ ରାଜି ନ ହେବାରୁ ଯୁବତୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ମହିଳା ଥାନରେ ପୋଲିସ ଏକ ମାମଲା (ନଂ.୧୯/୧୯) ରୁଜୁ କରି ତଦନ୍ତ କରୁଥିଲା। ଅନ୍ୟପଯେ ଅଭିଯୁକ୍ତ ରାଜୁ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ହେଲେ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଗତ ୧୮ ତାରିଖ ସେ ସମ୍ବଲପୁର ଏସ୍‌ଡିଜେଏମଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

## ପାବନ ସରୋବରରେ ୬୦ ଚାରା ଲାଗିଲା

ସମ୍ବଲପୁର, ୨୦।୭ (ବ୍ୟୁରୋ)

ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ପଧାନପାଲି ନିକଟସ୍ଥ ପାବନ ସରୋବରଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ମୁଖ୍ୟ ବ୍ରହ୍ମକୁମାରୀ ପାର୍ବତୀ, ଚିଫ କଞ୍ଜରଭେଟର୍ ରମେଶ ସେଠୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ । ପ୍ରଜାପିତା ବ୍ରହ୍ମକୁମାରୀ ସମ୍ବଲପୁର କେନ୍ଦ୍ରର ବ୍ରହ୍ମକୁମାରୀ ଓ ବ୍ରହ୍ମକୁମାର, ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରି ୬୦ଟି ଚାରା ରୋପଣ କରିଥିଲେ। ସବୁଜ ଓ ସ୍ୱଚ୍ଛ ଭାରତ ଲକ୍ଷ୍ୟରେ କାର୍ଯ୍ୟକ୍ରମ କରାଯାଇଥିବା ଆୟୋଜକ ସୂଚନା ଦେଇଛନ୍ତି ।

## ହାଇସ୍କୁଲରେ ଚାରା ରୋପଣ

ରେଙ୍ଗାଲି, ୨୦।୭ (ଡି.ଏନ.ଏ)

ରେଙ୍ଗାଲି ବ୍ଲକ ରାମଚନ୍ଦ୍ରନଗର ହାଇସ୍କୁଲରେ ବରିଷ୍ଠ ନାଗରିକ ପରିଷଦ ଏବଂ ଶ୍ୟାମ ମେଟାଲିକ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ରାମଚନ୍ଦ୍ରନଗର ହାଇସ୍କୁଲ ପରିଚାଳନା କମିଟିର ସଭାପତି ରମାକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ନାଗରିକ ପରିଷଦର ସଭାପତି ବସନ୍ତ ନାଏକ ସଭାପତିତ୍ୱ କରିଥିଲେ । ପରିଷଦର ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ଶଶିଭୂଷଣ ସାହୁ, ଉଦୟ ଚନ୍ଦ୍ର ସାହୁ, ଦିବ୍ୟଶଙ୍କର ବେହେରା, ସୁବାଷ ସିଂ, ଜଙ୍ଗଲା ସରପଞ୍ଚ ଗାନ୍ଧୀ ବେହେରା, ଜୋନ-୧ ଜିଲା ପରିଷଦ ତିରୋଜ ହେଡେଞ୍ଜା, ଶିକ୍ଷକ ରମେଶ ବାରିକ, ଶ୍ୟାମ ମେଟାଲିକର ମନୋଜ ପଣ୍ଡା, ଶରତ କୁମାର, ସୁଧୀର ସେଟ, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ସ୍କୁଲ ପ୍ରଧାନ ଶିକ୍ଷକ ଭଗବାନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ବୃକ୍ଷ ଯୋଗୁ ସୁସ୍ଥ ବାତାବରଣ, ସୁସ୍ଥ ପରିବେଶ ଏବଂ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଶୁଦ୍ଧ ଅମ୍ଳଜାନ ମିଳିଥାଏ ବୋଲି ବକ୍ତାମାନେ ବକ୍ତବ୍ୟ ଦେଇଥିଲେ ।



ଶନିବାର ସମ୍ବଲପୁର ଜନ ସମୀକ୍ଷାର ବାର୍ଷିକ ଉତ୍ସବରେ ଅତିଥି, ଆୟୋଜକଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## ଜନସମୀକ୍ଷାର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୦।୭ (ବ୍ୟୁରୋ)

ସାପ୍ତାହିକ ପତ୍ରିକା ଜନସମୀକ୍ଷାର ୩୯ତମ ବାର୍ଷିକ ଉତ୍ସବ ଶନିବାର ଚିତ୍ରଗୁପ୍ତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର ମୁଖ୍ୟଅତିଥି, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମିସେସ୍ କୁଇନ୍ ୟୁନିଭର୍ସ ଓଡିଶା ଓ ମିସେସ୍ କୁଇନ୍ ୟୁନିଭର୍ସର ଦ୍ୱିତୀୟ ପ୍ରିନସେସ୍ ଟାଇଟଲ ହାସଲ କରିଥିବା ମନୀଷା ମହାପାତ୍ରଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ । ଶିଶୁ କଳାକାର ପ୍ରିୟାଂଶୀ ଘିବେଲା ଗଣେଶ ବନ୍ଦନା ପରିବେଷଣ କରିଥିବା ବେଳେ ଅର୍ଚ୍ଚନା ପାଣ୍ଡିଆ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ପତ୍ରିକା ସମ୍ପାଦିକା ସବିତା ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱମ୍ଭର ବହିଦାର, କାର୍ତ୍ତିକ ପ୍ରସାଦ ବହିଦାର, ପ୍ରଜ୍ଞା ପଟ୍ଟନାୟକ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

■ ଏନ୍‌ଏଲ୍‌ସି କମ୍ପାନୀକୁ ବିରୋଧ

## ଗାଁ ଲୋକେ ଗଛ କଟାଇ ଦେଲେନି

ରେଙ୍ଗାଲି, ୨୦।୭ (ଡି.ଏନ.ଏ.)



ଗ୍ରାମବାସୀ ଗଛକଟାକୁ ବିରୋଧ କରୁଛନ୍ତି।

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ତଲାବିରା ୨ ଏବଂ ୩ କୋଇଲା ଖଣି ଖନନ ପାଇଁ ଏନଏଲସି କମ୍ପାନୀ କାର୍ଯ୍ୟ ଆରମ୍ଭ କରିବାକୁ ସଜବାଜ ହେଉଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁ କାମ ଆରମ୍ଭ ହୋଇପାରୁ ନାହିଁ । ଗତ ୧୮ ତାରିଖ ଠେଲକଲୋଇ ଥାନାରେ ଏନଏଲସି କମ୍ପାନୀ କର୍ତ୍ତୃପକ୍ଷ, କୋଇଲା ଖଣି ଦ୍ୱାରା ପ୍ରଭାବିତ ଗ୍ରାମବାସୀ ଏବଂ ପ୍ରଶାସନ ମଧ୍ୟରେ ଏକତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପ୍ରଥମେ ଗ୍ରାମବାସୀମାନଙ୍କ ଦାବୀ ଗୁଡିକ କମ୍ପାନୀ ପୂରଣ କରୁ ଏବଂ ପରେ କାମ ଆରମ୍ଭ କରି ଦିଆଯିବ ବୋଲି ଗ୍ରାମବାସୀ ରୋକଠୋକ ଶୁଣାଇଥିଲେ । କିନ୍ତୁ କମ୍ପାନୀ ଗ୍ରାମବାସୀଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଶନିବାର ପୋଲିସ ପରସ୍ଥିତିରେ ଗଛକଟା କାମ ଆରମ୍ଭ କରିଥିଲା। କମ୍ପାନୀ ଗଛ କାଟୁଥିବା ଗ୍ରାମବାସୀମାନେ ଜାଣି ଥିଲେ। ବୁଧିଆପାଲି, ତଲାବିରା, ଖିଣ୍ଡା ଗ୍ରାମର ଶତାଧିକ ଗ୍ରାମବସୀ ଗଛ କାଟୁଥିବା ସ୍ଥାନକୁ ଯାଇ ବିରୋଧ କରିବା ସହ ଗଛକଟା କାମକୁ ବନ୍ଦ କରିଥିଲେ । ଘଟଣା ସ୍ଥଳରେ ସମ୍ବଲପୁର ଅତିରିକ୍ତ ଏସ୍‌ପି ପ୍ରଦୀପ ମହାପାତ୍ର, ସଦର ଏସଡିପିଓ ଭବାନୀଶଙ୍କର ଉଦ୍‌ଗାତା, ବୁର୍ଲା ଏସ୍‌ଡିପିଓ ଶିଶୁରଞ୍ଜନ ମହାପାତ୍ର, ଠେଲକଲୋଇ ଥାନା ଅଧିକାରୀ ସୁରେଶ ସାହୁ, ରେଙ୍ଗାଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, କତରବଗା ଥାନା ଅଧିକାରୀ ଅଜୟ ଜେନା ଏବଂ ବହୁ ପୋଲିସ ଫୋର୍ସ ମୁତୟନ ଥିଲେ । ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ଥିବାବେଳେ କମ୍ପାନୀ କାହାକୁ ଖାତିର ନ କରି କାମ ଆରମ୍ଭ କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ସମାଧାନ କରା ନ ଗଲେ ଏହି ଅସନ୍ତୋଷ ବଡଧରଣର ଆନ୍ଦୋଳନରେ ପରିଣତ ହେବ। ସୋମବାର ରେଙ୍ଗାଲି ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

## ଫଟୋରେ ଖବର



ସମ୍ବଲପୁର ମୁଦିପଡା ଛକ– ଲକ୍ଷ୍ମୀ ଟକିଜ ଛକ ରାସ୍ତାରେ ପ୍ରାୟ ୧ବର୍ଷ ହେବ ଗଛର ଗଣ୍ଡି ପଡି ରହିଛି । ଏହାଦ୍ୱାରା ଲୋକଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି ।



ସମ୍ବଲପୁର କଚେରି ଛକସ୍ଥିତ ଅହମିୟ କବି ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ପୀଠ ବିପଦ ସଂକୁଳ ଭାବେ ପଡି ରହିଛି । ଏହି ଛକରେ ଜନଗହଳି ହେଉଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି ।

# ରାଜ୍ୟରେ ସ୍ଥାପନ ହେବ ୧ ହଜାର ଗୋବର ଗ୍ୟାସ୍ ପ୍ଲାଣ୍ଟ

ଭୁବନେଶ୍ୱର,୨୦।୭(ବ୍ୟୁରୋ)

■ ୨ଲକ୍ଷ ୪୪ହଜାର ପ୍ଲାଣ୍ଟ ହୋଇଛି

■ ୨୦୨୨ ସୁଦ୍ଧା ୨୩୭୭ ମେଗା ୱାଟ୍ ସୌରଶକ୍ତି ଉତ୍ପାଦନ ଲକ୍ଷ୍ୟ

ରାଜ୍ୟରେ ୧୯୮୪ରୁ ୨୦୧୯ ମଧ୍ୟରେ ୨ ଲକ୍ଷ ୪୪ହଜାର ୫୫୩ ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ହୋଇଛି। ଚଳିତ ବର୍ଷ ଆହୁରି ୧ ହଜାର ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ ହେବ। ବିଜୁଳି ଖର୍ଚ୍ଚ କମାଇବା ଲାଗି ୧୧ ଗ୍ରାମର ୧୪୪ଟି ପରିବାରକୁ ସୌରଶକ୍ତି ଓ ମାଗଣାରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି। କଟକ, ପୁରୀ ଏବଂ ଭୁବନେଶ୍ୱରରେ ବିଦ୍ୟୁତଚାଳିତ ଗାଡ଼ି ଚଳାଇବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଶହେ କିଲୋମିଟର ବ୍ୟବଧାନରେ ଏସବୁ ଗାଡ଼ି ଚଳାଚଳ କରିବ। ଶନିବାର ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି।

ସ୍ୱାଧୀନ ସଭ୍ୟ ମକରନ୍ଦ ମୁଦୁଲି ରାୟଗଡ଼ା ନିର୍ବାଚନମଣ୍ଡଳୀର କେତେ ଲୋକଙ୍କୁ ଗୋବର ଗ୍ୟାସ୍ ପ୍ଲାଣ୍ଟ କରିବା ଲାଗି ସରକାରୀ ପ୍ରୋତ୍ସାହନ ଦିଆଯାଇଛି। ସେହିଭଳି ବିଜୁଳି ଖର୍ଚ୍ଚ କମ୍ କରିବା ଲାଗି କେତେ ପରିବାରକୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ବୋଲି ଜାଣିବାକୁ ଚାହିଁଥିଲେ। ମନ୍ତ୍ରୀ କହିଥିଲେ ଯେ, ଗତ ୩ ବର୍ଷ ମଧ୍ୟରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ୩୧ଜଣ ଗୋବର ଗ୍ୟାସ ପ୍ଲାଣ୍ଟ ହିତାଧିକାରୀଙ୍କୁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନୂତନ ଓ ନବୀକରଣ ମନ୍ତ୍ରଣାଳୟ ଦ୍ୱାରା ହିତାଧିକାରୀଙ୍କୁ ରିହାତି ଦେବାର ବ୍ୟବସ୍ଥା ରହିଛି। ଏହି ନିର୍ବାଚନମଣ୍ଡଳୀର ୧୧ଟି ଗ୍ରାମର ୧୪୪ ପରିବାରକୁ ସୌରଶକ୍ତି ଯୋଗାଇ ଦିଆଯାଇଛି। ବିଜେଡି ସଭ୍ୟ ଅରବିନ୍ଦ ଢାଲି, ନୃସିଂହ ସାହୁ, ଅମର ଶତପଥୀ ଏବଂ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଗୋବର ଗ୍ୟାସ ପ୍ଲାଣ୍ଟ ଲାଗି ହିତାଧିକାରୀ ଚୟନ କିଭଳି ହୁଏ, ରିହାତି କାହାକୁ ଦିଆଯାଇଛି, ରାଜ୍ୟରେ କେତେ ପରିବାର ସୌରଶକ୍ତି ବ୍ୟବହାର କରୁଛନ୍ତି, ବଳକା ସୌରଶକ୍ତି ନେବା ଲାଗି ସୌରଗ୍ରୀଡ୍ ସ୍ଥାପନ କରିବେ କି, ବିଧାନସଭାର ବିଜୁଳି ଖର୍ଚ୍ଚ କମାଇବା ଲାଗି ସୌରଶକ୍ତି ବ୍ୟବସ୍ଥା କରାଯିବ କି, ଯେଉଁ କାର୍ଯ୍ୟାଳୟରେ ସୌରଶକ୍ତି ବ୍ୟବହାର କରାଯାଉଛି, ତାହାର ରକ୍ଷଣାବେକ୍ଷଣ କିଏ କରୁଛନ୍ତି ବୋଲି ପଚାରିଥିଲେ। ଜବାବରେ ମନ୍ତ୍ରୀ କହିଥିଲେ, ୧ କ୍ୟୁବିକ୍ ମିଟର ଗୋବର ଗ୍ୟାସ୍ ପ୍ଲାଣ୍ଟ ଲାଗି ୧୮ହଜାର ଟଙ୍କା ଖର୍ଚ୍ଚ ହୁଏ। ସେଥିରୁ ହିତାଧିକାରୀଙ୍କୁ ୭ହଜାର ୫ଶହ ଟଙ୍କା ରିହାତି ଦିଆଯାଉଛି। ସେହଭିଳି ୨-୬ କ୍ୟୁବିକ୍ ମିଟର ପାଇଁ ୧୨ହଜାର ଟଙ୍କା ରିହାତି ଦିଆଯାଉଛି। ପ୍ଲାଣ୍ଟ ଖରାପ ହେଲେ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ସେଗୁଡ଼ିକର ରକ୍ଷଣାବେକ୍ଷଣ କରିଥାନ୍ତି। କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ଏବଂ ବ୍ୟକ୍ତିଗତ ସ୍ତରରେ ଲୋକମାନେ ସୌରଶକ୍ତିର ବ୍ୟବହାର କରୁଛନ୍ତି। ସୌଭାଗ୍ୟ ଯୋଜନା ଲାଗି କେନ୍ଦ୍ର ସରକାର ୬୦% ଏବଂ ରାଜ୍ୟ ସରକାର ୪୦% ଖର୍ଚ୍ଚ ବହନ କରୁଛନ୍ତି। ପୂର୍ବରୁ ସୌରଶକ୍ତି ପାଇଁ କେନ୍ଦ୍ର ସରକାର ୯୦% ଓ ରାଜ୍ୟ ସରକାର ୧୦% ଖର୍ଚ୍ଚ ବହନ କରୁଥିଲେ। ରାଜ୍ୟର ୨୧ଟି ଜିଲାରେ ୩୯୨ ଗ୍ରାମକୁ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଇ ଦିଆଯାଉଛି। ଏଥିପାଇଁ ୧୨୩.୪୪ କୋଟି ଟଙ୍କା ଖର୍ଚ୍ଚ ହେଉଛି। ୧୧ହଜାର ୪୪ଟି ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏଥିଲାଗି ୬୨.୩୧ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା(ଓରେଡା) ପକ୍ଷରୁ ରୁଫ୍ ଟପ ସୋଲାର ବ୍ୟବସ୍ଥା କରାଯାଉଛି। ବିଭିନ୍ନ ସରକାରୀ କୋଠା ଏବଂ ଶିକ୍ଷାନୁଷ୍ଠାନରେ ସୌରଶକ୍ତି ବ୍ୟବସ୍ଥା କରିବା ଲାଗି ବିଡିଏ ଏବଂ ଅନ୍ୟାନ୍ୟ ସଂସ୍ଥା ସହିତ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ବାଚସ୍ପତି ଅନୁମତି ଦେଲେ ବିଧାନସଭାରେ ମଧ୍ୟ ସୌରଶକ୍ତି ବ୍ୟବସ୍ଥା କରାଯିବ। ଓରେଡା ପକ୍ଷରୁ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲରେ ସୌରଶକ୍ତି ବ୍ୟବସ୍ଥା କରାଯାଇଛି। ୨୦୨୨ ସୁଦ୍ଧା ୨୩୭୭ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏବେ ରାଜ୍ୟରେ ୧୧୦୮ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ କରାଯାଉଥିବା ବେଳେ ଗୋବର ଗ୍ୟାସ୍ ପ୍ଲାଣ୍ଟରୁ ୫୦.୪ ମେଗା ୱାଟ୍ ଶକ୍ତି ଉତ୍ପାଦନ କରାଯାଉଛି। ତେବେ ପବନରୁ ଏପର୍ଯ୍ୟନ୍ତ ଶକ୍ତି ଉତ୍ପାଦନ ହୋଇପାରିନାହିଁ ବୋଲି ମନ୍ତ୍ରୀ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି**
**ଗଞ୍ଜେଇ ଗଛକୁ ଚଡ଼କ ମାଇଲେ**
**ଗୁଆ ଗଛ ଜଳିଯାଉଛି।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ**
**ବୋଧଠାରୁ ମିତ୍ର ନାହିଁ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୩ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ବର୍ଷା ହ୍ରାସ ପାଇଛି । ଜୁନ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୨୭ ପ୍ରତିଶତ କମ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ପହିଲାରୁ ଜୁଲାଇ ୨୦ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୪୨୯.୪ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୩୧୪.୧ ପ୍ରତିଶତ। ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷାର ସମ୍ଭାବନା ରହିଛି। ତେବେ ୨୪ ତାରିଖରୁ ବର୍ଷା ପରିମାଣ ବଢ଼ିବ। କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାରାଦୀପରେ ୧୧.୫ ପ୍ରତିଶତ ବର୍ଷା ହୋଇଥିବା ବେଳେ ଗୋପାଳପୁର ୧୨.୬, ବାରିପଦା ୬.୩, କେନ୍ଦୁଝର ୨.୨, ସୁନ୍ଦରଗଡ ୪, ଭବାନୀପାଟଣା ୮.୬ , କୋରାପୁଟରେ ୧୦ ଏବଂ ଦାରିଙ୍ଗିବାଡ଼ିରେ ୧୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ରାଜ୍ୟର ପ୍ରଥମ ବିଦେଶ ଡାକଘର ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

■ ଏଣିକି ବିଦେଶରେ ଶୀଘ୍ର ପହଞ୍ଚିବ ଚିଠି, ପାର୍ସଲ

■ ରପ୍ତାନିକାରୀଙ୍କୁ ସ୍ୱାଗତ, କମ୍ ମୂଲ୍ୟରେ ମିଳିବ ସେବା

■ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଆସିବ ଉନ୍ନତି

ଓଡ଼ିଶାରୁ ବିଦେଶକୁ ପଠାଯାଉଥିବା ଚିଠି ଓ ପାର୍ସଲ କୋଲକାତାସ୍ଥିତ ଫରେନ ପୋଷ୍ଟ ଅଫିସ୍‌ର କଷ୍ଟମ ବିଭାଗରେ ଯାଞ୍ଚ ହୁଏ। ଏହାଦ୍ୱାରା ଚିଠି ପହଞ୍ଚିବାରେ ବହୁତ ବିଳମ୍ବ ହୁଏ। ହେଲେ ଏବେ ଆଉ ବିଳମ୍ବ ହେବ ନାହିଁ। ଏହି ସମସ୍ୟା ଦୂର କରିବାକୁ ଭାରତୀୟ ଡ଼ାକ ଓ କଷ୍ଟମ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରଥମ ଫରେନ ପୋଷ୍ଟ ଅଫିସ (ବିଦେଶ ଡାକଘର)ର ଶୁଭାରମ୍ଭ ହୋଇଛି। ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ୍‌ଠାରେ ଏହାକୁ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତନାରାୟଣ ନନ୍ଦ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. ସନ୍ତୋଷ କୁମାର କମିଳା, ଡାକ ନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶକ ପଦ୍ମଗନ୍ଧା ମିଶ୍ର, ଡ଼ାକସେବା ମୁଖ୍ୟାଳୟ ଭୁବନେଶ୍ୱରର ଜି. ଗୁରୁନାଥନ, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. କମିଳା ସୂଚନା ଦେଇ କହିଛନ୍ତି ଯେ, ଏଠାରେ ବିଦେଶ ପଠାଯାଉଥିବା ଚିଠି ଓ ପାର୍ସଲଗୁଡ଼ିକର କଷ୍ଟମ ଯାଞ୍ଚ ହେବା ସହ ବୁକିଂ କାଉଣ୍ଟର କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଏକ୍ସପୋର୍ଟ ଫାସିଲିଟେଶନ ସେଣ୍ଟର ଭାବେ କାର୍ଯ୍ୟ କରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଅଧିକ ବିଦେଶୀ ରାଷ୍ଟ୍ରକୁ ବିମାନ ସେବା ଉପଲବ୍ଧ ହେବା ପରେ ଅନ୍ୟାନ୍ୟ ବୈଦେଶିକ ଡ଼ାକସେବା ମଧ୍ୟ ଏଠାରେ ଉପଲବ୍ଧ ହେବ। ଏହା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ହସ୍ତତନ୍ତ, ଓଡ଼ିଶୀ ନୃତ୍ୟର ଆଭୂଷଣ, ପିତ୍ତଳ ମୂର୍ତ୍ତିର ଚାହିଦା ବିଦେଶରେ ଭଲ ଥିବାରୁ ଏଣିକି ସହଜରେ ପଠାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ବିକାଶ ହେବା ସହ କାରିଗରମାନେ ମଧ୍ୟ ଆହୁରି ଉତ୍ସାହିତ ହେବେ। ବିଦେଶକୁ ଚିଠି ପ୍ରେରଣ ଅଧିକ ହେଲେ ଏହି ସେବାକୁ ଆହୁରି ବ୍ୟାପକ କରାଯିବ। ଯେଉଁମାନେ ଡ଼ାକ ମାଧ୍ୟମରେ ରପ୍ତାନି କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଦ୍ରୁତ ସେବା ମିଳିବ। ଅନ୍ୟ ମାଧ୍ୟମ ଅପେକ୍ଷା ଡ଼ାକ ଦ୍ୱାରା କମ୍ ମୂଲ୍ୟରେ ରପ୍ତାନି ସେବା ମିଳିପାରିବ। ଓଡ଼ିଶାର ୧୨୧୦ଟି ଡ଼ାକଘର ମାଧ୍ୟମରେ ବିଦେଶକୁ ବୁକିଂ କରାଯାଉଥିବା ସମସ୍ତ ଚିଠି ଏବଂ ପାର୍ସଲ ଏବେ ଏଠି ପ୍ରୋସେସିଂ କରାଯିବ। ବର୍ତ୍ତମାନ ଦୈନିକ ୩୦ରୁ ୪୦ ଚିଠି ଓ ପାର୍ସଲ ବିଦେଶ ଡ଼ାକଘରେ ପ୍ରୋସେସିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ନିଶ୍ଚୟ ଉନ୍ନତି ଆସିବ ବୋଲି ଡ. କମିଳା କହିଛନ୍ତି।

# ବିଶ୍ୱଭୂଷଣଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିବା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱଭୂଷଣଙ୍କୁ ଭେଟିବା ପରେ ଧର୍ମେନ୍ଦ୍ର ନିଜ ଟୁଇଟରରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବିଶ୍ୱଭୂଷଣ ବାବୁ ସବୁବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ଭାବରେ ସାଲିସବିହୀନ ସଂଗ୍ରାମ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଓଡ଼ିଶାରେ ୫୦ ପ୍ରକାର ହସ୍ତଶିଳ୍ପ ରହିଛି

ଭୁବନେଶ୍ୱର,୨୦।୭(ବ୍ୟୁରୋ)

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ଶନିବାର ପ୍ରଶ୍ନୋତ୍ତର ବେଳେ ହସ୍ତତନ୍ତ, ବୟନଶିଳ୍ପ ବିଭାଗ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କଠାରୁ ଉତ୍ତର ଚାହିଁଥିଲେ। କେଉଁ ସ୍ଥାନରେ କେଉଁ ପ୍ରକାର ହସ୍ତଶିଳ୍ପ ହେଉଛି, କେତେଜଣ କାରିଗର କାର୍ଯ୍ୟରତ ଅଛନ୍ତି, ସରକାର ଏହି ଶିଳ୍ପର ପ୍ରଚାର ଏବଂ ପ୍ରସାର ଲାଗି କ'ଣ ପଦକ୍ଷେପ ନେଉଛନ୍ତି, ୨୦୧୯-୨୦ ଆର୍ଥିକ ବର୍ଷରେ କେଉଁ ଜିଲାର କେଉଁ ସଂସ୍ଥାକୁ କେତେ ଟଙ୍କା ଋଣ ଦିଆଯାଇଛି ବୋଲି ସେ ପଚାରିଥିଲେ। ମନ୍ତ୍ରୀ ଲେଖା ଉତ୍ତର ପଢ଼ି ଜଣାଇଥିଲେ ଯେ, ରାଜ୍ୟରେ ୫୦ ପ୍ରକାର ହସ୍ତଶିଳ୍ପ ରହିଛି। ୧ଲକ୍ଷ ୨୯ହଜାର ୯୫୮ଜଣ କାରିଗର କାର୍ଯ୍ୟ କରୁଛନ୍ତି। ହସ୍ତଶିଳ୍ପର ପ୍ରଚାର, ପ୍ରସାର ଏବଂ ବ୍ୟବସାୟ ଲାଗି ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟକ୍ତିବିଶେଷଙ୍କୁ ବ୍ୟାଙ୍କ ସହାୟତାରେ ଋଣ ଯୋଗାଇ ଦିଆଯାଇଛି। ମୂଳ ପ୍ରଶ୍ନକର୍ତ୍ତା ସୁରେଶ ରାଉତରାୟ ରାଜ୍ୟର ବିଭିନ୍ନ ଜିଲାରେ ହସ୍ତଶିଳ୍ପୀଙ୍କୁ ଉତ୍ସାହିତ କରିବା ଲାଗି କି ବ୍ୟବସ୍ଥା କରାଯାଇଛି ବୋଲି ପ୍ରଶ୍ନ କରିଥିଲେ। ବିଜେଡି ସଭ୍ୟ ଭୂପିନ୍ଦର ସିଂ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟଗୁଡ଼ିକୁ ବିକ୍ରି ଲାଗି କି ବ୍ୟବସ୍ଥା କରାଯାଇଛି ବୋଲି ପଚାରିଥିଲେ। ମନ୍ତ୍ରୀ ଏହାର କୌଣସି ଉତ୍ତର ଦେଇପାରି ନ ଥିଲେ। ପରେ ତଥ୍ୟ ଦେଇଦେବେ ବୋଲି କହିଥିଲେ। ବାଚସ୍ପତି ଏହି ପ୍ରଶ୍ନକୁ ଆଗକୁ ନ ବଢ଼ାଇ ମୂଳ ପ୍ରଶ୍ନକର୍ତ୍ତାଙ୍କୁ ଆଉ କ'ଣ ପଚାରିବେ ବୋଲି କହିଥିଲେ। ସୁରେଶ କହିଥିଲେ, ଆଉ କ'ଣ ପଚାରିବି। ପଇସାପତ୍ର ଦେଇ ଶିଳ୍ପୀଙ୍କୁ ଉତ୍ସାହିତ କରାଯାଉ ବୋଲି କହିଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ପ୍ରଶ୍ନ ନଂ ୩୬୮ରେ ହସ୍ତଶିଳ୍ପ ମନ୍ତ୍ରୀଙ୍କୁ ପୁଣିଥରେ ଅଡୁଆରେ ପକାଉଥିବା ଦେଖିବାକୁ ମିଳିଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଦେଶର ବ୍ୟାଙ୍କିଙ୍ଗ ସେକ୍ଟର ଏବେ ଖରାପ ସମୟ ଦେଇ ଗତିକରୁଛି। ଏହାକୁ ଏବେ ବହୁ ସମସ୍ୟା ଓ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡୁଛି।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ



“ ବିମାନ ଯାତ୍ରୀଙ୍କ ସୁରକ୍ଷା ସହ କୌଣସି ସାଲିସ୍ କରାଯିବ ନାହିଁ। ଯାତ୍ରୀ ଭଡ଼ା ବୃଦ୍ଧି ଅଭିଯୋଗ ମିଥ୍ୟା।
– ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

## ସଂକ୍ଷେପରେ

### ବନ୍ଦ ହେବ ଆଦିତ୍ୟ ବିର୍ଲା ପେମେଣ୍ଟସ ବ୍ୟାଙ୍କ

**ନୂଆଦିଲ୍ଲୀ,୨୦-୭:** ନୂଆ ଯୁଗର ପେମେଣ୍ଟ ବ୍ୟାଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ଭୋଡ଼ାଫୋନର ଏମ୍ ପୈସା ପରେ ଆଦିତ୍ୟ ବିର୍ଲା ଆଇଡିଆ ପେମେଣ୍ଟସ ବ୍ୟାଙ୍କ ବନ୍ଦ ହୋଇଯିବ। ମାତ୍ର ୧୭ ମାସ ପୂର୍ବେ ଆରମ୍ଭ ହୋଇଥିବା ଏହି ବ୍ୟାଙ୍କ ଆସନ୍ତା ୨୬ରୁ ସମସ୍ତ ନେଣଦେଣ ବନ୍ଦ କରିବାକୁ ଘୋଷଣା କରିଛି। ଗ୍ରାହକ ନିଜ ଆକାଉଣ୍ଟରେ ଥିବା ଟଙ୍କାକୁ ଅନ୍ୟ ବ୍ୟାଙ୍କକୁ ସ୍ଥାନାନ୍ତର କରିବାକୁ ଆଇଡିଆ ପେମେଣ୍ଟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

### ପିଏମ୍ କିଷାନରେ ଯୋଡ଼ି ହେବେ ୭୦ ମିଲିୟନ ଚାଷୀ

**ନୂଆଦିଲ୍ଲୀ,୨୦-୭:** କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଘୋଷଣା ହୋଇଛି। ତେବେ ଏହି ଯୋଜନାରେ ଏବେ ଅଧିକ ଜମି ଥିବା ଚାଷୀ ମଧ ଯୋଡି ହେଉଛନ୍ତି। ଫଳରେ ଏହି ଯୋଜାନରେ ସାମିଲ ହେବା ଲାଗି ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଜୋର୍ ଧରିଛି। କେନ୍ଦ୍ର ସରକାର ଦେଶର ୧୪୫ ମିଲିୟନ ଚାଷୀଙ୍କ ପଞ୍ଜୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଥିବା ବେଳେ ଜୁଲାଇ ଶେଷ ସୁଦ୍ଧା ଏହାର ଅଧା ଅର୍ଥାତ୍ ପ୍ରାୟ ୭୦ ମିଲିୟନ ଏଥିରେ ଯୋଡି ହେବେ ବୋଲି ପିଏମ୍ କିଷାନ ସିଇଓ ବିବେକ ଅଗ୍ରୱାଲ ପ୍ରକାଶ କରିଛନ୍ତି। ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ପ୍ରଥମ କିସ୍ତି ପ୍ରଦାନ କରାଯାଇସାରିଲାଣି। ଅଦ୍ୟାବଧି ୫୪.୧ ମିଲିୟନ ଚାଷୀ ଉକ୍ତ ଯୋଜନାରେ ନିଜକୁ ପଞ୍ଜୀକରଣ କରିଛନ୍ତି।

### ଦରମା ବଢ଼ାଇଲେନି ମୁକେଶ

**ନୂଆଦିଲ୍ଲୀ,୨୦-୭:** ଦେଶର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ କ୍ରମାଗତ ୧୧ ବର୍ଷ ଧରି ନିଜ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜରେ ନିଜର ଦରମା ନ ବଢ଼ାଇ ୧୫ କୋଟି ଟଙ୍କାରେ ସ୍ଥିର ରଖିଛନ୍ତି। ତେବେ ଚଳିତବର୍ଷ ମାର୍ଚ୍ଚରେ ଶେଷ ହେଉଥିବା ଆର୍ଥିକ ବର୍ଷରେ କମ୍ପାନୀର ଡାଇରେକ୍ଟରମାନଙ୍କର ବେଶ୍ ଦରମା ବଢ଼ିଛି। ସେଥିରେ ତାଙ୍କର ନିକଟ ସମ୍ପର୍କୀୟ ନିଖିଲ ଓ ହିତଲ ମେସୱାନୀ ମଧ ସାମିଲ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରୁ ଏହା ଜଣାପଡିଛି। ଆର୍ଆଇଏଲ୍‌ର ସିଏମ୍‌ଡି ଭାବେ ମୁକେଶ ଆର୍ଥିକ ବର୍ଷ ୨୦୧୮-୧୯ରେ ପାରିଶ୍ରମିକ ଓ ଉତ୍ତା ବାବଦରେ ୪.୪୫ କୋଟି ଟଙ୍କା ନେଇଛନ୍ତି। ୨୦୧୭-୧୮ରେ ଏହା ୪.୪୯ କୋଟି ଟଙ୍କା ଥିଲା। ୨୦୦୯ ଅକ୍ଟୋବରରୁ ମୁକେଶ ନିଜ ଦରମା ୧୫ କୋଟି ଟଙ୍କାରେ ସୀମିତ ରଖିବାକୁ ଘୋଷଣା କରିଥିଲେ।

### ଆମେରିକା ବାଦାମ ଉପରୁ ସୀମାଶୁଳ୍କ କମିବନି

**ନୂଆଦିଲ୍ଲୀ,୨୦-୭:** ଆମେରିକାରୁ ଆସୁଥିବା ଆଲ୍‌ମଣ୍ଡ(ବାଦାମ) ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକାର ଅନୁରୋଧକୁ ଭାରତ ପ୍ରତ୍ୟାଖ୍ୟାନ କରିଦେଇଛି। ଗତ ମାସରେ ଆମେରିକାରୁ ଆସୁଥିବା ଆଲମଣ୍ଡ, ଅଖରୋଟ ଉପରେ ଭାରତ ସୀମାଶୁଳ୍କ ବୃଦ୍ଧି କରିଛି। ଗତ ସପ୍ତାହରେ ବାଣିଜ୍ୟ ପ୍ରତିନିଧିଙ୍କ ଭାରତ ଗସ୍ତ କାଳରେ ଆଲ୍‌ମଣ୍ଡ ଉପରୁ ସୀମାଶୁଳ୍କ ହ୍ରାସ କରିବାକୁ ଆମେରିକା ପକ୍ଷରୁ ଅନୁରୋଧ କରାଯାଇଥିଲା।

# ଭାରତ ହାତ ଧରିବାକୁ ଚାଇନା ରାଜି

ନୂଆଦିଲ୍ଲୀ,୨୦-୭

ଆତଙ୍କବାଦ୍ ଓ ସୀମା ବିବାଦ ସମେତ ବହୁ ପ୍ରସଙ୍ଗରେ ଭାରତ ବିରୋଧୀ ମନୋଭାବ ପୋଷଣ କରୁଥିବା ଚାଇନା ଏବେ ଆମେରିକା ବିରୋଧରେ ଟ୍ରେଡ୍ ୱାର୍‌ରେ ସାମିଲ ହେବାକୁ ଆହ୍ୱାନ ଦେଇଛି। ଏଥିଲାଗି ଭାରତ ସହିତ ଥିବା ନିଜର ବାଣିଜ୍ୟ ଅସନ୍ତୁଳନକୁ ଦୂର କରିବା ନେଇ ଆଲୋଚନା କରିବାକୁ ରାଜି ଥିବା ପଡୋଶୀ ଦେଶ କହିଛି।

ଚାଇନା ପକ୍ଷରୁ କୁହାଯାଇଛି ଯେ, ଏହା ବାଣିଜ୍ୟ ଅସନ୍ତୁଳନକୁ ନେଇ ଭାରତର ଚିନ୍ତାକୁ ବୁଝୁଛି ଏବଂ ଏଥିଲାଗି ଆଲୋଚନା ଟେବୁଲକୁ ଆସିବାକୁ ଚାହେଁ। ଏଥିସହିତ ବାଣିଜ୍ୟରେ ଥିବା ଏକପକ୍ଷବାଦିତା ଏବଂ ସଂରକ୍ଷଣବାଦ୍ ବିରୋଧରେ ଲଢ଼େଇରେ ଭାରତ ସହଯୋଗ କରୁ ବୋଲି ଚାଇନା ଆହ୍ୱାନ ଦେଇଛି।

ଭାରତରେ ଚାଇନାର ନବନିଯୁକ୍ତ ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ କହିଛନ୍ତି ଯେ, ବାଣିଜ୍ୟ ଅସମାନତା ଦୂର ନେଇ ତାଙ୍କ ଦେଶ ଗମ୍ଭୀର। ଭାରତ ସହ ଟ୍ରେଡ୍ ସରପ୍ଲସ ନେଇ ଚାଇନା କେବେ ହେଲେ ଯୋଜନାବଦ୍ଧ ରଣନୀତି ଆପଣାଇନାହିଁ। ଚାଇନାକୁ ଭାରତରୁ ଚାଉଳ ଓ ଚିନି ଆମଦାନୀ ବୃଦ୍ଧି ପାଇଛି। ଏହାବ୍ୟତୀତ ଭାରତୀୟ ଔଷଧ ଓ କୃଷି ଉତ୍ପାଦର ଆମଦାନୀ ବୃଦ୍ଧି ଉପରେ ଏବେ ଚାଇନା ସରକାର ବିଚାର କରୁଛନ୍ତି ବୋଲି ସନ୍ କହିଛନ୍ତି। ନିକଟରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଚାଇନାକୁ ଭାରତୀୟ ଉତ୍ପାଦ ଆମଦାନୀ ୧୫% ବୃଦ୍ଧି ପାଇଛି। ଏହାବ୍ୟତୀତ ଗତବର୍ଷ ଚାଇନା ବଜାରରେ ଭାରତୀୟ କୃଷି ଉତ୍ପାଦ ରପ୍ତାନି ମଧ ଦ୍ୱିଗୁଣା ହୋଇଛି। ନିଜର ଫାର୍ମାସ୍ୟୁଟିକାଲ ବଜାରରେ ପ୍ରବେଶ ପାଇଁ ଚାଇନା ଭାରତୀୟ ଔଷଧ କମ୍ପାନୀଙ୍କୁ ଅନୁମତି ଦେଉ ବୋଲି ଭାରତ ଦୀର୍ଘଦିନ ହେଲା ଦାବି କରିଆସୁଛି। ଆମେରିକା ସହ ଟ୍ରେଡ ୱାର୍ ଆରମ୍ଭ ହେବା ପରେ ଚାଇନା ପକ୍ଷରୁ ଭାରତୀୟ ଉତ୍ପାଦ ଆମଦାନୀ ବଢ଼ାଯିବା ଯୋଗୁ ଦୁଇ ଦେଶ ମଧ୍ୟରେ ଥିବା ବାଣିଜ୍ୟ ଅସନ୍ତୁଳନ ୯୫.୫ ବିଲିୟନ ଡଲାରରୁ ହ୍ରାସ ପାଇ ୫୭ ବିଲିୟନ ଡଲାରରେ ପହଞ୍ଚିଛି। ଭାରତରେ ଚାଇନାର ରାଷ୍ଟ୍ରଦୂତ ସନ୍ କହିଛନ୍ତି ଯେ, ଚଳିତ ବର୍ଷର ପ୍ରଥମ ୬ ମାସରେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ୫% ହ୍ରାସ ପାଇଛି। ଏଣୁ କ୍ରମାଗତ ପ୍ରୟାସ କରାଗଲେ ଦୁଇ ଦେଶର ବାଣିଜ୍ୟ ସମ୍ପର୍କରେ ସନ୍ତୁଳନ ଆସିପାରିବ ଏବଂ ଏହାକୁ ନିୟନ୍ତ୍ରିତ କରାଯାଇପାରିବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ‘ଆମେରିକା ଫାଷ୍ଟ’ ନୀତି ଆପଣାଇଛନ୍ତି। ଫଳରେ ଏହା ଚାଇନା ସହ ଟ୍ରେଡ୍ ୱାର୍‌ରେ ସାମିଲ ହୋଇଛି। ଚାଇନାରୁ ଆମଦାନୀ ହେଉଥିବା ପ୍ରାୟ ୨୫୦ ବିଲିୟନ ଡଲାର ଉତ୍ପାଦ ଉପରେ ଆମେରିକା ୨୫% ଶୁଳ୍କ ବଢ଼ାଇ ଦେଇଛି। ଚାଇନା ସହ ବାଣିଜ୍ୟ ନିଅଣ୍ଟ ପରିମାଣ ୫୩୯ ବିଲିୟନ ଡଲାର ଥିବା ବେଳେ ଏହାକୁ ହ୍ରାସ କରିବା ଲାଗି ଆମେରିକା କ୍ରମାଗତ ଚାପ ସୃଷ୍ଟି କରିଚାଲିଛି। ଅନ୍ୟପକ୍ଷରେ ଆମେରିକାକୁ ମଧ ଚାଇନା ଯେସାକୁ ତେସା ନୀତିରେ ଜବାବ ଦେଇ ଚାଇନା ସେଦେଶର ଉତ୍ପାଦ ଉପରେ ଟାରିଫ୍ ବୃଦ୍ଧି କରିଛି। ଅନ୍ୟପକ୍ଷରେ ଭାରତରୁ ଆମଦାନୀ କରୁଥିବା ଷ୍ଟିଲ୍ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ୍ ବୃଦ୍ଧି କରିବା ପରେ ଭାରତ ମଧ ଆମେରିକାର ୨୮ ଉତ୍ପାଦ ଉପରେ ଶୁଳ୍କ ବଢ଼ାଇ ଦେଇଛି। ପରୋକ୍ଷରେ କହିବାକୁ ଗଲେ ଆମେରିକା ଏବେ ଉଭୟ ଚାଇନା ଓ ଭାରତ ସହ ଟ୍ରେଡ୍ ୱାର୍‌ରେ ସାମିଲ ହୋଇଛି। ଭାରତ ଓ ଚାଇନା ଏକାଠି ହୋଇ ଟ୍ରେଡ ୱାର୍‌ର ମୁକାବିଲା କରିବା ଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ବାଣିଜ୍ୟ କ୍ଷେତ୍ର ନିୟନ୍ତ୍ରିତ ହେବ ଏବଂ ଏହା ଏକ ଧାରାକୁ ଫେରିପାରିବ। ଏହାଦ୍ୱାରା ବିକାଶଶୀଳ ଦେଶଗୁଡ଼ିକର ସ୍ୱାର୍ଥରକ୍ଷା ହୋଇପାରିବ ବୋଲି ସନ୍ ଯୁକ୍ତି ଦର୍ଶାଇଛନ୍ତି। ଭାରତ ଓ ଚାଇନା ସହ ଆମେରିକାର ଟ୍ରେଡ ୱାର୍ ସମ୍ପର୍କରେ ସିଧାସଳଖ ଉଲ୍ଲେଖ ନ କରି ସେ କହିଛନ୍ତି ଯେ, ଏକ ଦଶନ୍ଧି ମଧ୍ୟରେ ଆମେ ଏବେ ଅଭୁତପୂର୍ବ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛୁ। ଉଭୟ ଭାରତ ଓ ଚାଇନା ସଂରକ୍ଷଣବାଦ୍ ଓ ଏକପକ୍ଷବାଦିତା ଚ୍ୟାଲେଞ୍ଜର ସାମ୍ନା କରୁଛି। ତେଣୁ ଉଭୟ ଦେଶ ଏକତ୍ର ମିଶି ବହୁପକ୍ଷବାଦିତା ଓ ଆର୍ଥିକ ବୈଶ୍ୟକରଣ ପାଇଁ ଲଢ଼େଇ କରିବାକୁ ହେବ। ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ଚାଇନାର ବିଶାଳ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ ନ କରି ସନ୍ କହିଛନ୍ତି ଯେ, ଚାଇନା–ଭାରତ ପ୍ଲସ୍ ନୀତି ଆପଣାଇବାକୁ ହେବ।

### ଆମେରିକା ସହ ଟ୍ରେଡ୍ ୱାର୍



- ଆହ୍ୱାନ ଦେଲେ ନବନିଯୁକ୍ତ ଚାଇନା ରାଷ୍ଟ୍ରଦୂତ
- ବାଣିଜ୍ୟ ଅସମାନତା ନେଇ ଭାରତ ସହ ଆଲୋଚନା ହେବ
- ଭାରତ-ଚାଇନା ବାଣିଜ୍ୟ ନିଅଣ୍ଟ ୫% କମିଛି
- ସଂରକ୍ଷଣବାଦ, ଏକପକ୍ଷବାଦିତା ବିରୋଧରେ ଲଢ଼ିବାକୁ ହେବ



# ରାଜ୍ୟର ଛାତ୍ରୀଛାତ୍ରଙ୍କ ସହ ‘ସୁପର–୩୦’ ଦେଖିବେ ଆନନ୍ଦ କୁମାର

ଭୁବନେଶ୍ୱର, ୨୦–୭

ସୁପର–୩୦ର ପ୍ରତିଷ୍ଠାତା ଆନନ୍ଦ କୁମାର ରାଜ୍ୟର ଛାତ୍ରୀଛାତ୍ରଙ୍କ ସହ ରବିବାର ସ୍ଥାନୀୟ ଏକ ସିନେମା ହଲ୍‌ରେ ଏହି ଚଳଚ୍ଚିତ୍ରକୁ ଦେଖିବେ। ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ, ଆକାଶ ଭୁବନେଶ୍ୱର ସେଣ୍ଟରର ନିର୍ଦ୍ଦେଶକ ତଥା ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୂର ସିଂ ସୁପର–୩୦ ଚଳଚ୍ଚିତ୍ର ପ୍ରଦର୍ଶନ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ଆନନ୍ଦ କୁମାରଙ୍କ ଭାଇ ପ୍ରଣବ କୁମାର ମଧ ଉପସ୍ଥିତ ରହିବେ। ସିନେମାଟି ଆନନ୍ଦ କୁମାରଙ୍କ ସୁପର–୩୦ ପ୍ରତିଷ୍ଠାନ ସହ ଜଡିତ। ଆନନ୍ଦ କୁମାରଙ୍କ ଭୂମିକାରେ ହ୍ରିତିକ ରୋଶନ ଅଭିନୟ କରିଛନ୍ତି। ସିନେମାଟି ୭୦ କୋଟି ବ୍ୟବସାୟ କରିସାରିଛି। ସୁପର–୩୦ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାରେ ଗରିବ ମେଧାବୀଙ୍କ ଲାଗି ଜିନ୍ଦେଗୀ ଫାଉଣ୍ଡେଶନ ପ୍ରତିଷ୍ଠା କରିଥିବା ଏ.ବି. ସିଂ କହିଛନ୍ତି। ଏହା ଦ୍ୱାରା ଗରିବ ମେଧାବୀଙ୍କୁ ମାଗଣାରେ ରହିବା,ଖାଇବା ବ୍ୟବସ୍ଥା ସହ ମେଡିକାଲ କୋଚିଂ ପ୍ରଦାନ କରାଯାଉଥିବା ସିଂ ସୂଚନା ଦେଇଛନ୍ତି। ଆନନ୍ଦ କୁମାର ଏହି ଚଳଚ୍ଚିତ୍ର ଶିକ୍ଷକତାକୁ ନିଜର କ୍ୟାରିୟର ଭାବେ ଅନୁପ୍ରାଣିତ କରିବ। ଏହି ଚଳଚ୍ଚିତ୍ରର ବିଶେଷ ଆୟୋଜନ ସରକାରୀ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଆକାଶ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

# ଫାଷ୍ଟଟାଗ ନ ଥିଲେ ଲାଗିବ ଦୁଇଗୁଣ ଜରିମାନା

ନୂଆଦିଲ୍ଲୀ,୨୦–୭




ଜାତୀୟ ରାଜପଥ ବ୍ୟବହାର କରୁଥିବା ଗାଡ଼ିଚାଳକଙ୍କ ଜରୁରୀ ଖବର। ଡିସେମ୍ବର ପହିଲା ପୂର୍ବରୁ ଗାଡ଼ିରେ ଫାଷ୍ଟଟାଗ୍ ଲଗାଇ ନେବା ଭଲ ହେବ। ନଚେତ୍ ଡିସେମ୍ବର ପହିଲା ପରେ ଗାଡ଼ିରୁ ଦୁଇଗୁଣା ଜରିମାନା ଆଦାୟ କରାଯିବ। ଦେଶରେ ଇଲେକ୍ଟ୍ରୋନିକ ପେମେଣ୍ଟ ଓ ଇଲେକ୍ଟ୍ରୋନିକ ଟୋଲ୍ ଅସୁଲ କରିବା ଉଦ୍ଦେଶ୍ୟରେ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଡିସେମ୍ବର ପହିଲାରୁ ଦେଶର ସମସ୍ତ ଜାତୀୟ ରାଜପଥର ଟୋଲ୍ ଲେନ୍ ଫାଷ୍ଟଟାଗ୍‌ଯୁକ୍ତ ହେବ। କେବଳ ଗୋଟିଏ ଲେନ୍‌କୁ ହାଇବ୍ରିଡ ଲେନ୍ ଭାବେ ବ୍ୟବହାର କରାଯିବ। ଏହି ହାଇବ୍ରିଡ ଲେନ୍‌ରେ ଗାଡ଼ିଚାଳକ ନଗଦ ଅଥବା ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଟୋଲ୍ ଟିକସ ଦେଇପାରିବେ। ଫାଷ୍ଟାଗ ଲାଗି ନ ଥିବା ଗାଡ଼ି ଯଦି ଏହି ଲେନ୍‌ରେ ପ୍ରବେଶ କଲେ ତାଙ୍କଠାରୁ ଡବଲ ଜରିମାନା ଆଦାୟ କରାଯିବ। ସୂଚନାଥାଉ କି, ଗତ ୩/୪ ବର୍ଷ ହେବ କେନ୍ଦ୍ର ସରକାର ଫାଷ୍ଟଟାଗ୍‌କୁ ପ୍ରୋତ୍ସାହିତ କରୁଛନ୍ତି। ଏହାଦ୍ୱାରା ଟୋଲ୍ ଗେଟ୍‌ରେ ଗାଡ଼ି ରହଣି ସମୟ ବହୁଳ ଭାବେ ହ୍ରାସ ପାଇଛି। ୨୦୧୮–୧୯ରେ ଜାତୀୟ ରାଜପଥରୁ ସରକାର ପ୍ରାୟ ୨୪ ହଜାର କୋଟି ଟଙ୍କା ଟୋଲ୍ ଆଦାୟ କରିଛନ୍ତି। କିନ୍ତୁ ଇ–ଟୋଲ୍ ଆଦାୟ ମାତ୍ର ୨୫%ରେ ସୀମିତ ରହିଥିଲା। ଇ–ଟୋଲ୍ ଆଦାୟ ହ୍ରାସ ପାଉଥିବାରୁ ସରକାର ଶେଷରେ ବାଧହୋଇ ଉକ୍ତ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇସାରିଛି। ସୂଚନାଥାଉ କି, ଫାଷ୍ଟଟାଗ୍ ଏଭଳି ଏକ ଡିଭାଇସ୍ ଯାହାକୁ ଗାଡ଼ିର ସାମ୍ନା କାଚରେ ଲଗାଇବାକୁ ପଡିଥାଏ। ଆର୍‌ଏଫ୍‌ଆଇଡି ଟେକ୍ନୋଲୋଜି ଆଧାରିତ ଫାଷ୍ଟାଗ୍ ଲାଗିଥିବା ଗାଡ଼ି ଟୋଲ୍ ଦେଇ ଯାଉଥିବା ବେଳେ ରେଡିଓ ଫ୍ରିକ୍ୱେନ୍ସି ଜରିଆରେ ଫାଷ୍ଟାଗ୍ ସ୍କାନ୍ ହୋଇଯାଇଥାଏ ଏବଂ ଟୋଲ୍‌ରେ ପେମେଣ୍ଟ ଅଟୋମେଟିକ ହୋଇଯାଏ। ଏଥିଯୋଗୁ ଟୋଲ୍‌ଗେଟରେ ଅଧିକ ସମୟ ରହିବାକୁ ପଡେ ନାହିଁ। ଏହି ଫାଷ୍ଟଟାଗ୍‌କୁ ବ୍ୟାଙ୍କ, ଇ–କମର୍ସ ପୋର୍ଟାଲ ଅଥବା ନିକଟସ୍ଥ ପେଟ୍ରୋଲ ପମ୍ପରୁ କିଣି ହେବ। ଫାଷ୍ଟଟାଗ୍‌କୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ୍ କରିହେବ।

# କାମ ନ କରି ଏୟାର ଇଣ୍ଡିଆରୁ ନେଇଛନ୍ତି ଦରମା

**ନୂଆଦିଲ୍ଲୀ,୨୦–୭:** ଋଣରେ ବୁଡ଼ି ରହିଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ କ୍ରମାଗତ ଏଭଳି ଜଣେ ଅଧିକାରୀଙ୍କୁ ପ୍ରତିବର୍ଷ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦରମା ଦେଇଛି ଯିଏକି କମ୍ପାନୀରେ କାମ କରୁ ନ ଥିଲେ। ଏ ସମ୍ପର୍କରେ ତଥ୍ୟ ପ୍ରଘଟ ହେବା ପରେ ଏୟାର ଇଣ୍ଡିଆ ପକ୍ଷରୁ ସମ୍ପୃକ୍ତ ଅଧିକାରୀଙ୍କୁ ନୋଟିସ ଜାରି କରାଯାଇଛି। ବର୍ତ୍ତମାନ ସେହି ଅଧିକାରୀ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ରେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କ୍ୟାପଟେନ୍ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରେ ଯୁଗ୍ମ ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ପାଇଥିଲେ। ତେବେ ତାଙ୍କୁ ୨୦୧୭ରେ ଡିଜିସିଏକୁ ଡେପୁଟେଶନରେ ପଠାଯାଇଥିଲା। ସେଠାରେ ସେ ମୁଖ୍ୟ ଫ୍ଲାଇଟ୍ ଅପରେଶନ ଇନ୍ସପେକ୍ଟର ଭାବେ ଦାୟିତ୍ୱ ଗ୍ରହଣ କଲେ। ପୂର୍ବରୁ ମଧ ସେ ଡିଜିସିଏରେ ଫ୍ଲାଇଟ ଅପରେଶନ୍ସ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ନିୟମ ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ସରକାରୀ ପ୍ରତିଷ୍ଠାନରୁ ଦରମା ନେଇପାରିବେ ନାହିଁ କି କାମ କରିପାରିବେ ନାହିଁ। ତେବେ ଅତୁଲ ଚନ୍ଦ୍ରା ଏୟାର ଇଣ୍ଡିଆରୁ ଦରମା ନେଉଥିବା ବେଳେ ଏ ସମ୍ପର୍କରେ ସେ କାହାକୁ କିଛି ଜଣାଇ ନ ଥିଲେ।




ରେନୋ ପକ୍ଷରୁ ସମ୍ବଲପୁରରେ ନୂଆ ଡଷ୍ଟର ମଡେଲର ବଜାର ପ୍ରବେଶ କରାଯାଇଛି। ରେନଲ୍ଟ ଅଟୋମୋବାଇଲ୍ସ ସେଲ୍‌ସ ଡିଜିଏମ୍ ଅମୂଲ୍ୟରତ୍ନ ଦାସ ଏବଂ ଅନ୍ୟ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଅଛନ୍ତି।

# ‘ଓଡ଼ିଶାର ୨୦% ଲୋକ ବୀମାଭୁକ୍ତ’



କଟକ, ୨୦–୭

ଓଡିଶାର ୨୦% ଲୋକ ବୀମାଭୁକ୍ତ ଅଛନ୍ତି। ଏଠାରେ ଆହୁରି ୮୦% ଲୋକଙ୍କୁ ବୀମାଭୁକ୍ତ କରାଇବାର ଆବଶ୍ୟକତା ରହିଛି। ଏ ଦିଗରେ ଅଂଶୀଦାରମାନେ କାର୍ଯ୍ୟ କରିବା ଉଚିତ ବୋଲି ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଅଧ୍ୟକ୍ଷ ଏମ୍ .ଆର୍. କୁମାର ଶନିବାର ଏହା କହିଛନ୍ତି। କଟକରେ କମ୍ପାନୀର ଅଧିକାରୀ ଏବଂ ଅଂଶୀଦାରଙ୍କୁ ଆହ୍ୱାନ ଜଣାଇ କୁମାର କହିଛନ୍ତି ଯେ, ପଲିସି ଧାରକଙ୍କ ଆବଶ୍ୟକତାକୁ ଦେଖିବାକୁ ହେବ। ସେହି ଅନୁଯାୟୀ ବୀମା ବିକ୍ରି ଏବଂ ଏନ୍‌ଏସିଏଚ୍ ମାଧ୍ୟମରେ ଅଧିକ ସଂଖ୍ୟାରେ ପ୍ରିମିୟମ ଦେୟ ସଂଗ୍ରହ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

କଟକ ମଣ୍ଡଳ କାର୍ଯ୍ୟାଳୟର ଆଧୁନିକୀକରଣ କାର୍ଯ୍ୟକୁ କୁମାର ଉଦ୍‌ଘାଟନ କରିଥିଲେ। ସେ ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ ଏବଂ ଅଭିକର୍ତ୍ତାଙ୍କୁ ଉଦ୍‌ବୋଧନ ସହ ଶୁଭେଚ୍ଛା ପ୍ରଦାନ କରିଥିଲେ। ସେହିଭଳି ଏକ କାର୍ଯ୍ୟକ୍ରମରେ କୁମାର କଟକ ସମେତ ଭୁବନେଶ୍ୱର, ବ୍ରହ୍ମପୁର ଏବଂ ସମ୍ବଲପୁର ମଣ୍ଡଳର ସଫଳ ବିକାଶ ଅଧିକାରୀ, ସିଏଲ୍‌ଆଇଏ, ଅଭିକର୍ତ୍ତାଙ୍କୁ ଭେଟିଥିଲେ। କାର୍ଯ୍ୟକ୍ରମରେ ଇଡି ଡି.କେ.ବାନାର୍ଜି, ପୂର୍ବ ମଧ୍ୟକ୍ଷେତ୍ରୀୟ ପାଟନା କାର୍ଯ୍ୟାଳୟର ପ୍ରବନ୍ଧକ ମହେନ୍ଦ୍ର କୁମାର, ଆଞ୍ଚଳିକ ବିପଣନ ପ୍ରବନ୍ଧକ ଆର୍.ପି. ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। କଟକ ମଣ୍ଡଳର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟଙ୍କୁ ଅଧ୍ୟକ୍ଷ ସମ୍ମାନିତ କରିଥିଲେ।

# ଇ-ଯାନ ନିର୍ମାଣ କରିବ ଓମ୍ ଜୟ୍ ଇଭି

ଭୁବନେଶ୍ୱର, ୨୦–୭(ବ୍ୟୁରୋ)

ଓମ୍ ଜୟ ଇଭି ଲିମିଟେଡ ରାଜ୍ୟରେ ବ୍ୟାଟେରି ଚାଳିତ ସ୍କୁଟର ନିର୍ମାଣ କରିବ। ଯାଜପୁର ଜିଲାର ବଡଚଣାଠାରେ ୧୦ ଏକର ପରିମିତ ସ୍ଥାନରେ କମ୍ପାନୀ ଏଥି ଲାଗି ଏକ ଷ୍ଟେଟ୍ ଅଫ୍ ଆର୍ଟ ମାନୁଫାକଚରିଂ ଫାସିଲିଟି ନିର୍ମାଣ କରୁଛି। ଏଥିରେ ବ୍ୟାଟେରି ଏବଂ ଚେଚିସ୍ ମଧ ପ୍ରସ୍ତୁତ କରାଯିବ। ବର୍ତ୍ତମାନ ସୁଦ୍ଧା ୟୁନିଟ୍‌ରେ ୮୦ କୋଟି ଟଙ୍କା ବିନିଯୋଗ କରାଯାଇଛି। ଆଗାମୀ ଦିନରେ ଏଥିରେ ୧୨୦ କୋଟି ଟଙ୍କା ନିବେଶ ହେବ ବୋଲି କମ୍ପାନୀର ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ଦିଦ୍‌ୱାନିଆ ସୂଚନା ଦେଇଛନ୍ତି।

ଶନିବାର କମ୍ପାନୀ ପକ୍ଷରୁ ପ୍ରସ୍ତୁତ ୪ ମଡେଲକୁ ବଜାର ପ୍ରବେଶ କରାଇ ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦,୦୦୦ ଯାନ ବିକ୍ରି କରିବାକୁ ଯୋଜନା ରହିଛି। ସେହିଭଳି ଶୀଘ୍ର ଆଉ ୧୦ ନୂଆ ମଡେଲ୍ ଆସିବ। ୟୁନିଟ୍‌ରୁ ଶୀଘ୍ର କମର୍ସିଆଲ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗଣେଶ ପୂଜା ବେଳକୁ ଯାନଗୁଡିକ ବଜାରକୁ ଆସିବ। ୟୁନିଟରେ ବାର୍ଷିକ ଉତ୍ପାଦନ କ୍ଷମତା ୨.୫ ଲକ୍ଷ ୟୁନିଟ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୮୦ ଲୋକଙ୍କୁ ନିଯୁକ୍ତ କରାଯାଇଛି। ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତା ବ୍ୟବହାର ସ୍ଥିତିକୁ ଆସିଲେ ୪୫୦ ପ୍ରତ୍ୟକ୍ଷ ଏବଂ ୩ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଡିଲର ନେଟୱର୍କ ସମ୍ପ୍ରସାରଣ ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି,ପ୍ରାଥମିକ ପର୍ଯ୍ୟାୟରେ ୨୫୦ ଡିଲର ନିଯୁକ୍ତି କରାଯିବାକୁ ଯୋଜନା ରହିଛି। ପଶ୍ଚିମବଙ୍ଗ, ଝାଡଖଣ୍ଡ, ଓଡ଼ିଶା, ଆସାମ ଏବଂ ମେଘାଳୟ ଭଳି ଅନ୍ୟ ରାଜ୍ୟରେ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡିଶାରେ ୮ ଡିଲର ନିଯୁକ୍ତ କରାଯାଇଛି। ଏବେ ମଡେଲଗୁଡ଼ିକର ଘଣ୍ଟାପ୍ରତି ବେଗ ୨୫ କିମି ରହିଛି। ଏହା ଲିଡ୍ ଏସିଡ ଏବଂ ଲିଥିୟମ ଆୟନ ବ୍ୟାଟେରି ସହ ଆସୁଛି। ଲିଥିୟମ ଆୟନ ବ୍ୟାଟେରି ମଡେଲର ବଜାର ଦର ୫୫–୬୫ ହଜାର ଏବଂ ଲିଡ୍ ଏସିଡ ମଡେଲର ବଜାର ଦର ୪୫–୫୦ ହଜାର ରହିବ ବୋଲି ଅନୁମାନ କରାଯାଉଛି। ନୂଆ ମଡେଲଗୁଡିକ ଦ୍ୱାରା ଗ୍ରାହକ ବାର୍ଷିକ ୩୦ ହଜାର ଟଙ୍କା ସଞ୍ଚୟ କରିପାରିବେ। ଏହାର ମେଣ୍ଟେନାନ୍ସ ଖର୍ଚ୍ଚ ମଧ କମ୍ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଜୟପ୍ରକାଶ ଦିଦ୍‌ୱାନିଆ ଉପସ୍ଥିତ ଥିଲେ।



- ୨୦୦ କୋଟି ଟଙ୍କାର ନିବେଶ ଯୋଜନା
- ସୃଷ୍ଟି ହେବ ୪୫୦ ପ୍ରତ୍ୟକ୍ଷ ନିଯୁକ୍ତି

### କମ୍ପାନୀର ବିଭିନ୍ନ ମଡେଲ...

**ଫୋରଚ୍ୟୁ**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦–୭୦ କିମି; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା, ବୋସ୍ ମୋଟର, କିଲେସ୍ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍‌ଏଲ୍ ଏଲ୍‌ଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ।

**ଜେନିଆ**
ବୋସ ମୋଟର, କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିଟାଚେବଲ ବ୍ୟାଟେରି, ଏଚ୍‌ଏଲ୍ ଏଲଇଡି ଲାଇଟିଂ, ଡୁଆଲ ଡିସ୍କ ବ୍ରେକ,ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଥିୟମ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୬୦–୭୦ କିମି; ଚାର୍ଜିଂ ସମୟ ୪ରୁ ୬ ଘଣ୍ଟା।

**ୱିଣ୍ଡ୍**
ମୋଟର ୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦–୬୦ କିମି; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା, କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍‌ଏଲ୍ ଏଲ୍‌ଇଡି ଲାଇଟିଂ।

**ୟୋର୍**
କିଲେସ ଏଣ୍ଟ୍ରି, ଆଣ୍ଟି ଥେପ୍ଟ ଲକ୍, ୟୁଏସ୍‌ବି ପୋର୍ଟ, ଡିସ୍କ ବ୍ରେକ, ଏଚ୍‌ଏଲ୍ ଏଲ୍‌ଇଡି ଲାଇଟିଂ, ମୋଟର–୨୫୦ ୱାଟ, ୬୦ ଭୋଲଟ ୨୦ ଏଏଚ୍ ଲିଡ ଏସିଡ ବ୍ୟାଟେରି, ଟପ୍ ସ୍ପିଡ ୨୫ କିମି, ରେଞ୍ଜ ୫୦–୬୦ କିମି; ଚାର୍ଜିଂ ସମୟ ୭ରୁ ୮ ଘଣ୍ଟା।

“ ପ୍ରିମିୟର ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଥର ‘ଭିଡିଓ ରେଫରି ସିଷ୍ଟମ’ ବ୍ୟବହାର ବେଳେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପରେ ।
–ରିଚାର୍ଡ ମାଷ୍ଟର୍ସ, ପ୍ରିମିୟର ଲିଗ୍‌ର କାମଚଳା ମୁଖ୍ୟ କାର୍ଯ୍ୟନିର୍ବାହୀ



“ ଗତ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନକୁ ଭୁଲି ଏଥର କିପରି ବିଜୟ ମନୋଭାବ ନେଇ ଖେଳିବାକୁ ହେବ ତାହାର ପନ୍ଥା ଆମକୁ ବାହାର କରିବାକୁ ହେବ ।
–ଏଡୁ, ଆର୍ସେନାଲ ଫୁଟ୍‌ବଲ କ୍ଲବ ବୈଷୟିକ ନିର୍ଦ୍ଦେଶକ



## ସଂକ୍ଷେପରେ

### ପେସ୍-ଡାନିଏଲ୍ ସେମିଫାଇନାଲରେ

**ନ୍ୟୁପୋର୍ଟ, ୨୦।୭ (ପି.ଟି.):** ଭାରତର ଭେଟେରାନ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଏଟିପି ହଲ୍ ଅଫ୍ ଫେମ୍ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପେସ୍ ଓ ତାଙ୍କ ନ୍ୟୁଜିଲାଣ୍ଡ ପାର୍ଟନର ମାର୍କସ ଡାନିଏଲ୍ ୬-୪, ୫-୭, ୧୪-୧୨ ସେଟ୍‌ରେ ଅଷ୍ଟ୍ରେଲିଆ-ସ୍ୱିଡେନ ଯୋଡ଼ି ମାଥ୍ୟୁ ଏବ୍‌ଡେନ୍ ଓ ରବର୍ଟ ଲ୍ୟାଣ୍ଡଷ୍ଟେଡ୍ ଯୋଡ଼ିଙ୍କୁ ହରାଇ ଦେଇଛନ୍ତି। ୪୬ ବର୍ଷୀୟ ପେସ୍ ୧୯୯୫ରେ ପ୍ରଥମ ଥର ହଲ୍ ଅଫ୍ ଫେମ୍ ଓପନ୍‌ରେ ଖେଳିଥିଲେ। ଏଠାରେ କ୍ୱାର୍ଟର ଫାଇନାଲ ଜିତିବା ପରେ ୨୦୦୬ରେ ସାନ୍‌ଜୋସ୍‌ଠାରେ ଜନ୍ ମ୍ୟାକନୋର (୪୭ବର୍ଷ)ଙ୍କ ପରେ ସେ ସବୁଠାରୁ ବୟୋଜ୍ୟେଷ୍ଠ ଏଟିପି ଟୁର୍ ସେମିଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ପେସ୍ କହିଛନ୍ତି, କଠିନ ପରିଶ୍ରମ ଯୋଗୁ ଏ ବୟସରେ ମଧ ମୁଁ ଖେଳରେ ତିଷ୍ଠି ରହିପାରିଛି। ଜ୍ୱରରେ ପୀଡ଼ିତ ଥିବା ଅବସ୍ଥାରେ ମୁଁ ଖେଳିଛି। ଯେଉଁ ସମୟରେ ଜଣେ ଚାହିଁବ ନାହିଁ ସେ ସମୟରେ ମୁଁ ଜିମ୍‌କୁ ଯାଇଛି।

### ଐଶ୍ୱର୍ଯ୍ୟଙ୍କ ବିଶ୍ୱରେକର୍ଡ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୨୦।୭ (ପି.ଟି.):** ଭାରତର ଉଦୀୟମାନ ଯୁବ ଶୁଟର ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ପୁରୁଷ ରାଇଫଲ ୩ ପୋଜିଶନରେ ଜୁନିୟର ବିଶ୍ୱରେକର୍ଡ ପ୍ରତିଷ୍ଠା କରିବା ସହ ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ ଶୁଟିଂରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥିସହିତ ଜର୍ମାନୀର ସୁଲ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତୀୟ ଶୁଟରମାନେ ୧୦ ସ୍ୱର୍ଣ୍ଣ, ୯ ରୌପ୍ୟ ଏବଂ ୫ ବ୍ରୋଞ୍ଜ୍ ପଦକ ସହ ମୋଟ ୨୪ ପଦକ ସହ ଅଭିଯାନ ଶେଷ କରିଛନ୍ତି। ମଧ୍ୟପ୍ରଦେଶର ଖାରର୍ଗୋନର ଏହି ଯୁବ ଶୁଟର ୧୨୦ ଶଟ କ୍ୱାଲିଫିକେଶନ ରାଉଣ୍ଡରେ ମୋଟ ୧୧୭୧ ପଏଣ୍ଟ ହାସଲ କରିଥିଲେ। ଏହି ପର୍ଯ୍ୟାୟରେ ସେ ନିଲିଂ, ପ୍ରୋନ୍ ଏବଂ ଷ୍ଟାଣ୍ଡିଂ ପୋଜିଶନରେ ୪୦ଟି ଲେଖାଏଁ ଶୁଟ କରିଥିଲେ। ସେହିପରି ଫାଇନାଲ ରାଉଣ୍ଡରେ ଐଶ୍ୱର୍ଯ୍ୟ ୪୫ଟି ଶୁଟ୍‌ରୁ ୪୫୯.୩ ପଏଣ୍ଟ ହାସଲ କରି ନୂଆ ଜୁନିୟର ବିଶ୍ୱ ରେକର୍ଡ଼ ପ୍ରତିଷ୍ଠା କରି ସ୍ୱର୍ଣ୍ଣ ପଦକ ଜିତିପାରିଥିଲେ।

### ଆଲଜେରିଆକୁ ଦ୍ୱିତୀୟ ଆଫ୍ରିକାନ କପ୍

**କାଇରୋ,୨୦।୭(ଏଏଫ୍‌ପି):** ଦୀର୍ଘ ୨୯ ବର୍ଷ ପରେ ଆଲଜେରିଆ ପ୍ରଥମ ଥର ପାଇଁ ଆଫ୍ରିକାନ କପ୍ ହାତେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେନେଗାଲକୁ ୧-୦ ଗୋଲରେ ହରାଇ ଆଲଜେରିଆ ଏହି ସଫଳତା ପାଇଛି। ଚାମ୍ପିୟନ ଦଳ ଲାଗି ବାଗଦାଦ ବୌନେଡଜା ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ହୋଇଥିବା ଗୋଲ ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ତେବେ ଆଲଜେରିଆ ମୋଟ ଉପରେ ଦ୍ୱିତୀୟ ଓ ବିଦେଶୀ ମାଟିରେ ପ୍ରଥମ ଥର ପାଇଁ ଆଫ୍ରିକାର ସବୁଠୁ ବଡ଼ ଟୁର୍ନାମେଣ୍ଟ ଜିତିଛି। ଦଳ ପ୍ରଥମ ଥର ୧୯୯୦ରେ ଆୟୋଜକ ଦଳ ଭାବେ ଚାମ୍ପିୟନ ହୋଇଥିଲା।



ଭାରତ ଓ ସିଙ୍ଗାପୁର ମଧ୍ୟରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍।



ମହିଳା ସିଙ୍ଗଲ୍ସରେ ଭାରତ-ସାଇପ୍ରସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ
# ସିଙ୍ଗଲ୍ସ ମୁଖ୍ୟ ଡ୍ର’ରେ ଭାରତର ୨୪

କଟକ ଅଫିସ,୨୦।୭

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ସିଙ୍ଗଲ୍ସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ଆୟୋଜକ ଭାରତର ମୋଟ ୨୪ଜଣ ଖେଳାଳି ମୁଖ୍ୟ ଡ୍ର’କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିମଧ୍ୟରୁ ୮ଜଣ ସିଡେଡ୍ ଖେଳାଳି ସିଧାସଳଖ ମୁଖ୍ୟ ଡ୍ର’ରେ ସାମିଲ ହୋଇଥିବା ବେଳେ ୧୬ଜଣ ବିଜୟୀ ହୋଇ ଯୋଗ୍ୟତା ହାସଲ କରିଛନ୍ତି। ପୂଜା ସହସ୍ରବୁଦ୍ଧି, ରୀଥ ସିୟା, ସୁରଭି ପଟୱାରୀ ଭଳି ପ୍ରମୁଖ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପରାଜୟବରଣ କରି ଭାରତ ପାଇଁ ନିରାଶାଜନକ ସ୍ଥିତି ସୃଷ୍ଟି କରିଛନ୍ତି। କିନ୍ତୁ ଡବଲ୍ସ ଇଭେଣ୍ଟରେ ଏମାନଙ୍କ ପାଇଁ ଏବେ ବି ସୁଯୋଗ ରହିଛି। ରୀଥ ସିୟା ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାର ଚାମଥସାରାଙ୍କୁ ୧୧-୪, ୧୧-୭, ୧୧-୯ ଗେମରେ ପରାସ୍ତ କରିଥିଲେ। ମାତ୍ର ଦ୍ୱିତୀୟ ଗେମରେ ସିଙ୍ଗାପୁରର ଜୋଇ ଲିମଙ୍କଠାରୁ ୧୧-୯, ୧୦-୧୨, ୧୧-୭, ୯-୧୧, ୧୩-୧୫ରେ ପରାସ୍ତ ହୋଇଥିଲେ।



ସାଇପ୍ରସ୍ ବିପକ୍ଷ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ରିଟର୍ନ ଶଟ୍ ଖେଳୁଛନ୍ତି ଭାରତୀୟ ପ୍ରତିଯୋଗୀ।

ସେହିପରି ପୂଜା ସହସ୍ରବୁଦ୍ଧି ସ୍କଟଲ୍ୟାଣ୍ଡର ଲାରା ଷ୍ଟ୍ରିରଲିଂଙ୍କୁ ୧୧-୫, ୧୧-୮, ୧୧-୮ରେ ହରାଇଥିବା ବେଳେ ନାଇଜେରିଆର ଆଜୋକ ଓଜୋମୁଙ୍କ ଠାରୁ ୬-୧୧, ୭-୧୧, ୧୧-୧୩ରେ ଓ ସିଙ୍ଗାପୁରର ଟ୍ୟାନଲିନ ଜେସିଙ୍କ ଠାରୁ ୩-୧୧, ୧୩-୧୧, ୫-୧୧, ୧୨-୧୦, ୭-୧୧ ଗେମରେ ପରାସ୍ତ ହୋଇଥିଲେ। ସୂରଭି ପଟୱାର ମାଲେସିଆ ବିପକ୍ଷରେ ବିଜୟୀ ହୋଇଥିବା ବେଳେ ସିଙ୍ଗାପୁରର ଖେଳାଳିଙ୍କଠାରୁ ପରାସ୍ତ ହୋଇଛନ୍ତି। ଯୋଗ୍ୟତା ହାସଲ କରିଥିବା ଖେଳାଳିମାନେ ହେଲେ ସାନିଲ ସେଠୀ, ସୁସ୍ମିତ ଶର୍ମା, ମାନୁଷ ସାହା, ଜିତ ଚନ୍ଦ୍ର, ରୋନିତ ଭଞ୍ଜ, ସୁଧାଂଶୁ ଗ୍ରୋଭର, କ୍ରୀତିକା ସିହ୍ନା ରୟ, ସୁତୀର୍ଥ ମୁଖାର୍ଜୀ, ଶ୍ରୀଜା ଆକୁଲା, ମୌସୁମୀ ପଲ, ପ୍ରପତି ସେନ, ଏସ୍.ଶୈଳନ୍ଦୀପତି, ଦିବ୍ୟା ଦେଶପାଣ୍ଡେ, ସାଗରିକା ମୁଖାର୍ଜୀ ଓ କେ. ଅନୁଶା।

# ନଜରରେ ଭାରତୀୟ ବରିଷ୍ଠ କ୍ରିକେଟର

ନୂଆଦିଲ୍ଲୀ,୨୦।୭ (ପି.ଟି.)

ବିଶ୍ୱକପ୍ ଖେଳିବାର ଅବସରରେ ଜଣେ ବରିଷ୍ଠ ଭାରତୀୟ କ୍ରିକେଟର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ‘ଫ୍ୟାମିଲି କ୍ଲଜ୍’ ବା ପାରିବାର ଅନୁଚ୍ଛେଦ ଉଲ୍ଲଂଘନ କରି ନଜରକୁ ଆସିଛନ୍ତି। ସେମିଫାଇନାଲରେ ଭାରତ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବିଦାୟ ନେଇଥିଲା। ଖେଳାଳି ଜଣକ ନିଜ ପତ୍ନୀଙ୍କୁ ସାଥିରେ ରହିବା ପାଇଁ ଅନୁରୋଧ କରିଥିଲେ। ନିୟମ ଦୃଷ୍ଟିରୁ ୧୫ଦିନ ରହିଥିବା ବେଳେ ସେ ଅଧିକ ଦିନ ପାଇଁ ପତ୍ନୀଙ୍କୁ ସାଥିରେ ରଖିବା ପାଇଁ ଅନୁରୋଧ କରିଥିଲେ ଓ ରଖିଥିଲେ ମଧ୍ୟ। ପ୍ରଶାସକ କମିଟି (ସିଓଏ) ଏ ନିୟମ ଲାଗୁ କରିଥିଲା।

ସମ୍ପୃକ୍ତ ଖେଳାଳି ଜଣକ ବିନା ଅନୁମତିରେ ପୂରା ୭ ସପ୍ତାହ ପତ୍ନୀଙ୍କୁ ସାଥିରେ ରଖିଥିଲେ। ଅଧିକ ଦିନ ରହିବା ପାଇଁ ସେ ଅଧିନାୟକ କିମ୍ବା କୋଚ୍‌ଙ୍କଠାରୁ ଅନୁମତି ନେଇ ନ ଥିଲେ। ମେ ୩ ତାରିଖରେ ଅନୁଷ୍ଠିତ ବୈଠକରେ ସିଓଏ ଅଧିକ ଦିନ ପତ୍ନୀଙ୍କୁ ସାଥିରେ ରଖିବାର ନିୟମକୁ ବାତିଲ କରିଥିଲା। ଏହି ବୈଠକରେ ସମ୍ପୃକ୍ତ ଖେଳାଳିଙ୍କ ଅନୁରୋଧକୁ ସିଓଏ ପ୍ରତ୍ୟାଖାନ କରିଥିଲା। ଏପର୍ଯ୍ୟନ୍ତ ଏ ନେଇ ଘଟଣା ସମ୍ପର୍କରେ ସିଓଏକୁ

**ଫ୍ୟାମିଲି କ୍ଲଜ୍ ଉଲ୍ଲଂଘନ**

ଅବଗତ କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପ୍ରଶାସନିକ ପ୍ରବନ୍ଧକ ବା ଆଡମିନିଷ୍ଟ୍ରେଟିଭ୍ ମ୍ୟାନେଜର ସୁନୀଲ ସୁବ୍ରମନିୟମ୍ କାହିଁକି ଉଚିତ୍ ପଦକ୍ଷେପ ଗ୍ରହଣ କଲେ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏ ନେଇ ସିଓଏ ସୁବ୍ରମନିୟମ୍‌ଙ୍କଠାରୁ ରିପୋର୍ଟ ମାଗିବ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ସୁବ୍ରମନିୟମ ଏ ନେଇ ଏପର୍ଯ୍ୟନ୍ତ କିଛି ମନ୍ତବ୍ୟ ଦେଇ ନାହାନ୍ତି।

### ଭାରତର ମିକ୍ସଡ ରିଲେ ରୌପ୍ୟ ସ୍ୱର୍ଣ୍ଣରେ ପରିଣତ ହେବ

**ନୂଆଦିଲ୍ଲୀ, ୨୦।୭ (ପି.ଟି.):** ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ବାହାରିନ୍‌ର କେମି ଆଦେକୋୟାଙ୍କୁ ୪ ବର୍ଷ ବାସନ୍ଦ ଦଣ୍ଡରେ ଦଣ୍ଡିତ କରିଛି। ଫଳରେ ଭାରତ ଏସିଆନ ଗେମ୍ସରେ ୪x୪୦୦ ମିକ୍ସଡ ରିଲେ ସ୍ୱର୍ଣ୍ଣ ପଦକ ପାଇବା ସ୍ପଷ୍ଟ ହୋଇଛି। ଗତବର୍ଷ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମହମ୍ମଦ ଆନାସ, ହିମା ଦାସ, ଆରୋକିଆ ରାଜୀବ ଏବଂ ଏମ୍.ଆର. ପୁଭାମାଙ୍କୁ ନେଇ ଭାରତର ମିକ୍ସଡ ରିଲେ ଟିମ୍ ରୌପ୍ୟ ଜିତିଥିଲା। ମାତ୍ର ଆଦେକୋୟା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବାହାରିନ୍ ଦଳର ଅନ୍ୟତମ ସଦସ୍ୟା ହୋଇଥିବାରୁ ଭାରତ ସ୍ୱର୍ଣ୍ଣ ପାଇବା ଲାଗି ହକ୍‌ଦାର ହୋଇଛି। ୨୦୧୮ ଅଗଷ୍ଟ ୨୪ରୁ ୨୦୧୮ ନଭେମ୍ବର ୨୬ ପର୍ଯ୍ୟନ୍ତ ଆଦେକୋୟାଙ୍କ ସମସ୍ତ ଫଳାଫଳକୁ ଏଆଇୟୁ ଅଯୋଗ୍ୟ ଘୋଷଣା କରିଛି। ସୂଚନାଯୋଗ୍ୟ, ମିକ୍ସଡ ରିଲେ ରେସ୍ ବେଳେ ବାହାରିନ ବାଧା ସୃଷ୍ଟି କରିଥିଲା ବୋଲି ଭାରତ ପକ୍ଷରୁ ବିଧିବଦ୍ଧ ଅଭିଯୋଗ ହୋଇଥିଲା ମାତ୍ର ତାହା ଅଗ୍ରାହ୍ୟ ହୋଇଯାଇଥିଲା। ଆଦେକୋୟା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଜିତିଥିବାବେଳେ ଭାରତର ଅନୁ ରାଘବନ ୪ର୍ଥ ହୋଇଥିଲେ। ଫଳରେ ବର୍ତ୍ତମାନ ରାଘବନ ବ୍ରୋଞ୍ଜ ପଦକ ପାଇବା ସମ୍ଭାବନା ସୃଷ୍ଟି ହୋଇଛି।

### ଏଏଫ୍‌ସି ଯୋଗ୍ୟତା ପ୍ରଥମ ଲକ୍ଷ୍ୟ: ମେମୋଲ

**ନୂଆଦିଲ୍ଲୀ,୨୦।୭(ପି.ଟି.):** ଭାରତୀୟ ମହିଳା ଫୁଟବଲ ଟିମ୍ ଆଗାମୀ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ଅଧିକ ଗୁରୁତ୍ୱ ଦେଉଛି ବୋଲି ମୁଖ୍ୟ କୋଚ୍ ମେମୋଲ ରକି ଶନିବାର କହିଛନ୍ତି। ଏହି ପ୍ରତିଯୋଗିତା ଭାରତୀୟ ଦଳକୁ ଆଗକୁ ଯିବା ଲାଗି ସହାୟତା କରିବ। ଏବେ ଆମକୁ ଏକ ହୋଇ ଆଗକୁ ବଢ଼ିବାକୁ ପଡ଼ିବ। ଆମେ ଅଲିମ୍ପିକ କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚି ମଧ୍ୟ ବିଫଳ ହୋଇଛୁ। ମାତ୍ର ଆମର ପରବର୍ତ୍ତୀ ଲକ୍ଷ୍ୟ ଏଏଫ୍‌ସି କ୍ୱାଲିଫାୟର୍ସ ଉପରେ ରହିବ। ଏସିଆନ ଚାମ୍ପିୟନଶିପ ଲାଗି ଯୋଗ୍ୟତା ହାସଲ କରିବା ଦଳ ପାଇଁ ବଡ଼ ସଫଳତା ହେବ। ଏଥିଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି ମେମୋଲ କହିଛନ୍ତି। ଶନିବାର ଭାରତୀୟ ଦଳ କୋଟିଫ କପ୍‌ରେ ଅଂଶଗ୍ରହଣ କରିବାକୁ ସ୍ପେନ ଅଭିମୁଖେ ଯାତ୍ରା କରିଛି। ଟୁର୍ନାମେଣ୍ଟରେ ଭାରତ ପ୍ରଥମ ମ୍ୟାଚରେ ଅଗଷ୍ଟ ୧ରେ ଗିନିକୁ ଭେଟିବ। **ଭାରତୀୟ ଦଳ:** ଲିନ୍ଥୋଇନଗାମ୍ବି ଦେବୀ, ଅଦିତି ଚୌହ୍ୱାନ, ସୌମ୍ୟା ନାରାୟଣସ୍ୱାମୀ (ସମସ୍ତେ ଗୋଲକିପର), ସ୍ୱିଟି ଦେବୀ, ଯବାମଣି ଟୁଡୁ, ଆଶାଲତା ଦେବୀ, ମିଚେଲ କାଷ୍ଟାହ୍ନା, ପାକପି ଦେବୀ(ସମସ୍ତେ ଡିଫେଣ୍ଡର), ସଂଗୀତା ବାସଫୋର, ସଞ୍ଜୁ ଯାଦବ, ରତ୍ନବାଳା ଦେବୀ, ମନିଷା, ରିତୁ ରାଣୀ, ଗ୍ରେସ ଲାଲରାମପରି, ରଞ୍ଜନା ଚାନୁ(ସମସ୍ତେ ମିଡଫିଲ୍ଡର), ଅନୁଷ୍କା ସାମୁଏଲ, ଡାଙ୍ଗମେଇ ଗ୍ରେସ, ଅଞ୍ଜୁ ତମାଙ୍ଗ, ବାଲା ଦେବୀ, ରେଣୁ, ରୋଜା ଦେବୀ ଓ ଦୟା ଦେବୀ(ସମସ୍ତେ ଫରୱାର୍ଡ)।


ଦକ୍ଷିଣ କୋରିଆର ଗ୍ୱାଙ୍ଗଜୁଠାରେ ଚାଲିଥିବା ବିଶ୍ୱ ସୁଇମିଂ ଚାମ୍ପିୟନଶିପରେ ଶନିବାର ଫ୍ରି ଆର୍ଟିଷ୍ଟିକ୍ ସୁଇମିଂ ଫାଇନାଲରେ ଅଂଶଗ୍ରହଣ ପୂର୍ବକ ଇଟାଲୀ ଟିମ୍।

# ଉଦ୍‌ଘାଟନୀ ଜିତିଲା ୟୁ ମୁମ୍ବା

ହାଇଦ୍ରାବାଦ,୨୦।୭

ସ୍ଥାନୀୟ ଗୋଚିବାଓ୍ୱଲି ଇନ୍‌ଡୋର ଷ୍ଟାଡ଼ିୟମରେ ପ୍ରୋ-କବାଡ଼ି ଲିଗ୍‌ର ସିଜନ-୭ ଶନିବରଠାରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ୟୁ ମୁମ୍ବା ୬ ପଏଣ୍ଟରେ

**ପ୍ରୋ-କବାଡ଼ି ଲିଗ ସିଜନ-୭**

ତେଲଗୁ ଟାଇଟାନ୍ସକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଫାଜଲ ଆତ୍ରାଚାଲିଙ୍କ ନେତୃତ୍ୱାଧୀନ ୟୁ ମୁମ୍ବା ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିଥିଲା। ଶେଷରେ ୟୁ ମୁମ୍ବା ଟିମ ୩୧-୨୫ ପଏଣ୍ଟରେ ତେଲଗୁ ଟାଇଟାନ୍ସକୁ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ଅଭିଷେକ ସିଂ ଦଳ ଲାଗି ସର୍ବାଧିକ ୧୦ ପଏଣ୍ଟ ହାସଲ କରିଥିଲେ। ଅଭିଷେକ ସମସ୍ତ ପଏଣ୍ଟ ରେଡ୍ କରି ହାସଲ କରିଥିଲେ। ଅନ୍ୟପକ୍ଷରେ ଗତଥର ୟୁ ମୁମ୍ବାରୁ ଖେଳୁ ଥିବା ସିଦ୍ଧାର୍ଥ ଦେଶାଇ ଚଳିତ ଥର ତେଲଗୁ ଟାଇଟାନ୍ସ ପକ୍ଷରୁ ଖେଳିଥିଲେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସ ପାଟନା ପାଇରେଟ୍ସକୁ ମାତ୍ର ୨ ପଏଣ୍ଟରେ ପରାସ୍ତ କରିଛି। ଉଭୟ ଦଳ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ବେଙ୍ଗାଲୁରୁ ୩୪-୩୨ ପଏଣ୍ଟରେ ବିଜୟୀ ହୋଇଥିଲା। ବେଙ୍ଗାଲୁରୁ ପକ୍ଷରୁ ପଓ୍ୱନ କୁମାର ଓ ପାଟନା ପକ୍ଷରୁ ପ୍ରଦୀପ ନରଓ୍ୱାଲ ଦଳ ଲାଗି ୧୦-୧୦ ପଏଣ୍ଟ ଅର୍ଜନ କରିଥିଲେ।

# ବୟସାଧିକ ଆଥଲେଟ୍ ଧରାପଡ଼ିଲେ ରାଜ୍ୟ ସଂଘ ସମ୍ପାଦକ ନିଲମ୍ବିତ ହେବେ

ଆଗ୍ରା,୨୦।୭(ପି.ଟି.)

ଜାତୀୟ ପ୍ରତିଯୋଗିତାରେ ଗୋଟିଏ ବର୍ଷରେ ୨ରୁ ଅଧିକ ବୟସାଧିକ ଅଥଲେଟ ଧରାପଡ଼ିଲେ ସେହି ରାଜ୍ୟ ସଂଘର ସମ୍ପାଦକ ନିଲମ୍ବନ ହେବେ ବୋଲି ଭାରତୀୟ ଆଥଲେଟିକ ମହାସଂଘ(ଏଏଫ୍‌ଆଇ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ବର୍ଷ ବର୍ଷ ଧରି ବୟସ ଜାଲିଆତି ସମସ୍ୟା ରହି ଆସିଥିବା ବେଳେ ସମ୍ପୃକ୍ତ ରାଜ୍ୟ ସଂଘର ମୁଖ୍ୟଙ୍କୁ ଏଥିଲାଗି ଉତ୍ତରଦାୟୀ କରିବା ପାଇଁ ଏଠାରେ ଅନୁଷ୍ଠିତ ଏଫ୍‌ଆଇର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ନିକଟରେ ରାଜ୍ୟ ସଂଘ ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ବୟସ ଜାଲିଆତି କରିଥିବା କେତେଜଣ ଆଥଲେଟ୍‌ଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ମାତ୍ର ବର୍ଷ ବର୍ଷ ଧରି ବୟସ ଜାଲିଆତି ବନ୍ଦ ହେଉ ନାହିଁ କି କମୁ ନାହିଁ। ତେବେ ଏଏଫ୍‌ଆଇ ଏହି ଜାଲିଆତି ରୋକିବା ଲାଗି କଡ଼ା ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ଏହି କ୍ରମରେ ଯଦି ଗୋଟିଏ ବର୍ଷରେ କୌଣସି ରାଜ୍ୟ ସଂଘର ୨ଜଣରୁ ଅଧିକ ଖେଳାଳି ବୟସ ଜାଲିଆତିରେ ଧରାପଡ଼ନ୍ତି ତେବେ ସମ୍ପୃକ୍ତ ରାଜ୍ୟ ସଂଘର ସମ୍ପାଦକଙ୍କୁ ଗୋଟିଏ ବର୍ଷ ନିଲମ୍ବନ କରାଯିବ ବୋଲି ଏଏଫ୍‌ଆଇ ସଭାପତି ଆଦିଲ ସୁମାରିଓ୍ୱାଲା କହିଛନ୍ତି। ସେହିପରି ଏଏଫ୍‌ଆଇ ପ୍ଲାନିଂ କମିଶନ ଅଧ୍ୟକ୍ଷ ଲଳିତ ଭାନତ କହିଛନ୍ତି ଯେ, ଏହି ନିଷ୍ପତ୍ତି ଅନୁଯାୟୀ ମହାସଂଘ ସମ୍ବିଧାନ ପରିବର୍ତ୍ତନ କରାଯିବ।

A.F.I.
ATHLETICS FEDERATION OF INDIA

# ସ୍ୱର୍ଣ୍ଣ ଜିତିବାରେ ଶିବ ପ୍ରଥମ ଭାରତୀୟ

ନୂଆଦିଲ୍ଲୀ, ୨୦।୭

ଚାରିଥର ଏସିଆନ ପଦକ ବିଜେତା ଶିବ ଥାପ୍ପା ପ୍ରଥମ ଭାରତୀୟ ବକ୍ସର ଭାବେ କାଜାଖସ୍ତାନର ଅଷ୍ଟାନାଠାରେ ଚାଲିଥିବା ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ନୂତନଭାବେ ପ୍ରଚଳିତ ଅଲିମ୍ପିକ୍ସ କାଟେଗୋରି ୬୩

**ପ୍ରେସିଡେଣ୍ଟ୍ସ କପ୍ ବକ୍ସିଂ**

କେଜିରେ ତାଙ୍କ ପ୍ରଥମ ପଦାର୍ପଣରେ ସେ ଏହି ସଫଳତା ହାସଲ କରିଛନ୍ତି। ଥାପ୍ପା ଫାଇନାଲ ମୁକାବିଲା ଜାକିର ସାଫିଲୁଦ୍ଦିନଙ୍କ ସହିତ କରିଥାନ୍ତେ। ମାତ୍ର ଆହତ ଯୋଗୁ ଏହି ବକ୍ସର ଜଣକ ଲଢେଇରୁ ଓହରିଯାଇଥିଲେ। ଫଳର ୱାକଓଭର ଭିତ୍ତିରେ ଥାପ୍ପା ବିଜୟୀ ହୋଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଏସିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ଥାପା କିନ୍ତୁ ସାଫିଲୁଦ୍ଦିନଙ୍କଠାରୁ ହାରିଯାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ବକ୍ସର ପରବିନ୍ (୬୦କେଜି) ତଙ୍କ ଫାଇନାଲ ବାଉଟ ସ୍ଥାନୀୟ ଆଶାୟୀ ରିମା ଭୋଲୋସୋଙ୍କୋଙ୍କ ନିକଟରୁ ପରାଜିତ ହୋଇ ରୌପ୍ୟ ପାଇଛନ୍ତି। ଅଲିମ୍ପିକ ଡିଭିଜନରେ ପ୍ରବେଶ କରିବ ପୂର୍ବରୁ ଥପା ଜଣେ ୬୦ କେଜି କାଟେଗୋରି ବକ୍ସର ଥିଲେ। ସେ କହିଛନ୍ତି ନୂଆ ୱେଟ୍ କାଟେଗୋରି ସହ ଖାପ ଖୁଆଇବା ତାଙ୍କ ପକ୍ଷେ କଷ୍ଟକର ହୋଇ ନ ଥିଲା। ସୂଚନାଯୋଗ୍ୟ, ଟ୍ରାଏଲ୍‌ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ମନିଷ କୌଶିକ୍‌ଙ୍କଠାରୁ ହାରିଯିବା ଯୋଗୁ ଥାପା ଗତ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରି ନ ଥିଲେ। ଏଠାରେ ସେମିଫାଇନାଲ ପର୍ଯ୍ୟାୟରେ ସେ ଆର୍ଗନ କାଡିରିବେକୁଲୁଙ୍କୁ ସେ ୪-୧ରେ ପରାସ୍ତ କରିଥିଲେ। ପୂର୍ବରୁ ସ୍ୱିଟି ବୋରା (୮୧କେଜି) ଏବଂ ଦୁର୍ଯ୍ୟୋଧନ ସିଂ ନେଗି (୬୯କେଜି) ସେମାନଙ୍କ କାଟେଗୋରିରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି।


ପଦକ ସହ ଶିବ ଥାପ୍ପା।

“ ବିଜେନ୍ଦର ସିଂ ମୋତେ ଛୋଟ ପିଲା ବୋଲି କହୁଛନ୍ତି, କିନ୍ତୁ ନଭେମ୍ବରରେ ତାଙ୍କ ସହିତ ଫାଇଟ୍ କରିବା ଲାଗି ଆହ୍ୱାନ ଦେଉଛି ।
—ନୀରଜ ଗୋୟତ୍, ଭାରତୀୟ ବକ୍ସର



“ ପୂର୍ବରୁ ମୁଁ ସିନିୟର ଖେଳାଳିଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଥିଲି, କିନ୍ତୁ ବର୍ତ୍ତମାନ ଜୁନିୟରଙ୍କଠାରୁ ଶିଖିବାକୁ ଚେଷ୍ଟା କରୁଛି ।
—ଲିଆଣ୍ଡର ପେସ୍,ଭାରତୀୟ ଟେନିସ ଖେଳାଳି



## ସଂକ୍ଷେପରେ

### ବଦଳିପାରେ ଓଭରଥ୍ରୋ ନିୟମ

**ଲଣ୍ଡନ,୨୦।୭(ପି.ଟି.):** କ୍ରିକେଟ ନିୟମ ପ୍ରସ୍ତୁତକାରୀ ମାର୍ଲେବର୍ନ କ୍ରିକେଟ କ୍ଲବ (ଏମ୍‌ସିସି) ଓଭରଥ୍ରୋ ନିୟମରେ ପରିବର୍ତ୍ତନ କରିପାରେ। ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱକପ୍ ଫାଇନାଲରେ ଓଭରଥ୍ରୋ ବିବାଦ ଉପୁଯିବା ପରେ ଏହି ନିୟମ ଉପରେ ବିଚାର କରାଯିବା ନେଇ ଏକ ଖବରକାଗଜ ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ର ଅନ୍ତିମ ଓଭରରେ ହୋଇଥିବା ଓଭରଥ୍ରୋ ନ୍ୟୁଜିଲାଣ୍ଡର ଦୁର୍ଭାଗ୍ୟଜନକ ପରାଜୟର କାରଣ। ମାର୍ଟିନ ଗୁପ୍‌ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜିବା ପରେ ବଲ ବାଉଣ୍ଡରି ସୀମା ଅତିକ୍ରମ କରିଯାଇଥିଲା। ଅନ୍‌ଫିଲ୍ଡ ଅମ୍ପାୟର କୁମାର ଧର୍ମସେନା ଓ ମାରିଅସ ଇରାସମୁସ ଏହାକୁ ଚୌକା ବୋଲି ଘୋଷଣା କରିଥିଲେ। ଯାହାଫଳରେ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭର ଖେଳାଯାଇଥିଲା ଓ ପରେ ଇଂଲଣ୍ଡ ଟ୍ରଫି ହାତେଇ ନେଇଥିଲା। କିନ୍ତୁ ଆଇସିସି ଏଲାଇଟ ପ୍ୟାନେଲ ଅମ୍ପାୟର ସାଇମନ ଟଫେଲ କହିଛନ୍ତି, ନିୟମ ଅନୁଯାୟୀ ଅମ୍ପାୟରମାନେ ଇଂଲଣ୍ଡକୁ ୬ ରନ୍ ପରିବର୍ତ୍ତେ ୫ ରନ୍ ଦେବା କଥା। କାରଣ ଡିପ୍ ଅଞ୍ଚଳରୁ ଗୁପ୍‌ଟିଲ ଥ୍ରୋ କରିବା ପୂର୍ବରୁ ବ୍ୟାଟ୍ସମ୍ୟାନମାନେ ଦ୍ୱିତୀୟ ରନ୍ ପୂରଣ କରି ନ ଥିଲେ।

### ପୁଣି ପ୍ରଶଂସକଙ୍କୁ ଚକିତ କଲେ ଅଶ୍ୱିନ



**ଚେନ୍ନାଇ,୨୦।୭:** ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପୁଣି ଥରେ ପ୍ରଶଂସକଙ୍କୁ ଚକିତ କରିଛନ୍ତି। ଏଠାରେ ଅଶ୍ୱିନ ଡିଣ୍ଡିଗୁଲ ଡ୍ରାଗନ୍ସ ଓ ଚେପକ ସୁପର ଗିଲ୍‌ସ ମଧ୍ୟରେ ଶୁକ୍ରବାର ଖେଳାଯାଇଥିବା ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ)ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅଶ୍ୱିନ ଭିନ୍ନ ଶୈଳୀରେ ବୋଲିଂ କରିଛନ୍ତି। ଏହି ଘଟଣା ମ୍ୟାଚ୍‌ର ଅନ୍ତିମ ଓଭରର ୪ର୍ଥ ବଲରେ ଘଟିଥିଲା। ଚେପକ ସୁପର ଗିଲ୍‌ସ ଦଳ ଅନ୍ତିମ ଦୁଇ ବଲରେ ୧୭ ରନ୍ ଦରକାର ଥିବାବେଳେ ଅଶ୍ୱିନ ସ୍ୱତନ୍ତ୍ର ବୋଲିଂ କରିଥିଲେ। ଛୋଟିଆ ରନ ଅପ୍ ନେବା ସହ ସେ ନିଜ ବୋଲିଂ ଷ୍ଟାଇଲ ସମ୍ପୂର୍ଣ୍ଣ ନ କରି ବଲ ପକାଇଥିଲେ। ତେବେ ଏହି ବଲରେ କୌଣସି ଉଇକେଟ ନେଇପାରି ନ ଥିଲେ। ବ୍ୟାଟିଂ ପ୍ରଥମେ କରିଥିବା ଅଶ୍ୱିନ ୩ୟ କ୍ରମରେ ବ୍ୟାଟିଂ କରିଥିଲେ। ସେ ୧୯ ବଲରେ ୩୭ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ଏହା ହିଁ ଦୁଇ ଦଳ ମଧ୍ୟରେ ବ୍ୟବଧାନ ଥିଲା। ୧୧୬ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଚେପକ ସୁପର ଗିଲସ ୧୦ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା। ଉଲ୍ଲେଖଥାଉ କି, କିଛି ମାସ ପୂର୍ବେ ଅଶ୍ୱିନ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ଦଳର ଜୋସ ବଟଲରଙ୍କୁ ମଙ୍କଡ ଆଉଟ୍ କରିଥିଲେ। ଏହା ପ୍ରଶଂସକଙ୍କଠାରୁ ଆରମ୍ଭ କରି ପୂର୍ବତନ କ୍ରିକେଟର, ଆଇସିସିକୁ ମଧ ଚକିତ କରିଥିଲା।

### ରଷିଆନ ଓପନ ବ୍ୟାଡ୍‌ମିଣ୍ଟନ
### ଭାରତର ଅଭିଯାନ ଶେଷ

**ଭ୍ଲାଡିଭୋଷ୍ଟକ (ରୁଷିଆ), ୨୦।୭ (ପି.ଟି.):** ଏଠାରେ ଚାଲିଥିବା ରଷିଆନ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ମେଘନା ଜାକାମ୍ପୁଡିଙ୍କ ପାଇଁ ଶନିବାର ଥିଲା ଖରାପ ଦିବସ। ସେ ତାଙ୍କର ଉଭୟ ମିକ୍ସଡ ଏବଂ ମହିଳା ଡବଲ୍ସ ମ୍ୟାଚରେ ହାରିଯାଇଛନ୍ତି। ପ୍ରତିଯୋଗିତାର ମିକ୍ସଡ ଡବଲ୍ସ ସେମିଫାଇନାଲରେ ୮ମ ସିଡ୍ ମେଘନା ଓ ଧ୍ରୁବ କପିଲା ୭ମ ସିଡ୍ ଆଦନାନ୍ ମୌଲାନା ଓ ମିଚେଲି ଖ୍ରିଷ୍ଟିନେ ବାନ୍ଦାସୋଙ୍କଠାରୁ ୬-୨୧, ୧୫-୨୧ରେ ପରାସ୍ତ ହୋଇଯାଇଛନ୍ତି। ଏହି ମ୍ୟାଚ ମାତ୍ର ୨୭ ମିନିଟରେ ଶେଷ ହୋଇଥିଲା। ୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ମହିଳା ଡବଲ୍ସ ସେମିଫାଇନାଲରେ ମେଘନା ଓ ତାଙ୍କ ପାର୍ଟନର ପୂର୍ବିଶା ଏସ୍.ରାମ୍ ଚତୁର୍ଥ ସିଡ୍ ଜାପାନର ମିକି କଶିହାରା ଏବଂ ମିୟୁକି କାଟୋଙ୍କଠାରୁ ୧୦-୨୧, ୮-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ୩୩ ମିନିଟ୍‌ରେ ଶେଷ ହୋଇଯାଇଥିଲା।

# ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରିଲେ ଧୋନୀ

## ■୨ମାସ କ୍ରିକେଟରୁ ଦୂରେଇ ରହିବେ ■ଆଜି ଦଳ ଚୟନ

**ନୂଆଦିଲ୍ଲୀ,୨୦।୭ (ପି.ଟି.)**



ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତରୁ ଓହରି ଯାଇଛନ୍ତି ଅଭିଜ୍ଞ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ। ରବିବାର ଏହି ଗସ୍ତ ପାଇଁ ମୁମ୍ବାଇରେ ଚୟନକର୍ତ୍ତା ବୈଠକରେ ବସି ଦଳ ଚୟନ କରିବେ। ଏପରିସ୍ଥଳେ ଧୋନୀ ଗସ୍ତରୁ ଓହରିବା ବିଶେଷ ଭାବେ ମହତ୍ତ୍ୱ ରଖୁଛି। ବିଶ୍ୱକପ୍‌ରେ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେବା ପରେ ତାଙ୍କ ଅବସର ନେଇ ଚର୍ଚ୍ଚା ଚାଲିଥିବା ବେଳେ ଧୋନୀ ଏପରି ନିଷ୍ପତ୍ତି ନେଇଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ ନିଯୁକ୍ତି ପାଇଥିବାର ଧୋନୀ ବିଭିନ୍ନ କାର୍ଯ୍ୟପାଇ ୨ ମାସର ବ୍ରେକ୍ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଲିଖିତ ଭାବେ ଜଣାଇଛନ୍ତି। ଧୋନୀ ପାରଚ୍ୟୁଟ୍ ରେଜିମେଣ୍ଟ ଅଫ୍ ଦି ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କୋଲୋନେଲ ଭାବେ ନିଯୁକ୍ତି ପାଇଥିଲେ।

ବର୍ତ୍ତମାନ ଧୋନୀ କ୍ରିକେଟରୁ ଅବସର ନେଉନାହାନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସ୍ପଷ୍ଟ କରିଛନ୍ତି। ପାରାମିଲିଟାରୀ ରେଜିମେଣ୍ଟରେ କାର୍ଯ୍ୟ କରିବା ପାଇଁ ସେ ଦୁଇମାସ ପାଇଁ ବିଶ୍ରାମ ନେଉଛନ୍ତି। ଏ ସଂକ୍ରାନ୍ତରେ ଧୋନୀ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କୁ ଅବଗତ କରାଇଛନ୍ତି ବୋଲି ଅଧିକାରୀ ଜଣକ କହିଛନ୍ତି। ୩୮ ବର୍ଷରେ ପଦାର୍ପଣ କରିଥିବା ଧୋନୀ ଏବେ ଅବସର ନେବେ ନାହିଁ ବୋଲି କହିଛନ୍ତି। ୱେଷ୍ଟଇଣ୍ଡିଜ୍ ଗସ୍ତରୁ ଓହରିଯାଇଥିବାରୁ ଧୋନୀ ଘୋଷିତ ହେବାକୁ ଥିବା ଦଳରେ ସ୍ଥାନ ନ ପାଇବା ସ୍ୱାଭାବିକ୍। ଏହି ଗସ୍ତରେ ଭାରତ ୩ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ଖେଳିବ।

ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯିବ ବୋଲି ଆଶା କରାଯାଉଛି। ତେବେ ଧୋନୀଙ୍କ ସମ୍ପର୍କରେ ଅଧିନାୟକ କୋହଲିଙ୍କ ଅଭିମୁଖ୍ୟ ସ୍ପଷ୍ଟ ହେବା ପରେ ଯାଇ ଚୟନ କମିଟି ଯାହା ନିଷ୍ପତ୍ତି ନେବ। କେଉଁ ଖେଳାଳି ଅବସର ନେବେ ସେ ସମ୍ପର୍କରେ ଚୟନକମିଟିର କିଛି କହିବାର ଅଧିକାର ନାହିଁ। ତେବେ ଦଳ ଚୟନ କରିବାରେ କମିଟିର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ବୋର୍ଡ ଅଧିକାରୀ କହିଛନ୍ତି। ଧୋନୀ ଓହରିଯିବା ଫଳରେ ରିଷଭ ପନ୍ତ ପ୍ରଥମ ଉଇକେଟ କିପର ଭାବେ ଦଳରେ ସ୍ଥାନେ ପାଇବା ଆଶା କରାଯାଉଛି। ଟେଷ୍ଟ ପାଇଁ ଉଇକେଟ କିପିଂ ଦୌଡ଼ରେ ଅଭିଜ୍ଞ ରିଦ୍ଧିମାନ ଶାହ ଦୌଡ଼ରେ ରହିଛନ୍ତି। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଏବେ ଟି୨୦ ଫର୍ମାଟ ଉପରେ ଫୋକସ୍ କରାଯିବ ବୋଲି ଆଶା କରାଯାଉଛି।

ବିଶ୍ୱକପ୍ ପୂର୍ବରୁ ଆଗକୁ ଭାରତ ଏକାଧିକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ପୁଣି ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଆଉ ଗୋଟିଏ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସେସନ ଖେଳିବା ଆଶା କରାଯାଉଛି। ଏପରିସ୍ଥଳେ ଚୟନକର୍ତ୍ତାମାନେ କେତୋଟି ପ୍ରଶ୍ନର ସମ୍ମୁଖୀନ ହେବା ସ୍ୱାଭାବିକ୍। ଧୋନୀ ଟି୨୦ ବିଶ୍ୱକପ୍ ଖେଳିବେ କି? ଯଦି ହଁ ତେବେ ଧୋନୀଙ୍କୁ କିପର- ବ୍ୟାଟ୍ସମ୍ୟାନ ଭାବେ ଅତିକମ୍‌ରେ ୧୫ରୁ ୧୮ଟି ଟି୨୦ ମ୍ୟାଚ୍ ଖେଳାଇବାର ଯଥାର୍ଥତା ରହିଛି।

ଚୟନ କମିଟିର କାର୍ଯ୍ୟକାଳ ଆସନ୍ତା ଅକ୍ଟୋବରରେ ଶେଷ ହେବାକୁ ଯାଉଛି। ଯଦି ଧୋନୀ ଅବସର ନ ନିଅନ୍ତି ତେବେ ବିସିସିଆଇ ନିର୍ବାଚନ ପରେ ନବନିଯୁକ୍ତ ବୋର୍ଡ ସଦସ୍ୟ ଧୋନୀଙ୍କୁ ନେଇ ସ୍ପଷ୍ଟ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଫଳରେ ଆଗାମୀ କିଛମାସରେ ଏ ନେଇ କିଛି ନାଟକୀୟ ପରିସ୍ଥିତି ସୃଷ୍ଟି ହେବା ନିଶ୍ଚିତ ମନେହେଉଛି। ତେବେ ବର୍ତ୍ତମାନ ଚୟନ କମିଟି ଉପରେ ସମସ୍ତଙ୍କ ନଜର ରହିଛି। ଦଳରେ କାହାକୁ ସ୍ଥାନ ମିଳିବ ଓ ନ ମିଳିବ ସେ ନେଇ ସମସ୍ତଙ୍କର ଉତ୍କଣ୍ଠା ରହିଛି। ଉଲ୍ଲେଖଥାଉ କି, ପ୍ରଥମ ଚୟନ କମିଟି ବୈଠକ ଶୁକ୍ରବାର ବସିବାର ଥିଲା। ତେବେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ବୋର୍ଡ ସମ୍ପାଦକଙ୍କ ବଦଳରେ ଚୟନ କମିଟି ମୁଖ୍ୟ ବୈଠକ ଡାକିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ବୈଠକ ରବିବାରକୁ ଘୁଞ୍ଚାଇ ଦିଆଯାଇଥିଲା।




### କେମିତି ବିଦା ହୋଇଥିଲେ ଗାଙ୍ଗୁଲି, ଦ୍ରାଭିଡ୍, ସେହ୍ୱାଗ, ଗମ୍ଭୀର

ମହେନ୍ଦ୍ର ସିଂ ଧୋନୀ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯିବେ ନାହିଁ ବୋଲି ନିଜ ଆଡୁ ଘୋଷଣା କରିଛନ୍ତି। ଜଣେ ଅଧିନାୟକ ଭାବେ ଧୋନୀ ବହୁ କଠିନ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କ ସମୟରେ ଖେଳୁଥିବା କିଛି କିମ୍ବଦନ୍ତୀ ଖେଳାଳିଙ୍କ ବିପକ୍ଷରେ ଯାଇଥିଲା। ୨୦୦୮ ଅଷ୍ଟ୍ରେଲିଆରେ ଟ୍ରାଇ ସିରିଜ୍ ପୂର୍ବରୁ ଧୋନୀ ଚୟନକର୍ତ୍ତାଙ୍କୁ କହିଥିଲେ, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାଭିଡ୍ ଭଲ ଫିଲ୍ଡର ନୁହନ୍ତି। ଏଣୁ ଦୁଇଜଣଙ୍କୁ ଦିନିକିଆ ଦଳରୁ ବାଦ୍ ଦେଇଥିଲେ। ଭାରତୀୟ ଦଳ ଉକ୍ତ ସିରିଜ୍ ଜିତିବା ସହ ୨୦୧୧ ବିଶ୍ୱକପ୍ ଲାଗି ମୂଳଦୁଆ ରଖିଥିଲା। ଦଳରେ ସୁରେଶ ରାଇନା ଓ ଗୌତମ ଗମ୍ଭୀର ନିୟମିତ ସ୍ଥାନ ପାଇଥିଲେ। ଏହା ପରେ ଧୋନୀ ୨୦୧୨ ସିବି ସିରିଜ୍‌ରେ ବୀରେନ୍ଦ୍ର ସେହ୍ୱାଗ, ସଚିନ ତେନ୍ଦୁଲକର ଓ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଦୁଇଜଣଙ୍କୁ ଓପନର ଭାବେ ଖେଳାଇଥିଲେ। ଏମାନଙ୍କ ବୟସ ୩୦ରୁ ଉର୍ଦ୍ଧ୍ୱ ଓ ଫିଲ୍ଡରେ ଧିମା ଯୋଗୁ ପରବର୍ତ୍ତୀ ସମୟରେ ଦଳରୁ ବାଦ୍ ପଡ଼ିଥିଲେ। ଏ ସମ୍ପର୍କରେ ଧୋନୀ ସେତେବେଳେ କହିଥିଲେ, ଆମେ ସେହି ଖେଳାଳିଙ୍କୁ ସୁଯୋଗ ଦେଉଛୁ, ଯେଉଁମାନେ ୨୦୧୫ ବିଶ୍ୱକପ୍ ଲାଗି ନିଶ୍ଚିତ ଅଷ୍ଟ୍ରେଲିଆ ଫେରିବେ। ପରବର୍ତ୍ତୀ ବିଶ୍ୱକପ୍ ବେଳକୁ ସଚିନ, ସେହ୍ୱାଗ କିମ୍ବା ଗୌତମ ଦଳରେ ଉପଲବ୍ଧ ଥିବେ କି ନାହିଁ କହିହେବ ନାହିଁ। କାରଣ ସମସ୍ତେ ୩୦ରୁ ଉର୍ଦ୍ଧ୍ୱ ବୟସ୍କ। ଏଠାକାର ଆଉଟ୍ ଫିଲ୍ଡ ମଧ ବଡ଼। ଏଣୁ ଯୁବ ଖେଳାଳିଙ୍କୁ ସୁଯୋଗ ଦେଉଛୁ। ତେବେ ଭାରତୀୟ ଦଳ ୨୦୧୫ ବିଶ୍ୱକପ୍ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।

# ଫାଇନାଲର ଫଳାଫଳ ନ୍ୟାୟୋଚିତ ନ ଥିଲା

**ଲଣ୍ଡନ,୨୦।୭**



ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ।

ଇଅନ ମୋର୍ଗାନଙ୍କ ନେତୃତ୍ୱରେ କ୍ରିକେଟ୍‌ର ଜନକ ଇଂଲଣ୍ଡ ଦୀର୍ଘ ୪୪ ବର୍ଷ ପରେ ପ୍ରଥମ ବିଶ୍ୱକପ ଟାଇଟଲ୍ ଜିତିଛି। ବିଶ୍ୱକପ ଫାଇନାଲ ଲଢ଼େଇରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସାମାନ୍ୟତମ ପ୍ରଭେଦ ରହି ନ ଥିଲା ବୋଲି ମୋର୍ଗାନ ମତ ଦେଇଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ ଫାଇନାଲ ମ୍ୟାଚର ୫୦-୫୦ ଓଭର ଟାଇ ରହିଥିଲା। ସେହିପରି ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ଖେଳା ଯାଇଥିଲେ ବି ଏହା ମଧ ଟାଇରେ ଶେଷ ହୋଇଥିଲା। ଫଳରେ ସୁପର ଓଭର ନିୟମାନୁଯାୟୀ ଅଧିକ ବାଉଣ୍ଡ୍ରୀ ହାସଲ କରିଥିବା ଇଂଲଣ୍ଡକୁ ଶେଷରେ ବିଜେତା ଘୋଷଣା କରାଯାଇଥିଲା। ଯାହା ବିଶ୍ୱକପ ଫାଇନାଲର ପରିଣାମକୁ ବିବାଦୀୟ କରିଥିଲା। ଏଥିଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଟାଇ-ବ୍ରେକର ନିୟମକୁ ପୁନଃ ସମୀକ୍ଷା କରିବା ଲାଗି କ୍ରିକେଟ କମିଟିକୁ କହିଛି। ଏକ ଗଣମାଧ୍ୟମକୁ ମୋର୍ଗାନ କହିଛନ୍ତି ଯେ, ବିଶ୍ୱକପ ଫାଇନାଲରେ ଉଭୟ ଦଳ ମଧ୍ୟରେ କୌଣସି ତଫାତ ନ ଥିଲା। ତେଣୁ ଏଭଳି ପରିଣାମ ତାଙ୍କ ମତରେ ଆଦୌ ନ୍ୟାୟୋଚିତ ନୁହେଁ। ଏହି ମ୍ୟାଚ ସମ୍ପୂର୍ଣ୍ଣ ଭାବେ ସମାନ୍ତରାଳ ରହିଥିଲା। କେଉଁ ସ୍ଥାନରେ ଆମେ ଜିତିଲୁ କି ହାରିଲୁ ତାହା କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ। ତେବେ ଅନ୍ତିମ ଓଭରରେ ମ୍ୟାଚ ବଡ଼ ମୋଡ ନେଇଥିଲା। ନ୍ୟୁଜିଲାଣ୍ଡ ଜିତିବାର ସମ୍ଭାବନା ରହିଥିବାବେଳେ ମାର୍ଟିନ ଗପ୍ଟିଲଙ୍କ ଥ୍ରୋ ବେନ ଷ୍ଟୋକ୍ସଙ୍କ ବ୍ୟାଟରେ ବାଜି ବାଉଣ୍ଡ୍ରି ବାହାରକୁ ଚାଲି ଯାଇଥିଲା ଯାହା ଆୟୋଜକ ଦଳକୁ ଆଗକୁ ନେଇ ଯାଇଥିଲା। ଏହି ମ୍ୟାଚରେ ଆମେ କୌଣସି ସ୍ଥାନରେ କହିପାରିବୁ ନାହିଁ ଯେ, ‘ହଁ ଆମେ ଜିତିବାକୁ ହକ୍‌ଦାର ଥିଲୁ’।

# ଡେଲ୍‌ପୋର୍ଟଙ୍କ ୩୮ ବଲ ଶତକ

ଲଣ୍ଡନ, ୨୦।୭- ଟି୨୦ ବ୍ଲାଷ୍ଟ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ଓପନର୍ କାମେରୁନ ଡେଲ୍‌ପୋର୍ଟଙ୍କ ୩୮ ବଲ୍ ଶତକ ବଳରେ ଏସେକ୍ସ ଦଳ ୫୨ ରନରେ ସରେକୁ ପରାସ୍ତ କରିଦେଇଛି। ବର୍ଷା ବାଧାପ୍ରାପ୍ତ ଯୋଗୁ ମ୍ୟାଚ୍‌କୁ ୧୫ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଏସେକ୍ସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ମାତ୍ର ୩୮ ବଲରେ ଶତକ କରିଥିବା ଡେଲ୍‌ପୋର୍ଟ ମୋଟ୍ ୪୯ ବଲର ସାମ୍ନା କରି ୧୨୯ ରନ (୭ ଚୌକା, ୧୪ ଛକା) କରିଥିଲେ। ଜବାବରେ ସରେ ଆରୋନ ଫିଞ୍ଚ୍ (୪୦), ରଏ ବୁନ୍ସ (୪୭*) ଓ ଜୋର୍ଡାନ କ୍ଲାର୍କ (୪୫*)ଙ୍କ ଉପଯୋଗୀ ଇନିଂସ ସତ୍ତ୍ୱେ ୭ ଉଇକେଟ୍ ହରାଇ ୧୭୪ ରନ କରିଥିଲା।

# ହାରିଲା ଭାରତ ଏ’



ଅକ୍ଷର ପଟେଲ

**ଆଣ୍ଟିଗୁଆ, ୨୦।୭:** ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ବିସ୍ଫୋରକ ୮୧ ରନ୍‌ର ଇନିଂସ ବେକାର ସାବ୍ୟସ୍ତ ହୋଇଛି। ୱେଷ୍ଟଇଣ୍ଡିଜ ଏ’ ଦ୍ୱାରା ଧାର୍ଯ୍ୟ ୨୯୯ ରନ୍‌ର ବିଜୟଲକ୍ଷ୍ୟ ପିଛା କରୁଥିବା ଭାରତ ଏ’ ୨୯୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ସିରିଜ୍‌ରେ ଭାରତ ଏ’ ପ୍ରଥମ ପରାଜୟ ବରଣ କରିଛି। ଆଉ ଏକ ମ୍ୟାଚ୍ ବଳକା ଥିବାବେଳେ ଭାରତ ଏ’ ୩-୧ ବ୍ୟବଧାନରେ ସିରିଜ୍‌ରେ ଆଗୁଆ ରହିଛି। ଅନ୍ତିମ ମ୍ୟାଚ୍ ୨୧ ତାରିଖରେ ଖେଳାଯିବ। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୫୦ ଓଭରରେ ୯ ଉଇକେଟ ହରାଇ ୨୯୮ ରନ୍ କରିଥିଲା। ଦଳ ଲାଗି ରୋଷ୍ଟନ ଚେଜ ୮୪ ଓ ଜୋନାଥନ କାର୍ଟର ୫୦ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ ଖଲିଲ ଅହମ୍ମଦ ୪ ଓ ଅଭେଷ ଖାନ ୩ ଉଇକେଟ ନେଇଥିଲେ। ଜବାବରେ ଭାରତ ଏ’ ଦଳ ଇନିଂସ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୩୨ତମ ଓଭର ସୁଦ୍ଧା ଭାରତୀୟ ଦଳ ୬ ଉଇକେଟ ହରାଇ ୧୬୦ ରନ୍ କରିଥିଲା। ଅକ୍ଷର ଓ ୱାଶିଂଟନ ସୁନ୍ଦର ୭ମ ଉଇକେଟ ଲାଗି ୬୦ ରନ୍ କରିଥିଲେ। ୱାଶିଂଟନ ୪୫ ରନ୍ କରି ଆଉଟ ହୋଇଥିଲେ। ଏହାପରେ ଅକ୍ଷର ଏକାକୀ ଘରୋଇ ବୋଲରଙ୍କୁ ଆକ୍ରମଣ କରି ଭାରତ ଏ’ ଲାଗି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ ସଫଳ ହୋଇ ପାରି ନ ଥିଲେ। ଫଳରେ ଭାରତ ଏ’ ବିଜୟଠାରୁ ୬ ରନ୍ ଦୂରରେ ରହିଯାଇଥିଲା।

# ସୋହିନୀଙ୍କୁ ଟାଇଟଲ୍

### ଏଆଇଟିଏ ସୁପର୍ ସିରିଜ



**ଭୁବନେଶ୍ୱର, ୨୦।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ଉଦୀୟମାନ ଟେନିସ ଖେଳାଳି ତଥା ସର୍ବଭାରତୀୟସ୍ତରରେ ୩ୟ ର୍‍ୟାଙ୍କ ମାନ୍ୟତା ପାଇଥିବା ସୋହିନୀ ଏସ୍ ମହାନ୍ତି ଆସାମର ଗୁଆହାଟୀରେ ଅନୁଷ୍ଠିତ ବାଳିକା ୧୨ ବର୍ଷରୁ କମ୍ ଏଆଇଟିଏ ସୁପର୍ ସିରିଜ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟରେ ଏକ ନମ୍ବର ସିଡ୍ ମାନ୍ୟତା ପାଇଥିବା ସୋହିନୀ ଫାଇନାଲରେ ୭-୬ (୩), ୩-୬, ୬-୩ ସେଟ୍‌ରେ ତେଲେଙ୍ଗାନା ପ୍ରତିଯୋଗୀ ଟି. ସାରାଇ ଗୋଗୁଲମଣ୍ଡାଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସୋହିନୀ ଟୁର୍ନାମେଣ୍ଟରୁ ୫୦ ଏଆଇଟିଏ ପଏଣ୍ଟ ଅର୍ଜନ କରିଛନ୍ତି।

### ଇଣ୍ଡୋନେସିଆ ଓପନ୍ ବ୍ୟାଡମିଣ୍ଟନ୍

# ଫାଇନାଲରେ ସିନ୍ଧୁ

**ଜାକର୍ତ୍ତା, ୨୦।୭ (ପି.ଟି.)**



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ପି.ଭି. ସିନ୍ଧୁ।

ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦୦ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ସେ ଅଲ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁଫେଇଙ୍କୁ ପରାସ୍ତ କରି ପ୍ରଥମ ଖେଳାଳି ଭାବେ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୩ ନମ୍ବର ଖେଳାଳି ଚେନ୍‌ଙ୍କୁ ହରାଇବା ପାଇଁ ସିନ୍ଧୁଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ସିନ୍ଧୁ ୨୧-୧୯, ୨୧-୧୦ରେ ବିଜୟୀ ହୋଇ ଚଳିତ ସେସନର ପ୍ରଥମ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୫ ନମ୍ବର ଖେଳାଳି ସିନ୍ଧୁ ସିଙ୍ଗାପୁର ଟୁର୍ନାମେଣ୍ଟ ଓ ଇଣ୍ଡିଆନ ଓପନ୍‌ର ସେମି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସିନ୍ଧୁ ଏବେ ଚତୁର୍ଥ ସିଡ ଖେଳାଳି ଜାପାନର ଅକେନ୍ ୟାମାଗୁଚିଙ୍କୁ ଭେଟିବେ। ଚେନ୍ ଚଳିତବର୍ଷ ଅଷ୍ଟ୍ରେଲିଆ, ସୁଇସ୍ ଓ ଅଲ୍ ଇଂଲଣ୍ଡ ଟାଇଟଲ ହାସଲ କରିଥିଲେ। ଚଳିତ ସେସନରେ ସେ ଅସାଧାରଣ ସଫଳତା ହାସଲ କରିଥିଲେ। ପ୍ରଥମ ଗେମ୍‌ରେ ସେ ଭଲ ଲଢ଼େଇ କରିଥିଲେ। ତେବେ ଦ୍ୱିତୀୟ ଗେମ୍‌ରେ ସିନ୍ଧୁ ସହଜରେ ବିଜୟ ହାସଲ କରିନେଇଥିଲେ। ଅପରପକ୍ଷରେ ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ୪ ନମ୍ବର ଖେଳାଳି ୟାମାଗୁଚି ବିଶ୍ୱର ୧ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗଙ୍କୁ ୨୧-୯,୨୧-୧୫ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ୟାମାଗୁଚିଙ୍କ ବିପକ୍ଷରେ ସିନ୍ଧୁଙ୍କ ରେକର୍ଡ ଭଲ ରହିଛି। ଉଭୟ ଖେଳାଳି ଏପର୍ଯ୍ୟନ୍ତ ୧୪ଥର ପରସ୍ପରକୁ ଭେଟିଥିବା ବେଳେ ସିନ୍ଧୁ ୧୦ର ବାଜି ମାରିଛନ୍ତି। ଗତ ୪ଟି ମ୍ୟାଚ୍‌ରେ ସିନ୍ଧୁ କ୍ରମାଗତ ଭାବେ ୟାମାଗୁଚିଙ୍କୁ ହରାଇଛନ୍ତି। ଏଥିସହିତ ସିନ୍ଧୁ କ୍ୟାରିୟରର ୩୧ତମ ଫାଇନାଲ ଖେଳିବାକୁ ଯାଉଛନ୍ତି। ତେବେ ସୁପର ୧୦୦୦ ଇଭେଣ୍ଟରେ ଏହା ତାଙ୍କର ପ୍ରଥମ ଫାଇନାଲ। ବିଜୟୀ ହେଲେ ସିନ୍ଧୁ ପ୍ରଥମଥର ପାଇଁ ଏଭଳି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଜୁଲାଇ ୨୧/୨୦୧୯ Sambalpur, Sunday, July 21 / 2019

## ସଂକ୍ଷେପରେ

### ଶୀଲା ଦୀକ୍ଷିତଙ୍କ ବିୟୋଗ

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ

**ଭୁବନେଶ୍ୱର,୨୦।୭(ବ୍ୟୁରୋ):** ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଭୀର ଶୋକପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶୀଲା ଦୀକ୍ଷିତ ଜଣେ ସୁପ୍ରଶାସିକା ଓ ବର୍ଷୀୟାନ ନେତ୍ରୀ। ଦଳମତ ନିର୍ବିଶେଷରେ ସେ ଥିଲେ ଲୋକପ୍ରିୟ। ଦିଲ୍ଲୀରେ ହୋଇଥିବା ବିକାଶ ପାଇଁ ସେ ଚିରକାଳ ଲାଗି ସ୍ମରଣୀୟ ହୋଇ ରହିବେ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ତାଙ୍କ ପରିବାର ପ୍ରତି ସମବେଦନା ବ୍ୟକ୍ତ କରିଛନ୍ତି। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ ଶୀଲାଙ୍କ ବିୟୋଗରେ ଦୁଃଖପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବରିଷ୍ଠ ନେତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗ କଂଗ୍ରେସ ପାଇଁ ଅପୂରଣୀୟ କ୍ଷତି। ଦିଲ୍ଲୀର ସର୍ବାଙ୍ଗୀନ ଉନ୍ନତି ପାଇଁ ତାଙ୍କ ଅବଦାନ ଅତୁଳନୀୟ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ ଓ ତାରାପ୍ରସାଦ ବାହିନୀପତି ପ୍ରମୁଖ ଶୀଲାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

### ■ ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ଜାତୀୟ ରାଜପଥ ସମ୍ପ୍ରସାରଣ

# ଜମି ଅଧିଗ୍ରହଣ ବେଳେ ଉତ୍ତେଜନା

**ରାଉରକେଲା ଅଫିସ/ ବେଦବ୍ୟାସ,୨୦।୭(ଡି.ଏନ୍.ଏ)**

ପାନପୋଷଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ଓ ୧୪୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି । ଶନିବାର ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ନିକଟ ଦାଣ୍ଡିଆପାଲିଠାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମି ଅଧିଗ୍ରହଣ ସମୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସକାଳ ୯ଟାରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଅଧିକ କ୍ଷତିପୂରଣ ଦାବିରେ କେତେଜଣ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ଅଧିଗ୍ରହଣ ପ୍ରକ୍ରିୟାରେ ବାଧା ଦେବାକୁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କୁ ବ୍ରହ୍ମଣୀତରଙ୍ଗ ଥାନାକୁ ନେଇ ଅଟକ ରଖିଥିଲା। ପରେ ଅଧିଗ୍ରହଣ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଣାସ୍ଥଳରେ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ, ପାନପୋଷଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ଓ ୧୪୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଦୀର୍ଘଦିନ ହେବ ଦାଣ୍ଡିଆପାଲି ଅଞ୍ଚଳରେ ୮ ଏକରରୁ ଅଧିକ ଜମି ଅଧିଗୃହୀତ ହୋଇପାରୁ ନ ଥିଲା। କେତେଜଣ ଜମି ମାଲିକ କ୍ଷତିପୂରଣ ନେଇ ସାରିଥିବା ବେଳେ ଆଉ କେତେଜଣ କ୍ଷତିପୂରଣ ନେବାକୁ ଅମଙ୍ଗ ହେଉଛନ୍ତି। ସେମାନେ ଅଧିକ କ୍ଷତିପୂରଣ ଦାବି କରୁଛନ୍ତି। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଉଦ୍ୟମ ସତ୍ତ୍ୱେ ଉପରୋକ୍ତ ଜମି ଅଧିଗ୍ରହଣ ନେଇ ଅନିଶ୍ଚୟତା ଲାଗି ରହିଥିଲା। ଏଣୁ ପୂର୍ବ ପ୍ରସ୍ତୁତି କ୍ରମେ ମାଜିଷ୍ଟ୍ରେଟ ଓ ବରିଷ୍ଠ ପୋଲିସ ଅଧିକାରଙ୍କ ଉପସ୍ଥିତିରେ ଶନିବାର ସକାଳେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଗାମୀ ଦିନରେ ଉଭୟ ବ୍ରିଜ ଏବଂ ରାଜପଥ ସମ୍ପ୍ରସାରଣ କାର୍ଯ୍ୟାରମ୍ଭ ନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଆଶା ସଞ୍ଚାର ହୋଇଛି।

**ବ୍ରହ୍ମଣୀତରଙ୍ଗ ଥାନାରେ ୧୦ ଅଟକ**



ଜାତୀୟ ରାଜପଥ ବିଭାଗ ପକ୍ଷରୁ ଦାଣ୍ଡିଆପାଲିଠାରେ ଜମି ଅଧିଗ୍ରହଣ କାର୍ଯ୍ୟ କରାଯାଉଛି।




# ବସ୍ ଧକ୍କାରେ ଯୁବତୀ ମୃତ

**ରାଉରକେଲା ଅଫିସ/ ବେଦବ୍ୟାସ, ୨୦।୭(ଡି.ଏନ୍.ଏ.)**

ଶନିବାର ସକାଳ ୮ଟାରେ ପାନପୋଷ ବ୍ରାହ୍ମଣୀ ନଦୀ ପୋଲ ଉପରେ ବସ୍ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ମହିମା ତନ୍ତୀ (୧୮)। ସେ ଗର୍ଜନ ପଞ୍ଚାୟତ ଦାଣ୍ଡିଆପାଲି ନଦୀଟୋଲା ବାସିନ୍ଦା। ମହିମା ସାଇକେଲ ଯୋଗେ ପାନପୋଷ ଦିଗରେ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ସରକାରୀ ବସ୍ (ନଂ. ଓଡି୦୭-ଡି୩୩୧୬) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଯୁବତୀଙ୍କ ସମ୍ପର୍କୀୟ ଓ ବସ୍ତିବାସିନ୍ଦା ରଘୁନାଥପାଲି ଥାନାରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁର୍ଘଟଣା ଘଟାଇଥିବା ବସ୍ ଓ ଏହାର ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଛି।



ମହିମାଙ୍କ ଫାଇଲ୍ ଫଟୋ।

## ଫଟୋରେ ଖବର



ସମ୍ବଲପୁର ଚାଉଁରପୁର ଅଞ୍ଚଳରେ ଜଣେ ଚାଷୀ ଧାନ ପହ୍ଲା ନେଇ କ୍ଷେତକୁ ଯାଉଛନ୍ତି । (ଫଟୋ: ବି.ଶଙ୍କର)

# ବେଲ୍‌ଚାରେ ହାଣି ଢାବା ମାଲିକଙ୍କୁ ହତ୍ୟା

**ଚିପିଲିମା,୨୦।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ଗୋଡଭଗା ନିକଟସ୍ଥ ସ୍ୱାଗତ ଢାବା ମାଲିକ ଚିତ୍ତରଞ୍ଜନ ଭୋଇ(୪୬)ଙ୍କୁ ବେଲ୍‌ଚାରେ ହାଣି ହତ୍ୟା କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା ଜଣାପଡିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଗୋଲଗୋଣ୍ଡାର ବିକାଶ ବୁଡା (୨୪), ଜିତୁ ମିଶ୍ର (୨୪) ଓ ଅବିନାଶ ତାଣ୍ଡି (୨୫)ଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୧୨ଟାରେ ୨/୩ ଜଣ ଯୁବକ ଚିତ୍ତରଞ୍ଜନଙ୍କ ଢାବାକୁ ଖାଇବାକୁ ଆସିଥିଲେ। ପାଖରେ ଖାଉଥିବା ଜଣେ ଜେସିବି ଚାଳକଙ୍କ ଉପରକୁ ସେମାନେ ପାଣି ଫିଙ୍ଗି ଦେବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଢାବା ମାଲିକ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା ପାଇଁ ଚେଷ୍ଟା କରିଥିଲେ। ହେଲେ ଏହାର କିଛି ସମୟ ପରେ ଉକ୍ତ ଯୁବକମାନେ ସାଙ୍ଗରେ କିଛି ଯୁବକଙ୍କୁ ନେଇ ଢାବା ମାଲିକଙ୍କୁ ବେଲଚା ହାଣିବା ସହ ଲାଠିରେ ଆକ୍ରମଣ କରିଥିଲେ। ଏଥିରେ ଭୟଭୀତ ହୋଇ ଢାବା କର୍ମଚାରୀମାନେ ଦୌଡି ପଳାଇ ଯାଇଥିଲେ। ଚିତ୍ତରଞ୍ଜନ ସେଠାରେ ଲହୁଲୁହାଣ ହୋଇ ସଂଜ୍ଞାହୀନ ଅବସ୍ଥାରେ ପଡିଥିଲେ। ଏହାପରେ ଘଟଣା ସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବର ପାଇ ଗୋଶାଳା ପୋଲିସ ବିଟ୍‌ହାଉସ ଅଧିକାରୀ ଅଜିତ ଧଳସାମନ୍ତ ଘଟଣା ସ୍ଥଳକୁ ପହଞ୍ଚି ଢାବା ମାଲିକଙ୍କୁ ଉଦ୍ଧାର କରିବା ସହ ବୁର୍ଲା ମେଡିକାଲ ପଠାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

**୩ ଗିରଫ, ଉତ୍ତେଜନା**




# ଶାଳ କାଠ ବୋଝେଇ ୪୦୭ ଟ୍ରକ୍ ଜବତ

**କୁଚିଣ୍ଡା, ୨୦।୭ (ଡି.ଏନ.ଏ)**

ସମ୍ବଲପୁର ଜିଲା କିଣ୍ଡିରା ଶ୍ରୀ ଅରବିନ୍ଦ ସ୍କୁଲ ଓ ହାଡିପାଲି ଗ୍ରାମ ମଝିରୁ ଶନିବାର ସକାଳେ କୁଚିଣ୍ଡା ପୋଲିସ ପାଟ୍ରୋଲିଂ ବେଳେ ଏକ ୪୦୭ ଟ୍ରକ୍ ସହ ୨୮ ଖଣ୍ଡ ଶାଳ କାଠ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩୫ରୁ ୩୭ ହଜାର ଟଙ୍କା ହେବ। ପୋଲିସ ଏହାକୁ ବନ ବିଭାଗକୁ ହସ୍ତାନ୍ତର କରିଛି। ଗାଡିର ଡ୍ରାଇଭର ଓ ହେଲପରଙ୍କୁ ମଧ ପୋଲିସ ବନ ବିଭାଗ ଜିମା ଦେଇଛି । ଉଭୟଙ୍କ ପାଖରୁ ୪ଟି କରତ, ୩୦ ହଜାର ଟଙ୍କା ଜବତ କରାଯାଇଛି।

### ■ ସାପଫଣାକୁ ଚୁମ୍ବନ ଦେବା ଭିଡିଓ ଭାଇରାଲ ଘଟଣା

# ଜେଲ୍ ଗଲେ ରୋହିତ

**ବରଗଡ଼ ଅଫିସ/ ଭଟଲି,୨୦।୭(ଡି.ଏନ.ଏ.)**

ବିଷଧର ସାପଫଣାକୁ ଚୁମ୍ବନ ଦେବା ଭିଡିଓ ଭାଇରାଲ ଘଟଣାରେ ବନବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ଅଞ୍ଚଳର ରୋହିତ ମେହେରଙ୍କୁ ଶନିବାର ବନବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଯୁବକଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ନେଇ ଏକ ମାମଲା ରୁଜୁ ହୋଇଛି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ପି. ସନ୍ଦୀପ କହିଛନ୍ତି । ତେବେ ଭାଇରାଲ ଭିଡ଼ିଓରେ ବିଷଧର ସାପକୁ ଯେଉଁ ଯୁବତୀମାନେ ଚୁମ୍ବନ ଦେଇ ଖେଳୁଥିଲେ, ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପଚାରିବାରୁ ତା'ର ତଦନ୍ତ ପାଇଁ ସ୍ୱତନ୍ତ୍ର ଜଣେ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡିଏଫ୍‌ଓ କହିଥିଲେ।

ସାପଫଣାକୁ କେତେଜଣ ଯୁବତୀ ଚୁମ୍ବନ ଦେବା, କାଖେଇବା ଭଳି ଭିଡ଼ିଓ କ୍ଲିପିଂ ଗତ କିଛିମାସ ତଳୁ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇ ଆସୁଥିଲା। ସେଭଳି ଭିଡ଼ିଓ କ୍ଲିପିଂ ଭାଇରାଲ କରିବା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ବନ୍ୟପ୍ରାଣୀ ତଥା ବନ ବିଭାଗ ତନାଘନା ଚଳାଇଥିଲା । ସେହି ଭିଡ଼ିଓକୁ ରୋହିତ ସୋସିଆଲ ମିଡ଼ିଆରେ ଛାଡ଼ିଥିବା ଜଣାପଡ଼ିବା ପରେ ବନ ବିଭାଗ ତାଙ୍କୁ ଧରି ଖୋଳତାଡ଼ ଆରମ୍ଭ କରିଥିଲା। ତନାଘନା ପରେ ସେହି ଭିଡ଼ିଓ କ୍ଲିପିଂ ସେ ଭାଇରାଲ କରିଥିବା ସ୍ୱୀକାର କରିବା ପରେ ବନ ବିଭାଗ ତାଙ୍କୁ ଗିରଫ କରିଥିବା ସୂଚନା ଦେଇଛି ।

### ■ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବି ଆଲୋଚନା

# ପେସା ଆଇନ କଥା ଉଠାଇଲେ ନରସିଂହ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ବିଧାନସଭାରେ ଶୁକ୍ରବାର ଅପରାହ୍ନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ପଏଣ୍ଟ ଅଫ ଅର୍ଡର ଆଣି ନନ୍ଦନକାନନ ସୁରକ୍ଷା ବିଷୟରେ କହିଥିଲେ। ବାତ୍ୟା ଫନୀ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନେକ ଗଛ ଭାଙ୍ଗିଯାଇଛି। ବହୁ ପଶୁ, ପକ୍ଷୀଙ୍କ ମୃତ୍ୟୁ ଘଟିଛି। ଆଉ ପଶୁ ଏବଂ ପକ୍ଷୀ ଆଣିବା ବ୍ୟବସ୍ଥା କରାଯାଉନାହିଁ। ଏହା ରାଜ୍ୟର ଜଣାଶୁଣା ପର୍ଯ୍ୟଟନସ୍ଥଳୀ। ବାହାର ରାଜ୍ୟରୁ ବହୁ ପର୍ଯ୍ୟଟକ ଆସୁଛନ୍ତି। ବିଭାଗୀୟ ମନ୍ତ୍ରୀ କେମିତିକା ଲୋକ, ଏନେଇ ଟିକେ ହେଲେ ଚିନ୍ତା କରୁହାନ୍ତି। ତୁରନ୍ତ ଏ ଦିଗରେ ଗୁରୁତ୍ୱ ଦେବା ପାଇଁ ସୁରେଶ କହିଥିଲେ। ଏହାପରେ ଉପରୋକ୍ତ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା। ଭାଜପା ସଦସ୍ୟ ବିଷ୍ଣୁଚରଣ ସେଠୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଖର୍ଚ୍ଚ ଦାବିକୁ ସମର୍ଥନ କରୁ ନ ଥିବା କହିଥିଲେ। ସେ କହିଥିଲେ ଯେ, କାମଚଳା ମନ୍ତ୍ରୀ ଯେଉଁ ବଜେଟ୍ ଆଗତ କରିଛନ୍ତି, ସେଥିରେ କେବଳ ଭୁଲ୍ ତଥ୍ୟ ଦିଆଯାଇଛି। ୭୨ବର୍ଷ ତଳେ ଦେଶକୁ ଦଳେ ଗୋରା ସାହେବ ଶାସନ କରୁଥିଲେ। ବର୍ତ୍ତମାନ କେତେଜଣ କୃଷ୍ଣ ସାହେବ ଶାସନ ଚଳାଇଛନ୍ତି। ପିସି ଦେଇଦେଲେ ସରକାରୀ ଯୋଜନା ମିଳିବାରେ ଅସୁବିଧା ନାହିଁ। ଘର ନ କଲେ ମଧ ସରକାରୀ ଯୋଜନାରେ ଗୃହ ନିର୍ମାଣ ପାଇଁ ବିଲ୍ ମିଳିଯିବ। ଏହି ଅବସରରେ ଜଣେ ମହିଳା ଖବରଦାତାଙ୍କୁ ପାଟକୁରାରେ ଆକ୍ରମଣ ନେଇ ସେ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏହାପରେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଭାଗର ବିଭିନ୍ନ ପ୍ରକାର ଅନିୟମିତତାର ତଥ୍ୟ ରଖି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହାସହ ଆଦିବାସୀଙ୍କ ସଶକ୍ତୀକରଣ ଓ ସ୍ୱାର୍ଥ ସୁରକ୍ଷା ସମ୍ପର୍କିତ ପେସା(ପଞ୍ଚାୟତ ଏକ୍ସଟେନଶନ ଟୁ ଦି ସିଡ୍ୟୁଲ ଏରିଆଜ୍) ଆଇନ କଥା ଉଠାଇଥିଲେ। ପେସା ଆଇନ ପାର୍ଲାମେଣ୍ଟରେ ପାସ୍ ହୋଇଯାଇଛି। ଏହାର ରୁଲ୍ ରେଗୁଲେଶନ ରାଜ୍ୟ କରିବା କଥା। ଏହାହେଲେ ଆଦିବାସୀ ଜିଲାଗୁଡିକ ଅଧିକ କ୍ଷମତା ପାଇପାରିବେ। ସେଥିର ସବୁ ପଦ ପଦବୀରେ ଏସ୍‌ସି, ଏସ୍‌ଟି ରହିବେ। ସେହିପରି ପଞ୍ଚାୟତ ଆକ୍ଟ ଆମେଣ୍ଡମେଣ୍ଟ କରାଯିବା କଥା ମଧ କହି ସେ ବର୍ଷିଥିଲେ। ନରସିଂହ ଆହୁରି କହିଥିଲେ ଯେ, ପିଇବା ପାଣି କଥା ଉଠିଲେ ବଲାଙ୍ଗୀର ଜିଲା ସିକାପାଲି ବ୍ଲକ କଥା ମନେପଡ଼େ। ପ୍ରଥମେ ସେଠାକାର ଲୋକେ ପଥର ଖାଇ ବଞ୍ଚୁଥିଲେ। ଶେଷରେ ପାଣି ପିଇ ବହୁ ଲୋକ ମରିଲେ। ମୁଖ୍ୟମନ୍ତ୍ରୀ ପାଣି ସମସ୍ୟା ସମାଧାନ ପାଇଁ ରାଜି ହୋଇଗଲେ। ମାତ୍ର ଟେଣ୍ଡର ପ୍ରକ୍ରିୟାକୁ ନେଇ ସରକାରୀ ଖେଳ ଚାଲିଲା। ଏବେ ମଧ ସେହି ମାମଲା କୋର୍ଟରେ ଅଛି। ଏହି ଘଟଣାକୁ ୧୫ ବର୍ଷ ହୋଇଗଲା, ଅର୍ଥାତ୍ ସେହି ଗ୍ରାମ ଲୋକ କେବେହେଲେ ଭଲ ପାଣି ପିଇବେନାହିଁ। ଅନ୍ୟପଟେ ନାଥୁରାମ ଗଡ୍‌ସେଙ୍କ ମନ୍ଦିର ଭାଜପା ତିଆରି କରିବାକୁ ଚାହୁଁଥିବା କହି ସେ ବର୍ଷିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

- ଡାୟୋଜିନିସ୍

## ସଂକ୍ଷେପରେ

### ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

ଅତାବିରା, ୨୦।୭ (ଡି.ଏନ.ଏ)

ଅତାବିରା ବ୍ଲକ କୁଲତାଟୁକୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମାହାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ମୁଖ୍ୟଅତିଥି, ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ ଜୀବନ ଦାଶ, ପଶ୍ଚିମ ଓଡିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋରାସାଗର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶେଷରେ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା ।

### ବିହନ ବିଶୋଧନ ତାଲିମ ଶିବିର

ପଦ୍ମପୁର, ୨୦।୭ (ଡି.ଏନ.ଏ)

ପଦ୍ମପୁର କୃଷି ବିଭାଗ ତରଫରୁ ବିହନ ବିଶୋଧନ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ କର୍ମଚାରୀମାନେ ଗତ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମମାନଙ୍କୁ ଯାଇ ଧାନ ଓ ଅଣଧାନ ବିହନ ବିଶୋଧନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଧାନ ବିହନ ବିଶୋଧନ ପାଇଁ ଚଣ୍ଡିପାଲି, ନୂଆଁପାଲି, ମାଟିଆ ମହୁଲ, ଝୁନଙ୍ଗାପାଲି, ଜମଲା, ଲମ୍ବରଜୁନା, ସତୀଭଟା, ସର୍ଗିଜୁରୀ ଓ ଅଣଧାନ ଚାଷ କରୁଥିବା ଆମ୍ବଦହନ, ଲେଦ୍ରାପାଲି, ରାଏବାହାଦୁରପୁର, ବରଦାପାଲି, ବିରିପାଲି, ବିଦୁଝୁଲା, ମଣ୍ଡୋମହୁଲ, ସାହାଜପାଲି, ଗଡଭାଟି, କେଉଁଟେନବାହାଲି ଗ୍ରାମରେ ଶିବିରର ଆୟୋଜନ କରାଯାଇଥିଲା । ବିହନ ବିଶୋଧନ ପ୍ରକ୍ରିୟା ଜାଣିବା ପରେ ଚାଷୀମାନେ ମଧ ଏହି ଚାଷ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହୋଇଥିଲା । କୃଷି ବିଭାଗର ଏଏଓ ଅଙ୍କିତ ବେହେରା, ବିଟିଏମ ନୀଲୁ ମେହେର ତାଲିମ ପ୍ରଦାନ କରିଥିବା ବେଳେ ଏଟିଏମ ଜୟଲାଲ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବିଜେପୁର କଲେଜରେ ବନ ମହୋତ୍ସବ

ବିଜେପୁର, ୨୦।୭ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ମହାବିଦ୍ୟାଳୟରେ ବନ ମହୋତ୍ସବ ଶନିବାର ପାଳିତ ହୋଇଛି । ଏହି ଅବସରରେ ଅଧକ୍ଷ ଡିଲେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା । ଜିଲା ପରିବେଶ ସଚେତନତା ସମିତି ସଭାପତି ତେଜରାଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ କରିବାକୁ ଶପଥ ପାଠ କରାଇଥିଲେ । ଡିଇସିଏସର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଇକୋ କ୍ଲବ ପରିଚାଳକ ଅଧାପକ ପରମାନନ୍ଦ ବ୍ରହ୍ମଚାରୀ ସଭା ସଂଯୋଜନା କରିଥିଲେ । ଅଧାପକ ଶାନ୍ତନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିବେଶ ସମିତି, ଜିଲା ପରିବେଶ ସଚେତନତା ସମିତି ଓ କଲେଜ ଇକୋ କ୍ଲବର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଆମ୍ବ, ନିମ୍ବ, କୃଷ୍ଣଚୂଡ଼ା, ଆକାଶିଆ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ ।

### ଏସ୍‌ପିଙ୍କ ଦୁର୍ବ୍ୟବହାରକୁ ନିନ୍ଦା କଲା କଣ୍ଟାମାଳ ସାମ୍ବାଦିକ ସଂଘ

ମନମୁଣ୍ଡା, ୨୦।୭ (ଡି.ଏନ.ଏ)

କେନ୍ଦ୍ରାପଡାର ବାରିମୂଳଠାରେ ଜଣେ ଖବରଦାତାଙ୍କୁ ଏସ୍‌ପି ନୀତିଶେଖର ଦୁର୍ବ୍ୟବହାର କରିଥିବା ନେଇ ରାଜ୍ୟବ୍ୟାପୀ ଖବରଦାତା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଏହି କ୍ରମରେ ବୌଦ୍ଧ ଜିଲା କଣ୍ଟାମାଳ ସାମ୍ବାଦିକ ସଂଘ ମଧ ଏହାର ଦୃଢ଼ ନିନ୍ଦା କରିଛି । ସଂଘର ବରିଷ୍ଠ ସଦସ୍ୟ ବୈଦ୍ୟନାଥ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏସ୍‌ପିଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଖବରଦାତା ସୁଶୀଲ କୁମାର ମିଶ୍ର, ବିରଜାନନ୍ଦନ ଦାନୀ, କୁନୁ ରାଜହଂସ, ଅକ୍ରୂର ବେହେରା, ବିଜୟ ଆଚାର୍ଯ୍ୟ, ବବିତା ହୋତା ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୁଣାକଟକ,୨୦।୭(ଡି.ଏନ.ଏ):

ପୁରୁଣାକଟକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମହାକୁଡଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠିତ ସଭାରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀ କସ୍ତୁରୀ ଦାସ, ସିଆରସିସି ଫୁଲଚନ ନାଏକ, ରଞ୍ଜନ ସାମଲ, ନିର୍ମଳା ବେହେରା, ଜୟନ୍ତୀ ବେହେରା, ଶୈଳବାଳା ପତି, ମିନତି ପଟ୍ଟନାୟକ, ପଦ୍ମାଳୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

■ ବୀମା କ୍ଷତିପୂରଣ ନେଇ ଅସନ୍ତୋଷ ପ୍ରସଙ୍ଗ

# ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

ବରଗଡ଼ ଅଫିସ୍,୨୦।୭



ବୈଠକରେ ଉପସ୍ଥିତ ଚାଷୀ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

- ୨୨ତାରିଖ ହେବନି ଚାଷୀ ଆନ୍ଦୋଳନ
- ତ୍ରିପାକ୍ଷିକ ବୈଠକ ପ୍ରସ୍ତାବରେ ସହମତି
- ଉପସ୍ଥିତ ରହିବେ ସାଂସଦ ଓ ବିଧାୟକ

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନଙ୍କୁ ଠିକ୍ ଭାବେ ବୀମା କ୍ଷତିପୂରଣ ମିଳୁ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାର ପ୍ରତିବାଦରେ ଆସନ୍ତା ୨୨ତାରିଖରେ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସ୍ଥାନୀୟ ବୀମା କମ୍ପାନୀର ଅଫିସକୁ ଅଚଳ କରିଦେବା ପାଇଁ ଚେତାବନୀ ଦେଇଥିଲା । ଏହି ପରିପ୍ରେକ୍ଷୀରେ ଶନିବାର ବରଗଡ଼ ପୁରୋହିତ ଭବନରେ ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ଏକ ବୈଠକ ବସିଥିଲା । ବୈଠକ ସରିବା ପରେ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟିଥିଲେ । ତେବେ ଜିଲାପାଳ ଏବଂ ଚାଷୀ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ସେହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଅନ୍ୟପଟେ ବରଗଡ଼ ଜିଲାର ଏମପି, ବିଧାୟକଙ୍କ ଉପସ୍ଥିତିରେ ଆଗାମୀ ଦିନରେ ଜିଲାପାଳ ଅଫିସରେ ଉକ୍ତ ସମସ୍ୟା ଉପରେ ଏକ ତ୍ରିପାକ୍ଷିକ ବୈଠକ କରାଯିବ ବୋଲି ପ୍ରସ୍ତାବ ନିଆଯାଇଛି ବୋଲି ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ପୁରୋହିତ ଭବନରେ ଚାଷୀ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟମାନେ ଉପସ୍ଥିତ ରହି ବୀମା ସମସ୍ୟା ଉପରେ ଆଲୋଚନା କରିଥିଲେ । ବୈଠକର ନିଷ୍ପତ୍ତିକ୍ରମେ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ଶକୁନ୍ତଳା ମହାପାତ୍ର, ସଦାନନ୍ଦ ପୂଝାରୀ, ରବିନ୍ଦ୍ର ବିଶି, ସୁବାଷ ପ୍ରଧାନ, ବିକ୍ରମାଦିତ୍ୟ ପ୍ରଧାନ, ଆଶୁତୋଷ ଆଚାର୍ଯ୍ୟ ପ୍ରମୁଖ ଜିଲାପାଳ ତ୍ରିପାଠୀଙ୍କୁ ଭେଟି ବୀମା ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ଆଲୋଚନା ପରେ ସମିତି ଆନ୍ଦୋଳନ ସ୍ଥଗିତ ପାଇଁ ପ୍ରସ୍ତାବ ନେବା ସହିତ ତ୍ରିପାକ୍ଷିକ ବୈଠକ ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲା ।

ପ୍ରକାଶଥାଉକି, ୨୦୧୭ ଭଳି ୨୦୧୮ ଖରିଫ୍‌ରେ ମଧ୍ୟ ବରଗଡ଼ ଜିଲାର ଚାଷୀ ଫସଲକ୍ଷତିର ସମ୍ମୁଖୀନ ହୋଇଥିଲେ । କୃଷି ବିଭାଗର କ୍ଷେତ୍ର ପରିଦର୍ଶନ ତଥ୍ୟ ବଦଳରେ ସାଟେଲାଇଟ୍ ତଥ୍ୟକୁ ଆଧାର କରି ଏସିଏଫ(ଏରିଆ କମନ୍ ଫ୍ୟାକ୍ଟର), ନୂତନ ଗାଇଡ୍ ଲାଇନ୍ ଆଦି ଆଳ ଦେଖାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବଞ୍ଚିତ କରିବାକୁ ପ୍ରୟାସ କରୁଥିବା ଯୋଗୁ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି । ଏପରିକି ଜିଲାର ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର, ଝାରବନ୍ଧ, ବିଜେପୁର ଏବଂ ସୋହେଲା ବ୍ଲକରେ ଏସିଏଫ ଲାଗୁ କରି ଜମି ପରିମାଣକୁ ବାସ୍ତବତାଠାରୁ ଖୁବ୍ କମ୍ ଦର୍ଶାଇ ଚାଷୀଙ୍କୁ ଠକିବା ଉଦ୍ୟମ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ତାରିଖରେ ଜିଲାପାଳ ଅଫିସରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା । ମାତ୍ର ସେତେବେଳେ କିଛି ନିର୍ଯାସ ବାହାରି ପାରି ନ ଥିଲା ଏବଂ ଚାଷୀମାନେ ବୀମା କମ୍ପାନୀ ଅଫିସ ଅଚଳ ପାଇଁ ଚେତାବନୀ ଦେବା ସହିତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ଏସ୍‌ପିଙ୍କ କେଜିଏମଏନ ପରିଦର୍ଶନ

ବରଗଡ଼ ଅଫିସ୍/ପାଇକମାଲ, ୨୦।୭ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଲସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଅସୁରକ୍ଷିତ ହୋଇ ପଡ଼ିଛି । ଏଠାରେ ଆଶ୍ରୟ ନେଇଥିବା ଶିଶୁମାନେ କେତେବେଳେ ବାହାରକୁ ଖସିଯିବାରେ ସଫଳ ହେଉଛନ୍ତି ତ ଆଉ କେବେ ନାବାଳିକା ଗର୍ଭବତୀ ହେବା ଭଳି ଘଟଣା ପଦାକୁ ଆସୁଛି । ଗତ କିଛିଦିନ ତଳେ ଏଠାରେ ଆଶ୍ରିତ ଜଣେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏହାପରେ ଥାନାରେ ଏତଲା ଦେବା ପରେ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ପରେ ଅଭିଯୁକ୍ତ ଜଣକ ପଦ୍ମପୁର ସବଜେଲରେ ଅଛନ୍ତି। ଅନ୍ୟପଟେ ଶୁକ୍ରବାର ବରଗଡ଼ ଏସପି ମୁକେଶ କୁମାର ଭାମୁ କେଜିଏମଏନ ପରିଦର୍ଶନରେ ଆସିଥିଲେ ଏବଂ ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କୁ ପଚରାଉଚୁରା କରିଥିବା ସୂଚନା ମିଳିଛି। ଏଠାରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ବର୍ତ୍ତମାନ ସୁଦ୍ଧା କେଜିଏମଏନ କର୍ତ୍ତୃପକ୍ଷଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଅପରପକ୍ଷେ ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ରେ ହାଜର ହେବା ପାଇଁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ କେଜିଏମଏନ ପରିଚାଳକ ତଥା କମିଟିକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ

# ଗୁଣସାଗର ଥିଲେ ଶେଠ ସାହିତ୍ୟର ନିରଳସ ପ୍ରଚାରକ

ବିଜେପୁର, ୨୦।୭ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟ ପ୍ରଚାରକ ଗୁଣସାଗର ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ମୋହନ ସିଂଙ୍କ ଅଧକ୍ଷତାରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ହୃଦମଣି ସାହୁ, କ୍ରାନ୍ତିକବି ହରିଲାଲ ସାହୁ, ଈଶ୍ୱର ମେହେର, ଦୁର୍ବାଦଳ ମେହେର, ମକରଧ୍ୱଜ ସାହୁ, ଅହଲ୍ୟା ପଧାନ, ସାବିତ୍ରୀ ମେହେର, ସୁଷମା ଭୋଇ, ରାଜେଶ୍ୱର ବେହେରା, ଡ. ପ୍ରଦୀପ କୁମାର ପଧାନ, ସଚ୍ଚିଦାନନ୍ଦ ପଧାନ, ରବୀନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଗୁଣସାଗର ଥିଲେ ସାହିତ୍ୟ ପ୍ରାଣ ଖଗେଶ୍ୱର ଶେଠ ସାହିତ୍ୟର ନିରଳସ ପ୍ରଚାରକ। ସମ୍ବଲପୁରୀ ଭାଷା ସାହିତ୍ୟର ଉଜ୍ଜଳ ଜ୍ୟୋତିଷ୍କ କବି ଖଗେଶ୍ୱରଙ୍କ ରଚିତ ବିଭିନ୍ନ କାବ୍ୟ କବିତାକୁ ସେ କଣ୍ଠସ୍ଥ କରିଥିଲେ। ଜୀବନର ସାୟାହ୍ନ ପର୍ଯ୍ୟନ୍ତ ସେ ବିଭିନ୍ନ ସାହିତ୍ୟ ସମାବେଶ ତଥା ଗାଁ ଗହଳରେ ସାଇକେଲରେ ବୁଲି ବୁଲି ଶେଠ ସାହିତ୍ୟର ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରିଥିଲେ । ସାହିତ୍ୟପ୍ରାଣ ଖଗେଶ୍ୱରଙ୍କ ସାହିତ୍ୟ କୃତିକୁ ଲୋକପ୍ରିୟ କରିବାରେ ଗୁଣସାଗରଙ୍କ ଉଦ୍ୟମ ଅବିସ୍ମରଣୀୟ ହୋଇ ରହିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା । ଉପସଭାପତି ଦିଲୀପ କୁମାର ଦେବତା ସଭା ସଞ୍ଚାଳନ କରିଥିଲେ । ତାଙ୍କ ଆତ୍ମାର ସଦଗତି ପାଇଁ ସଭା ପ୍ରାରମ୍ଭରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କୋଷାଧ୍ୟକ୍ଷ ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କାର୍ଯ୍ୟକାରୀ ସଭାପତି ପାଣ୍ଡବ ପଧାନ ଅଧକ୍ଷତା କରିଥିଲେ । ସୁନୀଲ କୁମାର ମିଶ୍ର, ରାଜେଶ୍ୱର ବେହେରା, ଆକାଶ ମେହେର, ଦୀନବନ୍ଧୁ ବେହେରା, ଧରଣୀଧର ବାରିକ, ସୁଶାନ୍ତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ଜିତେନ୍ଦ୍ରିୟ ମେହେର ସଭା ସଂଯୋଜନା କରିଥିଲେ ।

■ ଦଳିତ ସୁରକ୍ଷା ପରିଷଦର ଦାବି

# ସିସିଟିଭି ଫୁଟେଜ୍ ଯାଞ୍ଚ ହେଉ

ବରଗଡ଼ ଅଫିସ୍,୨୦।୭



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର କର୍ମକର୍ତ୍ତାବୃନ୍ଦ ।

ବରଗଡ଼ ସଦର ଥାନାରେ ଓକିଲଙ୍କୁ ଥାନା ଆଇଆଇସିଙ୍କ ଦୁର୍ବ୍ୟବହାର ଓ ଅତାବିରାରେ ଜଣେ ଅଧ୍ୟାପକଙ୍କୁ ଗାଳିଗୁଲଜ, ହତ୍ୟା ଧମକ ଘଟଣାକୁ ନେଇ ଶନିବାର ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବରଗଡ଼ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବରଗଡ଼ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର କର୍ମକର୍ତ୍ତାମାନେ ଉଭୟ ଘଟଣାର ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ ।

ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମୁଖ୍ୟ ଆବାହକ ନିହାଲ ସିଂ କହିଥିଲେ, ଅତାବିରା କଲେଜର ଅଧ୍ୟାପକ ଡଃ ମଦନ ମେହେରଙ୍କୁ ଜାତିଆଣ ଭେଦଭାବ ଦେଖାଇ ହତ୍ୟା ଧମକ ଦିଆଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରି ପାରିନାହିଁ । ସେ ନେଇ ଅତାବିରା ପୋଲିସ କେବଳ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛି । ଅନ୍ୟପଟେ ଏହି ମାମଲାର ଅଭିଯୁକ୍ତଙ୍କ ଦୋକାନ ସମ୍ମୁଖରେ ସେହି ଘଟଣା ଘଟିଥିଲା ଏବଂ ଘଟଣା ପରେ ଅଭିଯୁକ୍ତ ସିସିଟିଭି ଫୁଟେଜକୁ ଦୋକାନରୁ କାଢ଼ି ନେଇଛନ୍ତି ବୋଲି ସିଂ ଅଭିଯୋଗ କରିଛନ୍ତି ।

ସେହିପରି ଜଣେ ଓକିଲଙ୍କୁ ସଦର ଥାନା ଆଇଆଇସି ଦୁର୍ବ୍ୟବହାର କରିଥିବା ନେଇ ଯେଉଁ ଅଭିଯୋଗ ହୋଇଛି, ତାର ମଧ୍ୟ ନିରପେକ୍ଷ ତଦନ୍ତ କରିବାକୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଦାବି କରିଛି । ସଦର ଥାନାରେ ଯେହେତୁ ସିସିଟିଭି ଲାଗିଛି, ସେହି ସିସିଟିଭିରେ ଘଟଣା ସମୟର ଭିଡ଼ିଓ ଫୁଟେଜ୍ ନିଶ୍ଚିତ ଭାବେ କଏଦ୍ ହୋଇ ରହିଥିବ ଏବଂ ସେଥିରୁ ହିଁ ସତ୍ୟତା ପଦାକୁ ଆସିବ । ଫଳରେ ଉପରୋକ୍ତ ଉଭୟ ଘଟଣାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଦାବି କରିଛି । ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମୁଖ୍ୟ ଉପଦେଷ୍ଟା ସିଂ ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଆବାହକ କରୁଣାକର ସିକନ୍ଦର, ଉପମହାସଚିବ ବବ୍‌ଲୁ ଛୁରିଆ, ଅଧ୍ୟକ୍ଷା ରୂପାଞ୍ଜଳି ରନବିଡ଼ା, ମୋହନ ମହାନନ୍ଦ, ଡିଲେଶ୍ୱର ହାତୀ, ଗୋପାଳ ବାଗ, ଫୁଲକୀ ଉର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ମାତୃ ନିକେତନରୁ ଖସିଗଲେ ନାବାଳିକା

ବରଗଡ଼ ଅଫିସ/ପାଇକମାଳ, ୨୦।୭(ଡି.ଏନ.ଏ)

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଆଶ୍ରମ ମାତୃଛାୟା ବିରୋଧରେ ଅଭିଯୋଗ ଆଣିଥିବା ନାବାଳିକା ପାଇକମାଳର କସ୍ତୁରବା ଗାନ୍ଧୀ ମାତୃ ନିକେତନ (କେଜିଏମଏନ)ରେ ଆଶ୍ରୟ ନେଇଥିବାବେଳେ ସେ ଗୁରୁବାରଠାରୁ ସେଠାରୁ ଖସି ଚାଲିଯାଇଛନ୍ତି । ଏ ନେଇ କେଜିଏମଏନ କର୍ତ୍ତୃପକ୍ଷ ପାଇକମାଳ ଥାନାକୁ ଜଣାଇବା ପରେ ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଖୋଜାଖୋଜି କରୁଛି । ମାତ୍ର ଶନିବାର ସୁଦ୍ଧା ତାଙ୍କ ପତ୍ତା ମିଳିପାରି ନ ଥିବା ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି ।

ପ୍ରକାଶଥାଉକି, ଗତ ୩ତାରିଖରେ ସମ୍ପୃକ୍ତ ନାବାଳିକା ଜଣକ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିବାବେଳେ କିଛି ଲୋକ ତାଙ୍କୁ ଉଦ୍ଧାର କରି ବରଗଡ଼ ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଥିଲେ । ସେତେବେଳେ ନାବାଳିକା ଜଣକ ମାତୃଛାୟା କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିବା ସହିତ ପ୍ରତାରଣା କରି ତାଙ୍କ ସ୍ୱାମୀ କୁଆଡ଼େ ଚାଲିଯାଇଥିବା କହିଥିଲେ। ଏ ନେଇ ବରଗଡ଼ ସଦର ଥାନାରେ ମଧ୍ୟ ସେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ମାଜିଷ୍ଟ୍ରେଟ ସମ୍ମୁଖରେ ତାଙ୍କ ବୟାନ ରେକର୍ଡ଼ କରିଥିବାବେଳେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏକ ଯୁଗ୍ମ କମିଟି ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଯୁଗ୍ମ କମିଟି ତଦନ୍ତ ସାରି ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରି ସାରିଛି । ସେହି ତଦନ୍ତ ରିପୋର୍ଟ ଆଧାରରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିବାବେଳେ କେଜିଏମଏନରେ ଆଶ୍ରୟ ନେଇଥିବା ସମ୍ପୃକ୍ତ ନାବାଳିକା କୁଆଡ଼େ ଚାଲିଯିବା ଘଟଣା ଏବେ ରହସ୍ୟଜନକ ହୋଇ ପଡ଼ିଛି ।

# ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୨୦।୭

ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତେଜସ୍ୱୀ ଦିଶ୍ରୀ ମୁଖ୍ୟଅତିଥି ଏବଂ ଡଃ ଡୋଲାମଣି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସଭା ହୋଇଥିଲା। ସଭା ପରେ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଏବଂ ଅଭିଭାବକମାନେ ୧୦୦ଟି ବିଭିନ୍ନ ପ୍ରକାରର ବୃକ୍ଷଚାରା ରୋପଣ କରିଥିଲେ । ଠାକୁର ପ୍ରସାଦ ସାହୁ, ଟୁନା ମହାରଣା, ଓମପ୍ରକାଶ ମେହେର, ସତ୍ୟାନନ୍ଦ ବାରିକ, ମୀନକେତନ ଦାଶ, ତନୁଜା ପାଢ଼ୀ, ପ୍ରତିତା ପଣ୍ଡା, ଗୀତାଞ୍ଜଳି ସାହୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁଜୀ ବିଶ୍ୱାମିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରୋଟାରୀ କ୍ଲବ, ବରଗଡ଼ର ବଉଳସିଂହାସ୍ଥିତ ନୂତନ କ୍ୟାମ୍ପସରେ ପ୍ରୋଜେକ୍ଟ ଚେୟାରମ୍ୟାନ ପ୍ରକାଶ କରଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ହୋଇଥିଲା । ଏଠାରେ ରୋଟାରୀ କ୍ଲବ ସଭାପତି ଅମିତ କୁମାର ସାହୁ, ସମ୍ପାଦକ ବୀରେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ରୋଟାରୀ ପବ୍ଲିକ ସ୍କୁଲ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ସିଂ, ଶ୍ରଦ୍ଧାଞ୍ଜଳି ଦାସ, ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବୃକ୍ଷଚାରା ରୋପଣ କରିଥିଲେ ।



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ବୃକ୍ଷରୋପଣ କରୁଛନ୍ତି ।

# ଖୋଲିନି ମେଗା ପ୍ରକଳ୍ପ ତାଲା

ଘଣ୍ଟାପଡା, ୨୦।୭ (ଡି.ଏନ.ଏ)



ଅଧିକାରୀ ଦ୍ୱୟ ଚାଷୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

- ଦୁଇ ଦିନ ହେଲା ବିକଳ୍ପ ବାହାରୁନି
- ବିଭାଗୀୟ ଅଧିକାରୀ ଫେରିଗଲେ
- ଚାଷୀ ନିଜ ଜିଦରେ ଅଟଳ
- ପ୍ରକଳ୍ପରେ ନାହିଁ ସୂଚନାଫଳକ

ବୌଦ୍ଧ ଜିଲା ଘଣ୍ଟାପଡା ଅଧୀନ ତମ୍ବାସିନାରେ ଥିବା ପାର୍ବତି ଗିରି ମେଗା ପ୍ରକଳ୍ପରେ ଚାଷୀମାନେ ତାଲା ପକାଇବାର ୨ ଦିନ ବିତିଯାଇଥିଲେ ମଧ କୌଣସି ସମାଧାନର ରାସ୍ତା ବାହାରି ପାରିନାହିଁ । ଚାଷୀମାନେ ନିଜ ଜିଦରେ ଅଟଳ ରହିଛନ୍ତି । ଶନିବାର ଅପରାହ୍ନ ୨ଟା ସମୟରେ ମେଗା ପ୍ରକଳ୍ପର ଏସଡିଓ ତଥା ସହ କାର୍ଯ୍ୟକାରୀ ଯନ୍ତ୍ରୀ ଡି. ମିଶ୍ର ଓ ସହକାରୀ ଯନ୍ତ୍ରୀ ପି. ମୁଣ୍ଡା ଆସି ମେଗା ପ୍ରକଳ୍ପରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସେମାନେ ମେଗା ପ୍ରକଳ୍ପରୁ ତାଲା ଖୋଲିବା ପରେ ପାଣି କଥା ଆଲୋଚନା ହେବ ବୋଲି ଯନ୍ତ୍ରୀ ଦ୍ୱୟ କହିଥିଲେ । ତେବେ ତାଙ୍କ କଥାକୁ ଚାଷୀମାନେ ମାନିବାକୁ ନାରାଜ ହୋଇଥିଲେ । ଆଗ ସମସ୍ତ ଜମିରେ ପାଣି ମାଡିବ, ପରେ ତାଲା ଖୋଲାଯିବ ବୋଲି ସେମାନେ କହିଥିଲେ ।

୨୬ କୋଟି ଟଙ୍କାରେ ନିର୍ମିତ ଏହି ମେଗା ପ୍ରକଳ୍ପ ଦ୍ୱାରା ୧୫୦୦ ହେକ୍ଟର ଜମିରେ ପାଣି ମଡାଇବା ଲକ୍ଷ୍ୟ ରହିଛି। କିନ୍ତୁ ପ୍ରକଳ୍ପର କାମ ଅଧାପନ୍ତରିଆ ଯୋଗୁ ଏହା ମାତ୍ର ୫୦ ଏକର ଜମିକୁ ପାଣି ମାଡୁଛି । ଏ ସମ୍ପର୍କରେ ଯନ୍ତ୍ରୀ ମୁଣ୍ଡାଙ୍କୁ ପଚାରିବାରୁ ଚାଷୀଙ୍କ ସମସ୍ୟା ସମାଧାନ କରିବା ଆମ ନିୟନ୍ତ୍ରଣ ବାହାରେ ବୋଲି କହିଥିଲେ। କିନ୍ତୁ ଏସଡିଓ ମିଶ୍ର କୌଣସି ଉତ୍ତର ଦେବାକୁ ମନାକରି ଦେଇଥିଲେ। ଆଲୋଚନାରେ ସମୟରେ ପ୍ରକଳ୍ପ ଅଧିକାରୀ ଦ୍ୱୟଙ୍କ ବ୍ୟତୀତ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମାଜସେବୀ ଚଞ୍ଚଳ ରଣା, ମୋତିଲାଲ ରଣା ଓ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ ।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

- ଡାୟୋଜିନିସ୍



## ସଂକ୍ଷେପରେ

### ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

ଅତାବିରା, ୨୦।୭ (ଡି.ଏନ.ଏ)

ଅତାବିରା ବ୍ଲକ କୁଲତାଟୁକୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମାହାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ମୁଖ୍ୟଅତିଥି, ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ ଜୀବନ ଦାଶ, ପଶ୍ଚିମ ଓଡିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋରାସାଗର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶେଷରେ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା ।

### ବିହନ ବିଶୋଧନ ତାଲିମ ଶିବିର

ପଦ୍ମପୁର, ୨୦।୭ (ଡି.ଏନ.ଏ)

ପଦ୍ମପୁର କୃଷି ବିଭାଗ ତରଫରୁ ବିହନ ବିଶୋଧନ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ କର୍ମଚାରୀମାନେ ଗତ ୯ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମମାନଙ୍କୁ ଯାଇ ଧାନ ଓ ଅଣଧାନ ବିହନ ବିଶୋଧନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଧାନ ବିହନ ବିଶୋଧନ ପାଇଁ ଚଣ୍ଡିପାଲି, ନୂଆଁପାଲି, ମାଟିଆ ମହୁଲ, ଝୁନଙ୍ଗାପାଲି, ଜମଲା, ଲମ୍ବରଜୁନା, ସତୀଭଟା, ସର୍ଗିଜୁରୀ ଓ ଅଣଧାନ ଚାଷ କରୁଥିବା ଆମ୍ବଦହନ, ଲେଦ୍ରାପାଲି, ରାଏବାହାଦୁରପୁର, ବରଦାପାଲି, ବିରିପାଲି, ବିଦୁଝୁଲା, ମଣ୍ଡୋମହୁଲ, ସାହାଜପାଲି, ଗଡଭାଟି, କେଉଁଟେନବାହାଲି ଗ୍ରାମରେ ଶିବିରର ଆୟୋଜନ କରାଯାଇଥିଲା । ବିହନ ବିଶୋଧନ ପ୍ରକ୍ରିୟା ଜାଣିବା ପରେ ଚାଷୀମାନେ ମଧ ଏହି ଚାଷ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରିଥିବା ପରିଲକ୍ଷିତ ହୋଇଥିଲା । କୃଷି ବିଭାଗର ଏଏଓ ଅଙ୍କିତ ବେହେରା, ବିଟିଏମ ନୀଲୁ ମେହେର ତାଲିମ ପ୍ରଦାନ କରିଥିବା ବେଳେ ଏଟିଏମ ଜୟଲାଲ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବିଜେପୁର କଲେଜରେ ବନ ମହୋତ୍ସବ

ବିଜେପୁର, ୨୦।୭ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ମହାବିଦ୍ୟାଳୟରେ ବନ ମହୋତ୍ସବ ଶନିବାର ପାଳିତ ହୋଇଛି । ଏହି ଅବସରରେ ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଜିଲା ପରିବେଶ ସଚେତନତା ସମିତି ସଭାପତି ତେଜରାଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ କରିବାକୁ ଶପଥ ପାଠ କରାଇଥିଲେ । ଡିଇସିଏସର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟ ଇକୋ କ୍ଲବ ପରିଚାଳକ ଅଧାପକ ପରମାନନ୍ଦ ବ୍ରହ୍ମଚାରୀ ସଭା ସଂଯୋଜନା କରିଥିଲେ । ଅଧାପକ ଶାନ୍ତନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିବେଶ ସମିତି, ଜିଲା ପରିବେଶ ସଚେତନତା ସମିତି ଓ କଲେଜ ଇକୋ କ୍ଲବର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଆମ୍ବ, ନିମ୍ବ, କୃଷ୍ଣଚୂଡା, ଆକାଶିଆ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ ।

### ଏସ୍‌ପିଙ୍କ ଦୁର୍ବ୍ୟବହାରକୁ ନିନ୍ଦା କଲା କନ୍ଧମାଳ ସାମ୍ବାଦିକ ସଂଘ

ମନମୁଣ୍ଡା, ୨୦।୭ (ଡି.ଏନ.ଏ)

କେନ୍ଦ୍ରାପଡାର ବାରିମୂଳଠାରେ ଜଣେ ଖବରଦାତାଙ୍କୁ ଏସ୍‌ପି ନୀତିଶେଖର ଦୁର୍ବ୍ୟବହାର କରିଥିବା ନେଇ ରାଜ୍ୟବ୍ୟାପୀ ଖବରଦାତା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଏହି କ୍ରମରେ ବୌଦ୍ଧ ଜିଲା କନ୍ଧମାଳ ସାମ୍ବାଦିକ ସଂଘ ମଧ ଏହାର ଦୃଢ଼ ନିନ୍ଦା କରିଛି । ସଂଘର ବରିଷ୍ଠ ସଦସ୍ୟ ବୈଦ୍ୟନାଥ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏସ୍‌ପିଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଖବରଦାତା ସୁଶୀଲ କୁମାର ମିଶ୍ର, ବିରଜାନନ୍ଦନ ଦାନୀ, କୁନୁ ରାଜହଂସ, ଅକ୍ରୂର ବେହେରା, ବିଜୟ ଆଚାର୍ଯ୍ୟ, ବବିତା ହୋତା ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୁଣାକଟକ,୨୦।୭(ଡି.ଏନ.ଏ): ପୁରୁଣାକଟକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମହାକୁଡଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠିତ ସଭାରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀ କସ୍ତୁରୀ ଦାସ, ସିଆରସିସି ଫୁଲଚନ ନାଏକ, ରଞ୍ଜନ ସାମଲ, ନିର୍ମଳା ବେହେରା, ଜୟନ୍ତୀ ବେହେରା, ଶୈଳବାଳା ପତି, ମିନତି ପଟ୍ଟନାୟକ, ପଦ୍ମାଳୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

■ ବୀମା କ୍ଷତିପୂରଣ ନେଇ ଅସନ୍ତୋଷ ପ୍ରସଙ୍ଗ

# ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

ବରଗଡ଼ ଅଫିସ୍,୨୦।୭

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନଙ୍କୁ ଠିକ୍ ଭାବେ ବୀମା କ୍ଷତିପୂରଣ ମିଳୁ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାର ପ୍ରତିବାଦରେ ଆସନ୍ତା ୨୨ତାରିଖରେ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସ୍ଥାନୀୟ ବୀମା କମ୍ପାନୀର ଅଫିସକୁ ଅଚଳ କରିଦେବା ପାଇଁ ଚେତାବନୀ ଦେଇଥିଲା । ଏହି ପରିପ୍ରେକ୍ଷୀରେ ଶନିବାର ବରଗଡ଼ ପୁରୋହିତ ଭବନରେ ଚାଷୀ ସଙ୍ଗଠନ ସମନ୍ୱୟ ସମିତିର ଏକ ବୈଠକ ବସିଥିଲା । ବୈଠକ ସରିବା ପରେ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟିଥିଲେ । ତେବେ ଜିଲାପାଳ ଏବଂ ଚାଷୀ ପ୍ରତିନିଧି ମଣ୍ଡଳୀର ଆଲୋଚନା ପରେ ସେହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଅନ୍ୟପଟେ ବରଗଡ଼ ଜିଲାର ଏମପି, ବିଧାୟକଙ୍କ ଉପସ୍ଥିତିରେ ଆଗାମୀ ଦିନରେ ଜିଲାପାଳ ଅଫିସରେ ଉକ୍ତ



ବୈଠକରେ ଉପସ୍ଥିତ ଚାଷୀ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

■ ୨୨ତାରିଖ ହେବନି ଚାଷୀ ଆନ୍ଦୋଳନ
■ ତ୍ରିପାକ୍ଷିକ ବୈଠକ ପ୍ରସ୍ତାବରେ ସହମତି
■ ଉପସ୍ଥିତ ରହିବେ ସାଂସଦ ଓ ବିଧାୟକ

ସମସ୍ୟା ଉପରେ ଏକ ତ୍ରିପାକ୍ଷିକ ବୈଠକ କରାଯିବ ବୋଲି ପ୍ରସ୍ତାବ ନିଆଯାଇଛି ବୋଲି ଚାଷୀ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ପୁରୋହିତ ଭବନରେ ଚାଷୀ ସଙ୍ଗଠନର କର୍ମକର୍ତ୍ତା, ସଭ୍ୟମାନେ ଉପସ୍ଥିତ ରହି ବୀମା ସମସ୍ୟା ଉପରେ ଆଲୋଚନା କରିଥିଲେ । ବୈଠକର ନିଷ୍ପତ୍ତିକ୍ରମେ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ପଞ୍ଚାନନ ଦଳପତି, ଶକୁନ୍ତଳା ମହାପାତ୍ର, ସଦାନନ୍ଦ ପୂଝାରୀ, ରବିନ୍ଦ୍ର ବିଶି, ସୁବାଷ ପ୍ରଧାନ, ବିକ୍ରମାଦିତ୍ୟ ପ୍ରଧାନ, ଆଶୁତୋଷ ଆଚାର୍ଯ୍ୟ ପ୍ରମୁଖ ଜିଲାପାଳ ତ୍ରିପାଠୀଙ୍କୁ ଭେଟି ବୀମା ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ଆଲୋଚନା ପରେ ସମିତି ଆନ୍ଦୋଳନ ସ୍ଥଗିତ ପାଇଁ ପ୍ରସ୍ତାବ ନେବା ସହିତ ତ୍ରିପାକ୍ଷିକ ବୈଠକ ପ୍ରସ୍ତାବରେ ସହମତି ପ୍ରକାଶ କରିଥିଲା ।

ପ୍ରକାଶଥାଉକି, ୨୦୧୭ ଭଳି ୨୦୧୮ ଖରିଫ୍‌ରେ ମଧ୍ୟ ବରଗଡ଼ ଜିଲାର ଚାଷୀ ଫସଲକ୍ଷତିର ସମ୍ମୁଖୀନ ହୋଇଥିଲେ । କୃଷି ବିଭାଗର କ୍ଷେତ୍ର ପରିଦର୍ଶନ ତଥ୍ୟ ବଦଳରେ ସାଟେଲାଇଟ୍ ତଥ୍ୟକୁ ଆଧାର କରି ଏସିଏଫ(ଏରିଆ କମନ୍ ଫ୍ୟାକ୍ଟର), ନୂତନ ଗାଇଡ୍ ଲାଇନ୍ ଆଦି ଆଳ ଦେଖାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣରୁ ବଞ୍ଚିତ କରିବାକୁ ପ୍ରୟାସ କରୁଥିବା ଯୋଗୁ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି । ଏପରିକି ଜିଲାର ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର, ଝାରବନ୍ଧ, ବିଜେପୁର ଏବଂ ସୋହେଲା ବ୍ଲକରେ ଏସିଏଫ ଲାଗୁ କରି ଜମି ପରିମାଣକୁ ବାସ୍ତବତାଠାରୁ ଖୁବ୍ କମ୍ ଦର୍ଶାଇ ଚାଷୀଙ୍କୁ ଠକିବା ଉଦ୍ୟମ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ଜିଲାପାଳ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଗତ ୧୦ତାରିଖରେ ଜିଲାପାଳ ଅଫିସରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା । ମାତ୍ର ସେତେବେଳେ କିଛି ନିର୍ଯାସ ବାହାରି ପାରି ନ ଥିଲା ଏବଂ ଚାଷୀମାନେ ବୀମା କମ୍ପାନୀ ଅଫିସ ଅଚଳ ପାଇଁ ଚେତାବନୀ ଦେବା ସହିତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ଏସ୍‌ପିଙ୍କ କେଜିଏମଏନ ପରିଦର୍ଶନ

ବରଗଡ଼ ଅଫିସ୍/ପାଇକମାଳ, ୨୦।୭ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଅସୁରକ୍ଷିତ ହୋଇ ପଡ଼ିଛି । ଏଠାରେ ଆଶ୍ରୟ ନେଇଥିବା ଶିଶୁମାନେ କେତେବେଳେ ବାହାରକୁ ଖସିଯିବାରେ ସଫଳ ହେଉଛନ୍ତି ତ ଆଉ କେବେ ନାବାଳିକା ଗର୍ଭବତୀ ହେବା ଭଳି ଘଟଣା ପଦାକୁ ଆସୁଛି । ଗତ କିଛିଦିନ ତଳେ ଏଠାରେ ଆଶ୍ରିତ ଜଣେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏହାପରେ ଥାନାରେ ଏତଲା ଦେବା ପରେ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ପରେ ଅଭିଯୁକ୍ତ ଜଣକ ପଦ୍ମପୁର ସବଜେଲରେ ଅଛନ୍ତି। ଅନ୍ୟପଟେ ଶୁକ୍ରବାର ବରଗଡ଼ ଏସପି ମୁକେଶ କୁମାର ଭାମୁ କେଜିଏମଏନ ପରିଦର୍ଶନରେ ଆସିଥିଲେ ଏବଂ ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କୁ ପଚରାଉଚୁରା କରିଥିବା ସୂଚନା ମିଳିଛି। ଏଠାରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ବର୍ତ୍ତମାନ ସୁଦ୍ଧା କେଜିଏମଏନ କର୍ତ୍ତୃପକ୍ଷଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଅପରପକ୍ଷେ ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ରେ ହାଜର ହେବା ପାଇଁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ କେଜିଏମଏନ ପରିଚାଳକ ତଥା କମିଟିକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ

## ଗୁଣସାଗର ଥିଲେ ଶେଠ ସାହିତ୍ୟର ନିରଳସ ପ୍ରଚାରକ

ବିଜେପୁର, ୨୦।୭ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ସାହିତ୍ୟ ପ୍ରଚାରକ ଗୁଣସାଗର ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ହୃଦମଣି ସାହୁ, କ୍ରାନ୍ତିକବି ହରିଲାଲ ସାହୁ, ଈଶ୍ୱର ମେହେର, ଦୁର୍ବାଦଳ ମେହେର, ମକରଧ୍ୱଜ ସାହୁ, ଅହଲ୍ୟା ପଧାନ, ସାବିତ୍ରୀ ମେହେର, ସୁଷମା ଭୋଇ, ରାଜେଶ୍ୱର ବେହେରା, ଡ. ପ୍ରଦୀପ କୁମାର ପଧାନ, ସଚ୍ଚିଦାନନ୍ଦ ପଧାନ, ରବୀନ୍ଦ୍ର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଗୁଣସାଗର ଥିଲେ ସାହିତ୍ୟ ପ୍ରାଣ ଖଗେଶ୍ୱର ଶେଠ ସାହିତ୍ୟର ନିରଳସ ପ୍ରଚାରକ। ସମ୍ବଲପୁରୀ ଭାଷା ସାହିତ୍ୟର ଉଜ୍ଜଳ ଜ୍ୟୋତିଷ୍କ କବି ଖଗେଶ୍ୱରଙ୍କ ରଚିତ ବିଭିନ୍ନ କାବ୍ୟ କବିତାକୁ ସେ କଣ୍ଠସ୍ଥ କରିଥିଲେ। ଜୀବନର ସାୟାହ୍ନ ପର୍ଯ୍ୟନ୍ତ ସେ ବିଭିନ୍ନ ସାହିତ୍ୟ ସମାବେଶ ତଥା ଗାଁ ଗହଳରେ ସାଇକେଲରେ ବୁଲି ବୁଲି ଶେଠ ସାହିତ୍ୟର ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରିଥିଲେ । ସାହିତ୍ୟପ୍ରାଣ ଖଗେଶ୍ୱରଙ୍କ ସାହିତ୍ୟ କୃତିକୁ ଲୋକପ୍ରିୟ କରିବାରେ ଗୁଣସାଗରଙ୍କ ଉଦ୍ୟମ ଅବିସ୍ମରଣୀୟ ହୋଇ ରହିବ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା । ଉପସଭାପତି ଦିଲୀପ କୁମାର ଦେବତା ସଭା ସଞ୍ଚାଳନ କରିଥିଲେ । ତାଙ୍କ ଆତ୍ମାର ସଦଗତି ପାଇଁ ସଭା ପ୍ରାରମ୍ଭରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କୋଷାଧ୍ୟକ୍ଷ ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କାର୍ଯ୍ୟକାରୀ ସଭାପତି ପାଣ୍ଡବ ପଧାନ ଅଧ୍ୟକ୍ଷତା କରିଥିଲେ । ସୁନୀଲ କୁମାର ମିଶ୍ର, ରାଜେଶ୍ୱର ବେହେରା, ଆକାଶ ମେହେର, ଦୀନବନ୍ଧୁ ବେହେରା, ଧରଣୀଧର ବାରିକ, ସୁଶାନ୍ତ ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପାଦକ ଜିତେନ୍ଦ୍ରିୟ ମେହେର ସଭା ସଂଯୋଜନା କରିଥିଲେ ।

■ ଦଳିତ ସୁରକ୍ଷା ପରିଷଦର ଦାବି

## ସିସିଟିଭି ଫୁଟେଜ୍ ଯାଞ୍ଚ ହେଉ

ବରଗଡ଼ ଅଫିସ୍,୨୦।୭

ବରଗଡ଼ ସଦର ଥାନାରେ ଓକିଲଙ୍କୁ ଥାନା ଆଇଆଇସିଙ୍କ ଦୁର୍ବ୍ୟବହାର ଓ ଅତାବିରାରେ ଜଣେ ଅଧ୍ୟାପକଙ୍କୁ ଗାଳିଗୁଲଜ, ହତ୍ୟା ଧମକ ଘଟଣାକୁ ନେଇ ଶନିବାର ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ବରଗଡ଼ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବରଗଡ଼ ସାମ୍ବାଦିକ ସଂଘ ପରିସରରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର କର୍ମକର୍ତ୍ତାମାନେ ଉଭୟ ଘଟଣାର ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ ।

ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମୁଖ୍ୟ ଆବାହକ ନିହାଲ ସିଂ କହିଥିଲେ, ଅତାବିରା କଲେଜର ଅଧ୍ୟାପକ ଡଃ ମଦନ ମେହେରଙ୍କୁ ଜାତିଆଣ ଭେଦଭାବ ଦେଖାଇ ହତ୍ୟା ଧମକ ଦିଆଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରି ପାରିନାହିଁ । ସେ ନେଇ ଅତାବିରା ପୋଲିସ କେବଳ ଏକ ମାମଲା



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର କର୍ମକର୍ତ୍ତାବୃନ୍ଦ ।

ରୁଜୁ କରି ହାତ ବାନ୍ଧି ବସିଛି । ଅନ୍ୟପଟେ ଏହି ମାମଲାର ଅଭିଯୁକ୍ତଙ୍କ ଦୋକାନ ସମ୍ମୁଖରେ ସେହି ଘଟଣା ଘଟିଥିଲା ଏବଂ ଘଟଣା ପରେ ଅଭିଯୁକ୍ତ ସିସିଟିଭି ଫୁଟେଜକୁ ଦୋକାନରୁ କାଢ଼ି ନେଇଛନ୍ତି ବୋଲି ସିଂ ଅଭିଯୋଗ କରିଛନ୍ତି ।

ସେହିପରି ଜଣେ ଓକିଲଙ୍କୁ ସଦର ଥାନା ଆଇଆଇସି ଦୁର୍ବ୍ୟବହାର କରିଥିବା ନେଇ ଯେଉଁ ଅଭିଯୋଗ ହୋଇଛି, ତାର ମଧ୍ୟ ନିରପେକ୍ଷ ତଦନ୍ତ କରିବାକୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଦାବି କରିଛି । ସଦର ଥାନାରେ ଯେହେତୁ ସିସିଟିଭି ଲାଗିଛି, ସେହି ସିସିଟିଭିରେ ଘଟଣା ସମୟର ଭିଡ଼ିଓ ଫୁଟେଜ୍ ନିଶ୍ଚିତ ଭାବେ କଏଦ୍ ହୋଇ ରହିଥିବ ଏବଂ ସେଥିରୁ ହିଁ ସତ୍ୟତା ପଦାକୁ ଆସିବ । ଫଳରେ ଉପରୋକ୍ତ ଉଭୟ ଘଟଣାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଦାବି କରିଛି । ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ମୁଖ୍ୟ ଉପଦେଷ୍ଟା ସିଂ ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଆବାହକ କରୁଣାକର ସିକନ୍ଦର, ଉପମହାସଚିବ ବବ୍‌ଲୁ ଛୁରିଆ, ଅଧ୍ୟକ୍ଷା ରୂପାଞ୍ଜଳି ରନବିଡ଼ା, ମୋହନ ମହାନନ୍ଦ, ଡିଲେଶ୍ୱର ହାତୀ, ଗୋପାଳ ବାଗ, ଫୁଲକୀ ଉର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ମାତୃ ନିକେତନରୁ ଖସିଗଲେ ନାବାଳିକା

ବରଗଡ଼ ଅଫିସ/ପାଇକମାଳ, ୨୦।୭(ଡି.ଏନ.ଏ)

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଆଶ୍ରମ ମାତୃଛାୟା ବିରୋଧରେ ଅଭିଯୋଗ ଆଣିଥିବା ନାବାଳିକା ପାଇକମାଳର କସ୍ତୁରବା ଗାନ୍ଧୀ ମାତୃ ନିକେତନ (କେଜିଏମଏନ)ରେ ଆଶ୍ରୟ ନେଇଥିବାବେଳେ ସେ ଗୁରୁବାରଠାରୁ ସେଠାରୁ ଖସି ଚାଲିଯାଇଛନ୍ତି । ଏ ନେଇ କେଜିଏମଏନ କର୍ତ୍ତୃପକ୍ଷ ପାଇକମାଳ ଥାନାକୁ ଜଣାଇବା ପରେ ପୋଲିସ ସମ୍ପୃକ୍ତ ନାବାଳିକାଙ୍କୁ ଖୋଜାଖୋଜି କରୁଛି । ମାତ୍ର ଶନିବାର ସୁଦ୍ଧା ତାଙ୍କ ପତ୍ତା ମିଳିପାରି ନ ଥିବା ପାଇକମାଳ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି ।

ପ୍ରକାଶଥାଉକି, ଗତ ୩ତାରିଖରେ ସମ୍ପୃକ୍ତ ନାବାଳିକା ଜଣକ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିବାବେଳେ କିଛି ଲୋକ ତାଙ୍କୁ ଉଦ୍ଧାର କରି ବରଗଡ଼ ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଥିଲେ । ସେତେବେଳେ ନାବାଳିକା ଜଣକ ମାତୃଛାୟା କର୍ତ୍ତୃପକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିବା ସହିତ ପ୍ରତାରଣା କରି ତାଙ୍କ ସ୍ୱାମୀ କୁଆଡ଼େ ଚାଲିଯାଇଥିବା କହିଥିଲେ। ଏ ନେଇ ବରଗଡ଼ ସଦର ଥାନାରେ ମଧ୍ୟ ସେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ପୋଲିସ ମାଜିଷ୍ଟ୍ରେଟ ସମ୍ମୁଖରେ ତାଙ୍କ ବୟାନ ରେକର୍ଡ଼ କରିଥିବାବେଳେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏକ ଯୁଗ୍ମ କମିଟି ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଯୁଗ୍ମ କମିଟି ତଦନ୍ତ ସାରି ଜିଲାପାଳଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରି ସାରିଛି । ସେହି ତଦନ୍ତ ରିପୋର୍ଟ ଆଧାରରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନ ଥିବାବେଳେ କେଜିଏମଏନରେ ଆଶ୍ରୟ ନେଇଥିବା ସମ୍ପୃକ୍ତ ନାବାଳିକା କୁଆଡ଼େ ଚାଲିଯିବା ଘଟଣା ଏବେ ରହସ୍ୟଜନକ ହୋଇ ପଡ଼ିଛି ।

## ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୨୦।୭

ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତେଜସ୍ୱୀ ଦିଶ୍ରୀ ମୁଖ୍ୟଅତିଥି ଏବଂ ଡଃ ଡୋଲାମଣି ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସଭା ହୋଇଥିଲା। ସଭା ପରେ ଛାତ୍ରୀଛାତ୍ର, ଗୁରୁମା, ଗୁରୁଜୀ ଏବଂ ଅଭିଭାବକମାନେ ୧୦୦ଟି ବିଭିନ୍ନ ପ୍ରକାରର ବୃକ୍ଷଚାରା ରୋପଣ କରିଥିଲେ । ଠାକୁର ପ୍ରସାଦ ସାହୁ, ଟୁନା ମହାରଣା, ଓମପ୍ରକାଶ ମେହେର, ସତ୍ୟାନନ୍ଦ ବାରିକ, ମୀନକେତନ ଦାଶ, ତନୁଜା ପାଢ଼ୀ, ପ୍ରତିତା ପଣ୍ଡା, ଗୀତାଞ୍ଜଳି ସାହୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁଜୀ ବିଶ୍ୱାମିତ୍ର ବିଶି ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ରୋଟାରୀ କ୍ଲବ, ବରଗଡ଼ର ବଉଳସିଂହାସ୍ଥିତ ନୂତନ କ୍ୟାମ୍ପସରେ ପ୍ରୋଜେକ୍ଟ ଚେୟାରମ୍ୟାନ ପ୍ରକାଶ କରଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ ହୋଇଥିଲା । ଏଠାରେ ରୋଟାରୀ କ୍ଲବ ସଭାପତି ଅମିତ କୁମାର ସାହୁ, ସମ୍ପାଦକ ବୀରେନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ରୋଟାରୀ ପବ୍ଲିକ ସ୍କୁଲ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ସିଂ, ଶ୍ରଦ୍ଧାଞ୍ଜଳି ଦାସ, ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବୃକ୍ଷଚାରା ରୋପଣ କରିଥିଲେ ।



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ବୃକ୍ଷରୋପଣ କରୁଛନ୍ତି ।

## ଖୋଲିନି ମେଗା ପ୍ରକଳ୍ପ ତାଲା

ଘଣ୍ଟାପଡା, ୨୦।୭ (ଡି.ଏନ.ଏ)

ବୌଦ୍ଧ ଜିଲା ଘଣ୍ଟାପଡା ଅଧୀନ ତମ୍ବାସିନାରେ ଥିବା ପାର୍ବତି ଗିରି ମେଗା ପ୍ରକଳ୍ପରେ ଚାଷୀମାନେ ତାଲା ପକାଇବାର ୨ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ବାହାରି ପାରିନାହିଁ । ଚାଷୀମାନେ ନିଜ ଜିଦରେ ଅଟଳ ରହିଛନ୍ତି । ଶନିବାର ଅପରାହ୍ନ ୨ଟା ସମୟରେ ମେଗା ପ୍ରକଳ୍ପର ଏସଡିଓ ତଥା ସହ କାର୍ଯ୍ୟକାରୀ ଯନ୍ତ୍ରୀ ଡି. ମିଶ୍ର ଓ ସହକାରୀ ଯନ୍ତ୍ରୀ ପି. ମୁଣ୍ଡା ଆସି ମେଗା ପ୍ରକଳ୍ପରେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ସେମାନେ ମେଗା ପ୍ରକଳ୍ପରୁ ତାଲା ଖୋଲିବା ପରେ ପାଣି କଥା ଆଲୋଚନା ହେବ ବୋଲି ଯନ୍ତ୍ରୀ ଦ୍ୱୟ କହିଥିଲେ । ତେବେ ତାଙ୍କ



ଅଧିକାରୀ ଦ୍ୱୟ ଚାଷୀମାନଙ୍କ ସହିତ ଆଲୋଚନା କରୁଛନ୍ତି ।

କଥାକୁ ଚାଷୀମାନେ ମାନିବାକୁ ନାରାଜ ହୋଇଥିଲେ । ଆଗ ସମସ୍ତ ଜମିରେ ପାଣି ମାଡିବ, ପରେ ତାଲା ଖୋଲାଯିବ ବୋଲି ସେମାନେ କହିଥିଲେ ।

୨୬ କୋଟି ଟଙ୍କାରେ ନିର୍ମିତ ଏହି ମେଗା ପ୍ରକଳ୍ପ ଦ୍ୱାରା ୧୫୦୦ ହେକ୍ଟର ଜମିରେ ପାଣି ମଡାଇବା ଲକ୍ଷ୍ୟ ରହିଛି। କିନ୍ତୁ ପ୍ରକଳ୍ପର କାମ ଅଧାପନ୍ତରିଆ ଯୋଗୁ ଏହା ମାତ୍ର ୫୦ ଏକର ଜମିକୁ ପାଣି ମାଡୁଛି । ଏ ସମ୍ପର୍କରେ

■ ଦୁଇ ଦିନ ହେଲା ବିକଳ୍ପ ବାହାରୁନି
■ ବିଭାଗୀୟ ଅଧିକାରୀ ଫେରିଗଲେ
■ ଚାଷୀ ନିଜ ଜିଦରେ ଅଟଳ
■ ପ୍ରକଳ୍ପରେ ନାହିଁ ସୂଚନାଫଳକ

ଯନ୍ତ୍ରୀ ମୁଣ୍ଡାଙ୍କୁ ପଚାରିବାରୁ ଚାଷୀଙ୍କ ସମସ୍ୟା ସମାଧାନ କରିବା ଆମ ନିୟନ୍ତ୍ରଣ ବାହାରେ ବୋଲି କହିଥିଲେ। କିନ୍ତୁ ଏସଡିଓ ମିଶ୍ର କୌଣସି ଉତ୍ତର ଦେବାକୁ ମନାକରି ଦେଇଥିଲେ। ଆଲୋଚନାରେ ସମୟରେ ପ୍ରକଳ୍ପ ଅଧିକାରୀ ଦ୍ୱୟଙ୍କ ବ୍ୟତୀତ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମାଜସେବୀ ଚଞ୍ଚଳ ରଣା, ମୋତିଲାଲ ରଣା ଓ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ ।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।

-ବ୍ୟାସଦେବ



## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଶିବିର

ଉଲୁଣ୍ଡା, ୨୦।୭ (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ଉଚ ପ୍ରାଥମିକ ବିଦ୍ୟାଳୟରେ ପତଞ୍ଜଳି ଯୁବ ଭାରତ ତରଫରୁ ଶନିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିଚରଣ ପାଲଙ୍କ ତତ୍ତ୍ୱାବଧାନକ୍ରମେ ଅନୁଷ୍ଠିତ ଏହି ଶିବିରରେ ଯୋଗାଚାର୍ଯ୍ୟ ଦୁର୍ଗା ଚରଣ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ୧୨୫ ଜଣ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ଭାରତ ପ୍ରଭାରୀ ଧର୍ମପଦ ମହାକୁର, ଆନନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପୂଜାହାରୀ, ଶିକ୍ଷୟିତ୍ରୀ ମୀତାରାଣି ନାଏକ, ସୁପ୍ରଭା ପାଣିଗ୍ରାହୀ, ଶିବାନୀ ମଲ୍ଲିକ, ରାଧାରାଣୀ ପାଢ଼ୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅବ୍ୟବସ୍ଥାରେ ଚାଲିଛି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର

ତରଭା, ୨୦।୭ (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ଆବଶ୍ୟକ କର୍ମଚାରୀ ଓ ଡାକ୍ତର ନାହାନ୍ତି। ପ୍ରାଣୀଧନ ନିରୀକ୍ଷକ, ଆଟେଣ୍ଡାଣ୍ଟ, ଝାଡୁଦାର ପଦବୀ ଖାଲି ରହିଛି। ତରଭା ବ୍ଲକ ପ୍ରାଣୀଧନ ଅଧିକାରୀ ଡ.ଶ୍ୟାମସୁନ୍ଦର ପାଣ୍ଡେ ସପ୍ତାହରେ ଦୁଇଦିନ ଏହି କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉଛନ୍ତି । ପ୍ରାୟ ବର୍ଷେ ତଳେ ମେଣ୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରର ଚିକିତ୍ସକଙ୍କୁ ବଦଳି କରାଯାଇଥିଲା । ବାରମ୍ବାର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଏ ଅଞ୍ଚଳର ହଜାର ହଜାର ପ୍ରାଣୀଧନ ଚିକିତ୍ସା ପାଇପାରୁ ନାହାନ୍ତି । ଗାଈ, ଛେଳି, ମେଣ୍ଢା, କୁକୁଡା ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପ୍ରାଣୀଧନ ସେବା କେନ୍ଦ୍ର ଅଧୀନରେ ମେଣ୍ଡା, ନାରାୟଣପୁର, ଦେଉଳପଦ ଓ ଲଛିପୁର ପ୍ରମୁଖ ଚାରିଟି ଏଲଆଇ କେନ୍ଦ୍ର ରହିଥିବାରୁ ସେଠାରେ ମଧ ଏହାର ପ୍ରଭାବ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ତରଫରୁ ଦାବି ଦେଉଛି ।

### ପିଜୁଳି ତୋଳିବା ବେଳେ ଗଛରୁ ପଡ଼ି ବାଳକ ଗୁରୁତର

ବିନିକା,୨୦।୭ (ଡି.ଏନ୍.ଏ.)- ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟପଡାର ସ୍ୱପ୍ନ ତରିଆ(୧୧) ନାମକ ଜଣେ ବାଳକ ଶନିବାର ସାଥିମାନଙ୍କ ସହ ପିଜୁଳି ତୋଳିବା ସମୟରେ ଗଛରୁ ଖସି ପଡ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗରୁତର ହେବାରୁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣାର ନିନ୍ଦା

ବିନିକା,୨୦।୭ (ଡି.ଏନ୍.ଏ.)- ସୁବର୍ଣ୍ଣପୁର ଜିଲା ବିନିକା ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାଟକୁରାରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରାପଡା ଏସ୍‌ପି ନୀତି ଶେଖରଙ୍କ ଜଣେ ଖବରଦାତାଙ୍କୁ ମାରିବା ପାଇଁ ହାତ ଉଠାଇବା ଘଟଣାକୁ ବୈଠକରେ ନିନ୍ଦା କରାଯାଇଛି। ବିନିକା ସାମ୍ବାଦିକ ସଂଘ ସଭାପତି ଅଶୋକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧ୍ରୁବଚରଣ ମିଶ୍ର, ବିପ୍ଳବ ରଞ୍ଜନ ଦାଶ, ହିମାଂଶୁ ପୁଟେଲ, ମୁକେଶ ବଗର୍ତ୍ତୀ, ବ୍ରହ୍ମାନନ୍ଦ ପୂଜାରୀ, ମୁକ୍ତିକାନ୍ତ ପେରା, ରବିନ୍ଦ୍ର ହୋତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସାରଚୋରି ଘଟଣାର ଗୁମର ଖୋଲୁଛି

- ୩ ଅଭିଯୁକ୍ତ କୋର୍ଟଚାଲାଣ
- ଦୁଇଦିନ ଧରି ଗୋଦାମରୁ ଚୋରି ହୋଇଥିଲା
- ଚୋରି ସାରକୁ ଟାଟା ମ୍ୟାଜିକରେ ନେଇଥିଲେ
- ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ:ଏସ୍‌ପି

ବିନିକା, ୨୦।୭ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ସିଲାଟି ରାସ୍ତା ଗୁଲୁଣ୍ଡା ନିକଟବର୍ତ୍ତୀ ବିନିକା ପ୍ରାଥମିକ ସମବାୟ ସମିତି ଗୋଦାମ ଗୃହରୁ ହୋଇଥିବା ସାର ଚୋରି ଘଟଣାର ଗୁମର ଖୋଲିବାରେ ଲାଗିଛି। ଦିନେ ନୁହେଁ ଦୁଇଦିନ ଧରି ଗୋଦାମ ଶର୍ଟର ଭାଙ୍ଗି ଚୋରମାନେ ସାର ଚୋରି କରିଥିଲେ। ଚୋରି ସାରକୁ ଏକ ଟାଟା ମ୍ୟାଜିକରେ ଲଦିନେଇ ଯାଇଥିଲେ। ଏହି ଘଟଣାରେ ପୋଲିସ୍ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବରଗଡ ଜିଲା ଭେଡେନ ଥାନା ସାନପିପିଲିପାଲି ଗ୍ରାମର ରାମଚନ୍ଦ୍ର ପଧାନ(୩୮), ଧନେଶ୍ୱର ପଧାନ (୩୨) ଓ ଗାଡି ଡ୍ରାଇଭର ଅନୀଲ କଲେତ। ଶନିବାର ବିନିକା ଥାନା ଅଭ୍ୟର୍ଥନା ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଦେବୀ ପ୍ରସାଦ ଦାଶ। ଏସ୍‌ପିଙ୍କ ସୂଚନା ଅନୁସାରେ ଚୋରି ସାର ପରିବହନରେ ବ୍ୟବହୃତ ଟାଟା ମ୍ୟାଜିକ ( ନଂ.ଓଡି-୧୭ଜେ-୫୪୬୪), ଚୋରି ହୋଇଥିବା ୭୮ପ୍ୟାକେଟ୍ ସାର ଓ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଗୋଦାମ ଗୃହରୁ ୧୯୫ ପ୍ୟାକେଟ୍ ସାର ଚୋରି ହୋଇଥିଲା। ସେଥିରୁ ୮୩ ପ୍ୟାକେଟ୍ ଗ୍ରୋମର ଓ ୧୧୨ପ୍ୟାକେଟ୍ ଡିଏପି ସାର। ପ୍ୟାକ୍ସ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ସାନପିପିଲିପାଲି ଗ୍ରାମର ରାମଚନ୍ଦ୍ର, ଧନେଶ୍ୱର ଓ ଡ୍ରାଇଭର ଅନୀଲଙ୍କୁ ପୋଲିସ ଗିରଫ କରିବା ପରେ ଚୋରି ସମ୍ପର୍କରେ ତଥ୍ୟ ମିଳିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ସୂଚନା ପାଇ ବରପାଲି ଥାନା କୁମ୍ଭାରୀ ଗ୍ରାମର ଡାକ୍ତର ନାଏକଙ୍କ ଘର ସମ୍ମୁଖରୁ ୭୫ ପ୍ୟାକେଟ, ରାମଚନ୍ଦ୍ର ଓ ଧନେଶ୍ୱର ପାଖରୁ ୩ପ୍ୟାକେଟ୍ ସାର ପୋଲିସ୍ ଜବତ କରିଥିଲା। ତେବେ ଚୋରି ସାରର ମୂଲ୍ୟ ୧ଲକ୍ଷ ୯୫ହଜାର ଟଙ୍କା ହୋଇଥିବା ବେଳେ ଏଯାଏଁ ପୋଲିସ୍ ପ ୮୫ହଜାର ଟଙ୍କାର ସାର ଜବତ କରିଛି । ଏହି ଘଟଣାରେ ସଂଶ୍ଳିଷ୍ଟ ଆଉ ଏକ ଗୋଷ୍ଠୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସପି ରମେଶ କୁମାର ପାଣିଗ୍ରାହୀ,ଏସ୍‌ଡିପିଓ ମିହିର କୁମାର ପଣ୍ଡା, ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ୩ଜଣଙ୍କୁ ପୋଲିସ ହାଜର କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି**
**ଗଞ୍ଜେଇ ଗଛକୁ ଚଡ଼କ ମାଇଲେ**
**ଗୁଆ ଗଛ ଜଳିଯାଉଛି ।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ**
**ବୋଧଠାରୁ ମିତ୍ର ନାହିଁ ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସୋନପୁର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

ସୋନପୁର,୨୦।୭ (ନି.ପ୍ର.)

ମୋ ସ୍କୁଲ ଅଭିଯାନ, ଗାରିମା ପୁରସ୍କାର ଓ ସବୁଦିନ ଯିବା ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କରେ ସୋନପୁର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାରାଜା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଅଧକ୍ଷତା କରିଥିଲେ। ଏଥିରେ ବ୍ଲକର ସମସ୍ତ ସିଆରସିସି ଓ ଶତାଧିକ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ନିଜର ପୂର୍ବତନ ବିଦ୍ୟାଳୟମାନଙ୍କର ସମୃଦ୍ଧିରେ ସକ୍ରିୟ ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ମୋ ସ୍କୁଲ ଅଭିଯାନ ତଥା ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏବିଇଓ ଫକୀର ଚରଣ ଭୋଇ, ଦୀନବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନିଜ ନିଜର ବିଦ୍ୟାଳୟଗୁଡିକୁ ସମୃଦ୍ଧ କରି ସରକାରଙ୍କ ଗାରିମା ପୁରସ୍କାର ପାଇବା ପାଇଁ ତତ୍ପର ହେବାକୁ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ସମସ୍ତେ ଯତ୍ନବାନ ହେବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମେହେର ନିର୍ଦ୍ଦେଶ ଦେଇଥିଲେ ।



ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଡୁଙ୍ଗୁରିପାଲିରେ କମୁନି ପଲିଥିନ୍ ବ୍ୟବହାର

ଡୁଙ୍ଗୁରିପାଲି, ୨୦।୭ (ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ପଲିଥିନ୍ ବ୍ୟବହାର ଦିନକୁ ଦିନ ବଢିବାରେ ଲାଗିଛି । ପଲିଥିନ୍ ବ୍ୟବହାର ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ହେଲେ, ପଲିଥିନ୍ ବ୍ୟବହାର କମିବା ପରିବର୍ତ୍ତେ ବୃଦ୍ଧି ପାଉଛି। ଡୁଙ୍ଗୁରିପାଲି ସହଲାରୋଡ, କେନାଲ ଛକ୍ କେନାଲ ପୋଲ ତଳେ କୁଢକୁଢ ପଲିଥିନ୍ ପଡିଥିବା ଦେଖିବାକୁ ମିଳୁଛି। ଦୈନିକ ବଜାର ପାର୍ଶ୍ୱରେ ମଧ୍ୟ ଏହି ପଲିଥିନ୍ ପଡି ରହିଥିବା ଦେଖାଯାଉଛି। ଏପରି ସ୍ଥିତିରେ ପଲିଥିନ ବ୍ୟବହାର କେବେ ବନ୍ଦ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ରହିଥିବାରୁ ପଲିଥିନମୁକ୍ତ ସ୍ଲୋଗାନରେ ସୀମିତ ହୋଇଯାଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ଦାବିପତ୍ର ପ୍ରଦାନ

ତରଭା, ୨୦।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପୋଲବନ୍ଧ ଅଞ୍ଚଳରେ ଆଶାନୁରୂପ ବର୍ଷା ନ ହେବା କାରଣରୁ ଚାଷକାର୍ଯ୍ୟ ପଛେଇ ଯାଇଛି। ଜୁନ ମାସରେ ସାମାନ୍ୟ ବର୍ଷା ପରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲା ଚାଷୀ। କେତେକ ଚାଷୀ ଧାନ ବୁଣିଥିବା ବେଳେ ଆଉ କେତେକ ପହ୍ଳା ପକାଇଥିଲେ । ହେଲେ ଏହାପରଠାରୁ ବର୍ଷା ନ ହେବାରୁ ଜମି ଫାଟି ଧାନ ଗଛଗୁଡିକ ମରିବାକୁ ବସିଲାଣି । କେତେକ ସ୍ଥାନରେ ପହ୍ଳା ଶୁଖି ଯାଇଛି । ଆଷାଢ ଯାଇ ଶ୍ରାବଣ ଆସିଲା, ହେଲେ ବର୍ଷା ନ ହେବାରୁ ମରୁଡି ଆଶଙ୍କାରେ ଆଶଙ୍କିତ ହୋଇ ପଡିଛି ଚାଷୀ। ଶନିବାର ପୋଲବନ୍ଧ ଗ୍ରାମର ଶତାଧିକ ଚାଷୀ ଗିରିଧାରୀ ଭୋଇଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ନିହାର ରଞ୍ଜନ କହଁରଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଚାଷ ବଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ଖୋଳାଯାଇଥିବା ଗଭୀର ନଳକୂପଗୁଡିକ ଅଚଳ ଅବସ୍ଥାରେ ପଡିରହିଛି । ଚାଷୀମାନେ କୃଷି ସମବାୟ ସମିତିରୁ କୃଷି ଋଣ କରି ବିହନ ଧାନ ଓ ସାର କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ବର୍ଷା ନ ହେବାରୁ ଧାନ ଗଛଗୁଡିକ ମରି ଯାଉଥିବା ଦେଖି ଲୋକେ ବାଧ ହୋଇ ଦାଦନ ଖଟି ଯିବାକୁ ସଜବାଜ ହେଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

ପରେ ଚାଷୀମାନେ ତହସିଲ ଅଫିସକୁ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପ୍ରଦାନ କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, କାଳିଆ ଯୋଜନାରେ କେତେକ ଚାଷୀ ପ୍ରଥମ କିସ୍ତିରେ ୫ହଜାର ଟଙ୍କା ପାଇ ଚାଷରେ ବିନିଯୋଗ କରିଥିଲେ । କିନ୍ତୁ ବହୁ ଯୋଗ୍ୟ ଚାଷୀ ଅଦ୍ୟାବଧି କାଳିଆ ଟଙ୍କା ପାଇ ନାହାନ୍ତି । ଏଣୁ ସରକାର ଚାଷୀଙ୍କ କୃଷି ଋଣ ଛାଡ, ଶସ୍ୟବୀମା ସମୟ ବୃଦ୍ଧି ଓ ଲୋକଙ୍କୁ କାମ ଧନ୍ଦା ଯୋଗାଇ ଦେବା ପାଇଁ ଆନୁସଙ୍ଗିକ ପଦକ୍ଷେପ ନେବା ଆବଶ୍ୟକ। ଦାବିପତ୍ର ପ୍ରଦାନ ସମୟରେ ଚନ୍ଦ୍ରମଣି ଭୋଇ, ରମାକାନ୍ତ ଭୋଇ, ଯୁଗେଶ୍ୱର ବିଶି, ମକରଧ୍ୱଜ ପରୁଆ, ରଞ୍ଜିତା ଭୋଇ, ବେଦ ପରୁଆ, ମହାଦେବ ନାଗ, ସାଧୁ ଭୋଇ, ଜଗନ୍ନାଥ ନାଗ, ଭକ୍ତ ସୁନାଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ ।



ବିଡିଓ ନିହାର ରଞ୍ଜନ କହଁରଙ୍କୁ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

- ଡାୟୋଜିନିସ୍

## ସଂକ୍ଷେପରେ

### ଏସ୍‌ପିଙ୍କ କେଜିଏମଏନ ପରିଦର୍ଶନ

ବରଗଡ଼ ଅଫିସ୍/ପାଇକମାଳ, ୨୦।୭ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଅସୁରକ୍ଷିତ ହୋଇ ପଡ଼ିଛି । ଏଠାରେ ଆଶ୍ରୟ ନେଇଥିବା ଶିଶୁମାନେ କେତେବେଳେ ବାହାରକୁ ଖସିଯିବାରେ ସଫଳ ହେଉଛନ୍ତି ତ ଆଉ କେବେ ନାବାଳିକା ଗର୍ଭବତୀ ହେବା ଭଳି ଘଟଣା ପଦାକୁ ଆସୁଛି । ଗତ କିଛିଦିନ ତଳେ ଏଠାରେ ଆଶ୍ରିତ ଜଣେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏହାପରେ ଥାନାରେ ଏତଲା ଦେବା ପରେ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା । ଗିରଫ ପରେ ଅଭିଯୁକ୍ତ ଜଣକ ପଦ୍ମପୁର ସବଜେଲରେ ଅଛନ୍ତି। ଅନ୍ୟପଟେ ଶୁକ୍ରବାର ବରଗଡ଼ ଏସପି ମୁକେଶ କୁମାର ଭାମୁ କେଜିଏମଏନ ପରିଦର୍ଶନରେ ଆସିଥିଲେ ଏବଂ ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କୁ ପଚରାଉଚୁରା କରିଥିବା ସୂଚନା ମିଳିଛି। ଏଠାରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବାବେଳେ ବର୍ତ୍ତମାନ ସୁଦ୍ଧା କେଜିଏମଏନ କର୍ତ୍ତୃପକ୍ଷଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଅପରପକ୍ଷେ ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)ରେ ହାଜର ହେବା ପାଇଁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ କେଜିଏମଏନ ପରିଚାଳକ ତଥା କମିଟିକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

# ଅବ୍ୟବସ୍ଥାରେ ସିନାପାଲି ସଦର ପଞ୍ଚାୟତ

- ଡ୍ରେନେଜ ବ୍ୟବସ୍ଥା ନାହିଁ
- ଘରେ ପଶୁଛି ମଇଳା ପାଣି

ସିନାପାଲି, ୨୦।୭ (ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ସଦର ପଞ୍ଚାୟତର କାପସି ଗ୍ରାମରେ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସନ ନ ହୋଇ ଘରେ ପଶୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଦର ସିନାପାଲି ପଞ୍ଚାୟତର ପ୍ରମୁଖ ଗାଁ ହେଉଛି କାପସି। ୩ଟି ୱାର୍ଡକୁ ନେଇ ଗଠିତ ଗ୍ରାମର ଜନସଂଖ୍ୟା ୪ ହଜାରରୁ ଊର୍ଦ୍ଧ୍ୱ ।

ବର୍ତ୍ତମାନ ବର୍ଷା ଋତୁରେ ଲୋକଙ୍କ ସମସ୍ୟା ଜଟିଳ ହୋଇପଡୁଛି। ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଦୀର୍ଘ ଦିନ ଧରି ଜମା ହୋଇ ରହୁଛି। ଫଳରେ ପରିବେଶ ଦୁର୍ଗନ୍ଧମୟ ହୋଇପଡୁଥିବା ବେଳ ଗାଁରେ ମଶା, ମାଛି ପ୍ରାଦୁର୍ଭାବ ବଢି ଚାଲିଛି। ଏପରି କି ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବାରେ ଆଶଙ୍କା ଦେଖାଦେଇଛି। ସରକାର ସ୍ୱଚ୍ଛ ପରିବେଶ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜନସାଧାରଣଙ୍କୁ ସଚେତନତା କରାଯାଉଛି, ହେଲେ ସିନାପାଲି ସଦରରେ ଏଭଳି ଅବ୍ୟବସ୍ଥା ଜନସାଧାରଣଙ୍କୁ ବ୍ୟଥିତ କରୁଛି।



ପାଣି ନିଷ୍କାସନ ନ ହୋଇ ରାସ୍ତାରେ ଜମି ରହିଛି।

ସମସ୍ୟାର ସମାଧାନ ନେଇ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇଛନ୍ତି। ହେଲେ କେହି ଶୁଣି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଜନପ୍ରତିନିଧିମାନେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନ ନେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ସିନାପାଲି ସହରରେ ମଧ୍ୟ ଡ୍ରେନେଜ ବ୍ୟବସ୍ଥାର ଲୋକେ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମା ହୋଇରହୁଛି । ଫଳରେ ସିନାପାଲି ସହରର ରାବଣଛକ, ଭିଡିଓ ହଲ ଛକ, ତହସିଲ ଅଫିସ ସମ୍ମୁଖ, ଜଗନ୍ନାଥ ଛକ, ପୁରୁଣା ନାକା ଛକ, ବସଷ୍ଟାଣ୍ଡ ଛକରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୁଚିନ୍ତିତ ଯୋଜନା ମାଧ୍ୟମରେ ନୂତନ ଡ୍ରେନେଜ ବ୍ୟବସ୍ଥାର ଆବଶ୍ୟକ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ନୂତନ ଭାବରେ ଯୋଗ ଦେଇଥିବା ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଆଲୋଚନା କରି ସାରିଛି । ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ସେ ପ୍ରକାଶ କରିଛନ୍ତି ।

# ମହିଳାଙ୍କୁ ଏକ ତରଫା ପ୍ରେମ: ଯୁବକ ଗିରଫ

ଭବାନୀପାଟଣା/କୋକସରା, ୨୦।୭(ସ୍ୱ.ପ୍ର/ଡି.ଏନ୍.ଏ.)

ବିବାହିତା ମହିଳାଙ୍କୁ ଏକତରଫା ପ୍ରେମ କରିବା ଯୁବକଙ୍କୁ ମହଙ୍ଗା ପଡିଛି। ମହିଳାଙ୍କୁ ଟଣାଓଟଣା କରିବା ସହ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଆମପାଣି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କାଉଡ଼ୋଲା ଗ୍ରାମର ବସନ୍ତ କୁମାର ସରାବୁ(୩୪)।

ଅଭିଯୋଗ ମୁତାବକ, ବସନ୍ତ ଜଣେ ବିବାହିତା ମହିଳାଙ୍କୁ ଏକତରଫା ପ୍ରେମ କରୁଥିଲେ। ୧୭ ତାରିଖ ସନ୍ଧ୍ୟା ୭ଟାରେ ମହିଳା ଜଣକ ଘରେ ଏକୁଟିଆ ଥିବା ଜାଣି ବସନ୍ତ ତାଙ୍କ ଘରକୁ ଯାଇଥିଲେ। ପରେ ସେ ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ। ହେଲେ ମହିଳା ଜଣକ ମନା କରି ଦେଇଥିଲେ। ବସନ୍ତ ମହିଳାଙ୍କୁ ଟଣାଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ନିଜକୁ ରକ୍ଷା କରିବାକୁ ଯାଇ ଏକ ପାଠ ଫାଳିଆରେ ବସନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ବସନ୍ତଙ୍କ ହାତ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଏନେଇ ମହିଳା ଜଣକ ଥାନାରେ ଏକ ଅଭିଯୋଗ କରିଥିଲେ। ଆମପାଣି ଥାନା ପୋଲିସ ମାମଲା(ନଂ.୫୧/୧୯) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ପୋଲିସ ବସନ୍ତଙ୍କୁ ଗିରଫ କରି ଚିକିତ୍ସା ପରେ ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପୁଷ୍ପାଞ୍ଜଳି ନେଗି ପ୍ରକାଶ କରିଛନ୍ତି।

# ରାସ୍ତା ଉପରେ ବେଆଇନ ପାର୍କିଂ

ବାଉଁଶୁଣୀ, ୨୦।୭ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଦେଇ ଯାଇଥିବା ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ନାନା ଅସୁବିଧା ହେଉଛି । ପ୍ରତ୍ୟେକ ଦୋକାନ ସମ୍ମୁଖ ରାସ୍ତା ଉପରେ ଗାଡି ରଖାଯାଉଥିବାରୁ ରାସ୍ତା ଜାମ ହୋଇଯାଉଛି । ଏଥିଯୋଗୁ ଦୁର୍ଘଟଣା ଘଟୁଥିବାରୁ ସେଠାରେ ବାଉଁଶୁଣୀ ଥାନା ତରଫରୁ ୩ଜଣ କର୍ମଚାରୀଙ୍କୁ ଡ୍ୟୁଟି ଦିଆଯାଇଛି । ଏହି ରାସ୍ତାରେ ସବୁଦିନ ଛୋଟ ଶିଶୁ ସ୍କୁଲକୁ ଯିବା ଆସିବା କରୁଛନ୍ତି। ରାସ୍ତା ଉପରେ ଗେଟି ମାଟି ରଖାଯାଉଥିଲେ ମଧ୍ୟ କାହାର ନଜ ପଡୁନାହିଁ। ତୁରନ୍ତ ବେଆଇନ ପାର୍କିଂ ହଟାଇବାକୁ ଦାବି ହେଉଛି।

# ବେଦାନ୍ତ ମୁଖ୍ୟ ଫାଟକ ସମ୍ମୁଖରେ ମହିଳାଙ୍କ ଧାରଣା

ଲାଞ୍ଜିଗଡ,୨୦।୭(ଡି.ଏନ୍.ଏ.)

ମାର୍ଚ୍ଚ ୧୮ ତାରିଖରେ ବେଦାନ୍ତ କାରଖାନା ମୁଖ୍ୟ ଫାଟକରେ ବେଦାନ୍ତ ସୁରକ୍ଷା କର୍ମୀ (ଓଆଇଏସ୍‌ଏଫ୍ ଯବାନ) ଓ ଜନସାଧାରଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହା କ୍ରମେ ଉଗ୍ର ରୂପ ଧାରଣ କରିଥିଲା। ସୁରକ୍ଷାକର୍ମୀ ଲାଠିଚାର୍ଜ କରିବାକୁ ବାଧ ହୋଇଥିଲେ। ଏଥିରେ ଦାନି ବାତ୍ରା ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏପରି କି ନିଆଁରେ ପୋଡି ଜଣେ ଓଆଇଏସ୍‌ଏଫ୍ ହାବିଲଦାର ମେଜରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା ରୁଜୁ କରିଥିଲା । ବର୍ତ୍ତମାନ ସୁଦ୍ଧା ପୋଲିସ ୨୯ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ କମ୍ପାନୀ ଚାପରେ ପୋଲିସ



ଧାରଣରେ ବସିଥିବା ମହିଳାମାନଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସାଧାରଣ ଲୋକଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରି ହଇରାଣ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଶନିବାର ଛତ୍ରପୁର ଅଞ୍ଚଳର ମହିଳାମାନେ ବେଦାନ୍ତର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇ ମାମଲାର ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଲାଞ୍ଜିଗଡ଼ ଆଇଆଇସି ଚତୁର୍ଭୁଜ ନାଏକ, ବିଶ୍ୱନାଥପୁର ଆଇଆଇସି କାହ୍ନୁଚରଣ ସ୍ୱାଇଁ, ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ ଆନ୍ଦୋଳନକାରୀ ମହିଳାଙ୍କ

## ଗିରଫଦାରି ପ୍ରତିବାଦ

ସହ ଆଲୋଚନା କରିଥିଲେ। ହେଲେ ମହିଳାମାନେ ମାମଲା ପ୍ରତ୍ୟାହର କରିବାକୁ ଅଡି ବସିଥିଲେ। ପରେ ବେଦାନ୍ତ ପକ୍ଷରୁ ମାନବସମ୍ବଳ ଅଧିକାରୀ ହେମନ୍ତ ଭାଟିଆ, ଜନସମ୍ପର୍କ ଅଧିକାରୀ ଶିବଦତ୍ତ ମିଶ୍ର, ଆଲୋକ ଗୟା, ଶେଷଦେବ ପଣ୍ଡା ପ୍ରମୁଖ ଆସି ଆନ୍ଦୋଳନକାରିମାନଙ୍କୁ ବୁଝାଶୁଝା କରିଥିଲେ। ଅତିରିକ୍ତ ଏସ୍‌ପି ଗୋପୀନାଥ ମଣିପାତ୍ର ପହଞ୍ଚି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ।

- ଗୋଡ଼ରେ ଶିକୁଳି ବନ୍ଧା

# ଅନ୍ଧକାର କୋଠରିରେ ବିତୁଛି ଜୀବନ

ଭବାନୀପାଟଣା/ଜୟପାଟଣା, ୨୦।୭(ସ୍ୱ.ପ୍ର/ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରଣମାଳ ପଞ୍ଚାୟତ ଭୁର୍ସିଗୁଡ଼ା ଗ୍ରାମର ପ୍ରସନ୍ନ ଖର୍ସେଲ (୩୦)। ବର୍ଷେ ହେଲା ସେ ଅନ୍ଧାର କୋଠରିରେ ଶିକୁଳିରେ ବନ୍ଧାହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ବର୍ତ୍ତମାନ ବୃଦ୍ଧ ବାପା ଗୋପ ଓ ପ୍ରସନ୍ନଙ୍କ ସ୍ତ୍ରୀ ପତ୍ନୀ ପଦ୍ମା ତାଙ୍କ ପାଇଁ ସାହାର ପାଲଟିଛନ୍ତି। ୨ବର୍ଷ ତଳେ ପ୍ରସନ୍ନଙ୍କୁ ଜ୍ୱର ହୋଇଥିଲା। ହେଲେ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରସନ୍ନଙ୍କ ମାନସିକ ସ୍ଥିତି ଦିନକୁ ନ ଦିନ ବିଗିଡ଼ିବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ସେ ମାନଶିକ ଭାରସାମ୍ୟ ହରାଇ ଲୋକଙ୍କୁ ଗୋଡାଇ ମାରିବାକୁ ଉଦ୍ୟମ କରିଥିଲେ। ଏପରିସ୍ଥଳେ ପରିବାର ଲୋକେ ଘରେ ଥିବା ସୁନା, ଗହଣା, ବାସନକୁଶନ ବନ୍ଧା ପକାଇ ପ୍ରଶନ୍ନଙ୍କ ଚିକିତ୍ସା କରାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ପରେ ପ୍ରସନ୍ନ ମାନସିକ ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ। ଗତ ୯ ବର୍ଷ ତଳେ ପ୍ରସନ୍ନ ବିବାହ କରିଥିଲେ । ଏବେ ତାଙ୍କର ଦୁଇ ପୁଅ ଅଛନ୍ତି। ପଞ୍ଚାୟତ ପକ୍ଷରୁ ବୃଦ୍ଧ ବାପାଙ୍କୁ ମାସକୁ ମିଳୁଥିବା ୫ଶହ ଟଙ୍କା ଭର୍ତ୍ତା ଓ ୨୫ କି.ଗ୍ରା. ଚାଉଳରେ ପରିବାର ଚଳୁଛି। ସେହିପରି ପ୍ରଶନ୍ନଙ୍କ ସ୍ତ୍ରୀ ପଦ୍ମା ପ୍ରତିଦିନ ମୂଲମଜୁରୀ ଲାଗି ଯାହା କିଛି ପାଉଛନ୍ତି ପରିବାର ଚଳାଇବାରେ ସାହାର୍ଯ୍ୟ କରୁଛନ୍ତି। ହେଲେ ପରିବାର ଚଳିବା କଷ୍ଟକର ହୋଇପଡିଥିବା ବେଳେ ରୋଗାଗ୍ରସ୍ତ ସ୍ୱାମୀଙ୍କ ଚିକିତ୍ସା କଥାକୁ କିଏ ପଚାରେ। ବର୍ତ୍ତମାନ ପ୍ରସନ୍ନଙ୍କୁ ଲୁହା ଶିକୁଳିରେ ବନ୍ଧାଯାଇ ଏକ ଅନ୍ଧାର କୋଠରିରେ ରଖାଯାଇଛି। ପ୍ରସନ୍ନଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଆବଶ୍ୟକ ହୋଇପଡିଛି। ଏ



ପ୍ରଶନ୍ନ ଖର୍ସେଲ ।

- ପ୍ରଶନ୍ନଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ
- ସାହାରା ପାଲଟିଛନ୍ତି ବୃଦ୍ଧ ବାପା, ସ୍ତ୍ରୀ

ନେଇ ଜୟପାଟଣା ବିଡିଓ ଐଶ୍ୱର୍ଯ୍ୟ ସାମନ୍ତରାୟଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଚିକିତ୍ସା ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

### ଅଧମୁଣ୍ଡା ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା

# ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ବିଦ୍ୟାଳୟ ପରିଦର୍ଶନ

## ପ୍ରଧାନ ଶିକ୍ଷକ ନିଲମ୍ବିତ

କେସିଙ୍ଗା, ୨୦।୭ (ଡି.ଏନ.ଏ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଅଧମୁଣ୍ଡା ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ଛାତ୍ର ଆଶିଷ ମାଝିଙ୍କ ମୃତ୍ୟୁ ଘଟଣାକୁ ନେଇ ଓଡିଶା ଶୀଶୁ ସୁରକ୍ଷା ଆୟୋଗ ଅଧକ୍ଷା ପଦ୍ମାବତୀ ପ୍ରଧାନ ଶନିବାର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସ୍କୁଲର ଅବ୍ୟବସ୍ଥାକୁ ଦେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅଧକ୍ଷା ମୃତ ଛାତ୍ର ଆଶିଷଙ୍କ ଘର ଥୁଆମୂଳ ରାମପୁର ବ୍ଲକ କଳାପାଟ ପଞ୍ଚାୟତ ଅଧୀନ ଖୁଲାଣ୍ଡି ଗ୍ରାମକୁ ଯାଇଥିଲେ। ସେ ପରିବାର ଲୋକଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଅତିରିକ୍ତ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଛାତ୍ରଙ୍କ ଚିକିତ୍ସାରେ ଅବହେଳା କରିଥିବା ଅଭିଯୋଗରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନଂ. ୨୪୫୪/ ତାରିଖ ୧୮।୭।୨୦୧୯ରେ ସ୍କୁଲର ପ୍ରଧାନ ଶିକ୍ଷକ ଅଗସ୍ତି ସାହୁଙ୍କୁ ନିଲମ୍ବିତ କରାଯାଇଛି। ଚିଠି ନଂ. ୨୪୫୧ରେ ପ୍ରଧାନ ଶିକ୍ଷକ ଅଗସ୍ତିଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପଦବୀରୁ ମଧ୍ୟ କାଢ଼ି ଦିଆଯାଇଥିବା ଜିଲା ମଙ୍ଗଳ ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି।

# ଲାଞ୍ଜିଗଡ଼ରେ ସ୍ୱାସ୍ଥ୍ୟ ଶିବିର

ଭବାନୀପାଟଣା,୨୦।୭(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ପକ୍ଷରୁ ହରେକୃଷ୍ଣପୁରଠାରେ ଏକ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ୫ ଜଣିଆ ଡାକ୍ତରୀ ଦଳ ୩୦୨ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଏହି ଅବସରରେ ବେଦାନ୍ତ ଲାଞ୍ଜିଗଡ଼ ୟୁନିଟ୍‌ର ସିଓଓ ରାକେଶ ମୋହନ ଜନସାଧାରଣଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା,୨୦।୭(ଡି.ଏନ୍.ଏ.)

ବିମ୍ବାଧର ନୋଡ଼ାଲ ଉଚ୍ଚବିଦ୍ୟାଳୟ ଅଧୀନ ଇକୋକ୍ଲବ ଅନୁକୂଲ୍ୟରେ ପ୍ରଧାନ ଶିକ୍ଷକ ବାହାଦୁର ସାଗରଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମଧୁସ୍ମିତା ପ୍ରଧାନ ଉପସ୍ଥିତ ଥିବାବେଳେ ସମାଜିକ କର୍ମୀ ବାଣିଭୂଷଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁବଳ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର କୁମାର ନାଗ, ସୁଶାନ୍ତ କୁମାର ପ୍ରଧାନ, ବୀର ନାଏକ, ତରୁଣ କୁମାର ମହାରଣା, ଶିକ୍ଷୟିତ୍ରୀ ସୁକାନ୍ତୀ ପାଢୀ, ଅଞ୍ଜଳୀ ଭୋଇ, ସ୍ୱପ୍ନା ସେଠୀ, ବୈଦନାଥ ପ୍ରଧାନ, ବ୍ରଜ କିଶୋର ପ୍ରଧାନ, ମହାଦେବ ବାଗ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି।

# ସମସ୍ୟା ଘେରରେ ଅଧମୁଣ୍ଡା ଆବାସିକ ଉଚ୍ଚ ବିଦ୍ୟାଳୟ

କେସିଙ୍ଗା,୨୦।୭(ଡି.ଏନ.ଏ.)

ଶିକ୍ଷାର ବିକାଶ ପାଇଁ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଅଧମୁଣ୍ଡା ଗ୍ରାମର କୁମରମଣି ମାଝି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଭେଟି ଦାବି ଜଣାଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶତପଥୀଙ୍କ ନିର୍ଦ୍ଦେଶ ମୁତାବକ ୧୯୭୫ରେ ଅସ୍ଥାୟୀ ଭାବେ ଅଧମୁଣ୍ଡା ଗ୍ରାମରେ ଏକ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ପରେ ୧୯୯୦ ଜୁଲାଇ ୧୦ତାରିଖରେ ସ୍ଥାୟୀ ଭାବେ ଆବଶ୍ୟକ ଶ୍ରେଣୀ ଗୃହ, ଛାତ୍ରୀଛାତ୍ରଙ୍କ ହଷ୍ଟେଲ ନିର୍ମାଣ ହୋଇ ଶିକ୍ଷାଦାନ ପ୍ରଦାନ କରାଯାଉଛି। ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀରେ ୧୯୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୬ଷ୍ଠରୁ ୧୦ମ ଶ୍ରେଣୀରେ ୨୮୪ ଜଣ ଛାତ୍ରୀଛାତ୍ର ଏହିପରି ମୋଟ ୪୭୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ଆଦିବାସୀ ବାଳକ ୧୧୯ଜଣ, ଆଦିବାସୀ ଝିଅ ୧୪୧ଜଣ, ୩୦ ଜଣ ହରିଜନ ବାଳକ,



ସ୍କୁଲ ସଭାପତି ଓ ପ୍ରତିଷ୍ଠାତା ବିଦ୍ୟାଳୟ ପରିସରରେ ବୁଲି ଦେଖୁଛନ୍ତି।

- ଛାତ୍ରୀଛାତ୍ରମାନଙ୍କୁ ମିଳୁନି ଜଳଖିଆ
- ବାସି ଭାତ, ତରକାରି ଦିଆଯାଉଥିବା ଅଭିଯୋଗ

୨୯ଜଣ ହରିଜନ ବାଳିକା ପଢୁଛନ୍ତି। ହେଲେ ବିଦ୍ୟାଳଟି ବର୍ତ୍ତମାନ ବିଭିନ୍ନ ସମସ୍ୟା ଘେରରେ ରହିଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ହଷ୍ଟେଲରେ ଆବଶ୍ୟକ ମୁତାବକ ଫଙ୍ଖା ଲାଗି ନ ଥିବା ବେଳେ ବହୁ କଷ୍ଟରେ ଛାତ୍ରୀଛତ୍ରମାନେ ରହିଛନ୍ତି। ଏପରି କି ଛାତ୍ରୀଛାତ୍ରମାନଙ୍କୁ ସକାଳେ ଜଳଖିଆ ଦିଆଯାଉ ନ ଥିବା ବେଳେ ବାସି ଭାତ ଏବଂ ତରକାରୀ ଦିଆଯାଉ ଥିବା ଅଭିଯୋଗ ହୋଇଛି। ଏପରିକି ବିଦ୍ୟାଳୟରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉ ନ ବଳକା ଖାଦ୍ୟକୁ ଏଣେତେଣେ ଫିଙ୍ଗାଯାଉଛି। ଫଳରେ ବିଦ୍ୟାଳୟ ଚତୁଃପାର୍ଶ୍ୱ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନେ ବ୍ୟବହାର କରୁଥିବା ଶୌଚାଳୟ ମଧ୍ୟ ଅପରିଷ୍କାର ହୋଇ ପଡିରହିଛି। ଏନେଇ ଛାତ୍ରୀଛାତ୍ରମାନେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବିକରୁଥିବା ବେଳେ ତାଙ୍କୁ ଧମକଚମକ ଦିଆଯାଉଥିବା ଜଣାପଡିଛି। ଶିକ୍ଷା କମିଟି ସଭାପତି ଝସକେତନ ବେମାଲ ଏବଂ ସ୍କୁଲର ପ୍ରତିଷ୍ଠାତା କୁମରମଣୀ ମାଝି ବିଭିନ୍ନ ସମସ୍ୟାର ସମାଧାନ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ସମସ୍ୟା ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ। କାର୍ଯ୍ୟରେ ଅବହେଳା କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।

- ରବୀନ୍ଦ୍ରନାଥ ଠାକୁର



## ସଂକ୍ଷେପରେ

### ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣାକୁ ତୁଷୁରା ସାମ୍ବାଦିକ ସଂଘର ନିନ୍ଦା

ଗୁଡ଼ଭେଲା,୨୦।୭ (ଡି.ଏନ.ଏ.)- ବଲାଙ୍ଗୀର ଜିଲା ତୁଷୁରା ହାଟପଦାଠାରେ ଶନିବାର ତୁଷୁରା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ସଂଘ ସଭାପତି ମନୋଜ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଦିନକୁ ଦିନ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି । ପାଟକୁରା ଉପନିର୍ବାଚନ ପ୍ରଚାର ସମୟରେ ଏକ ଟିଭି ଚ୍ୟାନେଲ ଖବରଦାତାଙ୍କୁ କେନ୍ଦ୍ରାପଡା ଏସପି ନୀତି ଶେଖର ମାଡ ମାରିବା ପାଇଁ ହାତ ଉଠାଇବା ଓ ସମ୍ବଲପୁର ଧନୁପାଲି ଥାନା ଅଧିକାରୀ କମଳଲୋଚନ ପଣ୍ଡା ଏକ ବୈଦୁତିକ ଗଣମାଧ୍ୟମ ଖବରଦାତାଙ୍କୁ ଧକ୍କା ମାରିବା ଘଟଣାର ନିନ୍ଦା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ବିନୋଦ ସୁନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସୁନୀଲ ଜୈନ,ଶରତ ପ୍ରଧାନ, ସଙ୍ଗୀତ ଜୈନ, ଦୈତାରୀ ଆଚାର୍ଯ୍ୟ, ପଞ୍ଚାନନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମନୀଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଶ୍ରାବଣରେ ବି ବର୍ଷା ନାହିଁ

# ଆଗେଇ ପାରୁନି ଚାଷକାର୍ଯ୍ୟ

ଦେଓଗାଁ, ୨୦।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଚଳିତ ବର୍ଷ ଖରିଫ ଧାନ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଅସ୍ୱାଭାବିକ ବର୍ଷା ଯୋଗୁ ବୁଣାଧାନ ବେଉଷୁଣ ହୋଇ ପାରିନାହିଁ। ଅପରପକ୍ଷରେ ଜୁନ ଓ ଜୁଲାଇ ମାସରେ ସ୍ୱଳ୍ପ ବୃଷ୍ଟିପାତ ପରେ ଚାଷୀମାନେ ପକାଇଥିବା ପହ୍ଲାଘାରୀ ମାଟି ଫାଟି ଆଁ କଲାଣି । ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଆଉ କିଛିଦିନ ମଧ୍ୟରେ ଆବଶ୍ୟକ ବର୍ଷା ନ ହେଲେ ପ୍ରାୟତଃ ଚାଷୀଙ୍କ ଧାନଚାଷ ସମ୍ପୂର୍ଣ୍ଣରୂପେ ଉଜୁଡିଯିବା ଆଶଙ୍କା ସୃଷ୍ଟି କରିଛି।

ବ୍ଲକର ଚାଷୀମାନେ ଧାନଚାଷ ପାଇଁ ଋତୁ ଆରମ୍ଭରୁ ଖେତ ପ୍ରସ୍ତୁତ କରି ଧାନବୁଣି ଥିଲେ। ତଳିଘେରା ପ୍ରସ୍ତୁତ କରି ପହ୍ଲା ବି ପକାଇଥିଲେ । ବର୍ତ୍ତମାନ ବେଉଷଣ ସମୟ ହୋଇଥିବା ବେଳେ ବର୍ଷା ନ ହେବାରୁ ପ୍ରାୟ ଜମିରେ ଗଜା ମରୁଡି ଦେଖାଦେଇଛି । କେତେକ ଚାଷୀ ନିକଟସ୍ଥ ବନ୍ଧ ଅବା କୂଅରୁ ପାଣି ମଡାଇ ପହ୍ଲାକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଏଣୁ କିଛି ଦିନ ମଧ୍ୟରେ ବର୍ଷା ନ ହେଲେ ସମଗ୍ର ବ୍ଲକରେ ଶତପ୍ରତିଶତ ଗଜା ମରୁଡି ହୋଇଯିବା ନିଶ୍ଚିତ ମନେ ହେଉଛି। ଗତବର୍ଷ ଏହି ବ୍ଲକର ଚାଷୀଙ୍କ ଧାନ ଫସଲ ପ୍ରଥମେ ପେଥାଇ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଚକଡା ପୋକ ଲାଗିଲା। ପରେ ଯାହା କିଛି ବଞ୍ଚିଥିଲା ତାହା ଅଦିନିଆ ବର୍ଷାରେ ଧୋଇ ହୋଇଗଲା। ସ୍ଥିତି ଏପରି ଥିବାବେଳେ କୃଷି ଓ ରାଜସ୍ୱ ବିଭାଗର ତ୍ରୁଟିପୂର୍ଣ୍ଣ ଆକଳନ ଚାଷୀଙ୍କୁ ଦୁର୍ଗତି ମଧ୍ୟକୁ ଟାଣିନେଲା। ବ୍ଲକର ୭୦ପ୍ରତିଶତ ଗାଁ ର ଚାଷୀ ମରୁଡି ସହାୟତାରୁ ବଞ୍ଚିତ ରହିଲେ। ଯେଉଁ ଗାଁର ଚାଷୀମାନେ ମରୁଡି ଘୋଷିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ମଧ୍ୟ ଅନେକ ଚାଷୀ ବିଭାଗୀୟ ଅବହେଳା ଯୋଗୁଁ ଏପର୍ଯ୍ୟନ୍ତ ସହାୟତା ରାଶି ପାଇ ପାରି ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଚଳିତବର୍ଷ ମରୁଡ଼ିର ପଦଧ୍ୱନୀ ଦେଖାଯିବା ପରେ ମଧ୍ୟ ଅନେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା କରିବାରେ ଦ୍ୱିଧା ମନେ କରୁଥିବା ଦେଖାଯାଇଛି । ଚଳିତବର୍ଷ ବ୍ଲକରେ ୧୦ହଜାର୫୫୦ ହେକ୍ଟର ଚାଷଜମିରେ ଧାନଚାଷ କରାଯିବାର ଲକ୍ଷ୍ୟ ରହିଛି। ଏଥିମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୬୮ ହେକ୍ଟର ଚାଷ ଜମିରେ ବୁଣାବୁଣି ହୋଇଥିବା ବେଳେ ୨୪୫ ହେକ୍ଟର ଜମିରେ ତଳିଘେରା ଅର୍ଥାତ ବିହନ ପହ୍ଲା ପକାଯାଇଥିବା ବିଭାଗୀୟ ଅଧିକାରୀଙ୍କଠୁ ଜଣାପଡିଛି। ଗତବର୍ଷ ବୃଷ୍ଟିପାତ ରେକର୍ଡକୁ ଅନୁଧ୍ୟାନ କଲେ ଜୁନ ଓ ଜୁଲାଇ ମାସରେ ଗତବର୍ଷଠାରୁ ୫୦ପ୍ରତିଶତ ବୃଷ୍ଟିପାତ କମ୍ ହୋଇଥିବାରୁ ଚାଷର ଭବିଷ୍ୟତକୁ ନେଇ ଚାଷୀ ଏବେ ଘୋର ଚିନ୍ତାରେ ଦିନକାଟୁଥିବା ଦେଖାଯାଉଛି । ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ଚଳିତବର୍ଷ ବର୍ଷାଭାବରୁ ବ୍ଲକରେ ଗଜାମରୁଡି ଦେଖାଦେଲାଣି। ସପ୍ତାହକୁ ମଧ୍ୟରେ ଚାଷ ଉପଯୋଗୀ ବର୍ଷା ନ ହେଲେ ସାରା ବ୍ଲକରେ ଗଜାମରୁଡି ହେବା ସୁନିଶ୍ଚିତ। ଆମେ ସମସ୍ତ ଅଞ୍ଚଳକୁ ଯାଇ ଅନୁଧ୍ୟାନ କରୁଛୁ। ଉଭୟ କୃଷି ଓ ରାଜସ୍ୱ ବିଭାଗର ଯୁଗ୍ମ ତଦନ୍ତ ରିପୋର୍ଟ ସରକାରଙ୍କୁ ପଠାଇବୁ ବୋଲି କହିଛନ୍ତି।

### ଚାଷୀମାନେ ଯାହା କୁହନ୍ତି...



ଶୁଖିଲା ପଡ଼ିଛି ଧାନ ବିଲ।



"ଦେଓଗାଁ ବ୍ଲକରେ କିଛିବର୍ଷ ହେଲା ପ୍ରାୟତଃ ମରୁଡି ଦେଖାଦେଉଛି। ଫଳରେ କୃଷକଙ୍କ ଆର୍ଥିକ ମାନଦଣ୍ଡ ଭାଙ୍ଗିପଡିଛି।

–ମାଲି ମେଶ୍ରା, ବାକିଆଁମୁଣ୍ଡା



"ବ୍ଲକର ଅନେକ ଚାଷୀଙ୍କ କ୍ଷେତକୁ ଗଭୀର ନଳକୂପ ଲାଗିଥିଲେ ମଧ୍ୟ ବିଦ୍ୟୁତ ଯୋଗାଣ କରାଯାଉ ନାହିଁ। ଏଭଳି ସମୟରେ ପହ୍ଲାକୁ ବଞ୍ଚାଇବା କଷ୍ଟ ହୋଇଛି ।

–କାମଦେବ ପଧାନ, କରୁଆଁଝର



"ମରୁଡି ଦେଖାଦେଲେ ମଧ୍ୟ ବିଭାଗୀୟ ଆକଳନରେ ତ୍ରୁଟି ଯୋଗୁଁ ଏଠାକାର ଚାଷୀମାନେ ସରକାରୀ ସହାୟତାରୁ ବଞ୍ଚିତ ରହୁଛନ୍ତି।

–ବେଣୁ ଦଲା, ଦେଓଗାଁ



"ସୋନଗଡ ନଦୀରେ ବ୍ୟାରେଜ ସହ ଚାଷୀଙ୍କୁ ଶତପ୍ରତିଶତ ଗଭୀର ନଳକୂପ ଯୋଜନାରେ ସାମିଲ କରି ସୋଲାର ପମ୍ପ ଯୋଗାଇ ଦେଲେ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ।

–ବଳିଷ୍ଟ ବାଗ ଚାଷୀ କରୁଆଁଝର

### ଦେଓଗାଁ ବ୍ଲକ

- ଗଜା ମରୁଡି ଆଶଙ୍କା
- ପହ୍ଲାଘାରୀରେ ମାଟିଫାଟି ଆଁ କଲାଣି
- ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ସ୍ଥିତି ସଙ୍ଗୀନ ହେବ

## ଟାଉନ୍ ଥାନାରୁ ଅଭିଯୁକ୍ତଙ୍କ ଚମ୍ପଟ ଉଦ୍ୟମ

ବଲାଙ୍ଗୀର ଅଫିସ, ୨୦।୭

ବଲାଙ୍ଗୀର ଟାଉନ୍ ଥାନା ପରିସରରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରୁଥିଲେ। ତେବେ ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ସମ୍ପୃକ୍ତ ଅଭିଯୁକ୍ତ ପୋଲିସ ହାତରେ ଧରାପଡିଥିଲେ। ଶନିବାର ସକାଳେ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଓପିଡି ଭିତରେ ଦୁଇ ଜଣ ଯୁବକ ଶୋଇଥିବା ଦେଖାଯାଇଥିଲା । ସମ୍ପୃକ୍ତ ଦୁଇ ଯୁବକ ହସପିଟାଲ ଓପିଡିର କବାଟ ଖୋଲି ଶୁକ୍ରବାର ରାତିରେ ପଶି ସେଠାରେ ନିଶାସକ୍ତ ଅବସ୍ଥାରେ ଶୋଇପଡିଥିଲେ । ଶନିବାର ସକାଳୁ ଓପିଡିକୁ ଗଲାବେଳେ ଜଣେ ଡାକ୍ତର ଓପିଡି ଖୋଲାଥିବା ଦେଖିବାକୁ ପାଇଥିଲେ ଓ ଭିତରେ ଉକ୍ତ ଦୁଇ ଜଣ ଯୁବକ ଶୋଇଥିବା ଦେଖିବାକୁ ପାଇଥିଲେ । ଏନେଇ ଟାଉନ୍ ଥାନା ପୋଲିସକୁ ଖବର ଦିଆଯାଇଥିଲା ।

ପୋଲିସ ଘଟଣାସ୍ଥଳକୁ ଆସି ଅଭିଯୁକ୍ତଦ୍ୱୟଙ୍କୁ ନେଇଥିଲେ । ସେମାନଙ୍କୁ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳର ପଞ୍ଚାନନ ସାହୁ ଓ ଡୁଙ୍ଗରିପାଲି ଅଞ୍ଚଳର ପାରଶ ଅଗ୍ରୱାଲ ବୋଲି ଚିହ୍ନଟ କରାଯାଇଥିଲା । ଶନିବାର ମେଡିକାଲ ଟେଷ୍ଟ କରିବା ପାଇଁ ଉକ୍ତ ଦୁଇ ଜଣଙ୍କୁ ନିଆଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ପଞ୍ଚାନନ ଟାଉନ୍ ଥାନାରୁ ଦୌଡି ପଳାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ପୋଲିସ ଫୋର୍ସ ତାଙ୍କୁ ଗୋଡାଇ ପୁରୁଣା ରାଜବାଟୀ ନିକଟରେ କାବୁ କରିଥିଲେ । ଏ ନେଇ ଏକ ମାମଲା (ନଂ.୩୫୭/୧୯) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ।

## କୃଷକ ଦକ୍ଷତା ତାଲିମ ଶିବିର

ଗୁଡ଼ଭେଲା,୨୦।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ଅଗ୍ରସେନ ଭବନରେ ଶନିବାର କୃଷକ ଉତ୍ପାଦକ ସଂଗଠନ ନିର୍ଦ୍ଦେଶକ ମାନଙ୍କର ଦକ୍ଷତା ବିକାଶର ଏକ ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ନାର୍ବାଡ ସହାୟତା ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ରିହାଇ ପକ୍ଷରୁ ଆୟୋଜିତ ଉକ୍ତ ଶିବିରକୁ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅଞ୍ଚଳର ସମସ୍ତ ଚାଷ ଜମିକୁ ଜଳସେଚିତ କରାଯାଇ କୃଷକଙ୍କ କିପରି ଉନ୍ନତି କରାଯାଇ ପାରିବ ସେ ନେଇ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ରିହାଇ ନିର୍ଦ୍ଦେଶକ ରୁଣୁଗୋପାଳ ସାହୁଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ନାର୍ବାଡର ଜିଲା ପ୍ରବନ୍ଧକ ଲକ୍ଷ୍ମଣ ସାଏ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର୍ଥିକ ସାକ୍ଷରତା ସଂଯୋଜକ ଓମପ୍ରକାଶ ମୁଣ୍ଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡି ଯୁବାମଞ୍ଚର ସଭାପତି ମନୋଜ ଜୈନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେଓଗାଁ, ଗୁଡଭେଲା ଓ ସଇଁତାଲା ବ୍ଲକର ପ୍ରାୟ ୫୦ ଜଣ କୃଷକ ଭାଗ ନେଇଥିଲେ। ୨୦ଜଣ କୃଷକ ନିର୍ଦ୍ଦେଶକ ତିନି ଦିନ ପାଇଁ ଭବାନୀପାଟଣାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସହଭାଗୀ ଅଭିଯାନ ତାଲିମ କେନ୍ଦ୍ରରେ ତାଲିମ ନେବେ ବୋଲି ରିହାଇ ମୁଖ୍ୟ କାର୍ଯ୍ୟନିର୍ବାହୀ କଲ୍ୟାଣ ସାହୁ ପ୍ରକାଶ କରିଥିଲେ ।

## ଫଟୋରେ ଖବର



ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ବଜାର ଇଣ୍ଡିଆ ସମ୍ମୁଖ ଜବରଦଖଲ ଉଚ୍ଛେଦ କରାଯାଇଛି । (ଫଟୋ–ସୁନୀଲ)

## ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ

ମୁରିବାହାଲ, ୨୦।୭ (ଡି.ଏନ.ଏ)

ମୁରିବାହାଲ ପଞ୍ଚାୟତ ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ପୀତବାସ ସାହୁଙ୍କ ସଭାପତିତ୍ୱରେ ଏକ ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆ, ବଙ୍ଗୋମୁଣ୍ଡା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଲୋକନାଥ ମେହେର, ବଙ୍ଗୋମୁଣ୍ଡା ବ୍ଲକ ବିଜ୍ଞାନ ସଂଯୋଜକ ଗଣପତି ସାହୁ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ଷ୍ଟିଫେନ ନାଗଙ୍କୁ ମୁରିବାହାଲ ବ୍ଲକ ସଂଯୋଜକ ମନୋନୀତ କରାଯାଇଥିଲା। ବିଦ୍ୟାଳୟରେ ଖୋଜ ସଂସ୍ଥା ଦ୍ୱାରା ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି ତଥା ଅନ୍ଧବିଶ୍ୱାସ ଦୂରୀକରଣ ନିମନ୍ତେ ଅନେକଗୁଡିଏ ଯାଦୁ ପ୍ରଦର୍ଶନ କରାଯାଇଥିଲା। ଖୋଜ ଟିମ୍‌ର ସଦସ୍ୟ ଆମ୍ରପାଲି ବିଜ୍ଞାନ ଶିକ୍ଷକ ଅନୀଲ ନନ୍ଦ, ଲୁଇସିଂହା ହିନ୍ଦୀ ଶିକ୍ଷକ ଅଶ୍ୱିନୀ ଷଡଙ୍ଗୀ, ବୁର୍ଡା ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ଡୁଙ୍ଗୁରିପାଲି ସହକାରୀ ଶିକ୍ଷକ ବିଶ୍ୱଜିତ ପଧାନ, ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଭକ୍ତଚରଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜ୍ଞାନ ଶିକ୍ଷକ ଅଶୋକ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୭ ବର୍ଷରୁ କମ୍ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର

## ଅଂଶଗ୍ରହଣ କଲେ ୫୦ପ୍ରତିଯୋଗୀ

ଲୋଇସିଂହା,୨୦।୭ (ଝଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମଠାରେ ୧୭ବର୍ଷରୁ କମ୍ ବ୍ଲକସ୍ତରୀୟ ଫୁଟବଲ ଖେଳାଳି (ସ୍କୁଲସ୍ତରୀୟ) ଚୟନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକସ୍ତରରେ ଚୟନ ୧୫ ଜଣିଆ ଖେଳାଳି ଅସନ୍ତା ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ମିଶନ ପଡିଆରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଲୋଇସିଂହା ବ୍ଲକର ୨୨ଟି ହାଇସ୍କୁଲରୁ ଚୟନ ଶିବିରରେ ଭାଗ ନେଇଥିବା ୫୦ଜଣ ପ୍ରତିଯୋଗୀ ଏବଂ କ୍ରୀଡା ଶିକ୍ଷକଙ୍କ ଉପସ୍ଥିତିରେ ହରେକୃଷ୍ଣ ମହତାବ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସାଏରା ବାନୁ କ୍ରୀଡା ପତାକା ଉତ୍ତୋଳନ କରି ଚୟନ ଶିବିର ଉଦଘାଟନ କରିଥିଲେ। ପରେ କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ମେହେରଙ୍କ ତତ୍ତ୍ୱାବଧାନରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦକ୍ଷ ୧୫ ଜଣ ଖେଳାଳିଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ବଛାଯାଇଥିଲା। ଟିମ ମ୍ୟାନେଜର ସତ୍ୟନାରାୟଣ ପଟେଲ, କୋଚ ରାଜେଶ ସାହୁ ୧୫ ଜଣିଆ ଦଳର ନେତୃତ୍ୱ ନେବେ । କରବୀ ଚାଟାର୍ଜି, ଦୁର୍ବାଦଳ ବାଗ, ନାରାୟଣ ପଣ୍ଡା ପ୍ରମୁଖ କ୍ରୀଡା ଶିକ୍ଷକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



୧୭ବର୍ଷରୁ କମ୍ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିରରେ ଭାଗନେଇଥିବା ପ୍ରତିଯୋଗୀ।

## ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବନ ମହୋତ୍ସବ

ଟିକ୍ରାପଡା, ୨୦।୭ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଇକେଡା ପଞ୍ଚାୟତ ଅଧିକ କମରଲଗାସ୍ଥିତ ମୁନ୍ନାଧର ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ବାଗ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସତ୍ୟନାରାୟଣ ସାହୁ, ପ୍ରମୋଦ ସେଲମା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ସାଧନ ସଂଯୋଜକ ସରୋଜ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପରିବେଶର ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବାକୁ ଅତିଥିମାନେ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷୟିତ୍ରୀ ପୂଜା ଜୈନ, କରିଷ୍ମା ବରାର୍ଡୀ, ମଧୁସ୍ମିତା ବାରିକ, ପ୍ରଭାତୀ ହରପାଲ, ସଙ୍ଗୀତା ଦୀପ, ଦୀପ୍ତି ମୁନା, ସିଦ୍ଧାନ୍ତ ରଣା, କୌତୁକ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ଗୋଷ୍ଠୀ ଥାନାର ଦ୍ୱାରସ୍ଥ

ଦେଓଗାଁ,୨୦।୭ (ଡି.ଏନ.ଏ.)

### ମଦବିକ୍ରି ବନ୍ଦ ଦାବି

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ମହାକୁରପାଲି ଗ୍ରାମର ମହିଳା ଗୋଷ୍ଠୀ ଗାଁରେ ମଦବିକ୍ରି ବନ୍ଦ କରିବା ଦାବି କରି ଶନିବାର ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଗ୍ରାମରେ ଅବାଧ ମଦ କାରବାର ଯୋଗୁ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ଅଞ୍ଚଳର ଗରିବ ପରିବାରଗୁଡିକ ମଦପିଇ ସର୍ବସ୍ୱାନ୍ତ ହେଉଛନ୍ତି। ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସମ୍ପୃକ୍ତ ବେପାରୀଙ୍କୁ ମନା କରିବା ସତ୍ତ୍ୱେ ଉଡାର ଓ ମାହାକୁରପାଲିର ଦୁଇଜଣ ମଦକୁଟିଆ କାହାରି କଥା ନ ମାନି ପ୍ରତିଦିନ ମଦ ବିକ୍ରୀ କରୁଛନ୍ତି । ଏହାକୁ ନେଇ ଗାଁରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ଗାଁରେ ଏକ ବୈଠକ କରି ସର୍ବସମ୍ମତିକ୍ରମେ ପୋଲିସର ସହାୟତା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା। ପରେ ଅପରାହ୍ନରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଥାନାକୁ ଆସି ଗାଁରେ ମଦ ବିକ୍ରୀ ବନ୍ଦ କରିବା ସହ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ପୋଲିସର ସହାୟତା ମାଗି ଥାନା ଅଧିକାରୀ ଲୋକନାଥ ଭୋଇଙ୍କୁ ଲିଖିତ ଭାବେ ଜଣାଇଥିଲେ । ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଗାଁକୁ ଯାଇ ଯାଇ ମଦ କୁଟିଆଙ୍କ ଉପରେ ଚଢ଼ାଉ କରିଥିଲା । ଡିଲେଶ୍ୱର ମାହାକୁର ନାମକ ଜନୈକ ବ୍ୟକ୍ତିଙ୍କୁ ମଦବିକ୍ରୀ ଅଭିଯୋଗରେ ଗିରଫ କରାଯାଇଛି। ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଭୋଇ ସୂଚନା ଦେଇଛନ୍ତି।




ମଦବିକ୍ରି ବନ୍ଦ ଦାବି ନେଇ ମହିଳାମାନେ ଦେଓଗାଁ ଥାନାକୁ ଫେରାଦ ହେବାକୁ ଆସିଛନ୍ତି।

## କୃଷିବୀମାରୁ ବଞ୍ଚିତ ଚାଷୀଙ୍କ ବୈଠକ

ଖପ୍ରାଖୋଲ, ୨୦।୭ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଟପଦାଠାରେ କୃଷିବୀମା ରାଶି ପାଇବାରୁ ବଞ୍ଚିତ ଚାଷୀଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟଙ୍କଧର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦୧୮ରେ ଚାଷୀମାନେ କୃଷିବୀମା କରିଥିଲେ ବି ଆଜିଯାଏଁ ଟଙ୍କା ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତବର୍ଷ ଋଣୀ ଏବଂ ଅଣଋଣୀ ଚାଷୀ ବ୍ୟାଙ୍କ ସହିତ ଅନଲାଇନରେ କୃଷିବୀମା କରି ପ୍ରିମିୟମ ଟଙ୍କା ଜମା କରିଥିଲେ। ରୋୟାଲ ସୁନ୍ଦରମ୍ ନାମକ ବୀମା କମ୍ପାନୀ କୃଷି ବୀମା କରିଥିବା ବେଳେ ଅନେକ ପଞ୍ଚାୟତର ଚାଷୀ ବୀମା ଟଙ୍କା ପାଇନାହାନ୍ତି। ଏପରିକି କେଉଁ ପଞ୍ଚାୟତ କେତେ ପ୍ରତିଶତ ବୀମା ହୋଇଛି ତାହା ମଧ୍ୟ କମ୍ପାନୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇ ନ ଥିବା ଜଣାଯାଇଛି। ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ସେମାନେ ସଜବାଜ ହେଉଥିବା ଜଣାଯାଇଛି । ବୈଠକରେ ଆନ୍ଦୋଳନ ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭାପତିଭାବେ ସତ୍ୟନାରାୟଣ ରଣା, ସମ୍ପାଦକ ବୈଦ୍ୟନାଥ ମିଶ୍ର ମନୋନୀତ ହୋଇଛନ୍ତି। ଏ ନେଇ ପାଟଣାଗଡ ବିଧାୟକ ଏବଂ ଏମ୍‌ପିଙ୍କୁ ଅବଗତ କଲା ପରେ ଆନ୍ଦୋଳନ କରିବେ ବୋଲି ଚାଷୀମାନେ କହିଛନ୍ତି। ବୈଠକରେ ସତ ସାହୁ, ନାରାୟଣ ସାହୁ, ହିମାଂଶୁ ହାତୀ, ଭୋଜରାଜ ଭୋଇ, କୁଶ ଭୋଇ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଏ ନେଇ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲାଠୋର ଶାଖା ପରିଚାଳକ ସାଗର ରଣାଙ୍କୁ ପଚାରିବାରୁ ବ୍ୟାଙ୍କରେ କୃଷି ବୀମା କରିଥିବା ଉଭୟ ଋଣୀ ଏବଂ ଅଣଋଣୀ ୬୬୩ ଚାଷୀଙ୍କ ବୀମା ଟଙ୍କା ଜମା ହୋଇଛି। କେଉଁ ପଞ୍ଚାୟତ କେତେ ପ୍ରତିଶତ ବୀମା ଭୁକ୍ତ ହୋଇଛି ସେ ନେଇ ଆମ୍ଭକୁ ବୀମା କମ୍ପାନୀ ତରଫରୁ କିଛି ସୂଚନା ଦେଇ ନ ଥିବା କହିଛନ୍ତି। ପର୍ଯ୍ୟାୟ ଅନୁସାରେ ଚାଷୀଙ୍କ ଟଙ୍କା ଆସୁଥିବାରୁ ଧଣ୍ଡାମୁଣ୍ଡା ପଞ୍ଚାୟତ ମଧ୍ୟ ଏଥିରେ ସାମିଲ ହୋଇପାରେ ବୋଲି ପ୍ରକାଶ କରିଛନ୍ତି।



ଧଣ୍ଡାମୁଣ୍ଡା ହାଟପଦାଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଚାଷୀମାନେ।

## ସଂକ୍ଷେପରେ

### ଛାତ୍ରୀଛାତ୍ର କଲେ ବୃକ୍ଷରୋପଣ

**ଅତାବିରା, ୨୦।୭ (ଡି.ଏନ.ଏ.)-** ଅତାବିରା ବ୍ଲକ କୁଲତାଟୁକୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମାହାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭରେ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ମୁଖ୍ୟଅତିଥି, ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ ଜୀବନ ଦାଶ, ପଶ୍ଚିମ ଓଡିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋରାସାଗର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶେଷରେ ଜୀବନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା ।

### ଏସ୍‌ପିଙ୍କ ଦୁର୍ବ୍ୟବହାରକୁ ନିନ୍ଦା କଲା କନ୍ଧମାଳ ସାମ୍ବାଦିକ ସଂଘ

**ମନମୁଣ୍ଡା, ୨୦।୭ (ଡି.ଏନ.ଏ.)-** କେନ୍ଦ୍ରାପଡାର ବାରିମୂଳଠାରେ ଜଣେ ଖବରଦାତାଙ୍କୁ ଏସ୍‌ପି ନୀତିଶେଖର ଦୁର୍ବ୍ୟବହାର କରିଥିବା ନେଇ ରାଜ୍ୟବ୍ୟାପୀ ଖବରଦାତା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଏହି କ୍ରମରେ ବୌଦ୍ଧ ଜିଲା କନ୍ଧମାଳ ସାମ୍ବାଦିକ ସଂଘ ମଧ ଏହାର ଦୃଢ଼ ନିନ୍ଦା କରିଛି । ସଂଘର ବରିଷ୍ଠ ସଦସ୍ୟ ବୈଦ୍ୟନାଥ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏସ୍‌ପିଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ଖବରଦାତା ସୁଶୀଲ କୁମାର ମିଶ୍ର, ବିରଜାନନ୍ଦନ ଦାନୀ, କୁନୁ ରାଜହଂସ, ଅକ୍ରୁର ବେହେରା, ବିଜୟ ଆଚାର୍ଯ୍ୟ, ବବିତା ହୋତା ପ୍ରମୁଖ ଯୋଗ ଦେଇଥିଲେ ।

### ପ୍ରଧାନମନ୍ତ୍ରୀ ଗ୍ରାମ ରାସ୍ତା ଶୋଚନୀୟ

**ମନମୁଣ୍ଡା, ୨୦।୭ (ଡି.ଏନ.ଏ.)-** ମନମୁଣ୍ଡା ଗ୍ରାମପଞ୍ଚାୟତର କପାସିରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡିଛି । ରାଜ୍ୟପଥ ବନଦୁର୍ଗା ଛକଠାରୁ ଗାଁକୁ ଯାଇଥିବା ରାସ୍ତାରୁ ପିଚୁ ଉଠି ମେଟାଲ ବାହାରକୁ ଦିଶିଲାଣି । ଅନେକ ସ୍ଥାନରେ ଖାଲଖମା ହୋଇଥିବା ବେଳେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଖରାପ ହୋଇପଡିଛି । ଯାତାୟାତରେ ଏହା ଘୋର ଅସୁବିଧା ସୃଷ୍ଟି କରୁଛି । ସାଇକେଲ, ବାଇକରେ ଗଲେ ଦୁର୍ଘଟଣା ଘଟୁଛି । ତୁରନ୍ତ ଉକ୍ତ ରାସ୍ତା ମରାମତି କରାଯିବା ସକାଶେ ୱାର୍ଡ ମେମ୍ବର ଆରତୀ ସେଠୀ, ସ୍ଥାନୀୟ ବାସିନ୍ଦା ନବୀନ ମହାକୁଡ, ଘନଶ୍ୟାମ ମାଝୀ, ସତ୍ୟ ମହାକୁଡ ପ୍ରମୁଖ ଦାବି ଜଣାଇଛନ୍ତି।

### ବୃକ୍ଷରୋପଣ କାର୍ଯ୍ୟକ୍ରମ

**ମନମୁଣ୍ଡା, ୨୦।୭ (ଡି.ଏନ.ଏ.)-** ଯୋଗୀନ୍ଦ୍ରପୁରଠାରେ ଶିକ୍ଷକ ଉଷତ କହଁରଙ୍କ ନେତୃତ୍ୱରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗୀନ୍ଦ୍ରପୁରକୁ ସବୁଜ ସୁନ୍ଦର କରିବା ଲକ୍ଷ୍ୟରେ ସେ ଶତାଧିକ ଫଳ, ଫୁଲ ଓ ଔଷଧଜାତୀୟ ବୃକ୍ଷ ରୋପଣ କରିଥିଲେ । ପ୍ରକୃତିବନ୍ଧୁ ବିନୋଦିନୀ ଜାଲ ଓ ଗ୍ରାମବାସୀ ସାହାଯ୍ୟ କରିଥିଲେ ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପୁରୁଣାକଟକ,୨୦।୭(ଡି.ଏନ.ଏ)** ବୌଦ୍ଧ ଜିଲା ପୁରୁଣାକଟକ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅହଲ୍ୟା ମହାକୁଡଙ୍କୁ ଶନିବାର ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନଶିକ୍ଷୟିତ୍ରୀ କସ୍ତୁରୀ ଦାସ, ସିଆରସିସି ଫୁଲଚନ ନାଏକ, ରଞ୍ଜନ ସାମଲ, ନିର୍ମଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ରାସ୍ତା ଉପରେ ବେଆଇନ ପାର୍କିଂ

**ବାଉଁଶୁଣୀ, ୨୦।୭ (ଡି.ଏନ.ଏ.)-** ବୌଦ୍ଧ ବ୍ଲକ ବାଉଁଶୁଣୀ ଦେଇ ଯାଇଥିବା ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁ ନାନା ଅସୁବିଧା ହେଉଛି । ପ୍ରତ୍ୟେକ ଦୋକାନ ସମ୍ମୁଖ ରାସ୍ତା ଉପରେ ଗାଡି ରଖାଯାଉଥିବାରୁ ରାସ୍ତା ଜାମ ହୋଇଯାଉଛି। ଏଥିଯୋଗୁ ଦୁର୍ଘଟଣା ଘଟୁଥିବାରୁ ସେଠାରେ ବାଉଁଶୁଣୀ ଥାନା ତରଫରୁ ୩ଜଣ କର୍ମଚାରୀଙ୍କୁ ଡ୍ୟୁଟି ଦିଆଯାଇଛି । ଏହି ରାସ୍ତାରେ ସବୁଦିନ ଛୋଟ ଶିଶୁ ସ୍କୁଲକୁ ଯିବା ଆସିବା କରୁଛନ୍ତି। ରାସ୍ତା ଉପରେ ଗେଟି ମାଟି ରଖାଯାଉଥିଲେ ମଧ କାହାର ନଜ ପଡୁନାହିଁ।

# ନିଶା ବିରୋଧୀ ଆନ୍ଦୋଳନ ତେଜିଲା

**ନୂଆପଡା ଅଫିସ/କୋମନା,୨୦।୭**



ମଦ ବିରୋଧରେ ଅଭିଯାନ ଚଳାଇଥିବା ମହିଳାମାନେ ।

**କାଣ୍ଡେତରା**
- ଅସନ୍ତୋଷ ମହିଳା ଭାଟି ଘେରିଲେ

ଦିନକୁ ଦିନ କୋମନା ବ୍ଲକର କାଣ୍ଡେତରା ଅଞ୍ଚଳରେ ଅବାଧ ଦେଶୀ ମଦ କାରବାର ବୃଦ୍ଧି ହେଉଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଥିବାବେଳେ ବିଶେଷ କରି ମହିଳାମାନେ ଆନ୍ଦୋଳନ କରିବାକୁ ଆଗକୁ ପାଦ କାଢୁଛନ୍ତି। ଏହି କ୍ରମରେ ଏହି ବ୍ଲକର କାଣ୍ଡେତରା ଗ୍ରାମର ଶତାଧିକ ମହିଳା ଶନିବାର ପ୍ରତିବାଦ ସଭା କରିଥିବାବେଳେ ମଦଭାଟିକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାର ଏକବଡ ଗାଁ ଭାବରେ କାଣ୍ଡେତରାର ବିଶେଷ ଖ୍ୟାତି ରହିଛି। ଏଠାରେ ଜାତିବର୍ଣ୍ଣ ନିର୍ବିଶେଷରେ ବାରମାସରେ ତେର ପର୍ବ ହୋଇଥାଏ। ଏହି ଗାଁରେ ମୋଟ ୧୨ଟି ୱାର୍ଡ ରହିଥିବାବେଳେ ଜନସଂଖ୍ୟା ମଧ୍ୟ କମ ନୁହେଁ। ୮ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ବର୍ଷବର୍ଷ ଧରି ଏଠିକାର କଳହାଦି ମାମଲା ଗାଁରେ ସମାଧାନ ହୋଇଥାଏ। ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଏଠିକାର ବହୁ କମ ସଂଖ୍ୟକ ମାମଲା ରହିଛି ଯେଉଁସବୁ ଥାନା ପର୍ଯ୍ୟନ୍ତ ବିଚାର ସକାଶେ ପହଞ୍ଚି ନ ଥାଏ। ଗାଁ ପଞ୍ଚ ହିଁ ସମସ୍ତଙ୍କୁ ନ୍ୟାୟ ଦେଇଥାଏ। ଏହିଭଳି ସ୍ଥିତିରେ ଏଠାରେ ଦିନକୁ ଦିନ ମଦକୋଠୀ ସଂଖ୍ୟା ବଢିଚାଲିଥିବାରୁ ଏହା ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଅଶାନ୍ତି ବଢିବାରେ ଲାଗିଛି। ଗାଁରେ ଆଜିକୁ ବହୁ ବର୍ଷ ଧରି ଗାଁ ମୁଣ୍ଡରେ ଦେଶୀ ମଦଭାଟି ଅବସ୍ଥାପିତ ରହିଛି। ହେଲେ ମଦଭାଟିର ଦୂରତା ଗାଁକୁ ବହୁତ ବେଶୀ ହୋଇଥିବାରୁ ଗାଁର ବିଭିନ୍ନ ଗଳିରେ ମଦକୋଠୀ ସଂଖ୍ୟା ବଢିବାରେ ଲାଗିଛି । ଗାଁର ୬, ୮ ଏବଂ ୯ନମ୍ବର ୱାର୍ଡରେ ମଦକୋଠୀ ରହିଛି। ଦିନ ଦ୍ୱିପ୍ରହରେ ମଦ ବିକ୍ରି ହେଉଥିଲେ ମଧ୍ୟ ପୋଲିସ କି ଅବକାରୀ ବିଭାଗର ଦୃଷ୍ଟି ପଡି ନ ଥାଏ । ଏପରିକି ହାଇସ୍କୁଲର ସାମନାରେ ମଦକୋଠୀ ଚାଲିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବଜାର ପ୍ରାଙ୍ଗଣରେ ଥିବା ଦୁର୍ଗା ମଣ୍ଡପରେ ମହିଳାମାନଙ୍କର ସଭା ହୋଇଥିଲା। ଏଥିରେ ମଦ ବିରୋଧି ସ୍ୱର ବଢିବାରେ ଲାଗିଲା । ଶେଷରେ ଆଜିହିଁ ମଦ ବିକ୍ରି ଉପରେ ପୂର୍ଣ୍ଣଚ୍ଛେଦ ପକାଇବେ ବୋଲି ନିଷ୍ପତ୍ତି ନେଇଥିଲେ। ୪/୫ଗୋଟି ସ୍ୱୟଂ ସହାୟକ ଦଳର ମହିଳାମାନେ ମିଶି ଏକ ର୍‍ୟାଲିରେ ବାହାରି ସହର ପରିକ୍ରମା କରିଥିଲେ। ବିଭିନ୍ନ ମଦ ବିରୋଧି ସ୍ଲୋଗାନମାନ ଦେଇ ବସ୍ତି ପରିକ୍ରମା କରିଥିଲେ । ଶେଷରେ ଗାଁ ମୁଣ୍ଡରେ ଥିବା ମଦଭାଟିକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଜିଠାରୁ କୋଠିକୁ ମଦ ଯୋଗାଣ ବନ୍ଦ କରିବାକୁ କହିଥିଲେ। ନଚେତ ଆଗାମୀ ଦିନରେ ଏହାକୁ ମଧ୍ୟ ଜୋରଜବରଦସ୍ତି ତାଲା ମାରି ବନ୍ଦ କରିଦେବେ ବୋଲି ଚେତାବନୀ ଦେଇଥିଲେ। ଏଥିରେ ବସ୍ତିର ସବୁ ଗଳିରୁ ଶତାଧିକ ମହିଳା ସାମିଲ ରହିଥିଲେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି**
**ଗଞ୍ଜେଇ ଗଛକୁ ଚଡ଼କ ମାଇଲେ**
**ଗୁଆ ଗଛ ଜଳିଯାଉଛି ।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ**
**ବୋଧଠାରୁ ମିତ୍ର ନାହିଁ ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# କୌଶଳ ବିକାଶ ହେଲେ ସାମାଜିକ ସ୍ଥିତି ସୁଧୁରିବ

**ନୂଆପଡା ଅଫିସ,୨୦।୭**

**ସୁନାବେଡା ଅଭୟାରଣ୍ୟରୁ ୩୦ଯୁବତୀ ପୁରୀରେ ତାଲିମ ନେବେ**



ପୁରୀ ଅଭିମୂଖେ ବାହାରୁଥିବା ଯୁବତୀମାନେ ଓରମାସ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଛନ୍ତି।

ନୂଆପଡା ଭଳି ଉପାନ୍ତ ଜିଲାରେ ବେରୋଜଗାର ଏକ ପ୍ରମୁଖ ସମସ୍ୟା ହୋଇଛି । ଏଠାରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯଦିବା ବିଭିନ୍ନ କ୍ଷେତ୍ରରେ ରୋଜଗାରର କ୍ଷେତ୍ର ପ୍ରଶସ୍ତ ହେଉଛି। ହେଲେ କୌଶଳର ଅଭାବ ରହିଛି । କୌଶଳ ବିକାଶର ଆବଶ୍ୟକତା ରହିଛି। କୌଶଳ ବିକାଶ ହେଲେ ଲୋକଙ୍କ ସାମାଜିକ ସ୍ଥିତିରେ ବିକାଶ ହେବ ବୋଲି ମତ ପ୍ରକାଶ ପାଇଛି। ଶନିବାର କୌଶଳ ବିକାଶ ତାଲିମ ସକାଶେ ନୂଆପଡା ଜିଲାରୁ ଏକ ୩୩ଜଣିଆ ଟିମ ବାହାରିବା ପୂର୍ବରୁ ଏକ ଆୟୋଜିତ ସଭାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ଶନିବାର ସ୍ଥାନୀୟ ଓରମାସ ସଭାଗୃହରେ ଆୟୋଜିତ ସଭାରେ ଜିଲା ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ସଂଯୋଜକ କମଳା ରଥ, ଉପାସନା ଏଜୁକେସନ ଟ୍ରଷ୍ଟର ଜ୍ୟୋତ୍ସ୍ନାରାଣୀ ଜେନା, ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଯୁବତୀ ଯୁବକମାନେ ଠୁଳ ହୋଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଯୁବତୀଯୁବକମାନଙ୍କୁ କୌଶଳ ବିକାଶ ସକାଶେ ତାଲିମ ନେବାକୁ ବିଭିନ୍ନ ସମୟରେ ଓରମାସ ତରଫରୁ ବେକାର ଯୁବତୀଯୁବକମାନଙ୍କୁ ତାଲିମ ନେବାକୁ ବାହାରକୁ ପଠାଯାଇଥାଏ । ତାଲିମ ଗ୍ରହଣ ପରେ ସରକାର ଏମାନଙ୍କୁ ବିଭିନ୍ନ କ୍ଷେତ୍ରରେ ରୋଜଗାର ଦେଇଥାନ୍ତି। ଏହିପରିପ୍ରେକ୍ଷୀରେ ଶନିବାର ଉପାନ୍ତ ସୁନାବେଡା ଅଭୟାରଣ୍ୟରୁ ୩୦ଜଣ ଆଦିବାସୀ ବନବାସୀ ଯୁବତୀଙ୍କୁ ପୁରୀକୁ କୌଶଳ ବିକାଶ ତାଲିମ ନେବାକୁ ପଠାଯାଇଛି । ତେବେ ଏହି ସଭାରେ ଏମାନଙ୍କୁ ଆଗକୁ ନିଜକୁ କିପରି ସୁଦୃଢ କରି ନିଜକୁ ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିବେ ସେଥିପାଇଁ ମାର୍ଗଦର୍ଶନ କରାଯାଇଥିଲା। ସନ୍ଧ୍ୟା ୬ଟାବେଳେ ଏକ ବେସରକାରୀ ବସ ଯୋଗେ ନୂଆପଡାରୁ ଏହି ଟିମ ସରକାରୀ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହାରିଥିଲେ। ଏମାନଙ୍କୁ ଉପାସନାରେ ଦୀର୍ଘ ୩ମାସର ତାଲିମ ପ୍ରଦାନ କରାଯିବ ବୋଲି ଉପାସନାର ତାଲିମ ଦାତ୍ରୀ ଜେନା କହିଛନ୍ତି। ସେହିଭଳି ୩ଜଣ ଯୁବକ ଭେରାସ୍ଥିତ ପଲିଟେକନିକ କଲେଜରେ ଥିବା ନିୟମ ଏଜୁକେସନ ଫାଉଣ୍ଡେସନରେ ତାଲିମ ଗ୍ରହଣ କରିବେ । ସେହିଭଳି ସୁନାବେଡା ଭଳି ଉପାନ୍ତ ତଥା ମାଓବାଦୀ ଉପଦ୍ରୁତ ଅଞ୍ଚଳରୁ ଯୁବତୀମାନଙ୍କୁ ଜିଲା ବାହାରକୁ ଛାଡୁଥିବାରୁ ସରପଞ୍ଚ ତିଲସିଂ ଝାଙ୍କର ଜିଲା ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଦିନଥିଲା ଆଜିକୁ କୋଡିଏ ବର୍ଷ ତଳେ ସୁନାବେଡା ଉପତ୍ୟକାର ଯୁବତୀମାନେ ନିଜ ଗାଁ ଛାଡୁ ନ ଥିଲେ । ବର୍ତ୍ତମାନର ସରକାରୀ ଏବଂ ବେସରକାରୀ ସଂସ୍ଥା ଗୁଡିକର ଉଦ୍ୟମ କ୍ରମେ ଜିଲା ବାହାରକୁ ଯାଇପାରୁଥିବା ନିଶ୍ଚିତ ଭାବେ ଆଦିବାସୀମାନେ ମୂଖ୍ୟ ସ୍ରୋତରେ ସାମିଲ ହୋଇଥିବା କୁହାଯାଇପାରେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।


## CLASSIFIED DISPLAY

**ALL EDITION - B/W (Everyday)**

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY
ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ।
ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବାଲିଶଙ୍କରା, ୨୦।୭ (ଡି.ଏନ.ଏ): କିଞ୍ଜିରକେଲା ଥାନା ଅନ୍ତର୍ଗତ ବନ୍ଧବାହାଲ ଗ୍ରାମରେ ଜଣେ ଯୁବକଙ୍କ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଜଣାପଡିଛି । ପୋଲିସ ସୂଚନା ଅନୁସାରେ ଶନିବାର ସକାଳ ୮ଟାରେ ନିଜ ଘରର ବିଦ୍ୟୁତ ବୋର୍ଡ ଖରାପକୁ ପ୍ରଦୀପ ପ୍ରଧାନ (୨୭) ମରାମତି କରୁଥିବା ସମୟରେ ବିଦ୍ୟୁତ ତାର ସର୍ଟସର୍କିଟ ହେବାରୁ ତାଙ୍କ ଉପରେ ପଡିଯାଇଥିଲା। ସେ ଅଚେତ ଅବସ୍ଥାରେ ତଳେ ପଡିଯାଇଥିଲେ। ଏହାଦେଖି ପରିବାର ପକ୍ଷରୁ ତାଙ୍କୁ କିଞ୍ଜିରକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ସୁନ୍ଦରଗଡ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ କିଞ୍ଜିରକେଲା ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଧାନବୁଣା ଜମିରେ ଗୋରୁ ଚରିଲେ

**ସବ୍‌ଡ଼େଗା ବ୍ଲକ**
- ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ
- ପାଞ୍ଚ ଦିନ ମଧରେ ବର୍ଷା ନ ହେଲେ ମରୁଡ଼ି

ସବ୍‌ଡେଗା, ୨୦।୭ (ଡି.ଏନ.ଏ)

ଚାରିଆଡେ ବର୍ଷାର ଅଭାବ ହେତୁ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ସୁନ୍ଦରଗଡ଼ ଜିଲାର ସବ୍‌ଡେଗା ବ୍ଲକର ଲୋକେ କେବଳ ଚାଷ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ଚିନ୍ତା ବଢି ଯାଇଛି। ଏହି ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ବର୍ଷା ଉପରେ ଲୋକେ ନିର୍ଭର କରନ୍ତି। ତେଣୁ ବର୍ଷାର ଅଭାବ ହେତୁ ଲୋକେ ଚାଷ କାର୍ଯ୍ୟ ଆଗକୁ ନେଇପାରୁନାହାନ୍ତି। କେତେକ ଚାଷୀ ବିଲରେ ଧାନ ବୁଣିଥିଲେ। ସେହି ଚାଷ ଜମି ଗୁଡିକରେ ଧାନ ଗଛ ଉଠିଥିଲା। ସେଗୁଡ଼ିକ ପୁଣି ମରିବାକୁ ବସିଲାଣି। କେତେକ ଚାଷ ଜମି ଫାଟି ଆଁ କଲାଣି। ଧାନଗଛ ସବୁ ଖରାରେ ଝାଉଁଳି ମରିଗଲାଣି। ଚାଷୀମାନେ ଆଉ ଚାଷ ହେବ ବୋଲି ଆଶା ଛାଡି ସେହି ଜମିଗୁଡିକରେ ଗୋରୁ



ସବ୍‌ଡେଗା ବ୍ଲକରେ ଚାଷ ଜମିରେ ଗୋରୁ ଚରୁଛନ୍ତି।

ଛାଡ଼ି ଦେଇଛନ୍ତି। ଅଧିକାଂଶ ଜମିରେ ଗୋରୁ ଚରୁଥିବା ଦେଖିବାକୁ ମିଳିଛି। ଯେଉଁମାନେ ରୁଆ ପାଇଁ ତଳି ପକେଇଛନ୍ତି ସେମାନେ ପୋଖରୀ ନାଳରୁ ପାଣି ଦେଇ ଧାନରୁଆକୁ ବଞ୍ଚାଇ ରଖିଛନ୍ତି। ସେମାନେ ମଧ ବର୍ଷା ନ ହେଲେ ଜମିରେ କାଦୁଅ କରିବେ କେମିତି ଓ ରୁଆ ବେଉଷଣ କରିବେ କିଭଳି ତାହା ଚିନ୍ତା କରୁଛନ୍ତି। ରୁଆ ପକାଇଥିବା ଜମିରେ ମଧ ଫାଟ ଦେଖିବାକୁ ମିଳିଲାଣି। ଆଗକୁ ବର୍ଷା ନ ହେଲେ ସବଡେଗା ବ୍ଲକରେ ଚାଷୀ ମରୁଡିର ଶିକାର ହେବେ ବୋଲି ଆଶଙ୍କା କରାଗଲାଣି। ଚାଷୀମାନେ ପରିବାର କିଭଳି ଚଳାଇବେ ଓ ଅନ୍ୟାନ୍ୟ ଭରଣପୋଷଣ କିଭଳି କରିବେ ସେହି ଚିନ୍ତାରେ ଘାରି ହେଉଛନ୍ତି। ସବ୍‌ଡେଗା ବ୍ଲକ ଅଞ୍ଚଳରେ କୌଣସି କଳକାରଖାନା ବା ବ୍ୟବସାୟ ପାଇଁ କୌଣସି ପନ୍ଥା ନାହିଁ। ଏଅଞ୍ଚଳର ଲୋକେ ଚାଷ କାର୍ଯ୍ୟକୁ ହିଁ ଜୀବନଜୀବିକାର ମାଧ୍ୟମ ଭାବେ ଆପଣାଇ ଚଳନ୍ତି। ସେଥିପାଇଁ ଅଞ୍ଚଳରେ ମରୁଡି ଦେଖାଦେଲେ ଲୋକଙ୍କ ମଧ୍ୟରେ ହାହାକାର ପରିସ୍ଥିତି ହେବ ବୋଲି ଆଶା ଦେଖାଦେଲାଣି। ୫ ରୁ ୬ ଦିନ ଭିତରେ ପ୍ରବଳ ବର୍ଷା ନ ହେଲେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯିବ ବୋଲି ଆଶଙ୍କା କରାଯାଉଛି।

## ଟ୍ରକ- ହାଇୱା ମୁହାଁମୁହିଁ ଧକ୍କା: ଦୁଇ ଆହତ

ଲହୁଣୀପଡା, ୨୦।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ସାଧୁବାହାଲଠାରେ ହାଇୱା-ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ଜଣ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ କଲେଇପୋଷ- ବାହାଡାପଷି ୧୦ (କ) ରାଜ୍ୟ ରାଜପଥର ସାଧୁବାହାଲଠାରେ କୋଇଡା ଖଣି ଅଞ୍ଚଳରୁ ଲୁହା ପଥର ବୋଝେଇ କରି ଓଡି ୩୫ ସି- ୦୪୩୬ ଟ୍ରକ ବାହାଡାପଷି ପଟେ ଯାଉଥିବା ବେଳେ ବିପରିତ ଦିଗରୁ ଓଡି ୧୪ ଆର- ୯୩୬୫ ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱା ଚାଳକ ମିଥୁନ ନାଏକ ଓ ଟ୍ରକ ଚାଳକ ଭାବଗ୍ରାହୀ ମାହାନ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଲୁହା ରଡ଼ରେ ପିଟି ଯୁବକଙ୍କୁ ହତ୍ୟା

ବଡ଼ଗାଁ, ୨୦।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ସେହି ଗ୍ରାମର ଦଧି ସାରପଟିଆ (୩୮) ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ହତ୍ୟାକାରୀ ଲୁହା ରଡରେ ଆକ୍ରମଣ କରିଥିବା ଜଣାପଡୁଛି । ଦଧି ସିଙ୍ଗାରମୁଣ୍ଡା ଫାଦର ପୋଖରୀରେ ଶୌଚକରି ମୋଟର ସାଇକେଲରେ ଫେରୁଥିବା ବେଳେ ରାତି ପ୍ରାୟ ୯ଟାରେ କେହି ଦୁର୍ବୃତ୍ତ ଲୁହା ରଡରେ ଆକ୍ରମଣ କରିଥିଲେ। ଘଟଣାର କିଛି ସମୟ ପରେ ସେହି ରାସ୍ତା ଦେଇ ଫେରୁଥିବା ୨ଜଣ ଯୁବକ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ । ଗ୍ରାମବାସୀ ଓ ପରିବାର ପରିଜନ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ଆଣି ପ୍ରାଥମିକ ଚିକିତ୍ସା କଲା ପରେ ରାଉରକେଲା ନେଇଥିଲେ। ରାତ୍ରି ପ୍ରାୟ ସାଢ଼େ ୧୧ଟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାର ସୂଚନା ପାଇ ବଡ଼ଗାଁ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କ ସହିତ ଅନ୍ୟ କର୍ମଚାରୀ ରାତିରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଶନିବାର ଡିଏସପି ଜ୍ୟୋତିର୍ମୟୀ ପ୍ରଧାନ ଘଟଣା ସ୍ଥଳରେ ତଦନ୍ତ କରିଛନ୍ତି। ଏହି ଘଟଣା ସମ୍ପର୍କରେ ପରକୀୟାପ୍ରୀତିର ସଂଯୋଗ ଥିବାରୁ ଘଟଣା ଅତିଶୀଘ୍ର ପର୍ଦ୍ଦାଫାଶ ହେବ ବୋଲି ଜଣାପଡିଛି।

# ପ୍ରାକୃତିକ ଚାଷ ଉପରେ କର୍ମଶାଳା

ଲେଫ୍ରିପଡା,୨୦।୭(ଡି.ଏନ.ଏ)

ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ବନ୍ଧପାଲି ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ଗୃହରେ ଶନିବାର ଖର୍ଚ୍ଚ ବିହୀନ ପ୍ରାକୃତିକ ଚାଷ ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଡ.ଅରୁଣ କୁମାର ମିଶ୍ର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭବାନୀ ମାଝି, ଉଦ୍ୟାନ କୃଷିର ସହକାରୀ ନିର୍ଦ୍ଦେଶକ ଦୟାନିଧି ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଦେଶୀ ବିହନର ବ୍ୟବହାର, ଜୀବାମୃତ,ଏବଂ ହାଣ୍ଡି ଖତ ସହିତ ସ୍ୱଦେଶି ଜ୍ଞାନ କୌଶଳ ପଦ୍ଧତିରେ ଚାଷ କରି ଫସଲ ଅମଳ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। କର୍ମଶାଳାରେ ବନଖଣ୍ଡ ଅଧିକାରୀ ପଦ୍ମଶ୍ରୀ ଉପାଧିପ୍ରାପ୍ତ କୃଷି ବୈଜ୍ଞାନିକ ସୁଭାଷ ପାଲେକରଙ୍କ ଖର୍ଚ୍ଚ ବିହୀନ ପ୍ରାକୃତିକ ଚାଷ ଉପରେ ଆଲୋକପାତ କରିଥିଲେ। ପ୍ରାକୃତିକ ଚାଷ ଉପରେ ପ୍ରତ୍ୟେକ ବ୍ଲକ ସ୍ତରରେ ଚାଷୀ ମାନଙ୍କୁ ସଙ୍ଗଠିତ କରି ସଚେତନ କରିବାପାଇଁ ଜିଲା ସମବାୟ ବ୍ୟାଙ୍କ ସଭାପତି ମତାମତ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ଦିଗରେ ସ୍ୱାବଲମ୍ବୀ ହେବାପାଇଁ ବିଭିନ୍ନ ପ୍ରକାର ସରକାରୀ ଯୋଜନାର ସୁବିଧା ନେବା ପାଇଁ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ



କର୍ମଶାଳାରେ ଉପସ୍ଥିତ ଅତିଥି, ଅଧିକାରୀ।

ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ସ୍ୱାଗତ ପ୍ରଦାନ କରିଥିଲେ। କର୍ମଶାଳାରେ ପ୍ରାକୃତିକ ଚାଷ ଦିଗରେ ଭିଡିଓ ମାଧ୍ୟମରେ ଉପସ୍ଥିତ ଚାଷୀଙ୍କୁ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସେବକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦିଗାମ୍ବର ଉପାଧ୍ୟାୟ, ସଞ୍ଜୁ ପଟେଲ. ରଶ୍ମୀରଞ୍ଜନ ସାହୁ, ମନୋରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ପବ୍ଲିକ ସ୍କୁଲର ଅଭିନବ ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୨୦।୭ (ଡି.ଏନ୍.ଏ)

ଶନିବାର ସୁନ୍ଦରଗଡ ପବ୍ଲିକ ସ୍କୁଲଠାରେ ଏକ୍ସପର୍ଟ ଓପିନିୟନ ଅଭିବନ ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ବକ୍ତୃତା ଶୃଙ୍ଖଳର ପ୍ରଥମ ସଂସ୍କରଣରେ ମୁଖ୍ୟବକ୍ତା ଭାବେ ବମ୍ବେସ୍ଥିତ ଡିୱାଇ ପାଟିଲ ହସ୍ପିଟାଲ ଓ ରିସର୍ଚ୍ଚ ସେଣ୍ଟରର ଜରୁରୀ ସେବା ବିଭାଗରେ କାର୍ଯ୍ୟରତ ଡା. ସୁରଜ କୁମାର ଅଗ୍ରୱାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବେସିକ ଲାଇଫ ସପୋର୍ଟ ଉପରେ ଅଭିଭାଷଣ ଦେଇଥିଲେ । ତାଙ୍କ ସହିତ ସ୍ତ୍ରୀ ଡା. ଦିବ୍ୟା ଅଗ୍ରୱାଲ ମଧ୍ୟ ଯୋଗଦେଇ ପବ୍ଲିକ ସ୍କୁଲର ଛାତ୍ରୀ, ଛାତ୍ରଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରି ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି ଡ଼ା. ସୁରଜ ଅଗ୍ରୱାଲ ୨୦୦୫ ମସିହାରେ ସୁନ୍ଦରଗଡ ପବ୍ଲିକ ସ୍କୁଲରୁ ସିବିଏସଇ ୧୦ମ ବୋର୍ଡ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର ଏବେ ଦେଶ ବିଦେଶରେ ବହୁ ପ୍ରତିଷ୍ଠିତ ପଦପଦବୀରେ କାର୍ଯ୍ୟରତ ଅଛନ୍ତି।




ବକ୍ତୃତା ଶୃଙ୍ଖଳ କାର୍ଯ୍ୟକ୍ରମରେ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ।

ସେମାନେ ମଧ୍ୟ ସେମାନଙ୍କର ଏହି ପ୍ରିୟ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନଙ୍କ ମେଧାର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ, ବରିଷ୍ଠ ଶିକ୍ଷକ ଦେବାଶୀଷ ଦାଶ, ଗୋପଳ ପୁରୋହିତ ସଂଯୋଜକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମଇକେଲା ଖାଲକୋ, ଗୀତା ଦାସ, ସସ୍ମିତା ସାହୁ, ସନ୍ତୋଷ ମହନ୍ତ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ।

## ୨୩ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ବର୍ଷା ହ୍ରାସ ପାଇଛି । ଜୁନ ପହିଲାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୨୭ ପ୍ରତିଶତ କମ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ପହିଲାରୁ ଜୁଲାଇ ୨୦ ତାରିଖ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୪୨୯.୪ ପ୍ରତିଶତ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୩୧୪.୧ ପ୍ରତିଶତ। ଆସନ୍ତା ୨୩ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷାର ସମ୍ଭାବନା ରହିଛି। ତେବେ ୨୪ ତାରିଖରୁ ବର୍ଷା ପରିମାଣ ବଢିବ। କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପାରାଦୀପରେ ୧୧.୫ ପ୍ରତିଶତ ବର୍ଷା ହୋଇଥିବା ବେଳେ ଗୋପାଳପୁର ୧୨.୬, ବାରିପଦା ୬.୩, କେନ୍ଦୁଝର ୨.୨, ସୁନ୍ଦରଗଡ ୪, ଭବାନୀପାଟଣା ୮.୬ , କୋରାପୁଟରେ ୧୦ ଏବଂ ଦାରିଙ୍ଗିବାଡିରେ ୧୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ସରକାରୀ ଓକିଲଙ୍କୁ ହତ୍ୟା ଧମକ

ବଡଗାଁ, ୨୦।୭ (ଡି.ଏନ.ଏ)

ବଡଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମ ନିକଟ ରାଜ୍ୟ ରାଜପଥ- ୧୦ ପାର୍ଶ୍ୱ ଏକ ଢ଼ାବାରେ ଜଣେ ଯୁବକ ସୁନ୍ଦରଗଡ କୋର୍ଟର ଜଣେ ସରକାରୀ ଓକିଲଙ୍କୁ ହତ୍ୟା ଧମକ ଦେବା ସହିତ ତାଙ୍କ ପୁଅ (୬)ଙ୍କୁ ଅପହରଣ କରିବାକୁ ଧମକ ଦେବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସରକାରୀ ଓକିଲ (ସରକାରୀ ପବ୍ଲିକ ପ୍ରସିକ୍ୟୁଟର) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, ସାଲବିଲା ଗ୍ରାମର ଭବାନୀଶଙ୍କର ତ୍ରିପାଠୀ ଇତମା ନିକଟ ଏନଆରଆଇ ଢ଼ାବାରେ ଅକାରଣରେ ତାଙ୍କୁ କେତେକ ବ୍ୟକ୍ତିଙ୍କ ସମ୍ମୁଖରେ ଅଶ୍ଳିଳ ଶବ୍ଦରେ ଗାଳିଦେବା ସହ ଯେ କୌଣସି ସମୟରେ ତାଙ୍କୁ ହତ୍ୟା କରିବେ ଓ ପବ୍ଲିକ ସ୍କୁଲରେ ପଢୁଥିବା ତାଙ୍କ ପୁଅଙ୍କୁ ଅପହରଣ କରିବେ ବୋଲି ସର୍ବ ସମ୍ମୁଖରେ ଚେତାବନୀ, ଧମକ ଦେଇଛନ୍ତି । ଏହି ଘଟଣା ସମ୍ପର୍କାର ପିପି ଦେବାଶିଷ ମିଶ୍ରଙ୍କୁ ପଚାରିବାରେ ସେ ବହୁ ସଂଖ୍ୟକ ବ୍ୟକ୍ତିଙ୍କ ଉପସ୍ଥିତିରେ ତାଙ୍କ ଅନୁପସ୍ଥିତିରେ ଢ଼ାବାରେ ଚେତାବନୀ ଦେବା ସହ ମାଉଜର ଦେଖାଇଥିଲେ ଓ ଗୁଳି ମାରିଦେବାକୁ ଧମକ ଦେଇଥିଲେ । ଏହା ଉପରେ ସେ ଥାନାରେ ଲିଖିତ ଜଣାଇଥିବା କହିଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ପଚାରିବାରେ ଏହା ଉପରେ ଗୁରୁତ୍ୱର ସହ ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ୬ମାସ ହେଲା ସୋଲାର ପମ୍ପ ଅଚଳ

ସୁନ୍ଦରଗଡ଼, ୨୦।୭ (ଡି.ଏନ୍.ଏ)

ସବଡେଗା ବ୍ଲକ ବାଙ୍କୀବାହାଲ ଗ୍ରାମସ୍ଥିତ ଖଡିଆପଡାରେ ଥିବା ସୋଲାର ପମ୍ପ ଚାଳିତ ନଳକୂପ ୬ମାସରୁ ଅଧିକ ହେବ ଅଚଳ ହୋଇପଡିଥିବାରୁ ଲୋକେ ଏବେ ପାଣି ପାଇଁ ଡହଳବିକଳ ହେଉଛନ୍ତି। ଏହି ସୌର ପମ୍ପଚାଳିତ ନଳକୂପ ଖରାପ ହେବା ପରେ ଗ୍ରାମରେ ଥିବା ଅନ୍ୟ ୨ଟି ନଳକୂପ ମଧ୍ୟ ଅଚଳ ହୋଇପଡିଛି । ଫଳରେ ଗ୍ରାମବାସୀ ପିଇବା ପାଣିରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେଉଛନ୍ତି। ଗୁରୁବାର ଗ୍ରାମବାସୀ କୋଶଳ ସମାଜ ସଚିବ ଦିଲୀପ ପଣ୍ଡାଙ୍କ ସହ ଜିଲାପାଳ ଓ ଜିଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏ ଦିଗରେ ଯଥାଶିଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ତରଫରୁ ହୋଇଥିବା ଅଭିଯୋଗ ଅନୁସାରେ ଏହି ଅଚଳ ନଳକୂପ ମରାମତି ସକାଶେ ପଞ୍ଚାୟତ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା।

## ସରକାରୀ ମହାବିଦ୍ୟାଳୟରେ ଏନ୍‌ଡିଆର୍‌ଏଫ୍ ତରଫରୁ ତାଲିମ ଶିବିର

ସୁନ୍ଦରଗଡ଼, ୨୦।୭ (ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଶନିବାର ଏନ୍‌ଡିଆର୍‌ଏଫ୍ ତରଫରୁ ପ୍ରାକୃତିକ ବିପର୍ଯ୍ୟର ମୁକାବିଲା ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଏହି ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ପାଇଁ ଏହି ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ଏନ୍‌ଡିଆରଏଫ୍‌ର ଇନ୍ସପେକ୍ଟର ସୁନୀଲ କୁମାର ଓପିକେ ବେହେରା ଛାତ୍ରୀ,ଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରାଯିବ ସେ ସମ୍ପର୍କରେ ବିଭିନ୍ନ କୌଶଳ ତାଲିମ ଦେଇଥିଲେ। ଏପରିକି ଦୈନନ୍ଦିନ ଜୀବନରେ ଘଟୁଥିବା ଅଘଟଣକୁ କିଭଳି ମୁକାବିଲା କରାଯିବ ସେ ସମ୍ପର୍କରେ ମଧ୍ୟ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ। ଏନ୍‌ଡିଆର୍‌ଏଫ୍‌ର ସଦସ୍ୟ ଲୋକନାଥ ସେଠ, ପିଆର ବାରିକ, ସଂଯୁକ୍ତ ଦଣ୍ଡସେନା ପ୍ରାକୃତିକ ବିପର୍ଯ୍ୟୟ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରାଥମିକ ସେବା ଓ ଆସୁଚିକିତ୍ସା ସମ୍ବନ୍ଧରେ ମଧ୍ୟ ତାଲିମ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡ. ଲଳିତରଞ୍ଜନ ସାହୁ, ଡ. ହରପ୍ରସାଦ ମହାପାତ୍ର, ପ୍ରଦୀପ କୁମାର ବହିଦାର, ଆର୍ଯ୍ୟବିଭାସ କୁମାର, ସୁଶାନ୍ତ ମହନ୍ତ ପ୍ରମୁଖ ଅଧ୍ୟାପିକା , ଅଧ୍ୟାପକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ମହାବିଦ୍ୟାଳୟରେ ତାଲିମ ଶିବିର।

- ବରସୁଆଁ ଶିଶୁ ମନ୍ଦିରରେ ନିଃଶୁଳ୍କ ରକ୍ତବର୍ଗ ପରୀକ୍ଷା ଶିବିର

# ଏକ ହଜାର ପିଲାଙ୍କ ରକ୍ତବର୍ଗ ପରୀକ୍ଷା

ଲହୁଣୀପଡା, ୨୦।୭ (ଡି.ଏନ.ଏ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରସୁଆଁଠାରେ ଶୁକ୍ରବାର ଶ୍ରୀ ଆଖଣ୍ଡଳମଣୀ ପେଟ୍ରୋଲ ପମ୍ପ ତରଫରୁ ନିଶୁଳ୍କ ରକ୍ତ ବର୍ଗ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ରକ୍ତ ବର୍ଗ ପରୀକ୍ଷା ପାଇଁ ରାଉରକେଲା କେୟାର ଡାଇଗ୍ନୋସଷ୍ଟିସର ଏକ ଟିମକୁ ବରସୁଆଁର ସମୀର ରଞ୍ଜନ ରାୟ ତାଙ୍କ ତତ୍ତ୍ୱାବଧାନରେ ବରସୁଆଁକୁ ଆଣିଥିଲେ। ରାୟଙ୍କ କହିବାନୁସାରେ, ଏବେ ପ୍ରତ୍ୟେକ କ୍ଷେତ୍ରରେ ଶିଶୁମାନଙ୍କର ରକ୍ତବର୍ଗ ଦରକାର ପଡୁଛି। ଏଥି ନିମନ୍ତେ ରକ୍ତ ପରୀକ୍ଷା କେନ୍ଦ୍ରମାନଙ୍କରେ ଅନେକ ଟଙ୍କା ମଧ ନିଆଯାଉଛି । ବରସୁଆଁରୁ ପ୍ରାୟ ୨୫ରୁ ୩୦ କି.ମି ଦୂରରେ ରକ୍ତ ପରୀକ୍ଷା କେନ୍ଦ୍ର ଅଛି। ତେଣୁ ବରସୁଆଁରୁ ଯାଇ ରକ୍ତ ପରୀକ୍ଷା କରିବା ପାଇଁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଉକ୍ତ ଅସୁବିଧାରୁ ଛାତ୍ରୀଛାତ୍ର ରକ୍ଷା ପାଇବା ଉଦ୍ଦେଶ୍ୟ ନେଇ ଏହି ଶିବିର ଆୟୋଜନ କରାଯାଇଥିଲା । ରକ୍ତ ବର୍ଗ ପରୀକ୍ଷା ଶିବିରକୁ ବରସୁଆଁ ସେଲ ଡାକ୍ତରଖାନାର ସିନିୟର ଡା. ସଞ୍ଜୟ କୁମାର ଓ ଆଖଣ୍ଡଳମଣୀ ପେଟ୍ରୋଲ ପମ୍ପ ଓ ରୋଡୱେଜର ମାଲିକ ପ୍ରବୋଧ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଶିବିରକୁ ବରସୁଆଁର ଶିଶୁ ମନ୍ଦିର, ବିଶପ ହରମନ ମିଶନ ସ୍କୁଲ, ସେଲ ହାଇସ୍କୁଲ ଓ ରୋଜ ବୁଡ ବିଦ୍ୟାଳୟର ପ୍ରାୟ ୧ହଜାର ଛାତ୍ରୀଛାତ୍ରଙ୍କ ରକ୍ତ ବର୍ଗ ପରୀକ୍ଷା କରାଯାଇଥିଲା। ୧ ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚାରି ଜଣଙ୍କର ନକରାତ୍ମକ ରକ୍ତ ବର୍ଗ ବାହାରିଥିବାର ଜଣାପଡିଛି। ସମସ୍ତ ୧ ହଜାର ପିଲାଙ୍କ ମଧ୍ୟରେ ତିନି ବର୍ଷ ବୟସରୁ ୧୫ ବର୍ଷ ବୟସର ପିଲାମାନେ ନିଶୁଳ୍କ ରକ୍ତ ବର୍ଗ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କର ମଧ ରକ୍ତବର୍ଗ ପରୀକ୍ଷା କରାଯାଇଥିଲା । ଗୋଟିଏ ଦିନରେ ଏହି ଶିବିରରେ ଅଧିର ଜେନା, ସାଗରିକା




ରକ୍ତ ବର୍ଗ ପରୀକ୍ଷା ଶିବିରରେ ଉପସ୍ଥିତ ଅତିଥି।

ବାରିକ, ସୁଶାନ୍ତ ସାହୁ, ସୁବ୍ରତ କର, ପ୍ରଦୀପ ପରିଡା, ପ୍ରତାପ ପ୍ରଧାନ ଓ ପ୍ରଧାନ ଆଚାର୍ଯ୍ୟ, ଶଶିଭୂଷଣ ମାହାନ୍ତ ପ୍ରତ୍ୟକ୍ଷ ଭାବରେ ରକ୍ତ ପରୀକ୍ଷକମାନଙ୍କୁ ସାହାର୍ଯ୍ୟ କରିଥିଲେ । ଶିଶୁ ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀମାନେ ମଧ ଏହି ଶିବିରରେ ତାଙ୍କର ସମୟକୁ ଦେଇ ସମସ୍ତ କାର୍ଯ୍ୟରେ ସାହାର୍ଯ୍ୟ କରିଥିଲେ। ବରସୁଆଁ ନିବାସୀ ସମୀର ରଞ୍ଜନ ରାୟ ତଥା ରାଉରକେଲା ସ୍ଥିତ କେୟାର ଡାଇଗ୍ନୋଷ୍ଟିକସର ମାଲିକଙ୍କ ଏଭଳି କାର୍ଯ୍ୟକୁ ଲୋକେ ସାଧାରଣରେ ପ୍ରଶଂସା ମଧ କରୁଛନ୍ତି ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପଲି କ୍ଲିନିକ ନିମନ୍ତେ ଆର୍ମି ପକ୍ଷରୁ ସ୍ମାରକ ପତ୍ର

**ରାଉରକେଲା ଅଫିସ,୨୦।୭:** କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପ୍ରାଣୀ କଲ୍ୟାଣ ସଂଗଠନ 'ଆର୍ମି' ପକ୍ଷରୁ ରାଉରକେଲା ସରକାରୀ ପ୍ରାଣୀ ଚିକିତ୍ସାଳୟରେ ଏକ ପଲି କ୍ଲିନିକ ସ୍ଥାପନ ପାଇଁ ଦାବି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ପ୍ରତିଷ୍ଠା ହେଲେ ଡାକ୍ତରମାନେ ପାଳି କରି ରହିବା ସହ ଆନୁଷଙ୍ଗିକ କର୍ମଚାରୀ ଓ ଆବଶ୍ୟକ ଯନ୍ତ୍ରପାତି ମହଜୁଦ ରହିବ। ସେହିଭଳି ଆମ୍ବୁଲାନ୍ସ ବ୍ୟବସ୍ଥା ଦ୍ୱାରା ରାସ୍ତାରେ ଆହତ ହୋଇ ପଡ଼ି ରହୁଥିବା ପଶୁପକ୍ଷୀଙ୍କ ଚିକିତ୍ସା ସମ୍ଭବ ହୋଇପାରିବ। ଏହି କ୍ରମରେ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଅଞ୍ଚଳର ବୁଲା ଗାଈଙ୍କ ପାଇଁ କାଞ୍ଜିଆହୁଦା, ବୁଲା କୁକୁରଙ୍କ ପାଇଁ ଡଗ୍ ପଣ୍ଡ ବ୍ୟବସ୍ଥା କରାଯାଇ ପାରିବ ବୋଲି ସଂଗଠନ କର୍ମକର୍ତ୍ତା ସଂଗ୍ରାମ ପରିଡ଼ା ଏକ ବିବୃତିରେ ପ୍ରକାଶ କରିଛନ୍ତି।

# ୯୦ ବର୍ଷରେ ମିଳିଲା ଭତ୍ତା

ରାଉରକେଲା ଅଫିସ,୨୦।୭

ମଉଳିଯାଇଥିବା ଆଶା ପୁଣି ଉଜ୍ଜୀବିତ ହୋଇଛି। ଭାଙ୍ଗିଯାଇଥିବା ମନରେ ସୃଷ୍ଟି ହୋଇଛି ଆତ୍ମବିଶ୍ୱାସ। ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କ ହସ୍ତକ୍ଷେପ ପରେ ଭାର୍ଦ୍ଧକ୍ୟ ଭତ୍ତା ପାଇ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଅସହାୟ ବୃଦ୍ଧ ଦମ୍ପତି ବରଦାମୋହନ ନନ୍ଦ (୯୦) ଓ ତାଙ୍କ ସ୍ତ୍ରୀ ସୁନନ୍ଦା ନନ୍ଦ (୮୦)। ଲହୁଣୀପଡ଼ା ବ୍ଲକ କୁର୍ଡା ପଞ୍ଚାୟତ ଲଲେଇ ଗାଁର ଏକ ଦଦରା କୁଡ଼ିଆରେ ରୁହନ୍ତି ଏହି ଦମ୍ପତି। ଆର୍ଥିକ ଅଟନରେ ବିତେ ଜୀବନ। ଦୀର୍ଘ ୨୦ ବର୍ଷ ଧରି ସାମାଜିକ ସୁରକ୍ଷା ଅତର୍ଗତ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ କାହାକୁ କେତେ ନେହୁରା ହୋଇଛନ୍ତି। ଅନେକଥର ଫର୍ମ ପୂରଣ କରିଛନ୍ତି। ପ୍ରାୟ ପ୍ରତି ବର୍ଷ ଆବେଦନ କରନ୍ତି ଭତ୍ତା ପାଇଁ। ହେଲେ ଫର୍ମ କୁଆଡ଼େ ଯାଏ ଜାଣି ପାରନ୍ତିନି। ଏଥର ସୁନିଶ୍ଚିତ ହୋଇଯିବ



ଭତ୍ତା ପାଇଥିବା ବୃଦ୍ଧ ଦମ୍ପତି।

ଏମିତି ବାରମ୍ବର ଆଶ୍ୱାସନା ମିଳେ ତାଙ୍କୁ। କିନ୍ତୁ ସବୁ ଥର ନିରାଶ ହୁଅନ୍ତି। ଅଭାବରେ ପଡ଼ି ଘାଣ୍ଟି ହେଉଥିବା ଏହି ଦମ୍ପତିଙ୍କ ଗୁହାରି ଶୁଣିବାକୁ ନେତା, ଅଧିକାରୀଙ୍କୁ ବେଳ ନ ଥାଏ। ଶେଷରେ ସାମାଜିକ କର୍ମୀ କୁସୁମଙ୍କ ନଜରକୁ ଆସିଥିଲା ଘଟଣା। ସେ ଲଲେଇ ଗାଁରେ ପହଞ୍ଚି ଦମ୍ପତିଙ୍କ ଦୁଃଖ ପଚାରି ବୁଝିଥିଲେ। ତତ୍‌କ୍ଷଣାତ ସେ ଫର୍ମ ପୂରଣ କରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଯଥାଶୀଘ୍ର ଭତ୍ତା ପ୍ରଦାନ ପାଇଁ ଦାବି କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇଥିଲେ ତାଣ୍ଡିଆ। ସେ ତୁରନ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୃଦ୍ଧ ଦମ୍ପତିଙ୍କ ଦୀର୍ଘ ୨୦ ବର୍ଷର ଆଶା ପୂରଣ ହୋଇପାରିଛି। ଏ ନେଇ କୁସୁମ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାଣ୍ଡିଆଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

■ ଗୋଡ଼ରେ ଶିକୁଳି ବନ୍ଧା

# ଅନ୍ଧାର କୋଠରିରେ ବିତୁଛି ଜୀବନ

ଭବାନୀପାଟଣା/ଜୟପାଟଣା, ୨୦।୭(ସ୍ୱ.ପ୍ର/ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରଣମାଳ ପଞ୍ଚାୟତ ଭୁର୍ସିଗୁଡ଼ା ଗ୍ରାମର ପ୍ରସନ୍ନ ଖର୍ସେଲ (୩୦)। ବର୍ଷେ ହେଲା ସେ ଅନ୍ଧାର କୋଠରିରେ ଶିକୁଳିରେ ବନ୍ଧାହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ବର୍ତ୍ତମାନ ବୃଦ୍ଧ ବାପା ଗୋପ ଓ ପ୍ରସନ୍ନଙ୍କ ସ୍ତ୍ରୀ ପତ୍ନୀ ପଦ୍ମା ତାଙ୍କ ପାଇଁ ସାହାର ପାଲଟିଛନ୍ତି। ୨ବର୍ଷ ତଳେ ପ୍ରସନ୍ନଙ୍କୁ ଜ୍ୱର ହୋଇଥିଲା। ହେଲେ ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରସନ୍ନଙ୍କ ମାନସିକ ସ୍ଥିତି ଦିନକୁ ନ ଦିନ ବିଗିଡ଼ିବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ସେ ମାନଶିକ ଭାରସାମ୍ୟ ହରାଇ ଲୋକଙ୍କୁ ଗୋଡାଇ ମାରିବାକୁ ଉଦ୍ୟମ କରିଥିଲେ। ଏପରିସ୍ଥଳେ ପରିବାର ଲୋକେ ଘରେ ଥିବା ସୁନା, ଗହଣା, ବାସନକୁଶନ ବନ୍ଧା ପକାଇ ପ୍ରଶନ୍ନଙ୍କ ଚିକିତ୍ସା କରାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ପରେ ପ୍ରସନ୍ନ ମାନସିକ ରୋଗରେ ଆକ୍ରାନ୍ତ ହୋଇପଡ଼ିଥିଲେ। ଗତ ୯ ବର୍ଷ ତଳେ ପ୍ରସନ୍ନ ବିବାହ କରିଥିଲେ। ଏବେ ତାଙ୍କର ଦୁଇ ପୁଅ ଅଛନ୍ତି। ପଞ୍ଚାୟତ ପକ୍ଷରୁ ବୃଦ୍ଧ ବାପାଙ୍କୁ ମାସକୁ ମିଳୁଥିବା ୫ଶହ ଟଙ୍କା ଭତ୍ତା ଓ ୨୫ କି.ଗ୍ରା. ଚାଉଳରେ ପରିବାର ଚଳୁଛି। ସେହିପରି ପ୍ରଶନ୍ନଙ୍କ ସ୍ତ୍ରୀ ପଦ୍ମା ପ୍ରତିଦିନ ମୂଲମଜୁରୀ ଲାଗି ଯାହା କିଛି ପାଉଛନ୍ତି ପରିବାର ଚଳାଇବାରେ ସାହାର୍ଯ୍ୟ କରୁଛନ୍ତି। ହେଲେ ପରିବାର ଚଳିବା କଷ୍ଟକର ହୋଇପଡିଥିବା ବେଳେ ରୋଗାଗ୍ରସ୍ତ ସ୍ୱାମୀଙ୍କ ଚିକିତ୍ସା କଥାକୁ କିଏ ପଚାରେ। ବର୍ତ୍ତମାନ ପ୍ରସନ୍ନଙ୍କୁ ଲୁହା ଶିକୁଳିରେ ବନ୍ଧାଯାଇ ଏକ ଅନ୍ଧାର କୋଠରିରେ ରଖାଯାଇଛି। ପ୍ରସନ୍ନଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଆବଶ୍ୟକ ହୋଇପଡିଛି। ଏ ନେଇ ଜୟପାଟଣା ବିଡିଓ ଐଶ୍ୱର୍ଯ୍ୟ ସାମନ୍ତରାୟଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଚିକିତ୍ସା ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ ପ୍ରଶିକ୍ଷଣ

ରାଉରକେଲା ଅଫିସ,୨୦।୭

ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସଦସ୍ୟତା ଅଭିଯାନ ନେଇ ଏକ ପ୍ରଶିକ୍ଷଣ ଶିବିର ଜିଲା ସଭାପତି ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ମାହେଶ୍ୱରୀ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲା ସଦସ୍ୟତା ଅଭିଯାନ ପ୍ରମୁଖ ରାଜେନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସେ ଅଭିଯାନର ସଫଳତା ନେଇ ଆଶା ବ୍ୟକ୍ତ କରିଥିଲେ। ଜିଲା ସଭାପତି ବେହେରା କହିଥିଲେ, ସଂଗଠନର ଅଭିବୃଦ୍ଧି କରିବାକୁ ହେଲେ ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ପଡ଼ିବ। ଏ ଦିଗରେ ସମସ୍ତ କର୍ମକର୍ତ୍ତା ଧ୍ୟାନ ଦେବାକୁ ବେହେରା ପରାମର୍ଶ ଦେଇଥିଲେ। ସମସ୍ତେ ମିଳିମିଶି କାମ କଲେ ଅଭିଯାନ ସଫଳ ହେବ ବୋଲି ବରିଷ୍ଠ ନେତା କିଶାନ ସାହୁ କହିଥିଲେ। ଅଭିଯାନ ପ୍ରଭାରୀ ସୁକେଶୀ ଓରାମ ନିଜ



ଭାଜପା ପକ୍ଷରୁ ଆୟୋଜିତ ସଦସ୍ୟତା ଅଭିଯାନ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

ବକ୍ତବ୍ୟରେ ତୃଣମୂଳ ସ୍ତରରେ ସଦସ୍ୟତା ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସଦସ୍ୟତା ଅଭିଯାନ କିପରି ଲୋକାଭିମୁଖୀ ହୋଇପାରିବ ସେ ଦିଗରେ ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ରାଜ୍ୟ ସମ୍ପାଦକ ଧିରେନ ସେନାପତି କହିଥିଲେ। ଅଭିଯାନର ମୂଳ ଉଦ୍ଦେଶ୍ୟ ପୂରଣ ଦିଗରେ ମିଳିତ ଚେଷ୍ଟା ନିଶ୍ଚିତ ସଫଳ ହେବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓରାମ କହିଥିଲେ। ବୁଥ ସ୍ତରରେ କିପରି ଏହି ଅଭିଯାନକୁ ସାକାର କରାଯାଇପାରିବ ସେ ନେଇ ସକାରାତ୍ମକ ପଦକ୍ଷେପ ନିଆଯିବା ଆବଶ୍ୟକ। ଭାଜପା ସର୍ବଦା ସବ୍‌କା ସାଥ୍ ସବ୍‌କା ବିକାଶକୁ ଗୁରୁତ୍ୱ ଦେଇଆସିଛି। ଏଣୁ କର୍ମକର୍ତ୍ତା ଏହାର ଗୁରୁତ୍ୱ ଉପଲବ୍ଧି କରି ସଫଳ ପଦକ୍ଷେପ ନେବାକୁ ଓରାମ ଆହ୍ୱାନ ଦେଇଥିଲେ।

## ଶୀଳା ଦୀକ୍ଷିତଙ୍କ ବିୟୋଗରେ ଶୋକ

ରାଉରକେଲା ଅଫିସ,୨୦।୭

ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ, ପୂର୍ବତନ କେରଳ ରାଜ୍ୟପାଳ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ଆକସ୍ମିକ ବିୟୋଗରେ ରାଉରକେଲା କଂଗ୍ରେସ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ଏମ୍‌ଡି ମୋଇନୁଦ୍ଦିନ, ସନ୍ତୋଷ ବିଶ୍ୱାଳ, ସୁଦାମ ତନ୍ତୀ, କୈଳାସ ସାହୁ, ବିନୋଦ ପଟ୍ଟନାୟକ, ସରୋଜ ମହାନ୍ତି, ସୁନୀଲ ପଟ୍ଟନାୟକ, ରବୀନ୍ଦ୍ର ଦାସ, ଆୟୁବ ଖାନ, କଳ୍ପତରୁ ପଣ୍ଡା, ସିଦ୍ଧେଶ୍ୱର ମଲ୍ଲିକ, ବିନୋଦ ରାଉତ, କୀର୍ତ୍ତନ ଦାସ ଓ ବି.ଏନ୍. ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବୈଜ୍ଞାନିକ ମନୋଭାବ ବିକାଶ ଶୀର୍ଷକ ଆଲୋଚନା

ରାଉରକେଲା ଅଫିସ,୨୦।୭

ସୁନ୍ଦରଗଡ଼ ଜିଲା ସୀମାରେ ଅବସ୍ଥିତ ଲୋଆରାମ ଗ୍ରାମ ସରକାରୀ ସ୍କୁଲରେ ବୈଜ୍ଞାନିକ ମନୋଭାବ ବିକାଶ ନିମନ୍ତେ ଉଦ୍ଦିଷ୍ଟ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ବୈଜ୍ଞାନିକ ମନୋଭାବ ଶୀର୍ଷକ ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସମାସୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ବୈଜ୍ଞାନିକ ମନୋଭାବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ଧବିଶ୍ୱାସର କୁପରିଣତି ତଥା ଭୟାବହତା ଯୋଗୁ କିପରି ଜୀବନହାନି ଘଟୁଛି ସେ ନେଇ ସମାସୀ ତଥ୍ୟ ଉପସ୍ଥାପନ କରିଥିଲେ। ପୁରାତନ ଯୁଗରୁ ଲୋକମାନଙ୍କ ମନରେ ଅନ୍ଧବିଶ୍ୱାସ ବସା ବାନ୍ଧିଥିବା ବେଳେ ଏହା ଦୂର ହେବା ଆବଶ୍ୟକ ବୋଲି ସେ କହିଥିଲେ। ମନ ଭିତରେ ଲୁକ୍କାୟିତ ରୂପେ ରହିଥିବା ବୈଜ୍ଞାନିକ ମନୋଭାବ କିପରି ଉଦ୍ରେକ ହେବ ସେ ଦିଗରେ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ବୋଲି ସମାସୀ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ଡ. ଶଶିକାନ୍ତ ଆଚାର୍ଯ୍ୟ କହିଥିଲେ, ପିଲାଙ୍କୁ ପ୍ରଶ୍ନ ପଚାରି ବୁଝିବା ହେଉଛି ଏକ ଉତ୍ତମ ଅଭ୍ୟାସ। ଯାହା ଦ୍ୱାରା ପିଲାର ବୈଜ୍ଞାନିକ ମନୋଭାବର ବିକାଶ ଘଟିଥାଏ। ସେ ସମସ୍ତ ଘଟଣା ଓ ପରିସ୍ଥିତିକୁ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରେ। ତେଣୁ ପିଲାଙ୍କୁ ଏ ଦିଗରେ ଉତ୍ସାହିତ କରିବା ଉଚିତ ବୋଲି ଆଚାର୍ଯ୍ୟ କହିଥିଲେ। ଟ୍ରଷ୍ଟର ସମ୍ପାଦିକା ହେମନ୍ତା ତାଣ୍ଡିଆ ପତ୍ରିକା ବୈଜ୍ଞାନିକ ମନୋଭାବର ସମୀକ୍ଷା କରିଥିଲେ। ଏନ୍‌ଆଇଟି ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ତାଙ୍କ ନିଜ ଅନୁଭୂତିରୁ ପିଲାଙ୍କୁ ବହୁ ଶିକ୍ଷଣୀୟ ବିଷୟ କହିଥିଲେ। ସେ କହିଥିଲେ, ପିଲାମାନେ କେବେ ବି କୌଣସି କାମ କରିପାରିବି ନାହିଁ ବୋଲି ଭାବିବା ଅନୁଚିତ। ମୋ ଦ୍ୱାରା ଏହା ସମ୍ଭବ ବୋଲି ଦୃଢ଼ ବିଶ୍ୱାସ ରହିବା ଉଚିତ ବୋଲି ବିଶ୍ୱାଳ ପରାମର୍ଶ ଦେଇଥିଲେ। ଶିକ୍ଷକ ତଥା ସାମାଜିକ କର୍ମୀ ନରେନ୍ଦ୍ର ଗୋପ ସଭା ଆରମ୍ଭରେ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚାନ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପ୍ରକାଶ ପ୍ରଧାନ, ପ୍ରକାଶ ତିର୍କୀ, ପ୍ରଦୀପ ରାଉତ, ଜ୍ଞାନରଞ୍ଜନ ପାଢ଼ୀ, ନିରୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଜ୍ଞାନିକ ମନୋଭାବ ଶୀର୍ଷକ ପତ୍ରିକା ଉନ୍ମୋଚନ କରାଯାଉଛି।

## ବଳାତ୍କାର ଉଦ୍ୟମ, ଯୁବକ ଗିରଫ

କୋକସରା,୨୦।୭(ସ୍ୱ.ପ୍ର)

ଜଣେ ବିବାହିତା ମହିଳାଙ୍କୁ ପ୍ରେମ ନିବେଦନ ସହ ଟଣାଓଟରା ଓ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଆମପାଣି ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କାଉଡ଼ୋଲା ଗ୍ରାମର ବସନ୍ତ କୁମାର ସରାବୁ (୩୪)। ୧୭ ତାରିଖରେ ମହିଳା ଘରେ ଏକୁଟିଆ ଥିବା ଜାଣି ବସନ୍ତ ତାଙ୍କ ଘରକୁ ଯାଇ ପ୍ରେମ ନିବେଦନ ସହ ବଳାତ୍କାର ଉଦ୍ୟମ କରିଥିଲେ।



ବନ ମହୋତ୍ସବ ପାଳନ ଅବସରରେ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅତିଥି।

# ଓପିଏମ୍ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ

ବ୍ରଜରାଜନଗର,୨୦।୭(ଡି.ଏନ୍.ଏ.)

ସ୍ଥାନୀୟ ଓପିଏମ୍ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ ପାଳନ କରାଯାଇଛି। ଏମ୍‌ସିଏଲ୍ ପଦାଧିକାରୀ ଲୋକନାଥ ସାହୁ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ନେଇ ତର୍କ ପ୍ରତିଯୋଗିତା କରାଯାଇଥିଲା। ଝାରସୁଗୁଡ଼ା ଜିଲା ଗାଇଡ୍ ପ୍ରଶିକ୍ଷକ ସୁଶ୍ରୀ ପ୍ରତିଭା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ପରିବେଶ ସବୁଜ ସୁନ୍ଦର କରିବା ପାଇଁ ଅତିଥିମାନେ ମତ ଦେଇଥିଲେ। ଛାତ୍ରୀମାନଙ୍କୁ ୪ଶହ ଚାରା ବଣ୍ଟନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଧାଂଶୁଶେଖର ପଣ୍ଡା, ସସ୍ମିତା ସାହୁ, ସସ୍ମିତା ଜେନା, ସୁରେନ ସ୍ୱପ୍ନା ସିଂ, ଦୁଲାରୀ ଦୁଡିଆଚାନ୍ଦ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

■ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ହେଉ

# ଖବରଦାତାଙ୍କ ନିନ୍ଦା, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଝାରସୁଗୁଡ଼ା ଅଫିସ/ଲଖନପୁର, ୨୦।୭(ଡି.ଏନ୍.ଏ.)

ରାଜ୍ୟରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଅନେକ ସମୟରେ ଆକ୍ରମଣ ଓ ଦୁର୍ବ୍ୟବହାର କରାଯାଉଛି। ଇତିମଧ୍ୟରେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଓ ସମ୍ବଲପୁରରେ ଖବରଦାତାଙ୍କୁ ଖୋଦ୍ ଏସ୍‌ପି ଓ ଆଇଆଇସି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ରାଜ୍ୟର ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ଖବରଦାତା ସଂଘ ସଭାପତି ନୀଳେନ୍ଦ୍ର କୁମାର ଗଜେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ପ୍ରେସ୍‌କ୍ଲବରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସାଧାରଣ ସମ୍ପାଦକ ସଞ୍ଜୀବ ପଟ୍ଟଯୋଶୀ, ଉପସଭାପତି ଜୟକୃଷ୍ଣ ମହାପାତ୍ର, ଅନୀଲ ଅଗ୍ରୱାଲ, ମେହେବୁବ ମହତାବ, ସନ୍ତୋଷ ମିଶ୍ର, ଜୀବନ ମହାନ୍ତି, ସୁବାସ ପ୍ରଧାନ, ସନ୍ତୋଷ ସାହୁ, ସୁଦାମ ସାହୁ, ସୁବାସ ସାହାରେ, ଜଗଦୀଶ ପୁରୋହିତ, ସୁରେନ୍ଦ୍ର ସାହୁ, ବିଜୟ ଶଙ୍କର ଦାସ, ଖୁର୍ଶିଦ ଆଲମ ଖାନ, ସୀତମ ପ୍ରଧାନ, ଗଗନ ବାଗ ପ୍ରମୁଖ ଜିଲାର ବହୁ ଖବରଦାତା ଉପସ୍ଥିତ ରହି ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସଂଘ ସଭାପତି ଗଜେନ୍ଦ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ।



ଜିଲା ଖବରଦାତା ସଂଘ ପକ୍ଷରୁ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଏମ୍‌ସିଏଲ୍ କୋଇଲାଖଣି ସମ୍ପ୍ରସାରଣକୁ ବିରୋଧ

■ ଗ୍ରାମବାସୀଙ୍କ ଦାବିକୁ ନେଇ ହେବ ତ୍ରିପାକ୍ଷିକ ଆଲୋଚନା

ଲଖନପୁର,୨୦।୭(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ବେଲପାହାଡ଼ ଖୋଲାମୁହଁ କୋଇଲାଖଣି ୫ନଂ ଖାଦାନ ସମ୍ପ୍ରସାରଣକୁ ବିସ୍ଥାପିତ କେରୁଆଲବାହାଲ ଗ୍ରାମବାସୀ ପ୍ରଥମରୁ ବିରୋଧ କରିଆସୁଛନ୍ତି। ତେବେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଶନିବାର ସଶସ୍ତ୍ର ପୋଲିସ ଉପସ୍ଥିତରେ ଖଣି ସମ୍ପ୍ରସାରଣ କାମ ଆରମ୍ଭ କରିଥିଲେ। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା, ପୁରୁଷ ଘଟଣାସ୍ଥଳର ପହଞ୍ଚି କାମ ବନ୍ଦ କରିଥିଲେ। ଫଳରେ ପୋଲିସ ଗ୍ରାମବାସୀଙ୍କୁ ଅଟକାଇଥିଲା। ଏ ନେଇ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲା। ପରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ପ୍ରଶାସନ ପକ୍ଷରୁ ଲଖନପୁର ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ଉର୍ମା, ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।



ଖଣି ସମ୍ପ୍ରସାରଣକୁ ଗ୍ରାମବାସୀଙ୍କ ବିରୋଧ ପରେ ତ୍ରିପାକ୍ଷିକ ଆଲୋଚନା ଚାଲିଛି।

ଗ୍ରାମବାସୀଙ୍କ ପକ୍ଷରୁ କୁଶ୍ରାଲୋଇ ସରପଞ୍ଚ ରୂପସୀ ସେଠ, ନାଏବ ସରପଞ୍ଚ ରଞ୍ଜନ ଭୋଇ, ଲାଲଜୀ ଓରାମ, ସୌଭାଗିନୀ ଓରାମ, ସୌଦାମିନୀ ଓରାମ, ମନବୋଧ ଓରାମ ଓ ଏମ୍‌ସିଏଲ୍ ପକ୍ଷରୁ ଖଣି ପ୍ରକଳ୍ପ ଅଧିକାରୀ ଯୁରେନ୍ ପଟ୍ଟନାୟକ ଉପସ୍ଥିତ ଥିଲେ। କମ୍ପାନୀ ଦୀର୍ଘବର୍ଷ ହେଲାଣି ଗ୍ରାମକୁ ଅଧିଗ୍ରହଣ କରିଛି। ଏବେ ଖଣି ସମ୍ପ୍ରସାରଣ ହୋଇ ଗ୍ରାମ ନିକଟରେ ପହଞ୍ଚିଲାଣି। ଅନେକ ସମୟରେ ଖଣିରେ ଶକ୍ତିଶାଳୀ ବିସ୍ଫୋରଣ ହେଉଛି। ଘରଦ୍ୱାର ଭାଙ୍ଗିଯାଉଛି। ଗ୍ରାମରେ କୋଇଲାଗୁଣ୍ଡ ଓ ଧୂଳିଧୂଆଁ ଉଡ଼ି ପଶୁଛି। ଖଣି ସମ୍ପ୍ରସାରଣ ଦ୍ୱାରା ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହେବାରେ ଲାଗିଛି। ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ବିସ୍ଥାପିତ ନ କରି ଖଣି ସମ୍ପ୍ରସାରଣ କରିଚାଲିଛନ୍ତି ବୋଲି ବୈଠକରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବିସ୍ଥାପନ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ନିଯୁକ୍ତି ଆଦି ଯୋଗାଇଦେଲେ ଗ୍ରାମବାସୀ ସ୍ୱଇଚ୍ଛାରେ ଗ୍ରାମ ଛାଡ଼ିଦେବେ ବୋଲି ଦାବି କରିଥିଲେ। ବିସ୍ଥାପିତ ଗ୍ରାମବାସୀଙ୍କୁ କମ୍ପାନୀ ଚାଉଁରୀମହୁଲଠାରେ ଥାଇଥାନ କରିବା ପାଇଁ ଜମି ଚିହ୍ନଟ କରିଛି। ଏହି ଜମି ଗ୍ରାମଠାରୁ ବହୁ ଦୂରରେ ରହିଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଗ୍ରାମ ନିକଟରେ ପୁନର୍ବସତି ସ୍ଥାପନ ପାଇଁ ଜମି ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସବୁ ଦାବି ନେଇ ଆସନ୍ତା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଉ ଏକ ତ୍ରିପାକ୍ଷିକ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ

## ସଂକ୍ଷେପରେ

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଶିବିର

**ଉଲୁଣ୍ଡା, ୨୦।୭ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ଉଚ ପ୍ରାଥମିକ ବିଦ୍ୟାଳୟରେ ପତଞ୍ଜଳି ଯୁବ ଭାରତ ତରଫରୁ ଶନିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିଚରଣ ପାଲଙ୍କ ତତ୍ତ୍ୱାବଧାନକ୍ରମେ ଅନୁଷ୍ଠିତ ଏହି ଶିବିରରେ ଯୋଗାଚାର୍ଯ୍ୟ ଦୁର୍ଗା ଚରଣ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ୧୨୫ ଜଣ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବ ଭାରତ ପ୍ରଭାରୀ ଧର୍ମପଦ ମହାକୁର, ଆନନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ପୂଜାହାରୀ, ଶିକ୍ଷୟିତ୍ରୀ ମୀତାରାଣି ନାଏକ, ସୁପ୍ରଭା ପାଣିଗ୍ରାହୀ, ଶିବାନୀ ମଲ୍ଲିକ, ରାଧାରାଣୀ ପାଢ଼ୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅବ୍ୟବସ୍ଥାରେ ଚାଲିଛି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର

**ତରଭା, ୨୦।୭ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧଦେଇ ଗତି କରୁଛି। ଏଠାରେ ଆବଶ୍ୟକ କର୍ମଚାରୀ ଓ ଡାକ୍ତର ନାହାନ୍ତି। ପ୍ରାଣୀଧନ ନିରୀକ୍ଷକ, ଆଟେଣ୍ଡାଣ୍ଟ, ଝାଡୁଦାର ପଦବୀ ଖାଲି ରହିଛି। ତରଭା ବ୍ଲକ ପ୍ରାଣୀଧନ ଅଧିକାରୀ ଡ.ଶ୍ୟାମସୁନ୍ଦର ପାଣ୍ଡେ ସପ୍ତାହରେ ଦୁଇଦିନ ଏହି କେନ୍ଦ୍ରକୁ ଚିକିତ୍ସା ପାଇଁ ଯାଉଛନ୍ତି। ପ୍ରାୟ ବର୍ଷେ ତଳେ ମେଣ୍ଡା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରର ଚିକିତ୍ସକଙ୍କୁ ବଦଳି କରାଯାଇଥିଲା। ବାରମ୍ବାର ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଏ ଅଞ୍ଚଳର ହଜାର ହଜାର ପ୍ରାଣୀଧନ ଚିକିତ୍ସା ପାଇପାରୁ ନାହାନ୍ତି। ଗାଈ, ଛେଳି, ମେଣ୍ଢା, କୁକୁଡା ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାଣୀଧନ ସେବା କେନ୍ଦ୍ର ଅଧୀନରେ ମେଣ୍ଡା, ନାରାୟଣପୁର, ଦେଉଲପଦ ଓ ଲଛିପୁର ପ୍ରମୁଖ ଚାରିଟି ଏଲଆଇ କେନ୍ଦ୍ର ରହିଥିବାରୁ ସେଠାରେ ମଧ ଏହାର ପ୍ରଭାବ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ତରଫରୁ ଦାବି ଦେଉଛି।

### ପିଜୁଳି ତୋଳିବା ବେଳେ ଗଛରୁ ପଡ଼ି ବାଳକ ଗୁରୁତର

**ବିନିକା,୨୦।୭ (ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟପଡାର ସ୍ୱପ୍ନ ତରିଆ(୧୧) ନାମକ ଜଣେ ବାଳକ ଶନିବାର ସାଥିମାନଙ୍କ ସହ ପିଜୁଳୁ ତୋଳିବା ସମୟରେ ଗଛରୁ ଖସି ପଡ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଲୋକେ ତାଙ୍କୁ ଉଦ୍ଧାର କରି ବିନିକା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗରୁତର ହେବାରୁ ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ଖବରଦାତାଙ୍କୁ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣାର ନିନ୍ଦା

**ବିନିକା,୨୦।୭ (ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାଟକୁରାରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରାପଡା ଏସ୍‌ପି ନୀତି ଶେଖରଙ୍କ ଜଣେ ଖବରଦାତାଙ୍କୁ ମାରିବା ପାଇଁ ହାତ ଉଠାଇବା ଘଟଣାକୁ ବୈଠକରେ ନିନ୍ଦା କରାଯାଇଛି। ବିନିକା ସାମ୍ବାଦିକ ସଂଘ ସଭାପତି ଅଶୋକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧ୍ରୁବଚରଣ ମିଶ୍ର, ବିପ୍ଳବ ରଞ୍ଜନ ଦାଶ, ହିଂମାଶୁ ପୁଟେଲ, ମୁକେଶ ବଗର୍ତ୍ତୀ, ବ୍ରହ୍ମାନନ୍ଦ ପୂଜାରୀ, ମୁକ୍ତିକାନ୍ତ ପେରା, ରବିନ୍ଦ୍ର ହୋତା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସାରଚୋରି ଘଟଣାର ଗୁମର ଖୋଲୁଛି

- ୩ ଅଭିଯୁକ୍ତ କୋର୍ଟଚାଲାଣ
- ଦୁଇଦିନ ଧରି ଗୋଦାମରୁ ଚୋରି ହୋଇଥିଲା
- ଚୋରି ସାରକୁ ଟାଟା ମ୍ୟାଜିକରେ ନେଇଥିଲେ
- ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ:ଏସ୍‌ପି

**ବିନିକା, ୨୦।୭ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା-ସିଲାଟି ରାସ୍ତା ଗୁଲୁଣ୍ଡା ନିକଟବର୍ତ୍ତୀ ବିନିକା ପ୍ରାଥମିକ ସମବାୟ ସମିତି ଗୋଦାମ ଗୃହରୁ ହୋଇଥିବା ସାର ଚୋରି ଘଟଣାର ଗୁମର ଖୋଲିବାରେ ଲାଗିଛି। ଦିନେ ନୁହେଁ ଦୁଇଦିନ ଧରି ଗୋଦାମ ଶର୍ଟର ଭାଙ୍ଗି ଚୋରମାନେ ସାର ଚୋରି କରିଥିଲେ। ଚୋରି ସାରକୁ ଏକ ଟାଟା ମ୍ୟାଜିକରେ ଲଦିନେଇ ଯାଇଥିଲେ। ଏହି ଘଟଣାରେ ପୋଲିସ୍ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବରଗଡ ଜିଲା ଭେଡେନ ଥାନା ସାନପିପିଲିପାଲି ଗ୍ରାମର ରାମଚନ୍ଦ୍ର ପଧାନ(୩୮), ଧନେଶ୍ୱର ପଧାନ (୩୨) ଓ ଗାଡି ଡ୍ରାଇଭର ଅନୀଲ କଲେତ। ଶନିବାର ବିନିକା ଥାନା ଅଭ୍ୟର୍ଥନା ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ଦେବୀ ପ୍ରସାଦ ଦାଶ। ଏସ୍‌ପିଙ୍କ ସୂଚନା ଅନୁସାରେ ଚୋରି ସାର ପରିବହନରେ ବ୍ୟବହୃତ ଟାଟା ମ୍ୟାଜିକ ( ନଂ.ଓଡି-୧୭ଜେ-୫୪୬୪), ଚୋରି ହୋଇଥିବା ୭୮ପ୍ୟାକେଟ୍ ସାର ଓ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଗୋଦାମ ଗୃହରୁ ୧୯୫ ପ୍ୟାକେଟ୍ ସାର ଚୋରି ହୋଇଥିଲା। ସେଥିରୁ ୮୩ ପ୍ୟାକେଟ୍ ଗ୍ରୋମର ଓ ୧୧୨ପ୍ୟାକେଟ୍ ଡିଏପି ସାର। ପ୍ୟାକ୍ସ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ ସାନପିପିଲିପାଲି ଗ୍ରାମର ରାମଚନ୍ଦ୍ର, ଧନେଶ୍ୱର ଓ ଡ୍ରାଇଭର ଅନୀଲଙ୍କୁ ପୋଲିସ ଗିରଫ କରିବା ପରେ ଚୋରି ସମ୍ପର୍କରେ ତଥ୍ୟ ମିଳିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ସୂଚନା ପାଇ ବରପାଲି ଥାନା କୁମ୍ଭାରୀ ଗ୍ରାମର ଡାକ୍ତର ନାଏକଙ୍କ ଘର ସମ୍ମୁଖରୁ ୭୫ ପ୍ୟାକେଟ, ରାମଚନ୍ଦ୍ର ଓ ଧନେଶ୍ୱର ପାଖରୁ ୩ପ୍ୟାକେଟ୍ ସାର ପୋଲିସ୍ ଜବତ କରିଥିଲା। ତେବେ ଚୋରି ସାରର ମୂଲ୍ୟ ୧ଲକ୍ଷ ୯୫ହଜାର ଟଙ୍କା ହୋଇଥିବା ବେଳେ ଏଯାଏଁ ପୋଲିସ୍ ପ ୮୫ହଜାର ଟଙ୍କାର ସାର ଜବତ କରିଛି। ଏହି ଘଟଣାରେ ସଂଶ୍ଳିଷ୍ଟ ଆଉ ଏକ ଗୋଷ୍ଠୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅତିରିକ୍ତ ଏସପି ରମେଶ କୁମାର ପାଣିଗ୍ରାହୀ,ଏସ୍‌ଡିପିଓ ମିହିର କୁମାର ପଣ୍ଡା, ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସାମରିଆ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ୩ଜଣଙ୍କୁ ପୋଲିସ ହାଜର କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କେତେ ମାରଗରେ ଯାଉଛି
ଗଞ୍ଜେଇ ଗଛକୁ ଚଡ଼କ ମାଇଲେ
ଗୁଆ ଗଛ ଜଳିଯାଉଛି ।**

ଗଞ୍ଜେଇ ଗଛକୁ ଚଡ଼କ ମାରିଲେ ଗୁଆ ଗଛ ଜଳିଯିବା ମନରେ ଦ୍ୱନ୍ଦ୍ୱଭାବ ସୃଷ୍ଟି କରିଥାଏ। ବେଳେବେଳେ କିଛି ବ୍ୟକ୍ତି ରହସ୍ୟ କରି କଥାକୁ ଏପରି କହିଥାନ୍ତି ଯେ ଶୁଣିବା ଲୋକ ଆଚମ୍ବିତ ହୋଇଯାଇଥାଏ। କଥାକୁ ଚଞ୍ଚକତା କରି ବର୍ଣ୍ଣନା କରିବା ଦ୍ୱାରା ମୂଳ କଥାର ଟେର୍ କେହି ପାଇପାରି ନ ଥାନ୍ତି। ଚାତୁରୀ ମାରି କଥା କହି ଲୋକଙ୍କୁ ଭ୍ରମିତ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କ୍ରୋଧଠାରୁ ଶତ୍ରୁ ନାହିଁ
ବୋଧଠାରୁ ମିତ୍ର ନାହିଁ ।**

କ୍ରୋଧ ମଣିଷର ପରମଶତ୍ରୁ। କ୍ରୋଧ କଲେ ବା ରାଗିଗଲେ ମଣିଷ ନିଜ ଉପରୁ ନିୟନ୍ତ୍ରଣ ହରାଇବସେ। ହିତାହିତ ଜ୍ଞାନ ଭୁଲି ସେ ଯାହା ବି କରିବସେ ତା'ର ପରିଣାମ ଶେଷକୁ କେବଳ ମନ୍ଦ ହିଁ ହୋଇଥାଏ। ସେହିପରି ବୋଧଶକ୍ତି ବ୍ୟକ୍ତିକୁ ଭଲମନ୍ଦ ବିଷୟରେ ଜ୍ଞାତ କରାଇଥାଏ। ବୁଦ୍ଧି, ଜ୍ଞାନ, ଜାଗରଣ, ଅନୁଭୂତି ବ୍ୟକ୍ତିକୁ ସଫଳଗାମୀ କରାଇଥାଏ। ଫଳସ୍ୱରୂପ ବ୍ୟକ୍ତି ସମାଜରେ ସୁପ୍ରତିଷ୍ଠିତ ହେବା ସହ ଉନ୍ନତି ପଥରେ ଅଗ୍ରସର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାଜ୍ୟର ପ୍ରଥମ ବିଦେଶ ଡାକଘର ଉଦ୍‌ଘାଟିତ

- ଏଣିକି ବିଦେଶରେ ଶୀଘ୍ର ପହଞ୍ଚିବ ଚିଠି, ପାର୍ସଲ
- ରପ୍ତାନିକାରୀଙ୍କୁ ସ୍ୱାଗତ, କମ୍ ମୂଲ୍ୟରେ ମିଳିବ ସେବା
- ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଆସିବ ଉନ୍ନତି

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ଓଡ଼ିଶାରୁ ବିଦେଶକୁ ପଠାଯାଉଥିବା ଚିଠି ଓ ପାର୍ସଲ କୋଲକାତାସ୍ଥିତ ଫରେନ ପୋଷ୍ଟ ଅଫିସ୍‌ର କଷ୍ଟମ ବିଭାଗରେ ଯାଞ୍ଚ ହୁଏ। ଏହାଦ୍ୱାରା ଚିଠି ପହଞ୍ଚିବାରେ ବହୁତ ବିଳମ୍ବ ହୁଏ। ହେଲେ ଏବେ ଆଉ ବିଳମ୍ବ ହେବ ନାହିଁ। ଏହି ସମସ୍ୟା ଦୂର କରିବାକୁ ଭାରତୀୟ ଡ଼ାକ ଓ କଷ୍ଟମ ବିଭାଗ ପକ୍ଷରୁ ଓଡ଼ିଶାରେ ପ୍ରଥମ ଫରେନ ପୋଷ୍ଟ ଅଫିସ (ବିଦେଶ ଡାକଘର)ର ଶୁଭାରମ୍ଭ ହୋଇଛି। ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ପୋଷ୍ଟାଲ ପ୍ରିଣ୍ଟିଂ ପ୍ରେସ୍‌ଠାରେ ଏହାକୁ ଭାରତୀୟ ଡାକ ବିଭାଗର ସଚିବ ଅନନ୍ତନାରାୟଣ ନନ୍ଦ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. ସନ୍ତୋଷ କୁମାର କମିଳା, ଡାକ ନିର୍ଦ୍ଦେଶାଳୟ ନୂଆଦିଲ୍ଲୀର ନିର୍ଦ୍ଦେଶକ ପଦ୍ମଗନ୍ଧା ମିଶ୍ର, ଡ଼ାକସେବା ମୁଖ୍ୟାଳୟ ଭୁବନେଶ୍ୱରର ଜି. ଗୁରୁନାଥନ, ସଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ପରିମଣ୍ଡଳ ମୁଖ୍ୟ ଡ଼ାକପାଳ ଡ. କମିଳା ସୂଚନା ଦେଇ କହିଛନ୍ତି ଯେ, ଏଠାରେ ବିଦେଶ ପଠାଯାଉଥିବା ଚିଠି ଓ ପାର୍ସଲଗୁଡିକର କଷ୍ଟମ ଯାଞ୍ଚ ହେବା ସହ ବୁକିଂ କାଉଣ୍ଟର କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଏକ୍ସପୋର୍ଟ ଫାସିଲିଟେଶନ ସେଣ୍ଟର ଭାବେ କାର୍ଯ୍ୟ କରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଅଧିକ ବିଦେଶୀ ରାଷ୍ଟ୍ରକୁ ବିମାନ ସେବା ଉପଲବ୍ଧ ହେବା ପରେ ଅନ୍ୟାନ୍ୟ ବୈଦେଶିକ ଡ଼ାକସେବା ମଧ ଏଠାରେ ଉପଲବ୍ଧ ହେବ। ଏହା ମାଧମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ହସ୍ତତନ୍ତ, ଓଡ଼ିଶୀ ନୃତ୍ୟର ଆଭୂଷଣ, ପିତ୍ତଳ ମୂର୍ତ୍ତିର ଚାହିଦା ବିଦେଶରେ ଭଲ ଥିବାରୁ ଏଣିକି ସହଜରେ ପଠାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଅର୍ଥନୈତିକ ବିକାଶ ହେବା ସହ କାରିଗରମାନେ ମଧ ଆହୁରି ଉତ୍ସାହିତ ହେବେ। ବିଦେଶକୁ ଚିଠି ପ୍ରେରଣ ଅଧିକ ହେଲେ ଏହି ସେବାକୁ ଆହୁରି ବ୍ୟାପକ କରାଯିବ। ଯେଉଁମାନେ ଡ଼ାକ ମାଧ୍ୟମରେ ରପ୍ତାନି କରିବାକୁ ଚାହୁଁଛନ୍ତି ସେମାନଙ୍କୁ ତ୍ୱରିତ ସେବା ମିଳିବ। ଅନ୍ୟ ମାଧ୍ୟମ ଅପେକ୍ଷା ଡ଼ାକ ଦ୍ୱାରା କମ୍ ମୂଲ୍ୟରେ ରପ୍ତାନି ସେବା ମିଳିପାରିବ। ଓଡ଼ିଶାର ୧୨୧୦ଟି ଡ଼ାକଘର ମାଧ୍ୟମରେ ବିଦେଶକୁ ବୁକିଂ କରାଯାଉଥିବା ସମସ୍ତ ଚିଠି ଏବଂ ପାର୍ସଲ ଏବେ ଏଠି ପ୍ରୋସେସିଂ କରାଯିବ। ବର୍ତ୍ତମାନ ଦୈନିକ ୩୦ରୁ ୪୦ ଚିଠି ଓ ପାର୍ସଲ ବିଦେଶ ଡ଼ାକଘରେ ପ୍ରୋସେସିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ପରବର୍ତ୍ତୀ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ନିଶ୍ଚୟ ଉନ୍ନତି ଆସିବ ବୋଲି ଡ. କମିଳା କହିଛନ୍ତି।



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

## ବିଶ୍ୱଭୂଷଣଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିବା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱଭୂଷଣଙ୍କୁ ଭେଟିବା ପରେ ଧର୍ମେନ୍ଦ୍ର ନିଜ ଟୁଇଟରରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ବିଶ୍ୱଭୂଷଣ ବାବୁ ସବୁବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ଭାବରେ ସାଲିସବିହୀନ ସଂଗ୍ରାମ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ରଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ 25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ରଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।